ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୧୪/୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, August 14/2024 | Page 16 | ₹ 7.00 | BALASORE
୫୦ଶ ଭାଗ ୨୬୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 261 | ମୂଲ୍ୟ ₹୭/-



## ଭିନେଶଙ୍କ ରାୟ ୧୬କୁ ଘୁଞ୍ଚିଲା

କାସ୍‌ରେ ଭାରତୀୟ ରେସ୍‌ଲର ଭିନେଶ ଫୋଗଟଙ୍କ ଆବେଦନର ରାୟ ଅଗଷ୍ଟ ୧୬କୁ ଘୁଞ୍ଚିଲା।

୧୬ | ୦୨

## ଫେରୁଛନ୍ତି ଈଶା

ଅଭିନେତ୍ରୀ ଈଶା ଦେଓଲଙ୍କୁ ଖୁବ୍‌ଶୀଘ୍ର ବିକ୍ରମ ଭଟ୍ଟଙ୍କ ନିର୍ମିତ 'ତୁମ୍‌କୋ ମେରି କସମ୍' ଫିଲ୍ମରେ ଦେଖିବାକୁ ମିଳିବ।



# ରୋଗୀଙ୍କୁ ବଳାତ୍କାର, ଡାକ୍ତର ଗିରଫ

ପଶ୍ଚିମବଙ୍ଗ ଆର.ଜି.କର ମେଡିକାଲ କଲେଜ ହସ୍ପିଟାଲରେ ଜଣେ ମହିଳା ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା ଘଟଣାକୁ ନେଇ ଏବେ ସାରା ଦେଶରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ସମୟରେ କଟକ ଏସ୍‌ସିବି ମେଡିକାଲ କାର୍ଡିଓଲୋଜି ବିଭାଗର ଜଣେ ଡାକ୍ତର ୨ଜଣ ରୋଗୀଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଘଟଣା ଜଣାପଡ଼ିବାପରେ ଅଭିଯୁକ୍ତ ଡାକ୍ତରଙ୍କୁ ରୋଗୀଙ୍କ ସମ୍ପର୍କୀୟ ଏବଂ କନିଷ୍ଠ ଡାକ୍ତରମାନେ ନିସ୍ତୁକ ମାଡ଼ ମାରିଛନ୍ତି। ଅବସ୍ଥା ଗୁରୁତର ହେବାରୁ ଅଭିଯୁକ୍ତ ଡାକ୍ତରଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଉଭୟ ପକ୍ଷଙ୍କ ଅଭିଯୋଗକୁ ଗ୍ରହଣ କରି ମଙ୍ଗଳାବାଗ ପୋଲିସ ମାମଲା ରୁଜୁ କରିବା ସହ ସମ୍ପୃକ୍ତ ଅଭିଯୁକ୍ତ ଡାକ୍ତରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମୁହଁ ଖୋଲିଲେନି ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ

**କଟକ, ୧୩।୮ (ଶିଳ୍ପା ପ୍ରିୟଦର୍ଶିନୀ)**

ଏସ୍‌ସିବି ମେଡିକାଲର କାର୍ଡିଓଲୋଜି ବିଭାଗକୁ ଗତ ଶୁକ୍ରବାର ଦୁଇ ମହିଳା ରୋଗୀ ହୃଦ୍‌ଜନିତ ଚିକିତ୍ସା ପାଇଁ ଆସିଥିଲେ। ଉକ୍ତ ୨ମହିଳା ରୋଗୀ ଗୋଟିଏ ପରିବାରର ହୋଇଥିବାବେଳେ ଏସ୍‌ସିବି ମେଡିକାଲର ଜଣେ ଡାକ୍ତରୀ ଛାତ୍ରଙ୍କ ସମ୍ପର୍କୀୟ ମଧ୍ୟ। ରବିବାର ସମସ୍ତ ପରୀକ୍ଷା ସମେତ ଇକୋ ପରୀକ୍ଷା କରାଇବା ନେଇ ୨ ମହିଳାଙ୍କୁ ଡାକ୍ତର ଠାକୁର ବିଲ୍‌ବାଗ ସିଂ ପରାମର୍ଶ ଦେଇଥିଲେ। ସେହି ଅନୁସାରେ ରବିବାର ଉଭୟ ମହିଳା କାର୍ଡିଓଲୋଜି ବିଭାଗରେ ପହଞ୍ଚିଥିଲେ। ଡାକ୍ତର ଠାକୁର ଜଣଙ୍କ ପରେ ଜଣଙ୍କର ଇକୋ ପରୀକ୍ଷା ଆରମ୍ଭ କରିଥିଲେ। ଡାକ୍ତର ଠାକୁର୍ ଉଭୟ ମହିଳାଙ୍କ ଇକୋ କରାଇବା ସମୟରେ ସେମାନଙ୍କ ସମ୍ପର୍କୀୟ ଏବଂ ଅନ୍ୟ ମହିଳା ଡାକ୍ତରଙ୍କୁ ଉକ୍ତ ପରିସରରୁ ବିଦା କରି ଦେଇଥିଲେ। ଇକୋ କରିବା ସମୟରେ ଡାକ୍ତରଙ୍କ କାର୍ଯ୍ୟକୁ ମହିଳାଦ୍ୱୟ ଅସ୍ୱାଭାବିକ ଅନୁଭବ କରିଥିଲେ। ସେମାନଙ୍କୁ ଡାକ୍ତର ବଳାତ୍କାର ଉଦ୍ୟମ କରିଥିବା ନେଇ ସମ୍ପର୍କୀୟଙ୍କୁ କହିଥିଲେ। ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ ଡାକ୍ତର ଠାକୁରଙ୍କୁ ସଂଘବଦ୍ଧ ଭାବେ ମହିଳାଙ୍କ ସମ୍ପର୍କୀୟ ଏବଂ କନିଷ୍ଠ ଡାକ୍ତର ମାଡ଼ ମାରିଥିଲେ। ଆକ୍ରମଣରେ ଡାକ୍ତର ଠାକୁର୍ ଗୁରୁତର ହେବାରୁ ତାଙ୍କୁ ମେଡିକାଲର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଉକ୍ତ ଘଟଣା ନେଇ ମଙ୍ଗଳାବାଗ ଥାନାରେ ଗତ ରବିବାର ମହିଳାଙ୍କ ସମ୍ପର୍କୀୟ ଅଭିଯୋଗ କରିଥିବାବେଳେ ପୋଲିସ ବଳାତ୍କାର ମାମଲା ରୁଜୁ କରି ☞ ପୃଷ୍ଠା-୪



ଅଭିଯୁକ୍ତ ଡାକ୍ତର ଠାକୁର ବିଲ୍‌ବାଗ ସିଂଙ୍କୁ ପୋଲିସ ଗିରଫ କରି ନେଉଛି।

### ତଦନ୍ତ କମିଟି ଗଠନ କଲା ସ୍ୱାସ୍ଥ୍ୟ ବିଭାଗ

**ଭୁବନେଶ୍ୱର, ୧୩।୮ (ଅସମାପିକା ସାହୁ)**

କଟକସ୍ଥିତ ଏସ୍‌ସିବି ମେଡିକାଲରେ ଦୁଇଜଣ ମହିଳା ରୋଗୀଙ୍କୁ ଡାକ୍ତରଙ୍କ ବଳାତ୍କାର ଅଭିଯୋଗ ଘଟଣାକୁ ରାଜ୍ୟ ସରକାର ଗୁରୁତ୍ୱର ସହ ନେଇଛନ୍ତି। ଏହି ଘଟଣାର ତଦନ୍ତ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏକ ୩ଜଣିଆ କମିଟି ଗଠନ କରିଛି। ଉକ୍ତ କମିଟିରେ ଡିଏମ୍‌ଇଟି ଡା. ସନ୍ତୋଷ ମିଶ୍ର, ଏସ୍‌ସିବି ଅଧୀକ୍ଷକ ଡା. ସୁଧାଂଶୁ ମିଶ୍ର, ଯୁଗ୍ମ ଡିଏମ୍‌ଇଟି ଡା. ରୋମା ରତନ ରହିଛନ୍ତି। ଏହି କମିଟି ଘଟଣାର ତଦନ୍ତ କରିବା ସହିତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ☞ ପୃଷ୍ଠା-୪

## ୨୨ରେ କଂଗ୍ରେସର ଦେଶବ୍ୟାପୀ ବିକ୍ଷୋଭ

### ସେବି ମୁଖ୍ୟଙ୍କ ଇସ୍ତଫା, ଜେପିସି ତଦନ୍ତ ଦାବି




**ନୂଆଦିଲ୍ଲୀ, ୧୩।୮ (ପି.ଟି.)**

ଆମେରିକୀୟ ରିସର୍ଚ୍ଚ ଫାର୍ମ ହିଣ୍ଡେନ୍‌ବର୍ଗ ପୁଞ୍ଜି ବଜାର ନିୟନ୍ତ୍ରକ ସେବିର ଅଧ୍ୟକ୍ଷା ମାଧବୀ ପୁରୀ ବୁଚ୍‌ଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିବା ପରେ ବିବାଦ ଜୋର୍ ଧରିଛି। ମାଧବୀଙ୍କ ଇସ୍ତଫା ଏବଂ ଆଦାନୀ ପ୍ରସଙ୍ଗର ତଦନ୍ତ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଦ୍ୱାରା କରାଇବା ଦାବିରେ କଂଗ୍ରେସ ଅଗଷ୍ଟ ୨୨ରେ ଦେଶବ୍ୟାପୀ ଆନ୍ଦୋଳନ କରିବାକୁ ମଙ୍ଗଳବାର ଘୋଷଣା କରିଛି। ହରିୟାଣା, ମହାରାଷ୍ଟ୍ର ଓ ଜମ୍ମୁ-କଶ୍ମୀର ସମେତ କେତେକ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଏଥିସକାଶେ ସାଙ୍ଗଠନିକ ପ୍ରସଙ୍ଗ ଉପରେ ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଭିଡ଼ରୁ ବିପଦ

## ପ୍ରମୋଦ ୧୮ ମାସ ସସ୍‌ପେଣ୍ଡ

### ପ୍ୟାରିସ୍ ପାରାଲିମ୍ପିକ୍ସରୁ ବାଦ୍ ପଡ଼ିବେ

**ନୂଆଦିଲ୍ଲୀ, ୧୩।୮ (ପି.ଟି.)**



ପ୍ରମୋଦ ଭଗତ

ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ତଥା ୬ ଥରର ବିଶ୍ୱ ଚାମ୍ପିୟନ ଭାରତୀୟ ପାରା ଶଟଲର ପ୍ରମୋଦ ଭଗତଙ୍କୁ ୧୮ ମାସ ନିଲମ୍ବନ କରାଯାଇଛି। ହ୍ୱେୟାର ଏବାଉଟ୍ କ୍ଲଜ୍‌ର ଉଲ୍ଲଂଘନ କାରଣରୁ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ(ବିଡବ୍ଲୁଏଫ୍)ର ଡୋପିଂ ନିରୋଧୀ ସଂସ୍ଥା 'ୱାଡା' ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଟୋକିଓ ୨୦୨୧ରେ ଏସ୍ ଏଲ୍ ୩ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିବା ଏହି ଓଡ଼ିଆ ପୁଅ ଚଳିତବର୍ଷର ପାରାଲିମ୍ପିକ୍ସରୁ ବାଦ୍ ପଡିବାକୁ ଯାଉଛନ୍ତି। ଫଳରେ ପାରାଲିମ୍ପିକ୍ସର ଡିଫେଣ୍ଡିଂ ଚାମ୍ପିୟନ ନିଜ ଟାଇଟଲ ଡିଫେଣ୍ଡ କରି ପାରିବେ ନାହିଁ। ୧ ମାର୍ଚ୍ଚ ୨୦୨୪ରେ କୋର୍ଟ ଅଫ୍ ଆର୍ବିଟ୍ରେସନ ଅଫ୍ ସ୍ପୋର୍ଟ୍ସ (କାସ୍) ନିଷ୍ପତ୍ତି ଅନୁସାରେ ପ୍ରମୋଦ ବିଡବ୍ଲୁଏଫ୍‌ର ☞ ପୃଷ୍ଠା-୪

## ଡାକ୍ତରଙ୍କୁ ବଳାତ୍କାର, ହତ୍ୟା ମାମଲାର ସିବିଆଇ ତଦନ୍ତ ନିର୍ଦ୍ଦେଶ

**କୋଲକାତା, ୧୩।୮ (ପି.ଟି.)**

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ଜଣେ ୩୧ ବର୍ଷୀୟା ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାର ତଦନ୍ତ ଦାୟିତ୍ୱ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ହସ୍ତାନ୍ତର କରିବା ପାଇଁ କୋଲକାତା ହାଇକୋର୍ଟ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ମାମଲାର ଡାଏରି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାକୁ ହସ୍ତାନ୍ତର କରିବା ସହ ବୁଧବାର ପୂର୍ବାହ୍ନ ୧୦ଟା ସୁଦ୍ଧା ଅନ୍ୟ ସମସ୍ତ ଡକ୍ୟୁମେଣ୍ଟ ଦାଖଲ କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ୫ ଦିନ ହେଲା କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିବା ପଶ୍ଚିମବଙ୍ଗର ଡାକ୍ତରମାନଙ୍କ ଉପରେ ପବିତ୍ର ଦାୟିତ୍ୱ ରହିଥିବା କହି ଆନ୍ଦୋଳନ ☞ ପୃଷ୍ଠା-୪

KALINGA INSTITUTE OF INDUSTRIAL TECHNOLOGY
Deemed to be University (Declared U/S 3 of UGC Act, 1956), Bhubaneswar, Odisha, India



KIIT Believes in Reality and Quality

SLOW AND STEADY WINS THE RACE
RANK OVER THE YEARS
KIIT has steadily improved its position in the NIRF Universities Rankings conducted annually by the Ministry of Education, Govt. of India.

Rank 24 2020 → Rank 21 2021 → Rank 20 2022 → Rank 16 2023 → Rank 15 2024

KIIT Jumps to 15th
nirf
Position in Universities Rankings 2024

THE Young University Rankings 2024
World Rank: 168 India Rank: 10

THE Impact Rankings 2024
SDG#10-Reduced Inequalities
World Rank: 6 India Rank: 1

This is a significant achievement, especially considering that KIIT, as an institute, is only 27 years old and 20 years as a university. What makes this even more remarkable is that Medical and Law Schools of KIIT, which were established in 2007, have been ranked 25th and 11th, respectively.

• KIIT is only 27 years old as an institute (1997 – 2024) and 20 years old as a university.
• KIIT does not have any institute/university in the name of "Kalinga" anywhere else in the country and globe.

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

## ସଂକ୍ଷେପରେ

### ବାଂଲାଦେଶର ୨୭୮ ସ୍ଥାନରେ ହିନ୍ଦୁଙ୍କ ଉପରେ ଆକ୍ରମଣ

ଢାକା,୧୩।୮(ପି.ଟି.)

ବାଂଲାଦେଶରେ ଶେଖ୍ ହାସିନା ସରକାରର ପତନ ପରେ ୪୮ ଜିଲାର ୨୭୮ଟି ସ୍ଥାନରେ ସଂଖ୍ୟାଲଘୁ ହିନ୍ଦୁମାନେ ଆକ୍ରମଣ ଓ ଧମକର ସମ୍ମୁଖୀନ ହେଲେଣି। ହିନ୍ଦୁ ଧର୍ମ ଉପରେ ଏହା ଆକ୍ରମଣ ବୋଲି ବାଂଲାଦେଶ ନ୍ୟାଶନାଲ ହିନ୍ଦୁ ଗ୍ରାଣ୍ଡ ଆଲିଆନ୍ସ କହିଛି। ଆମେ ଏହି ଦେଶରେ ଜନ୍ମ ହୋଇଛୁ। ଆମର ମଧ ଏଠାରେ ଅଧିକାର ରହିଛି ବୋଲି ଉକ୍ତ ସଂଗଠନର ସଦସ୍ୟମାନେ କହିଛନ୍ତି। ସୂଚନାଯୋଗ୍ୟ, ଗତ ୫ ତାରିଖରେ ଶେଖ୍ ହାସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଦେଶ ଛାଡ଼ି ଚାଲିଯିବା ପରେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ ଆରମ୍ଭ ହୋଇଥିଲା। ଦୁର୍ବୃତ୍ତମାନେ ସେମାନଙ୍କ ଘର ଓ ମନ୍ଦିରରେ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇ ଦେଇଥିଲେ। ଅନ୍ତରୀଣ ସରକାରର ମୁଖ୍ୟ ମହମ୍ମଦ ୟୁନୁସ୍ ମଙ୍ଗଳବାର ଢାକେଶ୍ୱରୀ ମନ୍ଦିରରେ ହିନ୍ଦୁ ନେତାମାନଙ୍କୁ ଭେଟି ଧୈର୍ଯ୍ୟ ରଖିବା ପାଇଁ ନିବେଦନ କରିଛନ୍ତି।

### ସ୍ତ୍ରୀଙ୍କୁ ବାଇକ୍‌ରେ ବାନ୍ଧି ଘୋଷାଡ଼ିଲେ ସ୍ୱାମୀ

ଜୟପୁର, ୧୩।୮

ରାଜସ୍ଥାନର ନାଗୌର ଜିଲା ଖିବସରସ୍ଥିତ ପାଚୌଡ଼ି ଗ୍ରାମରେ ଏକ ହୃଦୟ ବିଦାରକ ଘଟଣା ଘଟିଛି। ପ୍ରେମରାମ ମେଘୱାଲ ନାମକ ବ୍ୟକ୍ତି ନିଷ୍ଠୁରତାର ସବୁ ସୀମା ପାରକରି ମଙ୍ଗଳବାର ନିଜ ବାଇକରେ ସ୍ତ୍ରୀଙ୍କୁ ବାନ୍ଧି ଅନେକ ବାଟ ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲେ। ରାସ୍ତାରେ ଘୋଷାଡ଼ି ହୋଇ ମହିଳା ଜଣକ ଯନ୍ତ୍ରଣାରେ ଛଟପଟ ହେଉଥିଲେ ଏବଂ ଅନ୍ୟମାନଙ୍କୁ ସାହାଯ୍ୟ ମାଗୁଥିଲେ। ତେବେ ତାଙ୍କୁ କୌଣସି ଗ୍ରାମବାସୀ ସାହାଯ୍ୟ କରି ନ ଥିଲେ କି ପ୍ରେମରାମଙ୍କ ଅମାନବୀୟ କାର୍ଯ୍ୟକୁ ବିରୋଧ କରି ନ ଥିଲେ। ଭିଡିଓ ଭାଇରାଲ ହେବା ପରେ ପୋଲିସ ପ୍ରେମରାମଙ୍କ ବିରୋଧରେ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଛି। ୧୦ ମାସ ତଳେ ବିବାହ କରିଥିବା ପ୍ରେମରାମ ଲଗାତାର ଭାବେ ସ୍ତ୍ରୀଙ୍କୁ ମାରପିଟ କରୁଥିବା ପୋଲିସ କହିଛି। ପ୍ରେମରାମଙ୍କ ବାରଣ ସତ୍ତ୍ୱେ ସ୍ତ୍ରୀ ନିଜ ଭଉଣୀ ଘରକୁ ଯିବାରୁ ସେ ଉତ୍‌କ୍ଷିପ୍ତ ହୋଇ ଏଭଳି ଦଣ୍ଡ ଦେଇଥିବା ପୋଲିସ କହିଛି।

# ହୁଟି ଦଖଲରେ ଜାତିସଂଘ ଅଫିସ୍

## ମଧ୍ୟପ୍ରାଚ୍ୟରେ ବଢ଼ୁଛି ଯୁଦ୍ଧ ଆଶଙ୍କା

### କାର୍ଯ୍ୟାନୁଷ୍ଠାନରୁ ବିରତ ରହିବା ପାଇଁ ୟୁରୋପୀୟ ନେତାଙ୍କ ନିବେଦନକୁ ଇରାନର ପ୍ରତ୍ୟାଖ୍ୟାନ

କାଇରୋ/ଜେରୁଜେଲମ୍,୧୩।୮



ଇରାନ ସମର୍ଥିତ ହୁଟି ଆତଙ୍କବାଦୀମାନେ ୟେମେନ ରାଜଧାନୀ ସାନାସ୍ଥିତ ଜାତିସଂଘର ମାନବାଧିକାର କାର୍ଯ୍ୟାଳୟରେ ଆକ୍ରମଣ କରିଛନ୍ତି। ସେମାନେ ମାନବାଧିକାର ଅଫିସ୍‌ର ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଏବଂ ଆସବାବପତ୍ର ସମେତ ଗାଡ଼ିଗୁଡ଼ିକୁ ନେଇଯିବା ସହ କାର୍ଯ୍ୟାଳୟକୁ କବ୍‌ଜା କରି ରଖିଥିବା ଜାତିସଂଘର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଜାତିସଂଘ, ସହାୟତା ପ୍ରଦାନକାରୀ ସଂସ୍ଥା ଏବଂ ବିଦେଶୀ ଦୂତାବାସଗୁଡ଼ିକରେ କାର୍ଯ୍ୟରତ ଲୋକମାନଙ୍କୁ ହୁଟି ଟାର୍ଗେଟ କରିଆସୁଛି।

ଜାତିସଂଘ ମାନବାଧିକାର ମୁଖ୍ୟ ଭୋଲକର ଟୁର୍କଙ୍କ ସୂଚନା ଅନୁଯାୟୀ, ଗତ ୩ ତାରିଖରେ ହୁଟି ବିଦ୍ରୋହୀ ସାନାସ୍ଥିତ ମାନବାଧିକାର ଅଫିସ ପରିସରରେ ପଶିଥିଲେ। ଭୟରେ କର୍ମଚାରୀମାନେ ସମସ୍ତ ଦସ୍ତାବିଜ, ଆସବାବପତ୍ର ଓ ଗାଡ଼ି ଆତଙ୍କବାଦୀଙ୍କୁ ହସ୍ତାନ୍ତର କରିଥିଲେ। ଉକ୍ତ ସାମଗ୍ରୀଗୁଡ଼ିକୁ ଫେରାଇବା ସହ ଅଫିସ ଛାଡ଼ି ଚାଲିଯିବା ପାଇଁ ଟୁର୍କ ଅନୁରୋଧ କରିଥିଲେ ମଧ ହୁଟି ପକ୍ଷରୁ କୌଣସି ଜବାବ ମିଳିନାହିଁ। ଏହି ଘଟଣା ପରେ ସାନା ସମେତ ୟେମେନ୍‌ର ଅନ୍ୟ ସ୍ଥାନରେ ଥିବା ଜାତିସଂଘ କାର୍ଯ୍ୟାଳୟଗୁଡ଼ିକୁ ବନ୍ଦ କରିଦିଆଯାଇଛି। ଗତ ଜୁନ୍‌ରେ ହୁଟି ଆତଙ୍କବାଦୀମାନେ ଜାତିସଂଘ ସମେତ କେତେକ ଏନ୍‌ଜିଓରେ କାର୍ଯ୍ୟରତ ୬୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ଅଟକ ରଖିଥିଲେ। ଆମେରିକା-ଇସ୍ରାଏଲ୍ ଗୁପ୍ତଚର ନେଟ୍‌ୱର୍କ ସହ ସମ୍ପୃକ୍ତ ଲୋକମାନଙ୍କୁ ଗିରଫ କରାଯାଇଥିବା ହୁଟି ପକ୍ଷରୁ କୁହାଯାଇଥିଲା।

ଗାଜା ଷ୍ଟ୍ରିପ୍‌ରେ ଇସ୍ରାଏଲ୍-ହମାସ ଯୁଦ୍ଧ ଆରମ୍ଭ ହେବା ପରେ ଲୋହିତ ସାଗର ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ ହୁଟି ଆକଙ୍କବାଦୀ ଆକ୍ରମଣ ଜାରି ରଖିଛନ୍ତି। ମଙ୍ଗଳବାର ଭୋର ସମୟରେ ମଧ ସେମାନେ ଲୋହିତ ସାଗର ଦକ୍ଷିଣ ଭାଗରେ ଏକ ଜାହାଜକୁ ଟାର୍ଗେଟ କରି ଆକ୍ରମଣ କରିଛନ୍ତି। ଗତ ମାସରେ ହମାସ୍‌ର ରାଜନୈତିକ ମୁଖ୍ୟ ଇସ୍‌ମାଇଲ ହାନିୟେଙ୍କୁ ହତ୍ୟାର ପ୍ରତିଶୋଧ ସ୍ୱରୂପ ଇରାନ ଇସ୍ରାଏଲ୍ ଉପରେ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଥିବାବେଳେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆଶଙ୍କା ସୃଷ୍ଟି ହୋଇଛି। ଲୋହିତ ସାଗର ଦେଇ ଏସିଆ, ୟୁରୋପ ଏବଂ ମଧ୍ୟପ୍ରାଚ୍ୟ ମଧ୍ୟରେ ବାର୍ଷିକ ୧ ଟ୍ରିଲିୟନ ଡଲାର ମୂଲ୍ୟର ମାଲ୍ ପରିବହନ ହୋଇଥାଏ। ହୁଟିର ଆକ୍ରମଣ ଯୋଗୁ ତାହା ଗୁରୁତର ପ୍ରଭାବିତ ହୋଇଛି।

ହମାସ୍‌ର ରାଜନୈତିକ ମୁଖ୍ୟଙ୍କୁ ହତ୍ୟା ଘଟଣାରେ ଇରାନ ଇସ୍ରାଏଲ୍‌କୁ ଦାୟୀ କରିବା ସହ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଧମକ ଦେଇଥିଲା। ପ୍ରତିଶୋଧାତ୍ମକ କାର୍ଯ୍ୟାନୁଷ୍ଠାନରୁ ବିରତ ରହିବା ପାଇଁ ୩ ୟୁରୋପୀୟ ରାଷ୍ଟ୍ରଙ୍କ ଅନୁରୋଧକୁ ଇରାନ ମଙ୍ଗଳବାର ପ୍ରତ୍ୟାଖ୍ୟାନ କରିଦେଇଛି। ଯେକୌଣସି ପ୍ରକାର ଜବାବୀ ଆକ୍ରମଣ ଆଞ୍ଚଳିକ ଉତ୍ତେଜନାକୁ ଆହୁରି ବଢ଼ାଇବ ବୋଲି ବ୍ରିଟେନ୍, ଫ୍ରାନ୍ସ ଓ ଜର୍ମାନୀ ନେତା ଇରାନକୁ ଏକ ମିଳିତ ବିବୃତିରେ ଜଣାଇଥିଲେ। ଇତିମଧ୍ୟରେ ଆମେରିକା ଇସ୍ରାଏଲ୍‌କୁ ସମର୍ଥନ ଜଣାଇ ମଧ୍ୟପ୍ରାଚ୍ୟକୁ ଯୁଦ୍ଧବିମାନ, ଯୁଦ୍ଧଜାହାଜ ସମେତ ବୁଡ଼ାଜାହାଜ ପଠାଇଥିବାରୁ ଇରାନ ଆକ୍ରମଣ କଲେ ଯେକୌଣସି ସମୟରେ ଯୁଦ୍ଧ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ସେପଟେ ଇସ୍ରାଏଲ୍ ଏବଂ ହମାସ୍ ମଧ୍ୟରେ ୧୦ ମାସ ହେଲା ଯୁଦ୍ଧ ଲାଗି ରହିଥିବାବେଳେ ଏହାକୁ ବନ୍ଦ କରିବା ପାଇଁ କାତାର, ଇଜିପ୍ଟ ଏବଂ ଆମେରିକା ଦୀର୍ଘ ମାସ ଧରି ମଧ୍ୟସ୍ଥତା ଜାରି ରଖିଥିବା ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ଗୁରୁବାରଠାରୁ ପୁଣିଥରେ ମଧ୍ୟସ୍ଥମାନେ ଯୁଦ୍ଧବିରତି ଆଲୋଚନା ଆରମ୍ଭ କରିବାକୁ ଯାଉଛନ୍ତି। ଇସ୍ରାଏଲ୍ ଆକ୍ରମଣରେ ଗାଜାର ପାଖାପାଖି ୪୦ ହଜାର ଲୋକଙ୍କ ମୃତ୍ୟୁ ଘଟିବା ସହ ଲକ୍ଷ ଲକ୍ଷ ଲୋକ ଘରଦ୍ୱାର ହରାଇ ବିଭିନ୍ନ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି।

## ଜଗଦମ୍ବିକା ପାଲ୍ ୱାକ୍‌ଫ ବିଲ୍ ଯୁଗ୍ମ କମିଟି ଅଧ୍ୟକ୍ଷ



ନୂଆଦିଲ୍ଲୀ,୧୩।୮(ପି.ଟି.)

ବିବାଦୀୟ ୱାକ୍‌ଫ୍ ଆଇନ (ସଂଶୋଧନ) ବିଲ୍‌ର ଯାଞ୍ଚ ପାଇଁ ଗଠିତ ଯୁଗ୍ମ ସଂସଦୀୟ କମିଟି (ଜେପିସି)ର ଅଧ୍ୟକ୍ଷ ଭାବେ ବରିଷ୍ଠ ଭାଜପା ଏମ୍‌ପି ଜଗଦମ୍ବିକା ପାଲ୍‌ଙ୍କୁ ମଙ୍ଗଳବାର ନିଯୁକ୍ତି ଦିଆଯାଇଛି। ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ବରିଷ୍ଠ ନେତା ଜଗଦମ୍ବିକାଙ୍କୁ ୩୧ ଜଣିଆ କମିଟିର ମୁଖ୍ୟ ନିଯୁକ୍ତ କରିଛନ୍ତି। ସୂଚନାଯୋଗ୍ୟ, ୱାକ୍‌ଫ ସଂଶୋଧନ ବିଲ୍‌କୁ ପାର୍ଲାମେଣ୍ଟର ଉଭୟ ଗୃହରେ ବିରୋଧୀ ସଦସ୍ୟମାନେ ଜୋର୍‌ଦାର ବିରୋଧ କରିବାରୁ ଏହାର ଅନୁଧ୍ୟାନ ପାଇଁ ଯୁଗ୍ମ ସଂସଦୀୟ କମିଟିକୁ ପଠାଇବା ନିମନ୍ତେ ସରକାର ନିଷ୍ପତ୍ତି ନେଇଥିଲେ। ଉକ୍ତ କମିଟିରେ ଲୋକ ସଭାରୁ ୨୧ ଏବଂ ରାଜ୍ୟ ସଭାରୁ ୧୦ ସଦସ୍ୟ ରହିଛନ୍ତି। କମିଟି ଆଗାମୀ ଅଧିବେଶନ ସୁଦ୍ଧା ଏହାର ରିପୋର୍ଟ ପ୍ରଦାନ କରିବ। ୭୩ ବର୍ଷୀୟ ପାଲ୍ ଉତ୍ତରପ୍ରଦେଶରୁ ଚତୁର୍ଥ ଥର ପାଇଁ ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ବିଭିନ୍ନ ଦଳ ସହ ତାଙ୍କର ଉତ୍ତମ ସମ୍ପର୍କ ରହିଛି।

# ପଶ୍ଚିମବଙ୍ଗ ସରକାର, ଡିଜିପିଙ୍କୁ ଏନ୍‌ଏଚ୍‌ଆର୍‌ସି ନୋଟିସ

- ମହିଳା ଡାକ୍ତରଙ୍କୁ ବଳାତ୍କାର, ହତ୍ୟା ମାମଲା
- ଦେଶବ୍ୟାପୀ ଡାକ୍ତରଙ୍କ ଆନ୍ଦୋଳନ ଜାରି

ନୂଆଦିଲ୍ଲୀ,୧୩।୮(ପି.ଟି.)



ଡାକ୍ତରୀ ଛାତ୍ରୀ ବଳାତ୍କାର ଓ ହତ୍ୟାର ପ୍ରତିବାଦରେ ଲକ୍ଷ୍ନୌର କିଙ୍ଗ୍ ଜର୍ଜସ୍ ମେଡିକାଲ ୟୁନିଭର୍ସିଟିଠାରେ ଡାକ୍ତରମାନେ ମଙ୍ଗଳବାର ବିକ୍ଷୋଭ କରୁଛନ୍ତି।

କୋଲକାତାର ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) ମଙ୍ଗଳବାର ପଶ୍ଚିମବଙ୍ଗ ସରକାର ଏବଂ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ନୋଟିସ ଜାରି କରିଛନ୍ତି। ଏନ୍‌ଏଚ୍‌ଆର୍‌ସି ନିଜଆଡ଼ୁ ମାମଲାକୁ ବିଚାର ପାଇଁ ଗ୍ରହଣ କରି ରାଜ୍ୟ ସରକାର ଏବଂ ପୋଲିସ ଡିଜିଙ୍କୁ ୨ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୀଡ଼ିତାଙ୍କ ଗୁପ୍ତାଙ୍ଗ ସମେତ ଆଖି ଓ ଶରୀରର ବିଭିନ୍ନ ଅଙ୍ଗରେ କ୍ଷତଚିହ୍ନ ରହିଥିବାରୁ ବଳାତ୍କାର ପୂର୍ବରୁ ଅଭିଯୁକ୍ତଙ୍କ ସହ ତାଙ୍କର ସଂଘର୍ଷ ହୋଇଥିବା ସ୍ପଷ୍ଟ ହେଉଛି। ଏହା ପୀଡ଼ିତାଙ୍କ ମାନବାଧିକାରର ଗୁରୁତର ଉଲ୍ଲଂଘନ।

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଅଧିକାରୀମାନଙ୍କ ସହ ଫେଡେରେଶନ ଅଫ୍ ରେସିଡେଣ୍ଟ ଡକ୍ଟର୍ସ ଆସୋସିଏଶନର ଆଲୋଚନା ବିଫଳ ହେବା ପରେ ଅନିର୍ଦ୍ଦିଷ୍ଟ କାଳ ଧର୍ମଘଟ ଚଳାଇବାକୁ ନିଷ୍ପତ୍ତି ହୋଇଛି। ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ସାରା ଦେଶର ରେସିଡେଣ୍ଟ ଡାକ୍ତରମାନେ ସୋମବାରଠାରୁ ଆନ୍ଦୋଳନରେ ସାମିଲ ହୋଇଥିବାରୁ ଓପିଡି ଏବଂ ଅଣଜରୁରୀ ସେବା ବନ୍ଦ ରହିଛି। ମାମଲାର ସିବିଆଇ ତଦନ୍ତ ପାଇଁ ଦିଲ୍ଲୀ ଏମ୍ସ ଏବଂ ରାମ ମନୋହର ଲୋହିଆ ହସ୍ପିଟାଲର ଡାକ୍ତର ଓ ମେଡିକାଲ ଛାତ୍ରୀଛାତ୍ର ଦାବି କରିଛନ୍ତି। କେନ୍ଦ୍ରୀୟ ସୁରକ୍ଷା ଆଇନରେ ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ କହିଛନ୍ତି।

# ବାଇଡେନ୍‌ଙ୍କଠାରୁ ହାରିସ୍ ଆହୁରି ଅଯୋଗ୍ୟ

ୱାଶିଂଟନ୍, ୧୩।୮

ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ ପାର୍ଟି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍ ଏକ୍ସ'ର ସିଇଓ ଏଲନ୍ ମସ୍କଙ୍କୁ ଏକ ଲାଇଭ ସାକ୍ଷାତ୍‌କାର ଦେଇଛନ୍ତି। ସାକ୍ଷାତ୍‌କାରରେ ଟ୍ରମ୍ପ୍ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ଡେମୋକ୍ରାଟିକ୍ ପ୍ରାର୍ଥୀ କମଲା ହାରିସଙ୍କୁ ସମାଲୋଚନା କରିଛନ୍ତି। କମଲାଙ୍କୁ ବାମପନ୍ଥୀ ଆଖ୍ୟା ଦେଇ ଟ୍ରମ୍ପ କହିଛନ୍ତି, ସେ ଆମେରିକାର ସୀମା ସୁରକ୍ଷାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଗତ ସାଢ଼େ ୩ ବର୍ଷ ମଧ୍ୟରେ ଅନେକ ହଜାର ଲୋକ ବେଆଇନ ଭାବେ ଆମେରିକାରେ ପ୍ରବେଶ କରିଛନ୍ତି। ଯଦି କମଲା ରାଷ୍ଟ୍ରପତି ହୁଅନ୍ତି ତେବେ ସମଗ୍ର ବିଶ୍ୱରୁ ୫୦ରୁ ୬୦ ମିଲିୟନ ଅବୈଧ ଲୋକ ଆମେରିକାରେ ପ୍ରବେଶ କରିବେ। ରାଷ୍ଟ୍ରପତି ରେସ୍‌ରୁ ବାଇଡେନ୍ ଓହରିବା ଓ କମଲାଙ୍କୁ ଡେମୋକ୍ରାଟିକ ପାର୍ଟିର ପ୍ରାର୍ଥୀ କରାଯିବାକୁ ସେ କଟାକ୍ଷ କରି ବାଇଡେନଙ୍କଠାରୁ କମଲା ଆହୁରି ଅଯୋଗ୍ୟ ବୋଲି କହିଛନ୍ତି। ସମ୍ପ୍ରତି ଆମେରିକା ଅର୍ଥନୀତି ବିପର୍ଯ୍ୟୟ ହୋଇ ପଡ଼ିଛି। ମୁଦ୍ରାସ୍ଫୀତି ବୃଦ୍ଧି ଯୋଗୁ ଲୋକଙ୍କର ସମସ୍ତ ଅର୍ଥ ଖର୍ଚ୍ଚ ହୋଇଯିବା ସହ ବଞ୍ଚିବା ପାଇଁ ସେମାନଙ୍କୁ ଧାର ନେବାକୁ ପଡୁଛି ବୋଲି ଟ୍ରମ୍ପ୍ କହିଛନ୍ତି।

### ମସ୍କ-ଟ୍ରମ୍ପ୍‌ଙ୍କ ଇଣ୍ଟରଭ୍ୟୁରେ ସାଇବର ଆକ୍ରମଣ

ଏକ୍ସ' ସିଇଓ ଏଲନ୍ ମସ୍କ ରିପବ୍ଲିକାନ ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କ ସାକ୍ଷାତ୍‌କାର ନେବା ପୂର୍ବରୁ ବୈଷୟିକ ତ୍ରୁଟି ଦେଖାଦେଇଥିଲା। ସାକ୍ଷାତ୍‌କାରର ଲାଇଭ ଷ୍ଟ୍ରିମିଂରେ ପ୍ରବେଶ କରିବାକୁ ୟୁଜର୍ସଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଫଳରେ ଇଣ୍ଟରଭ୍ୟୁ ୪୫ ମିନିଟ୍ ବିଳମ୍ବରେ ଆରମ୍ଭ ହୋଇଥିଲା। ମସ୍କ ଏଥିପାଇଁ ସାଇବର ଆକ୍ରମଣକାରୀଙ୍କୁ ଦାୟୀ କରିଛନ୍ତି। ଡିଷ୍ଟ୍ରିବ୍ୟୁଟେଡ୍ ଡିନାଏଲ ଅଫ୍ ସର୍ଭିସ୍ (ଡିଡିଓଏସ୍) ଆକ୍ରମଣ ହୋଇଥିବା ମସ୍କ କହିଛନ୍ତି।

# ବିଏନ୍‌ଏସ୍‌ରୁ ଧାରା ୩୭୭ ଅନୁରୂପ ବ୍ୟବସ୍ଥା ହଟାଯିବା ବିରୋଧରେ ପିଆଇଏଲ୍

ନୂଆଦିଲ୍ଲୀ,୧୩।୮(ପି.ଟି.)

### କେନ୍ଦ୍ରକୁ ଜବାବ ମାଗିଲେ ହାଇକୋର୍ଟ

ଭାରତୀୟ ଦଣ୍ଡ ସଂହିତା (ଆଇପିସି) ବଦଳରେ ନୂତନ ଭାବେ ଲାଗୁ ହୋଇଥିବା ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ରେ ଅପ୍ରାକୃତ ଯୌନକ୍ରିୟା ଅପରାଧ ପାଇଁ ରହିଥିବା ଦଣ୍ଡବ୍ୟବସ୍ଥା ହଟାଯାଇଥିବାରୁ ଏହାକୁ ବିରୋଧ କରି ଦାଏର ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଉପରେ ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ସରକାର ଏହା ଉପରେ ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ଅଦାଲତ କହିଛନ୍ତି। ଅସହମତିରେ ଅପ୍ରାକୃତ ଯୌନ ସମ୍ପର୍କ ମାମଲାରେ ଆଇନ ପ୍ରଣୟନ କଲାବେଳେ ଅଧିକ ଯତ୍ନଶୀଳ ହେବା ଆବଶ୍ୟକ ବୋଲି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ମନମୋହନ ଏବଂ ଜଷ୍ଟିସ୍ ତୁଷାର ରାଓ ଗେଡେଲାଙ୍କ ଖଣ୍ଡପୀଠ କହିଛନ୍ତି। ଏନେଇ କେନ୍ଦ୍ର ସରକାର ପରାମର୍ଶ ଗ୍ରହଣ କରିବା ପାଇଁ ଅଦାଲତ ସମୟ ଦେବା ସହ ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୮କୁ ଧାର୍ଯ୍ୟ କରିଛନ୍ତି। ବିଏନ୍‌ଏସ୍‌ରେ ରହିଥିବା ତ୍ରୁଟି ସଂଶୋଧନ ଲାଗି ଆଇନଜୀବୀ ଗନ୍ତବ୍ୟ ଗୁଲାଟି ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। ଆଇପିସିର ଧାରା ୩୭୭ ଅନୁରୂପ କୌଣସି ବ୍ୟବସ୍ଥା ବିଏନ୍‌ଏସ୍‌ରେ ନ ଥିବାରୁ ଯେକୌଣସି ବ୍ୟକ୍ତି ବିଶେଷ କରି ଏଲ୍‌ଜିବିଟିକ୍ୟୁ ବର୍ଗ ପ୍ରଭାବିତ ହେବେ ବୋଲି ଆଇନଜୀବୀ ପିଟିଶନ୍‌ରେ ଦର୍ଶାଇଥିଲେ।

# ୨୦୩୬ ସୁଦ୍ଧା ଜନସଂଖ୍ୟା ୧୫୨ କୋଟି ଟପିବ

ନୂଆଦିଲ୍ଲୀ, ୧୩।୮

### ପୁରୁଷଙ୍କ ତୁଳନାରେ ମହିଳାଙ୍କ ଅନୁପାତ ବଢ଼ିବ

୨୦୩୬ ବେଳକୁ ଭାରତର ଜନସଂଖ୍ୟା ୧୫୨.୨ କୋଟିରେ ପହଞ୍ଚିବ ବୋଲି ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଜାରି ହୋଇଥିବା 'ଓମେନ ଆଣ୍ଡ ମେନ୍ ଇନ୍ ଇଣ୍ଡିଆ ୨୦୨୩' ରିପୋର୍ଟରେ ପ୍ରକାଶ ପାଇଛି। ଏହି ରିପୋର୍ଟରେ ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୈତିକ ଅଂଶଗ୍ରହଣ, ନିଷ୍ପତି ନେବା ଅଧିକାର ଆଦି ବିଭିନ୍ନ କ୍ଷେତ୍ରରେ ମହିଳା ଓ ପୁରୁଷଙ୍କ ଅବସ୍ଥା ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଛି। ୨୦୧୧ ଜନଗଣନା ଅନୁଯାୟୀ, ଦେଶରେ ଜନସଂଖ୍ୟାର ୪୮.୫% ମହିଳା ହୋଇଥିବାବେଳେ ୨୦୩୬ ବେଳକୁ ଏଥିରେ ସାମାନ୍ୟ ବୃଦ୍ଧି ଘଟିବ। ୨୦୩୬ ବେଳକୁ ଭାରତରେ ସମୁଦାୟ ଜନସଂଖ୍ୟାର ୪୮.୮% ମହିଳା ରହିଥିବେ ବୋଲି ଏହି ରିପୋର୍ଟ ପ୍ରକାଶ କରିଛି। ସେହିପରି ୨୦୩୬ ବେଳକୁ ପୁରୁଷଙ୍କ ତୁଳନାରେ ମହିଳାଙ୍କ ଅନୁପାତ ମଧ ବୃଦ୍ଧି ପାଇବ। ୨୦୧୧ ଜନଗଣନା ଅନୁଯାୟୀ ପ୍ରତି ୧୦୦୦ ପୁରୁଷଙ୍କ ତୁଳନାରେ ୯୪୩ ଜଣ ମହିଳା ରହିଥିବାବେଳେ ୨୦୩୬ ବେଳକୁ ଏହି ସଂଖ୍ୟା ବୃଦ୍ଧି ଘଟି ୯୫୨ରେ ପହଞ୍ଚିବ। ଏହା ଭାରତ ଲିଙ୍ଗଗତ ସମାନତାର ସକାରାତ୍ମକ ଧାରାକୁ ଦର୍ଶାଉଛି ବୋଲି ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତେବେ ଦେଶରେ ପ୍ରଜନନ ହାର ହ୍ରାସ ପାଉଥିବାରୁ ୨୦୧୧ ତୁଳନାରେ ୨୦୩୬ ବେଳକୁ ୧୫ ବର୍ଷରୁ କମ୍ ବୟସ୍କଙ୍କ ସଂଖ୍ୟାରେ ହ୍ରାସ ଘଟିବ। ଅନ୍ୟପକ୍ଷରେ ଏହି ଅବଧି ମଧ୍ୟରେ ବୟସ୍କ(୬୦ ବର୍ଷରୁ ଊର୍ଦ୍ଧ୍ୱ) ଜନସଂଖ୍ୟାରେ ବୃଦ୍ଧି ଘଟିବ ବୋଲି ଉକ୍ତ ରିପୋର୍ଟ ପ୍ରକାଶ କରିଛି।

## ଫୁର୍‌ସତ୍

# ବିନା ଫୋନ୍‌ରେ ୧୩୪ ଦିନ ଚାଇନା ଭ୍ରମଣ

ବେଜିଂ



ସମ୍ପ୍ରତି ବିନା ଟେକ୍ନୋଲୋଜିରେ ଜୀବନ ପରିକଳ୍ପନା ସମ୍ଭବ ନୁହେଁ। ତେବେ ଚାଇନାର ଜଣେ ପିଏଚ୍‌ଡି ଛାତ୍ର ବିନା ମୋବାଇଲ୍ ଏବଂ ଗେଜେଟ୍‌ରୁ ଦୂରରେ ରହି ୫ ମାସ ମଧ୍ୟରେ ପୂରା ଚାଇନା ଭ୍ରମଣ କରିଛନ୍ତି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ୟାଙ୍ଗ୍ ହାଓ୍ ନାମକ ଏହି ଛାତ୍ର ଗତ ମାର୍ଚ୍ଚ ମାସରେ ଚାଇନାର ଶାନ୍‌କ୍ସି ପ୍ରଦେଶର ରାଜଧାନୀ ତାଇୟୁଆନ୍‌ଠାରୁ ଏହି ଯାତ୍ରା ଆରମ୍ଭ କରିଥିଲେ। ସେ ଜୁଲାଇ ଶେଷ ପର୍ଯ୍ୟନ୍ତ ଚାଇନାର ୨୪ଟି ପ୍ରଦେଶକୁ ଯାତ୍ରା କରିଛନ୍ତି। ଏହି ସମୟ ମଧ୍ୟରେ ତାଙ୍କ ପାଖରେ ମୋବାଇଲ୍ ଫୋନ୍, କମ୍ପ୍ୟୁଟର କିମ୍ବା କୌଣସି ଗେଜେଟ୍ ନଥିଲା। ତାଙ୍କର କେବଳ ୨ଟି କ୍ୟାମେରା ଥିଲା, ଯାହା ଇଣ୍ଟରନେଟ୍ ସହ ସଂଯୋଗ ହୋଇ ନ ଥିଲା। ଛାତ୍ର ଜଣକ କାଗଜ ମାନଚିତ୍ର, ଲୋକଙ୍କ ସାହାଯ୍ୟ ଆଦିକୁ ଆଧାର କରି ଏହି ନିଆରା ଅଭିଜ୍ଞତା ହାସଲ କରିଛନ୍ତି। ଏହି ନିଆରା ଭ୍ରମଣକୁ ନେଇ ୟାଙ୍ଗ୍ କହିଛନ୍ତି, ବିନା ଟେକ୍ନୋଲୋଜି ବ୍ୟବହାର କରି ଜୀବନ ବିତାଇବା ସମ୍ଭବ ହୋଇ ପାରୁଛି କି ନାହିଁ ତାହା ସେ ଜାଣିବାକୁ ଚାହିଁଥିଲେ। ତେବେ ଏହି ଅବଧି ମଧ୍ୟରେ ତାଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସେ ସମୟ ପୂର୍ବରୁ ହୋଟେଲ, କାର୍ ଆଦି ବୁକ୍ କରିପାରି ନ ଥିଲେ। ସେହିପରି ନଗଦ ଟଙ୍କା ନେବାକୁ ତାଙ୍କୁ ବହୁ ଦୂରରେ ଥିବା ଏଟିଏମ୍‌କୁ ଯାତ୍ରା କରିବାକୁ ପଡ଼ିଥିଲା। ଏହି ସମସ୍ୟାର ସମାଧାନ ପାଇଁ ତାଙ୍କୁ ଅଜ୍ଞାତ ଲୋକଙ୍କ ସାହାଯ୍ୟ ନେବାକୁ ପଡ଼ିଥିବା ୟାଙ୍ଗ୍ କହିଛନ୍ତି।

ତେବେ ସେ ମୋବାଇଲ୍ ଫୋନ୍ ବ୍ୟବହାର କରୁନାହାନ୍ତି ଜାଣିବା ପରେ ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିବା ୟାଙ୍ଗ୍ କହିଛନ୍ତି। ମୋବାଇଲ ଫୋନ୍ ବ୍ୟବହାରକୁ ନେଇ ୟାଙ୍ଗ୍ କହିଛନ୍ତି, ପ୍ରାୟତଃ ଏହା ଧ୍ୟାନ ଏବଂ ଲକ୍ଷ୍ୟକୁ ବିଭ୍ରାନ୍ତ କରିଥାଏ। ଏହା ବିନା ବହି ପଢ଼ିବା କିମ୍ବା ଲେଖିବା ଉପରେ ବେଶି ଧ୍ୟାନ କେନ୍ଦ୍ରିତ କରାଯାଇ ପାରିବ।

### ରେଷ୍ଟୁରାଣ୍ଟକୁ ୧୨ ହଜାର ଟଙ୍କାର ଚୂନ ଲଗାଇଲେ ବ୍ରିଟିଶ୍ ଦମ୍ପତି

ଲଣ୍ଡନ

ଲଣ୍ଡନର ଏକ ରେଷ୍ଟୁରାଣ୍ଟରେ ସୋମବାର ଜଣେ ବ୍ରିଟିଶ୍ ଦମ୍ପତି ୧୨୦ ବ୍ରିଟିଶ୍ ପାଉଣ୍ଡ(ପ୍ରାୟ ୧୨ ହଜାର ଟଙ୍କା)ର ଖାଦ୍ୟ ଅର୍ଡର କରିଥିଲେ। ଉକ୍ତ ଦମ୍ପତି ସେମାନଙ୍କ ଖାଦ୍ୟକୁ ଉପଭୋଗ କରିବା ସହ ଫେସ୍‌ବୁକ୍‌ରେ ସେମାନେ ଖାଉଥିବା ସ୍ୱାଦିଷ୍ଟ ଭୋଜନର ଫଟୋକୁ ଶେୟାର କରିଥିଲେ। ତେବେ ଖାଇ ସାରିବା ପରେ ବିନା ବିଲ୍ ପୈଠ କରି ଉଭୟେ ସେଠାରୁ ଚାଲି ଯାଇଥିଲେ। ୧୦ ମିନିଟ୍ ପରେ ଉକ୍ତ ଦମ୍ପତି ବିଲ୍ ପୈଠ ନ କରି ଚାଲିଯାଇଛନ୍ତି ବୋଲି ରେଷ୍ଟୁରାଣ୍ଟର କର୍ମଚାରୀମାନେ ହୃଦ୍‌ବୋଧ କରିଥିଲେ। ଘଟଣା ସମ୍ପର୍କରେ ରେଷ୍ଟୁରାଣ୍ଟ ପକ୍ଷରୁ ପୋଲିସକୁ ଅବଗତ କରାଯାଇଛି। ପୋଲିସ ଉକ୍ତ ଦମ୍ପତିଙ୍କୁ ଧରିବାକୁ ପ୍ରୟାସ ଜାରି ରଖିଛି।

# ଫେରୁଛନ୍ତି ଈଶା



**ମୁମ୍ବାଇ:** ଡ୍ରିମ୍ ଗର୍ଲ ହେମା ମାଳିନୀ ଓ ଭେଟେରାନ ବଲିଉଡ୍ ଅଭିନେତା ଧର୍ମେନ୍ଦ୍ରଙ୍କ ଝିଅ ତଥା ଅଭିନେତ୍ରୀ ଈଶା ଦେଓଲଙ୍କ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଅଧିକାଂଶ ସମୟ ଚର୍ଚ୍ଚାରେ ରହିଥାନ୍ତି। ସେ ତାଙ୍କ ପୂର୍ବତନ ସ୍ୱାମୀ ଭରତ ତଖ୍‌ତାନୀଙ୍କୁ ଗତ ଫେବୃଆରୀରେ ଛାଡ଼ପତ୍ର ଦେଇଥିଲେ। ୧୨ ବର୍ଷ ପରେ ଉଭୟ ଈଶା ଓ ଭରତ ପରସ୍ପରଠାରୁ ଅଲଗା ହୋଇଥିଲେ। ତେବେ ଗତ କିଛି ମାସ ଧରି କଠିନ ସମୟ ଦେଇ ଗତି କରୁଥିବା ଈଶାଙ୍କ ଜୀବନ ଏବେ ଧୀରେ ଧୀରେ ଟ୍ରାକ୍‌କୁ ଫେରୁଛି। ଫିଲ୍ମ ନିର୍ମାତା ବିକ୍ରମ ଭଟ୍ଟଙ୍କ ପରବର୍ତ୍ତୀ ଫିଲ୍ମ 'ତୁମ୍‌କୋ ମେରି କସମ୍' ଜରିଆରେ ସେ ବଡ଼ ପରଦାକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଏହି ଫିଲ୍ମରେ ଈଶାଙ୍କ ସହ ଅଭିନେତ୍ରୀ ଅଦା ଶର୍ମା, ଅନୁପମ ଖେର୍ ଏବଂ ଇଶ୍ୱକ ସିଂ ମଧ ନଜର ଆସିବେ। ମଙ୍ଗଳବାର ଉକ୍ତ ଫିଲ୍ମ ସମ୍ବନ୍ଧୀୟ ଏକ କାର୍ଯ୍ୟକ୍ରମରେ ବିକ୍ରମ ଭଟ୍ଟଙ୍କ ସମେତ 'ତୁମ୍‌କୋ ମେରି କସମ୍' ଚଳଚ୍ଚିତ୍ରର ଷ୍ଟାର କାଷ୍ଟ ନଜର ଆସିଛନ୍ତି। ତେବେ 'ତୁମ୍‌କୋ ମେରି କସମ୍' ବ୍ୟତୀତ 'ରଣ', 'ବିରାଟ' ଓ 'ତୁ ମେରୀ ପୁରୀ କାହାନି' ତାଙ୍କର ପରବର୍ତ୍ତୀ ପ୍ରୋଜେକ୍ଟ ହୋଇଥିବା ଏହି ଅବସରରେ ବିକ୍ରମ ପ୍ରକାଶ କରିଛନ୍ତି। ଫିଲ୍ମ 'ତୁମ୍‌କୋ ମେରି କସମ୍'ରେ ଈଶା ମୁଖ୍ୟ ଭୂମିକାରେ ଅଭିନୟ କରିବେ ବୋଲି ବିକ୍ରମ ସୂଚନା ଦେଇଛନ୍ତି। ଇନ୍‌ଷ୍ଟାଗ୍ରାମରେ ଏହି ଇଭେଣ୍ଟର ଏକ ଭିଡିଓ ଶେୟାର କରାଯାଇଛି। ଭିଡିଓରେ ଈଶାଙ୍କୁ ଲୁକ୍‌କୁ ଅନେକ ୟୁଜର୍ସ ବେଶ ପ୍ରଶଂସା କରିଛନ୍ତି। ଛାଡ଼ପତ୍ରର ଦୀର୍ଘ ୬ ମାସ ପରେ ଈଶା ବଡ଼ ପରଦାକୁ ଫେରୁଥିବା ଜାଣି ତାଙ୍କ ପ୍ରଶଂସକମାନେ ବେଶ୍ ଉତ୍ସାହିତ ଅଛନ୍ତି। ସେମାନେ ଏହି ପୋଷ୍ଟରେ କମେଣ୍ଟ କରି ଅଭିନେତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




# ମାଦକଦ୍ରବ୍ୟରେ ସାମିଲହେଲା 'ଭାଙ୍ଗ'




**ଭୁବନେଶ୍ୱର,୧୩।୮(ଅନିଲ ଦାସ)**

'ଭାଙ୍ଗ'କୁ ମାଦକ ଦ୍ରବ୍ୟରେ ସାମିଲ କଲେ ରାଜ୍ୟ ସରକାର । ଏନେଇ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ, ଓଡ଼ିଶା ଅବକାରୀ ଆଇନ ୨୦୦୮ ତଥା ୨୦୧୩ର ଓଡ଼ିଶା ଆଇନ ୧୦ର ଧାରା ୨ ଅନୁଯାୟୀ ଏହା ଏକ ମାଦକ ଦ୍ରବ୍ୟ। ଭାଙ୍ଗକୁ ଖାଦ୍ୟ ଓ ପାନୀୟରେ ମିଶାଇ ଏକ ମନଉତ୍ତେଜକ ଦ୍ରବ୍ୟ ଭାବେ ବ୍ୟବହାର କରାଯାଏ। ଫଳରେ ଏହା ବିଶୃଙ୍ଖଳା, ଶତ୍ରୁତା, ବିକୃତି, ମତିଭ୍ରମ ଏବଂ ଚିନ୍ତାଶକ୍ତି ହରାଇବାର କାରଣ ହୋଇଥାଏ। ତେଣୁ ଆଇନରେ ଥିବା ବ୍ୟବସ୍ଥା ଏବଂ କ୍ଷମତାକୁ ବ୍ୟବହାର କରି ରାଜ୍ୟ ସରକାର ଭାଙ୍ଗକୁ ମାଦକ ଦ୍ରବ୍ୟ ଭାବେ ଘୋଷଣା କରିଥିବା ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି।

## ମନୋଜ ଆହୁଜା ଶ୍ରୀମନ୍ଦିର ପରିଚାଳନା କମିଟି କାର୍ଯ୍ୟକାରୀ ଅଧ୍ୟକ୍ଷ

**ଭୁବନେଶ୍ୱର,୧୩।୮(ଅନିଲ ଦାସ)**

ରାଜ୍ୟ ସରକାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ଶ୍ରୀଜଗନ୍ନାଥ ପରିଚାଳନା କମିଟିର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଛନ୍ତି। ଆଇନ ବିଭାଗ ପକ୍ଷରୁ ମଙ୍ଗଳବାର ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି । ସେ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ଏହି ଅତିରିକ୍ତ ଦାୟିତ୍ୱ ତୁଲାଇବେ।


ମନୋଜ ଆହୁଜା

# ଧନୁଯାତ୍ରା କଂସ ଅଭିନେତାଙ୍କ ପରଲୋକ

### ବିଜୁବାବୁଙ୍କୁ ସ୍ୱର୍ଣ୍ଣମୁଦ୍ରାରେ ଦଣ୍ଡିତ କରିଥିଲେ

**ବରଗଡ଼,୧୩।୮ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଧନୁଯାତ୍ରାରେ ସର୍ବାଧିକ ୨୩ବର୍ଷ କଂସ ଭୂମିକାରେ ଅଭିନୟ କରିଥିବା ଗୋପାଳ ସାହୁ ଓରଫ୍ ଏଲିଙ୍କ ମଙ୍ଗଳବାର ଭୋର୍ ସମୟରେ ଦେହାନ୍ତ ହୋଇଛି। ତାଙ୍କୁ ୬୯ ବର୍ଷ ହୋଇଥିଲା। ଝାରସୁଗୁଡ଼ା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ପରଲୋକ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସମଗ୍ର ବରଗଡ଼ ଜିଲାରେ ଶୋକର ଛାୟା ଖେଳିଯାଇଛି। ବରଗଡ଼ ଜିଲା ବରପାଲି ଜଗନ୍ନାଥ ନଗର ବାସିନ୍ଦା ସ୍ୱର୍ଗତ ସାହୁ ପୋଲିସ ବିଭାଗରେ କାର୍ଯ୍ୟ କରିବା ସହିତ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଆସିଥିଲେ। ତାଙ୍କର ଚିତ୍ତାକର୍ଷକ ଅଭିନୟ ପାଇଁ ସେ ସବୁଠି କଂସ ମହାରାଜ ଭାବେ ପରିଚିତ ଥିଲେ। ଏକଦା ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ରାଜଅତିଥି ଭାବେ ଆସିଥିବା ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କୁ ଅର୍ଥଦଣ୍ଡ (ସ୍ୱର୍ଣ୍ଣମୁଦ୍ରା)ରେ ଦଣ୍ଡିତ କରି ସେ ଚର୍ଚ୍ଚିତ ହୋଇଥିଲେ। ପୋଲିସ ଚାକିରିରୁ ଅବସର ଗ୍ରହଣ ପରେ ପୁଅଙ୍କ ସହ ରହୁଥିଲେ। ଗତ କିଛିଦିନ ତଳେ ସେ ଝାରସୁଗୁଡ଼ାରେ ରହୁଥିବା ସାନପୁଅ ସଞ୍ଜୀବଙ୍କ ପାଖକୁ ଯାଇଥିଲେ। ସେଠାରେ ସେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଝାରସୁଗୁଡ଼ା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ଭୋର୍ ୪ଟା ୧୦ମିନିଟ୍‌ରେ ହୃଦଘାତ ଯୋଗୁ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେଠାରୁ ସ୍ୱର୍ଗତ ସାହୁଙ୍କ ପାର୍ଥିବ ଶରୀର ବରପାଲି ଜଗନ୍ନାଥ ନଗରସ୍ଥିତ ବାସଭବନରେ ପହଞ୍ଚିବା ପରେ ବରଗଡ଼ ଧନୁଯାତ୍ରା ମହୋତ୍ସବର ସମ୍ପାଦକ ସୁରେଶ୍ୱର ଶତପଥୀ, ପଶ୍ଚିମ ଓଡ଼ିଶା ଧନୁଯାତ୍ରା କଳାକାର ସଂଘର ଜଗଦାନନ୍ଦ ମିଶ୍ର, ଦୟାନିଧି ପ୍ରଧାନ, ବିଜେଡ଼ି ଜିଲା ଯୁବମୋର୍ଚ୍ଚା ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବଡ଼ପୁଅ ପ୍ରମୋଦ ମୁଖାଗ୍ନି ଦେଇଥିଲେ।


ଗୋପାଳ ସାହୁ ଓରଫ୍ ଏଲି।

# ୪ ସଡ଼କ ପ୍ରକଳ୍ପ ପାଇଁ ୧୫ ହଜାର କୋଟି

## ଭୁବନେଶ୍ୱର-ପୁରୀ ୬ ଲେନ୍ ରାସ୍ତା ଲାଗି ଖର୍ଚ୍ଚ ହେବ ୧୮୦୦ କୋଟି : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୩।୮(ସୁନିତ୍ ମିଶ୍ର)**

ଭୁବନେଶ୍ୱର ଓ ପୁରୀ ପର୍ଯ୍ୟନ୍ତ ୬୦ କି.ମି. ରାସ୍ତାକୁ ୬ ଲେନ୍ ବିଶିଷ୍ଟ କରାଯିବ। ଏଥିଲାଗି ଆନୁମାନିକ ୧୮୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି ଚଣ୍ଡିଖୋଲ-ବଡ଼ବିଲ ପର୍ଯ୍ୟନ୍ତ ୨୦୦ କି.ମି. ରାସ୍ତା ନିର୍ମାଣ କାର୍ଯ୍ୟ ମଧ୍ୟ କରାଯିବ। ଏଥିପାଇଁ ଆନୁମାନିକ ୧୦ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି ଜାତୀୟ ରାଜପଥ ୨୬ ଅଧୀନରେ ଆସୁଥିବା କେସିଙ୍ଗାଠାରୁ ଜୁନାଗଡ଼ ପର୍ଯ୍ୟନ୍ତ ୪୬ କି.ମି. ରାସ୍ତାକୁ ୪ ଲେନ୍ ବିଶିଷ୍ଟ କରାଯିବା ସହ ଏଥିଲାଗି ହଜାରେ କୋଟି ଟଙ୍କା ବ୍ୟୟ କରାଯିବ। ଏନ୍‌ଏଚ୍-୫୭ ଅଧୀନରେ ଆସୁଥିବା ଖୋର୍ଦ୍ଧା-ନୟାଗଡ଼ ୫୭ କି.ମି. ରାସ୍ତାକୁ ୪ ଲେନ୍ ବିଶିଷ୍ଟ କରାଯିବ, ଯେଉଁଥିଲାଗି ୧୧୦ କୋଟି ଟଙ୍କା ଖର୍ଚ୍ଚ ହେବ। ୧୫ ହଜାର କୋଟି ଟଙ୍କା ମୂଲ୍ୟର ଏହି ସମସ୍ତ ୪ ପ୍ରକଳ୍ପ ଉପରେ କେନ୍ଦ୍ର ସରକାର ସହମତି ଜଣାଇବା ସହ ଏଥିପାଇଁ ଡିପିଆର୍ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନିଆଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସେହିପରି ସାରା ଓଡ଼ିଶାକୁ ଅଣ୍ଡାକୃତିର ରିଂ ରୋଡ୍ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି।

ମୁଖ୍ୟମନ୍ତ୍ରୀ ମଙ୍ଗଳବାର ଜାତୀୟ ରାଜପଥ ପ୍ରାଧିକରଣ(ଏନ୍‌ଏଚ୍‌ଏଆଇ) ଏବଂ ଜାତୀୟ ରାଜପଥ(ଏନ୍‌ଏଚ୍) ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକ ଉପରେ ନୂଆଦିଲ୍ଲୀସ୍ଥିତ ଭାରତମଣ୍ଡପମ ଠାରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଯୋଗଦେଇଛନ୍ତି। ଏଥିରେ ରାଜ୍ୟ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ ଓ ପୂର୍ତ୍ତ ସଚିବ ମଧ୍ୟ ଯୋଗଦେଇଛନ୍ତି। ଗଡକରୀଙ୍କ ଅଧ୍ୟକ୍ଷତାରେ ଚାଲିଥିବା ଏହି ବୈଠକ ଅବସରରେ ଓଡ଼ିଶା ସରକାରଙ୍କ ସହ ସମନ୍ୱୟ ରକ୍ଷାକରି ଚାଲିଥିବା ପ୍ରକଳ୍ପଗୁଡିକୁ ତ୍ୱରାନ୍ୱିତ କରାଯିବା ନେଇ ସହମତି ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇ କହିଛନ୍ତି, ରାସ୍ତା ନିର୍ମାଣ ଓଡ଼ିଶା ସରକାରଙ୍କ ପ୍ରାଥମିକତା ହୋଇଥିବାରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ। ଜମି ଅଧିଗ୍ରହଣ ଭଳି ସମସ୍ୟା ଓ ନିର୍ମାଣ ସାମଗ୍ରୀର ଉପଲବ୍ଧତା ଶୀଘ୍ର ସମାଧାନ କରାଯିବ। ଉପରୋକ୍ତ ୪ ପ୍ରକଳ୍ପ ସମେତ ଜାତୀୟ ରାଜପଥ ୩୨୬ ଅଧୀନରେ ଆସୁଥିବା କୋରାପୁଟ-ପୋଡାମାରୀ ରାସ୍ତା ୨୪୬ କି.ମି.କୁ ୨ ଲେନ୍ ବିଶିଷ୍ଟ କରାଯିବ, ଯେଉଁଥିଲାଗି ୨୫୦୦ କୋଟି ଟଙ୍କା ମଞ୍ଜୁର ହୋଇଛି। କେନ୍ଦ୍ରୀୟ ସଡ଼କ ଏବଂ ଭିତ୍ତିଭୂମି ପାଣ୍ଠି(ସିଆର୍‌ଆଇଏଫ୍) ଅଧୀନରେ ଚଳିତ ବର୍ଷ ୫୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଓଡ଼ିଶା ରାଜ୍ୟ ସେତୁ ବନ୍ଧନ ଯୋଜନା ଅଧୀନରେ ୨୫୦ କୋଟି ଟଙ୍କାର ବ୍ୟବସ୍ଥା ରହିଛି। ଓଡ଼ିଶା ଜାତୀୟ ରାଜପଥର ଉନ୍ନତି ପାଇଁ ୩୪୦୦ କୋଟି ଟଙ୍କାର ଡିପିଆର୍ ଦାଖଲ କରାଯିବ। ବୈଠକରେ କେନ୍ଦ୍ରମନ୍ତ୍ରୀ ଗଡକରୀଙ୍କ ସହ ମୁଖ୍ୟମନ୍ତ୍ରୀ ୨୧,୬୫୦ କୋଟି ଟଙ୍କାର ପ୍ରକଳ୍ପ ବିଷୟରେ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକ୍ରମେ କେନ୍ଦ୍ରମନ୍ତ୍ରୀ ଏହି ଅବସରରେ (ଅଟଳ ଏକ୍ସପ୍ରେସ୍ ୱେ) ୯ ଜିଲା ଦେଇ ଯାଇଥିବା ମୋଟୁ ଠାରୁ ତିରିଙ୍ଗି ପର୍ଯ୍ୟନ୍ତ ୯୬୯ କି.ମି. ରାସ୍ତାର ଉନ୍ନତୀକରଣ କରାଯିବ। ୧୫ ହଜାର କୋଟି ଟଙ୍କା ବ୍ୟୟରେ ପଶ୍ଚିମ-ପୂର୍ବ ସଂଯୋଗୀକରଣ କରିଡର ନିର୍ମାଣ କରାଯିବ। ଝାରସୁଗୁଡ଼ା-ବାଲେଶ୍ୱର ୩୮୩ କି.ମି. ରାସ୍ତା ପାଇଁ ୭୫୦୦ କୋଟି, ନୂଆପଡ଼ା-ଅସ୍ତରଙ୍ଗ ୪୯୧ କି.ମି. ରାସ୍ତା ପାଇଁ ୯୫୦୦ କୋଟି, ବୃନ୍ଦବାହାଲ୍-ଗୋପାଳପୁର ୩୫୭ କି.ମି. ରାସ୍ତା ପାଇଁ ୬୮୦୦ କୋଟି ଏବଂ ସମ୍ବଲପୁର-ସାତଭାୟା ୪୦୪ କି.ମି. ରାସ୍ତା ଲାଗି ୫୪୭୭ କୋଟି ଟଙ୍କା ଖର୍ଚ୍ଚ ହେବ। ଗ୍ରାଣ୍ଡ୍ ରିଂ ରୋଡ୍ ପ୍ରକଳ୍ପ ନିର୍ମାଣ ହେବ। ସେଥିରେ ବ୍ରହ୍ମପୁର-ଜୟପୁର ୨୮୭ କି.ମି. ରାସ୍ତା ଲାଗି ୯୦୦୦ କୋଟି, ଜୟପୁର-ରାଉରକେଲା ୬୮୩ କି.ମି. ରାସ୍ତା ଲାଗି ୨୫୦୦ କୋଟି, ରାଉରକେଲା-ଜଳେଶ୍ୱର ୩୯୧ କି.ମି. ରାସ୍ତା ଲାଗି ୨୨୦୦ କୋଟି ଏବଂ ଜଳେଶ୍ୱର-ବ୍ରହ୍ମପୁର ୪୪୨ କି.ମି. ରାସ୍ତା ଲାଗି କେନ୍ଦ୍ରମନ୍ତ୍ରୀ ସହମତି ପ୍ରକାଶ କରିଥିବା ମୁଖ୍ୟମନ୍ତ୍ରୀ ମାଝୀ ସୂଚନା ଦେଇଛନ୍ତି।


ନୂଆଦିଲ୍ଲୀରେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ଟନେଲରେ ରହିବ ବାଲାଷ୍ଟବିହୀନ ଟ୍ରାକ୍

### କମିବ ଶବ୍ଦ, ବାୟୁ ପ୍ରଦୂଷଣ

**ଭୁବନେଶ୍ୱର, ୧୩।୮(ଅନୁରାଧା ମହାରଣା)**

ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରେ ନୂତନ ପ୍ରକଳ୍ପ ନିର୍ମାଣ କରୁଥିବାବେଳେ ରେଳ ଟନେଲରେ ଉନ୍ନତ ବାଲାଷ୍ଟ ବିହୀନ ଟ୍ରାକ୍ ରହିବ। ପ୍ରାରମ୍ଭିକ ଭାବେ ପୂର୍ବତଟ ରେଳପଥ ମଧ୍ୟରେ ଚାଲୁରହିଥିବା କୋରାପୁଟ-ସିଙ୍ଗାପୁର ରୋଡ୍ ଦୋହରୀକରଣ ପ୍ରକଳ୍ପରେ ଏହାକୁ କାର୍ଯ୍ୟ କରାଯିବାର ଯୋଜନା ରହିଛି। ବାଇଗୁଡା ଏବଂ କାକିରିଗୁମ୍ମା ଷ୍ଟେଶନ ମଧ୍ୟରେ ୬୦୦ ମିଟର ଟନେଲ ପାଇଁ 'ରେଡା ୨୦୦୦ ବ୍ଲକ ସିଷ୍ଟମ' ସହିତ ବାଲାଷ୍ଟବିହୀନ ଟ୍ରାକ୍ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଅଛି। ଏହି ବାଲାଷ୍ଟବିହୀନ ଟ୍ରାକ୍ ପ୍ରଣାଳୀ ମଧ୍ୟ ପୂର୍ବତଟ ରେଳପଥ ମଧ୍ୟରେ ଚାଲୁରହିଥିବା ବିଭିନ୍ନ ପ୍ରକଳ୍ପର ନିର୍ମାଣାଧୀନ ଟନେଲରେ କାର୍ଯ୍ୟକାରୀ ହେବାକୁ ଯୋଜନା ରହିଛି। ସେହିପରି ଟନେଲଗୁଡ଼ିକରେ ବର୍ତ୍ତମାନ ପ୍ରଚଳନ ଥିବା ଟ୍ରାକ୍ ପର୍ଯ୍ୟାୟକ୍ରମେ ବାଲାଷ୍ଟବିହୀନ ଟ୍ରାକ୍‌ଗୁଡ଼ିକରେ ରୂପାନ୍ତରିତ କରାଯିବ। ନିର୍ମାଣାଧୀନ କୋଟାଭାଲାସା-କିରାଣ୍ଡୁଲ, କୋରାପୁଟ-ରାୟଗଡ଼ା ଦୋହରୀକରଣ ପ୍ରକଳ୍ପ ଏବଂ ଖୋର୍ଦ୍ଧାରୋଡ-ବଲାଙ୍ଗୀର ଏବଂ ତାଳଚେର-ବିମଳାଗଡ଼ ନୂତନ ରେଲଲାଇନରେ ଟନେଲ କାର୍ଯ୍ୟ ଚାଲିଛି। ବିଶେଷ ଭାବେ ଟନେଲଗୁଡ଼ିକରେ ବାଲାଷ୍ଟବିହୀନ ଟ୍ରେନ ଟ୍ରାକ୍ ଅନେକ ଗୁରୁତ୍ୱପୂର୍ଣ୍ଣ ସୁବିଧା ପ୍ରଦାନ କରୁଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ବର୍ଦ୍ଧିତ ସ୍ଥାୟିତ୍ୱ ଓ ଦୀର୍ଘାୟୁତା, ସ୍ଥିରତା ଓ ନିରାପତ୍ତା ବୃଦ୍ଧି, ରକ୍ଷଣାବେକ୍ଷଣ ମୂଲ୍ୟ ହ୍ରାସ, ଉନ୍ନତ ଆରାମଦାୟକ ଯାତ୍ରା ଓ ଶବ୍ଦ ପ୍ରଦୂଷଣ ହ୍ରାସ, ପରିବେଶ ଅନୁକୂଳ, ଉନ୍ନତ ଜଳ ନିଷ୍କାସନ ଓ ଜଳ ପରିଚାଳନା, ଶୀଘ୍ର ସ୍ଥାପନ ଏବଂ କାର୍ଯ୍ୟକ୍ଷମରେ ଏହା ସହାୟକ ହେବ ବୋଲି ଆଶା କରାଯାଉଛି। ବାଲାଷ୍ଟବିହୀନ ଟ୍ରାକ୍ ଅଧିକ ଦୃଢ଼ ଏବଂ ପାରମ୍ପାରିକ ବାଲାଷ୍ଟେଡ ଟ୍ରାକ୍ ତୁଳନାରେ କମ୍ ରକ୍ଷଣାବେକ୍ଷଣ ଆବଶ୍ୟକ କରେ। ବାଲାଷ୍ଟ ବିହୀନ ଟ୍ରାକ୍ ଅଧିକ ଭାର ପରିଚାଳନା କରିପାରିବ। ହାଇ ସ୍ପିଡ ରେଳ କିମ୍ବା ଭାରି ମାଲ ପରିବହନ ମଧ୍ୟ କରାଯାଇପାରିବ। ବାଲାଷ୍ଟ ବିହୀନ ଟ୍ରାକ୍‌ର ଡିଜାଇନ ଏବଂ ଏହାର କମ୍ ମରାମତି ଆବଶ୍ୟକ ପଡ଼ିଥାଏ। ବାଲାଷ୍ଟ ବ୍ୟବହାର ନ କରାଯିବା ଦ୍ୱାରା ଖଣିଖାଦାନ ମଧ୍ୟ କମ୍ ହେବ ବୋଲି ଆଶା କରାଯାଉଛି। ବାଲାଷ୍ଟବିହୀନ ଟ୍ରାକ୍ କମ୍ ଧୂଳି ଏବଂ ଆବର୍ଜନା ସୃଷ୍ଟି କରେ, ଯାହା ପରିବେଶ ପାଇଁ ଉପଯୋଗୀ। ବାଲାଷ୍ଟ ବିହୀନ ଟ୍ରାକ୍‌ଗୁଡ଼ିକ ଇଣ୍ଟିଗ୍ରେଟେଡ୍ ଡ୍ରେନେଜ ସିଷ୍ଟମ ସହିତ ଡିଜାଇନ ହୋଇଥିବାରୁ ଜଳ ସଂଗ୍ରହକୁ ଦକ୍ଷତାର ସହିତ ପରିଚାଳନା କରେ। ଏହା ଜଳ ସମ୍ବନ୍ଧୀୟ ସମସ୍ୟାକୁ ରୋକିବାରେ ସାହାଯ୍ୟ କରିଥାଏ, ଯେପରିକି ଟ୍ରାକ୍ ବିକୃତି, କ୍ଷୟ କିମ୍ବା ବନ୍ୟା ପରିସ୍ଥିତି, ଯାହା ଦ୍ୱାରା ଟ୍ରାକ୍‌ର ସାମଗ୍ରିକ ସ୍ଥାୟିତ୍ୱ ଏବଂ ନିରାପତ୍ତାକୁ ବୃଦ୍ଧି କରାଇଥାଏ।

# ଝାଡ଼ାବାନ୍ତିରେ ଶିଶୁ ମୃତ

**ଦଶମନ୍ତପୁର,୧୩।୮ (ଅରବିନ୍ଦ ନାୟକ)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗିର୍ଲିଗୁମ୍ମା ପଞ୍ଚାୟତର ରତାବନ୍ଧ ଗ୍ରାମରେ ଝାଡାବାନ୍ତି ଦେଖାଦେଇଛି। ଗ୍ରାମର ଘାସି ମୁଦୁଲିଙ୍କ ୪ ବର୍ଷର ପୁଅ ବରୁଣଙ୍କ ଝାଡାବାନ୍ତିରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ପରିବାର ଲୋକଙ୍କ କହିବାନୁସାରେ ପୁଅ ବରୁଣର କୌଣସି କାରଣରୁ ହଠାତ ସୋମବାର ରାତି ୩ଟାରେ ୨ ଥର ଝାଡା ଓ ବାନ୍ତି ହୋଇଥିଲା। ଅବସ୍ଥା ଗୁରୁତର ହେଉଥିବା ଦେଖି ପରିବାର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ପୂର୍ବାହ୍ନ ୧୦ଟାରେ ବରୁଣଙ୍କ ମୃତ୍ୟୁ ହୋଇଛି। ରତାବନ୍ଧ ଗ୍ରାମକୁ ଅନୁଧ୍ୟାନ ପାଇଁ ଏକ ଡାକ୍ତରୀ ଟିମ୍ ପଠାଇବାକୁ ସାଧାରଣରେ ମତ ପ୍ରକାଶ ପାଉଛି।

# ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାଫଳ ପ୍ରକାଶିତ

**କଟକ,୧୩।୮ (କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ୨୦୨୩ର ଫଳ ମଙ୍ଗଳବାର ପ୍ରକାଶ ପାଇଛି। ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ପରୀକ୍ଷାଫଳ ଉପଲବ୍ଧ ହୋଇଛି। ପରୀକ୍ଷାର୍ଥୀମାନେ ନିଜ ରୋଲ୍ ନମ୍ବର ଅଥବା ନାମ ଦ୍ୱାରା ଲଗ୍ ଇନ୍ କରି ସେମାନଙ୍କ ପରୀକ୍ଷାଫଳ ଜାଣିପାରିବେ। ଏହି ପରୀକ୍ଷାର ଷ୍ଟେଜ୍-୧ ନିମନ୍ତେ ୪୦,୭୦୭ ଜଣ ଓ ଷ୍ଟେଜ୍-୨ ଲାଗି ୩୩,୯୨୯ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ।

# ଓଏଚ୍‌ଆର୍‌ସିରେ ମାମଲା

### ମଧ୍ୟାହ୍ନଭୋଜନରୁ ଝିଟିପିଟି ବାହାରିବା ଘଟଣା

**କଟକ,୧୩।୮ (କାର୍ତ୍ତିକ ସାହୁ)**

ବାଲେଶ୍ୱର ଜିଲା ଶିରାପୁର ଗ୍ରାମସ୍ଥିତ ଉଦୟନାରାୟଣ ନୋଡାଲ ବିଦ୍ୟାଳୟରେ ଝିଟିପିଟି ପଡ଼ିଥିବା ମଧ୍ୟାହ୍ନ ଭୋଜନ ଖାଇ ଛାତ୍ରୀଛାତ୍ର ଅସୁସ୍ଥ ହେବା ଘଟଣାକୁ ନେଇ ରାଜ୍ୟ ମାନବାଧିକାର ଆୟୋଗ (ଓଏଚ୍‌ଆର୍‌ସି)ରେ ମାମଲା ରୁଜୁ ହୋଇଛି। ମାମଲାର ବିବରଣୀ ଅନୁଯାୟୀ, ଗତ ୮ ତାରିଖରେ ଉକ୍ତ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଖାଇ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ସମୟରେ ଏମ୍‌ଡିଏମ୍ ଗାଇଡ୍‌ଲାଇନ୍‌କୁ ଉଲ୍ଲଂଘନ କରିଥିବାରୁ ଏହି ଘଟଣାରେ ପ୍ରଧାନ ଶିକ୍ଷୟିତ୍ରୀ/ଶିକ୍ଷକ, ପାଚିକାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆବେଦନରେ ଦର୍ଶାଯାଇଛି। ଘଟଣାର ତଦନ୍ତ ସହ ଦୋଷୀ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବାକୁ ଆୟୋଗ ଆଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ମୁଖ୍ୟ ଶାସନ ସଚିବ, ମିଶନ ଶକ୍ତି ନିର୍ଦ୍ଦେଶକ, ବାଲେଶ୍ୱର ଜିଲାପାଳ, ଉଦୟନାରାୟଣ ନୋଡାଲ ସ୍କୁଲ୍‌ର ପ୍ରଧାନଶିକ୍ଷୟିତ୍ରୀ/ଶିକ୍ଷକଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାରୁ ଏପରି ଘଟଣା ଘଟିଛି ବୋଲି ଆବେଦନକାରୀ ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ ରୁଜୁ ମାମଲାରେ ଦର୍ଶାଯାଇଛି।

# ଭାରତର ସବୁ ଲୁଣ, ଚିନିରେ ମାଇକ୍ରୋପ୍ଲାଷ୍ଟିକ୍

**ନୂଆଦିଲ୍ଲୀ, ୧୩।୮**

ଭାରତୀୟ ବଜାରରେ ବିକ୍ରି ହେଉଥିବା ସମସ୍ତ ବ୍ରାଣ୍ଡର ଲୁଣ ଏବଂ ଚିନିରେ କ୍ଷୁଦ୍ର ପ୍ଲାଷ୍ଟିକ୍ କଣିକା(ମାଇକ୍ରୋପ୍ଲାଷ୍ଟିକ୍) ରହିଛି। ବଡ଼ ବ୍ରାଣ୍ଡ ହେଉ ଅବା ଛୋଟ ବ୍ରାଣ୍ଡ, ପ୍ୟାକେଟରେ ବିକ୍ରି ହେଉ ଅବା ଖୋଲାରେ ମିଳୁଥିବା ସମସ୍ତ ପ୍ରକାରର ଲୁଣ ଏବଂ ଚିନିରେ ମାଇକ୍ରୋପ୍ଲାଷ୍ଟିକ୍‌ର ଉପସ୍ଥିତି ରହିଛି। ପରିବେଶ ଗବେଷଣା ସଙ୍ଗଠନ ଟକ୍ସିକ୍ସ ଲିଙ୍କ ପକ୍ଷରୁ ମଙ୍ଗଳବାର ପ୍ରକାଶ ପାଇଥିବା 'ମାଇକ୍ରୋପ୍ଲାଷ୍ଟିକ୍ସ ଇନ୍ ସଲ୍ଟ ଆଣ୍ଡ ସୁଗାର' ଶୀର୍ଷକ ଏକ ଅଧ୍ୟୟନରୁ ଏହି ତଥ୍ୟ ଜଣାପଡ଼ିଛି। ଉକ୍ତ ସିଦ୍ଧାନ୍ତରେ ପହଞ୍ଚିବା ପାଇଁ ଟକ୍ସିକ୍ସ ଲିଙ୍କ ପକ୍ଷରୁ ଟେବଲ ସଲ୍ଟ, ରକ୍ ସଲ୍ଟ, ସି ସଲ୍ଟ, ଲୋକାଲ ର ସଲ୍ଟ ଆଦି ୧୦ ପ୍ରକାରର ଲୁଣ ଉପରେ ଅଧ୍ୟୟନ କରାଯାଇଥିଲା। ସେହିପରି ଅନ୍‌ଲାଇନ ଏବଂ ସ୍ଥାନୀୟ ବଜାରରୁ କିଣାଯାଇଥିବା ୫ ପ୍ରକାର ଲେଖାଏ ଚିନିକୁ ମଧ୍ୟ ପରୀକ୍ଷା କରାଯାଇଥିଲା। ଅଧ୍ୟୟନରେ ଲୁଣ ଏବଂ ଚିନିର ସମସ୍ତ ନମୁନାରେ କ୍ଷୁଦ୍ର ପ୍ଲାଷ୍ଟିକ୍ କଣିକାର ଉପସ୍ଥିତି ସାମ୍ନାକୁ ଆସିଥିଲା। ଭାରତୀୟ ବଜାରରେ ଉପଲବ୍ଧ ଥିବା ଲୁଣ ଏବଂ ଚିନି ମଧ୍ୟରେ ମାଇକ୍ରୋପ୍ଲାଷ୍ଟିକ୍‌ଗୁଡ଼ିକ ଫାଇବର, ପେଲେଟ, ଫିଲ୍ମ ଏବଂ ଫ୍ରାଗମେଣ୍ଟ ଆଦି ବିଭିନ୍ନ ରୂପରେ ରହିଥିବା ଉକ୍ତ ଅଧ୍ୟୟନ ପ୍ରକାଶ କରିଛି। ତେବେ ଏହି କ୍ଷୁଦ୍ର ପ୍ଲାଷ୍ଟିକ କଣିକାଗୁଡ଼ିକର ଆକାର ୦.୧ ମିଲିମିଟରରୁ ୫ ମିଲିମିଟର ପର୍ଯ୍ୟନ୍ତ ରହିଛି। ଅଧ୍ୟୟନ ଅନୁଯାୟୀ, ଆୟୋଡିନଯୁକ୍ତ ଲୁଣରେ ସର୍ବାଧିକ ମାତ୍ରାରେ ମାଇକ୍ରୋପ୍ଲାଷ୍ଟିକ୍ ରହିଛି। ବହୁ ରଙ୍ଗର ପତଳା ଫାଇବର ଏବଂ ଫିଲ୍ମ ଆକାରରେ କ୍ଷୁଦ୍ର ପ୍ଲାଷ୍ଟିକ କଣିକାଗୁଡ଼ିକ ଆୟୋଡିନଯୁକ୍ତ ଲୁଣ ମଧ୍ୟରେ ଥିବା ଅଧ୍ୟୟନରେ ଉଲ୍ଲେଖ କରାଯାଇଛି। ତେବେ ପରୀକ୍ଷା କରାଯାଇଥିବା ଲୁଣ ନମୁନାରେ ମାଇକ୍ରୋପ୍ଲାଷ୍ଟିକର ସାନ୍ଦ୍ରତା କିଲୋଗ୍ରାମ ପ୍ରତି ୬.୭୦ରୁ ୮୯.୧୫ ଖଣ୍ଡ ମଧ୍ୟରେ ରହିଛି। ଆୟୋଡିନଯୁକ୍ତ ଲୁଣରେ ମାଇକ୍ରୋପ୍ଲାଷ୍ଟିକର ସାନ୍ଦ୍ରତା ସର୍ବାଧିକ କିଲୋଗ୍ରାମ ପ୍ରତି ୮୯.୧୫ ଖଣ୍ଡ ରହିଛି। ସେହିପରି ଅର୍ଗାନିକ ରକ୍ ସଲ୍ଟରେ କ୍ଷୁଦ୍ର ପ୍ଲାଷ୍ଟିକ କଣିକାର ସାନ୍ଦ୍ରତା ସର୍ବନିମ୍ନ କିଲୋଗ୍ରାମ ପ୍ରତି ୬.୭୦ ଖଣ୍ଡ ରହିଛି। ଅନ୍ୟପକ୍ଷରେ ଚିନି ନମୁନାଗୁଡ଼ିକରେ ମାଇକ୍ରୋପ୍ଲାଷ୍ଟିକର ସାନ୍ଦ୍ରତା କିଲୋଗ୍ରାମ ପ୍ରତି ୧୧.୮୫ରୁ ୬୮.୨୫ ଖଣ୍ଡ ମଧ୍ୟରେ ରହିଛି। ଅଣଜୈବିକ ଚିନିରେ ମାଇକ୍ରୋପ୍ଲାଷ୍ଟିକ୍‌ର ସାନ୍ଦ୍ରତା ସର୍ବାଧିକ ରହିଛି।



**ମାଇକ୍ରୋପ୍ଲାଷ୍ଟିକ୍ ଏକ ବୈଶ୍ୱିକ ସମସ୍ୟା ହୋଇଥିବାବେଳେ ଏହା ଉଭୟ ସ୍ୱାସ୍ଥ୍ୟ ଓ ପରିବେଶକୁ କ୍ଷତି ପହଞ୍ଚାଇଥାଏ। କ୍ଷୁଦ୍ର ପ୍ଲାଷ୍ଟିକ କଣିକା ଖାଦ୍ୟ, ବାୟୁ ଓ ଜଳ ମାଧ୍ୟମରେ ମଣିଷ ଶରୀରରେ ପ୍ରବେଶ କରିପାରିଥାଏ। ସମ୍ପ୍ରତି ବିଭିନ୍ନ ଗବେଷଣାରୁ ମାନବ ଶରୀରର ଫୁସ୍‌ଫୁସ୍, ହୃଦୟ ଆଦି ବିଭିନ୍ନ ଅଙ୍ଗ ଏବଂ ନବଜାତ ଶିଶୁ ଓ ଗର୍ଭବତୀ ମହିଳାଙ୍କଠାରେ ମଧ୍ୟ କ୍ଷୁଦ୍ର ପ୍ଲାଷ୍ଟିକ୍ କଣିକା ରହିଥିବାର ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳିଲାଣି।**

### ଟକ୍ସିକ୍ସ ଲିଙ୍କ୍‌ର ଅଧ୍ୟୟନ

ମାଇକ୍ରୋପ୍ଲାଷ୍ଟିକ ଉପରେ ରହିଥିବା ବୈଜ୍ଞାନିକ ଡେଟାବେସ୍‌କୁ ଆହୁରି ମଜଭୁତ କରିବା ଏହି ଅଧ୍ୟୟନର ଉଦ୍ଦେଶ୍ୟ ବୋଲି ଟକ୍ସିକ୍ସ ଲିଙ୍କ୍‌ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ରବି ଅଗ୍ରୱାଲ କହିଛନ୍ତି। ଏହାଦ୍ୱାରା 'ବୈଶ୍ୱିକ ପ୍ଲାଷ୍ଟିକ୍ ଚୁକ୍ତି' କ୍ଷୁଦ୍ର ପ୍ଲାଷ୍ଟିକ କଣିକା ସମ୍ବନ୍ଧିତ ସମସ୍ୟାକୁ ଅଧିକ ଧ୍ୟାନଦେଇ ଠୋସ୍ ଭାବେ ସମାଧାନ କରିପାରିବ ବୋଲି ସେ କହିଛନ୍ତି। ଟକ୍ସିକ୍ସ ଲିଙ୍କ୍‌ର ସହଯୋଗୀ ନିର୍ଦ୍ଦେଶକ ସତୀଶ ସିହ୍ନା କହିଛନ୍ତି, ଅଧ୍ୟୟନରେ ପରୀକ୍ଷା କରାଯାଇଥିବା ସମସ୍ତ ବ୍ରାଣ୍ଡ୍‌ର ଚିନି ଏବଂ ଲୁଣରୁ ବହୁମାତ୍ରାରେ କ୍ଷୁଦ୍ର ପ୍ଲାଷ୍ଟିକ୍ କଣିକାର ସନ୍ଧାନ ମିଳିଛି, ଯାହା ଅତ୍ୟନ୍ତ ଚିନ୍ତାଜନକ। ମାନବ ସ୍ୱାସ୍ଥ୍ୟ ଉପରେ ମାଇକ୍ରୋପ୍ଲାଷ୍ଟିକ୍‌ର ଦୀର୍ଘ ମିଆଦୀ ପ୍ରଭାବ ନେଇ ବ୍ୟାପକ ଗବେଷଣାର ଆବଶ୍ୟକତା ରହିଥିବା ଉକ୍ତ ଅଧ୍ୟୟନରୁ ଜଣାପଡ଼ିଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ହର୍ ଘର୍ ତ୍ରିରଙ୍ଗା ପଦଯାତ୍ରା, ସ୍ଥାନ: ଲିଙ୍ଗରାଜ ମନ୍ଦିର ଭଜନ ମଣ୍ଡପ, ସମୟ: ସକାଳ ୯ଟା।
- ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ, ସ୍ଥାନ: କୋର୍ଟ କ୍ୟାମ୍ପସ ନଂ.-୧, ସମୟ: ଅପରାହ୍ଣ ୩ଟା ୩୦।
- ସିଆଇଟିୟୁ ଏବଂ ଭୁବନେଶ୍ୱର ସିଟି କୋର୍ଡିନେଶନ କମିଟି ଅଫ୍ ୟୁନିୟନ୍ସ ଆଣ୍ଡ ଆସୋସିଏଶନ୍ସ ପକ୍ଷରୁ ସାମୂହିକ ଜାଗରଣ କାର୍ଯ୍ୟକ୍ରମ, ସ୍ଥାନ: ଆନନ୍ଦ ବଜାର ସିପିଏମ୍ ଅଫିସ, ୟୁନିଟ୍-୯, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶୀ ନୃତ୍ୟ 'ପ୍ରଦକ୍ଷିଣା', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ

- କଟକ ଉଠା ଦୋକାନୀ ମହାସଂଘ ପକ୍ଷରୁ ସିଏମ୍‌ସି ଘେରାଉ, ସ୍ଥାନ: ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ଣ ୧୦ଟା ୩୦।

## ଖୋର୍ଦ୍ଧା

- ସ୍କିଲ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ ଭୁବନେଶ୍ୱର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ତରାବୋଇ, ଜଟଣୀ, ସମୟ: ପୂର୍ବାହ୍ଣ ୧୦ଟା।
- ପୂର୍ବତଟ ରେଳପଥ ମେକାନିକାଲ ରିକ୍ରେସନ କ୍ଲବ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ ବିଜେବି ରେଲୱେ ଇନ୍‌ଷ୍ଟିଚ୍ୟୁଟ, ଟ୍ରାଫିକ କଲୋନୀ, ଜଟଣୀ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ଗାଁ ମଜଲିସ ସାହିତ୍ୟ ସଂସଦର ୩୫ତମ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ଉତ୍ତରେଶ୍ୱର, ସୋର, ସମୟ: ସକାଳ ୯ଟା ୩୦।
- ମତ୍ସ୍ୟ ଚାଷ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଅସ୍ତପୁରା କୈଳାସ ଫିଶେରୀ ଫାର୍ମ, ରୂପସା, ସମୟ: ପୂର୍ବାହ୍ଣ ୧୦ଟା।
- ଫକୀରମୋହନ ବିଶ୍ୱବିଦ୍ୟାଳୟରେ ରଚନା ଓ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ପିଜି କାଉନସିଲର ସମ୍ମିଳନୀ କକ୍ଷ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୧ଟା।
- ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତା, ସ୍ଥାନ: ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ଅପରାହ୍ଣ ୧ଟା।

## ଭଦ୍ରକ

- ତ୍ରିରଙ୍ଗା ପଦଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଟାଉନ ହଲ୍, ଭଦ୍ରକ, ସମୟ: ସକାଳ ୮ଟା।
- ସ୍ୱର୍ଗତ ନବଘନ ପଣ୍ଡାଙ୍କ ସ୍ମୃତି ସମାରୋହ, ସ୍ଥାନ: ଶିବମୁନି ଯୋଗାଶ୍ରମ, ମଞ୍ଜୁରୀରୋଡ୍, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ଣ ୧୦ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ନୀଳମଣି ସଭାଗୃହ, ତିହିଡ଼ି ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ଣ ୧୦ଟା।
- ସ୍ୱର୍ଗତ ସରସ୍ୱତୀ ତ୍ରିପାଠୀଙ୍କ ସ୍ମୃତିସଭା, ସ୍ଥାନ: ମେଳଣ ପଡ଼ିଆ, ଧାମନଗର, ସମୟ: ପୂର୍ବାହ୍ଣ ୧୧ଟା।

## କେନ୍ଦୁଝର

- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ହରିହର ମନ୍ଦିର,ବଡ଼ବିଲ, ସମୟ: ସକାଳ ୮ଟା ୩୦।
- ଭାଜପା ପକ୍ଷରୁ ତ୍ରିରଙ୍ଗା ଯାତ୍ରା,ସ୍ଥାନ: ଢେଙ୍କିକୋଟ, ସମୟ: ସକାଳ ୯ଟା।
- ଉତ୍ତର ଓଡ଼ିଶା ବିକାଶ ପରିଷଦର ଆବଶ୍ୟକତା ଓ ଭୌଗଳିକ ସୀମାରେଖା ସମ୍ପର୍କିତ ଆଲୋଚନା ଚକ୍ର, ସ୍ଥାନ: ସଂସ୍କୃତି ଭବନ, କେନ୍ଦୁଝର, ସମୟ: ପୂର୍ବାହ୍ଣ ୧୧ଟା।
- ଅଖଣ୍ଡ ଭାରତ ଉତ୍ସବ ଅବସର ରେ ଚାରା ରୋପଣ, ସ୍ଥାନ : କେନ୍ଦୁଝର ସଦର ବ୍ଲକ କଡଗଡ ଗ୍ରାମ, ସମୟ:ପୂର୍ବାହ୍ଣ ୧୧ ଟା।
- ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଭଜନ କୀର୍ତ୍ତନ, ସ୍ଥାନ:ବଞ୍ଚୋ, ହାଟଡିହୀ,ସମୟ: ସନ୍ଧ୍ୟା ୬ଟା।
- ମା' ବିଶ୍ୱ ତାରିଣୀ ମନ୍ଦିରରେ ଭଜନ, ସ୍ଥାନ: ଛେନାପଦୀ, ହାଟଡିହୀ, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ସ୍ୱାଧୀନତା ଦିବସ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ବ୍ଲକ କାର୍ଯ୍ୟାଳୟଠାରୁ ଶୀର୍ଷାପାଳ ଛକ, ମୋରଡ଼ା, ସମୟ:ସକାଳ ୮ଟା।
- ଜିଲା ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ଯାତ୍ରା, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଷ୍ଟାଡିୟମ ଗୋଲେଇ, ସମୟ:ସକାଳ ୯ଟା।
- ସହାୟକ ଯନ୍ତ୍ର ପ୍ରଦାନ ନିମନ୍ତେ ଦିବ୍ୟାଙ୍ଗ ଚିହ୍ନଟ ଶିବିର, ସ୍ଥାନ:ଶୁଳିଆପଦା ବ୍ଲକ କାର୍ଯ୍ୟାଳୟ ପରିସର,ସମୟ: ପୂର୍ବାହ୍ଣ ୧୦ଟା।
- ହିନ୍ଦୁ ଜାଗୃତି ମଞ୍ଚର ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା, ସ୍ଥାନ: ବଡ଼ ଜଗନ୍ନାଥ ମନ୍ଦିର, ଦେଉଳସାହି, ବାରିପଦା, ସମୟ: ପୂର୍ବାହ୍ଣ ୧୦ଟା।
- ଭାଜପା ପକ୍ଷରୁ ବିଭାଜନ ବିଭୀଷିକା ଦିବସ ପାଳନ, ସ୍ଥାନ: ଷ୍ଟାଡିୟମ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ଅପରାହ୍ଣ ୨ଟା।
- ଭାଜପା ପକ୍ଷରୁ ହରଘର ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଉଦଳା କଲେଜ ସମ୍ମୁଖ, ସମୟ: ଅପରାହ୍ଣ ୩ଟା।
- ସାହିତ୍ୟ ସାଂସ୍କୃତିକ ପରିଷଦ ପକ୍ଷରୁ ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ,ସମୟ: ଅପରାହ୍ଣ ୩ଟା୩୦।

## ବ୍ରହ୍ମପୁର

- ରୋଟାରୀ କ୍ଲବ ପକ୍ଷରୁ ତ୍ରିରଙ୍ଗା ଯାତ୍ରା, ସ୍ଥାନ: ଖଲିକୋଟ ବିଶ୍ୱବିଦ୍ୟାଳୟ,ସମୟ: ସକାଳ ୭ଟା ୩୦।
- ବ୍ରହ୍ମପୁର ଏମ୍‌ପି, ବିଧାୟକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ଗାନ୍ଧୀ ନଗର ମହାମାୟୀ କଲେଜ ନିକଟ, ସମୟ: ପୂର୍ବାହ୍ଣ ୧୦ଟା।
- ଭାଜପା ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀ କାର୍ଯ୍ୟାଳୟ ଉଦଘାଟନ ,ସ୍ଥାନ: ଧର୍ମନଗର,ସମୟ: ପୂର୍ବାହ୍ଣ ୧୧ଟା।

## ଗଞ୍ଜାମ

- ଭାଜପା ପକ୍ଷରୁ ତ୍ରିରଙ୍ଗା ଯାତ୍ରା, ସ୍ଥାନ: ଗୋପାଳପୁର ନିର୍ବାଚନ ମଣ୍ଡଳୀ, ସମୟ: ପୂର୍ବାହ୍ଣ ୧୦ଟା।
- ରାଜନୀତି ବିଜ୍ଞାନ ବିଭାଗ ପାଠଚକ୍ର, ସ୍ଥାନ: ବୁଗୁଡ଼ା ପିପୁଲ୍ସ କଲେଜ, ସମୟ: ପୂର୍ବାହ୍ଣ ୧୧ଟା।
- ଏବିଭିପି ପକ୍ଷରୁ ଅଖଣ୍ଡ ଭାରତ ସଙ୍କଳ୍ପ ଦିବସ ପାଳନ, ସ୍ଥାନ: ଆସିକା ହରିହର ହାଇସ୍କୁଲ ଇନଡୋର ଷ୍ଟାଡିୟମ, ସମୟ: ମଧ୍ୟାହ୍ନ ୧୨ଟା।
- ତ୍ରିରଙ୍ଗା ପଦଯାତ୍ରା, ସ୍ଥାନ: ଭଞ୍ଜନଗର ଚକରା ବିଷୋୟୀ ଛକ, ସମୟ: ଅପରାହ୍ଣ ୪ଟା।
- ଶ୍ରୀଜଗନ୍ନାଥ କଥାମୃତ , ସ୍ଥାନ: ଆସିକା ଖମ୍ବେଶ୍ୱରୀ ପାଟଣା ଗୋପୀନାଥ ମନ୍ଦିର, ସମୟ: ସନ୍ଧ୍ୟା୬ଟା୩୦।

## କନ୍ଧମାଳ

- ମିନି ମାରାଥନ ଦୌଡ଼ ପ୍ରତିଯୋଗିତା, ସ୍ଥାନ:ଆଦିବାସୀ ମହାବିଦ୍ୟାଳୟଠାରୁ ଆରମ୍ଭ,ସମୟ : ସକାଳ ୬ଟା ୩୦।

## ଗଜପତି

- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ବିଜୁକଲ୍ୟାଣ ମଣ୍ଡପ, ମୋହନା,ସମୟ: ପୂର୍ବାହ୍ଣ ୧୦ଟା।

## ସମ୍ବଲପୁର

- ତ୍ରିରଙ୍ଗା କାର୍ଯ୍ୟକ୍ରମ, ସ୍ଥାନ: ସମଲେଇ ମନ୍ଦିର, ସମୟ : ସକାଳ ୬ଟା ୩୦।
- ଭାଜପା ପକ୍ଷରୁ ତ୍ରିରଙ୍ଗା ଯାତ୍ରା, ସ୍ଥାନ: ବାଲିବନ୍ଧା ସୋମନାଥ ମନ୍ଦିର ସମ୍ମୁଖ ରାସ୍ତା, ସମୟ : ସକାଳ ୯ଟା ୩୦।
- ବାଂଲାଦେଶରେ ହିନ୍ଦୁଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିରୋଧରେ ପ୍ରତିବାଦ ସଭା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ଣ ୧୦ଟା।
- ଡାକ୍ତର ସନାତନ ସ୍ମାରକୀ ସୁପର ଲିଗ ପର୍ଯ୍ୟାୟ ଫୁଟବଲ ମ୍ୟାଚ-ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ବନାମ ଜିଲା ଜିମ୍ନାଷ୍ଟିକ ଆସୋସିଏଶନ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ଣ ୨ଟା୧୫।

## ବଲାଙ୍ଗୀର

- ଲନ୍ ବଲ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦।

## ରାଉରକେଲା

- ହିନ୍ଦ୍ ମଜଦୁର ସଭା ପକ୍ଷରୁ ଇଏସ୍‌ଆଇ ହସ୍ପିଟାଲ ସମ୍ମୁଖରେ ଧାରଣା, ସ୍ଥାନ: ଜେଲ ରୋଡ, ସମୟ: ପୂର୍ବାହ୍ଣ ୧୦ଟା।
- ବେଦବ୍ୟାସ ସଂସ୍କୃତ କଲେଜରେ ସ୍ୱାଧୀନତା ଦିବସ ପାଳନ ବୈଠକ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ ୧୧ଟା।

## ସୁନ୍ଦରଗଡ଼

- ଜିଲା କ୍ରୀଡ଼ା ସଂସଦ ଷ୍ଟାଡିୟମରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ, ସ୍ଥାନ: ଜିଲା କ୍ରୀଡ଼ା ସଂସଦ, ସମୟ: ସକାଳ ୯।
- ତ୍ରିରଙ୍ଗା ଯାତ୍ରା, ସ୍ଥାନ: ସୁନ୍ଦରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା୩୦।
- ହର ଘର ତିରଙ୍ଗା ଶୋଭାଯାତ୍ରା,ସ୍ଥାନ : କୁଆଁରମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା ୩୦।

## ବରଗଡ଼

- ଘର ଘର ତ୍ରିରଙ୍ଗା ଅଭିଯାନରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରାମଚଣ୍ଡୀ ମନ୍ଦିର କଲ୍ୟାଣ ମଣ୍ଡପ, ଲାଦେରପାଲି, ଅତାବିରା, ସମୟ: ସକାଳ ୯ଟା।
- ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ତ୍ରିରଙ୍ଗା ବାଇକ୍ ଯାତ୍ରା,ସ୍ଥାନ: ନିଶାମଣି ସ୍କୁଲ ସମ୍ମୁଖ ପଡ଼ିଆ, ବରଗଡ଼, ସମୟ: ପୂର୍ବାହ୍ଣ ୧୧ଟା।
- ସଙ୍ଗୀତ ଓ ସମ୍ବଲପୁରୀ ନୃତ୍ୟ କାର୍ଯ୍ୟକ୍ରମ, ସ୍ଥାନ: ସୌଖିନ କଳାକାର ସଂଘ, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି

- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ସଦରଠୁ ରିଷିଡା ଗ୍ରାମ ପଞ୍ଚାୟତ, ସମୟ: ସକାଳ ୮ଟା।
- ଭାଜପା ପକ୍ଷରୁ ବିଭାଜନ ବିଭୀଷିକା ସ୍ମୃତି ଦିବସ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ଣ ୧୧ଟା ୩୦।
- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଭାଗୀରଥି ଇନ ଭବାନୀପାଟଣା, ସମୟ: ଅପରାହ୍ଣ ୪ଟା।

## ବୌଦ୍ଧ

- କଣ୍ଟାମାଳ ବ୍ଲକରେ ଭାଜପାର ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଗିରି ଗୋବର୍ଦ୍ଧନ ପୀଠ, କଣ୍ଟାମାଳ, ସମୟ: ପୂର୍ବାହ୍ଣ ୧୦ଟା।
- ଦେଉଳି ଗ୍ରାମରେ ସାପ୍ତାହିକ ଭାଗବତ ପାରାୟଣ, ସ୍ଥାନ: ଦେଉଳି ଗ୍ରାମ ଭାଗବତ ଟୁଙ୍ଗି , କଣ୍ଟାମାଳ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ବିଭାଜନ ଭୟାବହତା ସ୍ମରଣ ଦିବସ, ସ୍ଥାନ: ଷ୍ଟେଟବ୍ୟାଙ୍କ ସମ୍ମୁଖ ଦେବଗଡ଼ ଶାଖା, ସମୟ: ସକାଳ ୯ଟା।
- ହର ଘର ତ୍ରିରଙ୍ଗା ମୋଟରସାଇକେଲ ରାଲି, ସ୍ଥାନ: ଜିଲା ପରିଷଦ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ଭଏସ୍ ଜିନିୟସ ସିଜନ ୧୧ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ଟାଉନ ହଲ, ଦେବଗଡ, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ହିନ୍ଦୁ ସୁରକ୍ଷା ସମିତିର ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା,ଦାବିପତ୍ର ପ୍ରଦାନ, ସ୍ଥାନ: ବୀରମହାରାଜପୁର ସମୟ: ପୂର୍ବାହ୍ଣ ୧୧ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଜିଲା ପ୍ରଶାସନ ତରଫରୁ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଠାରୁ ସହର ପରିକ୍ରମା, ସମୟ: ସକାଳ ୮ଟା ୩୦।
- ହର୍ ଘର୍ ତ୍ରିରଙ୍ଗା ଉପଲକ୍ଷେ ବାଇକ୍ ରାଲି, ସ୍ଥାନ: ସଦର ବ୍ଲକ କାର୍ଯ୍ୟାଳୟଠାରୁ ସ୍ମୃତିସ୍ତମ୍ଭ ସାଲିହା ପର୍ଯ୍ୟନ୍ତ, ସମୟ: ସକାଳ ୯ଟା ୩୦।
- ୨୪ତମ ଟେମ୍ପାମଣି ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଜନମଙ୍ଗଳ ମହାବିଦ୍ୟାଳୟ ମିନି ଷ୍ଟାଡିୟମ କୁଳିଆବନ୍ଧା, ସମୟ: ପୂର୍ବାହ୍ଣ ୧୦ଟା।
- ବିଭାଜନ ବୀଭିଷିକା ସ୍ମୃତି ଦିବସ ପାଳନ, ସ୍ଥାନ: କଲ୍ୟାଣ ମଣ୍ଡପ-୨ ଖଡିଆଳ, ସମୟ: ଅପରାହ୍ଣ ୨ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ବଟକେଶ୍ୱର୍ ମନ୍ଦିର, ସମୟ: ସକାଳ ୮ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ସାଇକେଲ ରାଲି, ସ୍ଥାନ: ସହରସ୍ଥିତ ପୁରୁଣା ବସ୍‌ଷ୍ଟାଣ୍ଡ ଗାନ୍ଧି ଛକ, ସମୟ: ସକାଳ ୮ଟା।
- ତିରଙ୍ଗା ପତାକା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ, ସମୟ: ପୂର୍ବାହ୍ଣ ୧୦ଟା।

## ଢେଙ୍କାନାଳ

- ତ୍ରିରଙ୍ଗା ଦୌଡ଼, ସ୍ଥାନ: ଢେଙ୍କାନାଳ ବାଜିଚୌକ, ସମୟ: ସକାଳ ୭ଟା।
- ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଢେଙ୍କାନାଳ ଅଳସୁଆ ହାଟ, ସମୟ: ପୂର୍ବାହ୍ଣ ୧୧ଟା।
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: କାମାକ୍ଷାନଗର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ଖେଳପଡ଼ିଆ,ସମୟ:ଅପରାହ୍ଣ ୩ଟା।

## ଅନୁଗୋଳ

- ହର ଘର୍ ତ୍ରିରଙ୍ଗା ନିମନ୍ତେ ମିନି ମାରାଥନ୍, ସ୍ଥାନ: ଅନୁଗୋଳ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା।
- ସାପ୍ତାହିକ ରୋଡ୍ ସେଫ୍ଟି ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ଣ ୩ଟା ୩୦।

## ଜଗତ୍‌ସିଂହପୁର

- ପାରାଦୀପ ପୌରପରିଷଦ ସ୍ୱାୟତ୍ତଶାସନ ଦିବସ ଉପଲକ୍ଷେ ସମୂହ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ୪ ନଂ. ୱାର୍ଡ, ଭିତରଗଡ଼, ପାରାଦୀପ, ସମୟ: ସକାଳ ୭ଟା।

## କେନ୍ଦ୍ରାପଡ଼ା

- ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ଅଖଣ୍ଡ ଭାରତ ସଂକଳ୍ପ ଦିବସ ପାଳନ, ସ୍ଥାନ: ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରପଡ଼ା, ସମୟ: ଅପରାହ୍ଣ ୩ଟା।

## ଯାଜପୁର

- ବ୍ୟାସନଗର ସ୍ୱୟଂ ଶାସିତ କଲେଜ ଏନ୍‌ସିସି ପକ୍ଷରୁ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ, ସ୍ଥାନ : କଲେଜ ପରିସର, ସମୟ : ସକାଳ ୮ଟା୩୦।
- ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବଡ଼ଚଣା ବ୍ଲକ୍‌ର ଛତିଆ, ସମୟ: ପୂର୍ବାହ୍ଣ ୧୧ଟା।

## ନୟାଗଡ଼

- ହର ଘର ତ୍ରିରଙ୍ଗା ଯାତ୍ରା, ସ୍ଥାନ:ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋ ପଞ୍ଚାୟତ, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ନୟାଗଡ଼ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ ଗୃହ, ସମୟ: ସକାଳ ୯ଟା।
- ଜିଲା ପରିଷଦ ବୈଠକ, ସ୍ଥାନ:ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ଣ ୧୧ଟା।
- ମ୍ୟୁନିସିପାଲିଟି ବୈଠକ , ସ୍ଥାନ:ନୟାଗଡ଼ ମ୍ୟୁନିସିପାଲିଟି ସମ୍ମିଳନୀ କକ୍ଷ, ସମୟ: ଅପରାହ୍ଣ ୨ଟା।

## ପ୍ରଥମ ପୃଷ୍ଠାରୁ...

### ରୋଗୀଙ୍କୁ ବଳାତ୍କାର...


ଅଭିଯୁକ୍ତ ଡାକ୍ତର ଠାକୁର ବିଲ୍‌ବାଗ ସିଂ

ମେଡିକାଲର ଉକ୍ତ ବିଭାଗରେ ପୋଲିସ ପକ୍ଷରୁ ଛାନଭିନ କରାଯାଇଥିଲା। ଏଥିସହ ଉଭୟ ମହିଳାଙ୍କ ବୟାନ ରେକର୍ଡ କରାଯାଇ ମେଡିକାଲର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଡାକ୍ତରୀମାଇନା ପରୀକ୍ଷା କରାଯାଇଛି। ଅନ୍ୟପଟେ ଡାକ୍ତର ଠାକୁରଙ୍କ ପରିବାର ଲୋକ ମଙ୍ଗଳବାର ମଙ୍ଗଳାବାଗ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଡାକ୍ତର ଠାକୁରଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇ ଗୁରୁତର କରାଯାଇଥିବାନେଇ ଏତଲାରେ ଦର୍ଶାଇଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ମଧ୍ୟ ରୁଜୁ କରିଛି। ଅନ୍ୟପକ୍ଷରେ ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ଅଭିଯୁକ୍ତ ଡାକ୍ତର ଠାକୁରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ଅତିରିକ୍ତ ଡିସିପି ଅନିଲ ମିଶ୍ର କହିଛନ୍ତି, ପୀଡ଼ିତା ମହିଳାଙ୍କ ସମ୍ପର୍କୀୟ ଥାନାରେ ଅଭିଯୋଗ କରିଛନ୍ତି। ଏହା ସଙ୍ଗିନ ଘଟଣା ରହିଥିବାବେଳେ ଉକ୍ତ ଘଟଣାକୁ ବହୁ ଗୁରୁତର ସହ ଗ୍ରହଣ କରିଛୁ। ଘଟଣାର ତଦନ୍ତ ଆରମ୍ଭ କରାଯାଇଛି ଏବଂ ସମସ୍ତ ପରୀକ୍ଷା ଓ ବୟାନ ରେକର୍ଡ କରାଯାଇଛି। ମହିଳା ରୋଗୀଙ୍କୁ ଚିକିତ୍ସା ସମ୍ବନ୍ଧିତ ପରୀକ୍ଷା କରାଯିବା ସମୟରେ ଜଣେ ମହିଳା ଡାକ୍ତରଙ୍କ ଉପସ୍ଥିତି ଜରୁରୀ। ହେଲେ ଏହି ଘଟଣାରେ ସମ୍ପୃକ୍ତ ଏସ୍‌ଓପି ପାଳନ କରାଯାଇନାହିଁ। ତେଣୁ ଡାକ୍ତର ଠାକୁରଙ୍କ ବିରୋଧରେ ବିଏନ୍‌ଏସ୍‌ର ଦଫା ୬୪(୨)(ଇ)ରେ ମାମଲା ରୁଜୁ କରାଯାଇଛି ବୋଲି ମିଶ୍ର କହିଛନ୍ତି। ତେବେ ଏଭଳି ଏକ ସଙ୍ଗିନ ଘଟଣାରେ ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ନୀରବତା ଅବଲମ୍ବନ କରିଛନ୍ତି। ଏପରିକି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ରଙ୍କ ପ୍ରତିକ୍ରିୟା ପାଇ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ପ୍ରତିକ୍ରିୟା ମିଳି ପାରି ନାହିଁ।

### ତଦନ୍ତ କମିଟି ଗଠନ

କ'ଣ ନିଆଯିବ ସେ ନେଇ ସରକାରଙ୍କୁ ସୁପାରିସ କରିବେ। ଏନେଇ ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଇସିଜି ନାଁରେ ଦୁଇଜଣ ମହିଳାଙ୍କୁ କାର୍ଡିଓଲୋଜି ବିଭାଗର ଜଣେ ଡାକ୍ତର ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ରୋଗୀଙ୍କ ସମ୍ପର୍କୀୟ ସମ୍ପୃକ୍ତ ଡାକ୍ତରଙ୍କୁ ମାଡ଼ ମାରିବା ସହ ଥାନାରେ ଅଭିଯୋଗ କରିଛନ୍ତି।

### ପ୍ରମୋଦ ଭଗତ...

ଡୋପିଂ ନିରୋଧୀ ନିୟମ ଉଲ୍ଲଂଘନ କରିଥିଲେ। ଗତ ବର୍ଷକ ମଧ୍ୟରେ ୩୬ ବର୍ଷୀୟ ପ୍ରମୋଦ ୩ଥର ହ୍ୱେୟାର ଏବାଉଟ୍ କ୍ଲଜ୍ ଉଲ୍ଲଂଘନ କରିଥିଲେ। ୱାଡାର ନିୟମ ଅନୁସାରେ କୌଣସି ଖେଳାଳି ୩ ଥର ହ୍ୱେୟାର ଏବାଉଟ୍ କ୍ଲଜ୍ ଉଲ୍ଲଂଘନ କଲେ ତାଙ୍କୁ ବାସନ୍ଦ ଦଣ୍ଡର ସମ୍ମୁଖୀନ ହେବାକୁ ପଡ଼ିଥାଏ। ୩୬ ବର୍ଷୀୟ ପ୍ରମୋଦ ଏହି ନିଷ୍ପତ୍ତିରେ ଦୁଃଖ ପ୍ରକାଶ କରିଛନ୍ତି। ୱାଡା ଅତ୍ୟନ୍ତ କଠୋରତାର ସହିତ ଏଭଳି ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। କିଛି ବୈଷୟିକ ତ୍ରୁଟି କାରଣରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି। ସେ କୌଣସି ପ୍ରକାରର ନିଷିଦ୍ଧ ଦ୍ରବ୍ୟ ସେବନ କରନ୍ତି ନାହିଁ। ପ୍ରଥମ ୨ ଥର ସେ ନିୟମ ଭାଙ୍ଗିଛନ୍ତି। ମାତ୍ର ତୃତୀୟ ଥର ସେ କେଉଁଠି ଥିଲେ ଓ କ'ଣ କରୁଥିଲେ ତା'ର ପ୍ରମାଣ ଦାଖଲ କରିଥିଲେ ମଧ୍ୟ ୱାଡା ଏହାକୁ ଗ୍ରହଣ କରି ନ ଥିଲେ। ପ୍ୟାରିସ୍ ପାରାଲିମ୍ପିକ୍ସ ପାଇଁ ପ୍ରସ୍ତୁତି କରୁଥିବା ବେଳେ ଏହା ତାଙ୍କ ପାଇଁ ବଡ ଝଟ୍‌କା ବୋଲି କହିଛନ୍ତି ପ୍ରମୋଦ। ମେଡାଲ ପୋଡିୟମ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଏଭଳି ନିଷ୍ପତ୍ତି ଅତ୍ୟନ୍ତ ଦୁଃଖଦାୟକ ବୋଲି କହିଛନ୍ତି ପ୍ରମୋଦ। ମାର୍ଚ୍ଚ ମାସରେ ଆସିଥିବା ନିଷ୍ପତ୍ତି ବିରୋଧରେ କାସ୍‌ର ଦ୍ୱାରସ୍ଥ ହୋଇଥିଲେ। ୨୯ ଜୁଲାଇ ୨୦୨୪ରେ ଭଗତଙ୍କ ଅପିଲ୍‌କୁ ଖାରଜ କରିଥିଲେ। ଆସନ୍ତା ସେପ୍ଟେମ୍ବର ୧, ୨୦୨୫ ଯାଏ ପ୍ରମୋଦଙ୍କ ବାସନ୍ଦାଦେଶ ଲାଗୁ ହେବ।

ଏହି ନିଷ୍ପତ୍ତି ବିରୋଧରେ ସେ ଓ ତାଙ୍କ ଟିମ୍ ବୈଷୟିକ କାରଣ ଦର୍ଶାଇ ଅପିଲ୍ କରିଥିଲେ ମଧ୍ୟ ଖାରଜ କରାଯାଇଥିଲା। ତେବେ ୱାଡାର ଏହି ନିଷ୍ପତ୍ତିକୁ ସେ ସମ୍ମାନ କରନ୍ତି ବୋଲି କହିଛନ୍ତି ଭଗତ। ଏହା ମୋ ପାଇଁ ଏକ କଠିନତମ ସମୟ ତେବେ ସମସ୍ତ ପ୍ରତିଯୋଗିତାରେ ସମ୍ପୂର୍ଣ୍ଣ ନିଷ୍ଠାର ସହ ଅଂଶଗ୍ରହଣ କରିଥିବା କହିଛନ୍ତି। ପ୍ରମୋଦ ଟୋକିଓ ପାରାଲିମ୍ପିକ୍ସରେ ବ୍ରିଟେନ୍‌ର ଡାନିଏଲ ବେଥେଲଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଥିଲେ।

### ହ୍ୱେୟାର ଏବାଉଟ୍ କ୍ଲଜ୍ କ'ଣ

ପ୍ରତ୍ୟେକ ଖେଳାଳିଙ୍କୁ ଡୋପିଂ ନିରୋଧୀ ସଂସ୍ଥା ସହ ଚୁକ୍ତିବଦ୍ଧ ହେବାକୁ ପଡ଼ିଥାଏ। ଏଥିରେ ହ୍ୱେୟାର ଏବାଉଟ୍ କ୍ଲଜ୍ ରହିଛି। ଏହି ନିୟମ ଅନୁସାରେ ଖେଳାଳି କେଉଁଠି ରହିବେ ସେ ସମ୍ପର୍କରେ ସମସ୍ତ ସୂଚନା ୱାଡା ବା ନାଡା ନିକଟରେ ଉପଲବ୍ଧ ରହିବ। ଏହି ସୂଚନା ଆଧାରରେ ଜଣେ ଖେଳାଳିଙ୍କ ନିକଟରୁ ଯେ କୌଣସି ସମୟରେ ୱାଡା/ନାଡା ଚାହିଁଲେ ସେମାନଙ୍କ ନମୁନା ସଂଗ୍ରହ କରିପାରିବ। ସକାଳ ୬ରୁ ରାତି ୧୧ ମଧ୍ୟରେ ଯେ କୌଣସି ସମୟରେ ଡୋପିଂ ନିରୋଧୀ ସଂସ୍ଥା ଚାହିଁଲେ ନମୁନା ସଂଗ୍ରହ କରି ପାରିବ। ଯଦି ଖେଳାଳି ନିଜ ରହିବା ସ୍ଥାନ ସମ୍ପର୍କରେ ସ୍ପଷ୍ଟ ସୂଚନା ଦେଇ ନ ଥାନ୍ତି ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ। ବର୍ଷରେ ୨ଥର ଉଲ୍ଲଂଘନ କଲେ ଖେଳାଳିଙ୍କୁ କ୍ଷମା କରାଯାଇଥାଏ। ମାତ୍ର ତୃତୀୟ ଥରରେ ଖେଳାଳିଙ୍କୁ ଦଣ୍ଡିତ କରାଯାଇଥାଏ।

### ଡାକ୍ତରଙ୍କୁ ବଳାତ୍କାର...

ପ୍ରତ୍ୟାହାର କରିବାକୁ ହାଇକୋର୍ଟ ପରାମର୍ଶ ଦେଇଛନ୍ତି। ଆର୍.ଜି. କର ହସ୍ପିଟାଲ ସେମିନାର ହଲ୍‌ରୁ ପିଜି ଦ୍ୱିତୀୟ ବର୍ଷ ଡାକ୍ତରୀ ଛାତ୍ରୀଙ୍କ ମୃତଦେହ ଶୁକ୍ରବାର ସକାଳେ ମିଳିଥିଲା। ତାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଏହି ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ତଦନ୍ତରେ ଅଗ୍ରଗତି କରିପାରି ନାହିଁ। ସେମିନାର ହଲ୍‌ରୁ ଡାକ୍ତରଙ୍କ ମୃତଦେହ ମିଳିବା ପରେ ହସ୍ପିଟାଲ ପ୍ରଶାସନର ଦାୟିତ୍ୱ ନିର୍ବାହରେ ଗମ୍ଭୀର ତ୍ରୁଟି ରହିଥିବା ଅଦାଲତ କହିଛନ୍ତି। ପୀଡ଼ିତାଙ୍କ ପୋଷାକ ଅବ୍ୟବସ୍ଥିତ ରହିଥିବାବେଳେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ରହିଥିଲା। ତଥ୍ୟ ପ୍ରମାଣରେ ଯେପରି ଜାଲିଆତି ନ ହୁଏ, ତାହା ନିଶ୍ଚିତ କରିବା ପାଇଁ ଡାକ୍ତରଙ୍କ ମାଆବାପା ନିରପେକ୍ଷ ତଦନ୍ତ ଦାବି କରିଥିଲେ।

ମେଡିକାଲ କଲେଜର ପୂର୍ବତନ ପ୍ରିନ୍ସିପାଲ ଡ. ସନ୍ଦିପ ଘୋଷଙ୍କୁ କୋର୍ଟ ଭର୍ତ୍ସନା କରିଛନ୍ତି। ଏଭଳି ଏକ ସମ୍ବେଦନଶୀଳ ଘଟଣା ଉପରେ ଘୋଷ କୌଣସି ତତ୍ପରତା ଦେଖାଇ ନ ଥିଲେ। ସେ ଇସ୍ତଫା ଦେବାର କିଛି ଘଣ୍ଟା ପରେ ତାଙ୍କୁ ଅନ୍ୟ ଏକ କଲେଜର ପ୍ରିନ୍ସିପାଲ ଦାୟିତ୍ୱରେ ରଖାଯିବାକୁ ନେଇ ହାଇକୋର୍ଟ ନିନ୍ଦା କରିଛନ୍ତି। ତାଙ୍କୁ ତୁରନ୍ତ କାର୍ଯ୍ୟରୁ ହଟାଇ ଛୁଟିରେ ପଠାଇଦେବା ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୋସିଆଲ ମିଡିଆରେ ଅପମାନିତ କରାଯିବା ସହ ତାଙ୍କ ବିରୋଧରେ ରାଜନୈତିକ ବିବୃତି ଦିଆଯିବାରୁ ଘୋଷ ପ୍ରିନ୍ସିପାଲ ପଦବୀରୁ ଇସ୍ତଫା ଦେଲେ ବୋଲି କହିଥିଲେ। ଏହାର କିଛି ଘଣ୍ଟା ପରେ ତାଙ୍କୁ କାଲ୍‌କାଟା ନ୍ୟାଶନାଲ ମେଡିକାଲ କଲେଜର ପ୍ରିନ୍ସିପାଲ ଭାବେ ଦାୟିତ୍ୱ ଦିଆଯାଇଥିଲା। ଏହାକୁ ନେଇ ଆନ୍ଦୋଳନକାରୀ ଡାକ୍ତରମାନେ ପ୍ରଶ୍ନ ଉଠାଇଥିଲେ। ଏଥିପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ଭର୍ତ୍ସନା କରିଛନ୍ତି। ଜଣେ ବ୍ୟକ୍ତିଙ୍କୁ ତୁରନ୍ତ ନୂଆ ଦାୟିତ୍ୱ ଦେବା ପୂର୍ବରୁ ସେ କେଉଁ ପରିସ୍ଥିତିରେ ଇସ୍ତଫା ଦେଇଛନ୍ତି, ତାହାକୁ କର୍ତ୍ତୃପକ୍ଷ ବିଚାରକୁ ନେବା ଆବଶ୍ୟକ ଥିଲା ବୋଲି ଅଦାଲତ କହିଛନ୍ତି।

ହସ୍ପିଟାଲ ପ୍ରଶାସନ ପୀଡ଼ିତା କିମ୍ବା ତାଙ୍କ ପରିବାର ସହ ନାହାନ୍ତି। ଏହା ଏକ ବିଚିତ୍ର ମାମଲା। ଅଧିକ ସମୟ ବରବାଦ ନ କରି ତୁରନ୍ତ ତଦନ୍ତ ଦାୟିତ୍ୱ ସିବିଆଇକୁ ଦିଆଯାଉ। କାରଣ ଅଧିକ ବିଳମ୍ବ ହେଲେ ପ୍ରମାଣ ନଷ୍ଟ କରାଯିବା ସମ୍ଭାବନା ରହିଛି ବୋଲି ହାଇକୋର୍ଟ କହିଛନ୍ତି। ସୂଚନାଯୋଗ୍ୟ, କୋଲକାତା ପୋଲିସ ଆସନ୍ତା ରବିବାର ସୁଦ୍ଧା ତଦନ୍ତ ଶେଷକରି ନ ପାରିଲେ ସିବିଆଇକୁ ମାମଲା ହସ୍ତାନ୍ତର କରାଯିବ ବୋଲି ସୋମବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଥିଲେ। ତୁରନ୍ତ ସିବିଆଇକୁ ତଦନ୍ତ ଦାୟିତ୍ୱ ଦେବା ପାଇଁ ବିରୋଧୀ ଦଳ ଭାଜପା ଦାବି କରିଥିଲା। ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ପଶ୍ଚିମବଙ୍ଗର ରେସିଡେଣ୍ଟିଆଲ ଡାକ୍ତରମାନେ ଆନ୍ଦୋଳନରେ ସାମିଲ ହୋଇଥିବାରୁ ରୋଗୀସେବା ବାଧାପ୍ରାପ୍ତ ହୋଇଛି। ସାରା ଦେଶର ରେସିଡେଣ୍ଟିଆଲ ଡାକ୍ତର ସୋମବାରଠାରୁ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

### ୨୨ରେ କଂଗ୍ରେସର...

ଆଲୋଚନା ଏବଂ ପ୍ରସ୍ତୁତି ଜୋର୍‌ଦାର କରିବା ପାଇଁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସମସ୍ତ ସାଧାରଣ ସମ୍ପାଦକ, ପ୍ରଦେଶ କଂଗ୍ରେସ କମିଟି ସଭାପତି ଏବଂ ଏଆଇସିସି ରାଜ୍ୟ ପ୍ରଭାରୀମାନଙ୍କ ସହ ମଙ୍ଗଳବାର ବୈଠକ କରିଥିଲେ। ଉକ୍ତ ବୈଠକ ପରେ ଆସନ୍ତା ୨୨ ତାରିଖରେ ଦେଶବ୍ୟାପୀ ଆନ୍ଦୋଳନ ପାଇଁ ଖାର୍ଗେ ଘୋଷଣା କରିଛନ୍ତି। ହିଣ୍ଡେନ୍‌ବର୍ଗ-୨.୦ ରିପୋର୍ଟରୁ ସେବି ଏବଂ ଆଦାନୀ ଗ୍ରୁପ୍ ମଧ୍ୟରେ ଅସାଧୁ କାରବାର ଚାଲିଥିବା ପଦାକୁ ଆସିବା ପରେ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତର ଆବଶ୍ୟକତା ରହିଛି। ଷ୍ଟକ୍ ବଜାରରେ କ୍ଷୁଦ୍ର ନିବେଶକମାନଙ୍କ ପୁଞ୍ଜିକୁ ବିପଦରେ ଛାଡ଼ିଦିଆଯାଇପାରିବ ନାହିଁ। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ତୁରନ୍ତ ସେବି ଅଧ୍ୟକ୍ଷାଙ୍କୁ ଇସ୍ତଫା ଦେବାକୁ କହିବା ସହ ଅଭିଯୋଗର ତଦନ୍ତ ପାଇଁ ଜେପିସି ଗଠନ କରନ୍ତୁ ବୋଲି ଖାର୍ଗେ ଏକ୍ସ'ରେ ଲେଖିଛନ୍ତି। କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ସେବି ଅଧ୍ୟକ୍ଷାଙ୍କ ଇସ୍ତଫା ଏବଂ ଆଦାନୀ ପ୍ରସଙ୍ଗର ଜେପିସି ତଦନ୍ତ ଦାବିରେ ଅଗଷ୍ଟ ୨୨ରେ ଦେଶବ୍ୟାପୀ ଆନ୍ଦୋଳନ କରିବାକୁ ଦଳୀୟ ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଛି। ଆଦାନୀ ଗ୍ରୁପ୍ ଷ୍ଟକ୍ ମୂଲ୍ୟରେ ଜାଲିଆତି କରିବା ପାଇଁ ବ୍ୟବହାର କରୁଥିବା ଅଫ୍‌ସୋର କମ୍ପାନୀଗୁଡ଼ିକରେ ସେବି ଅଧ୍ୟକ୍ଷା ମାଧବୀ ଓ ତାଙ୍କ ସ୍ୱାମୀ ଧବଳ ବୁଚ୍ ପୁଞ୍ଜିନିବେଶ କରିଥିବା ଗତ ୧୦ ତାରିଖରେ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ରିପୋର୍ଟ ପ୍ରକାଶ କରିଥିଲା। ଘଟଣାର ଜେପିସି ତଦନ୍ତ ପାଇଁ କଂଗ୍ରେସ ଏବଂ ଇଣ୍ଡିଆ ବ୍ଲକ୍ ଦଳଗୁଡ଼ିକ ଜୋର୍‌ଦାର ଦାବି କରୁଥିବାବେଳେ ଦେଶରେ ଆର୍ଥିକ ଅସ୍ଥିରତା ଓ ବିଶୃଙ୍ଖଳା ସୃଷ୍ଟି ପାଇଁ ବିରୋଧୀ ଷଡ଼ଯନ୍ତ୍ର କରୁଥିବା ଭାଜପା ଅଭିଯୋଗ ଆଣିଛି। ଅନ୍ୟପକ୍ଷେ ମାଧବୀ ଓ ତାଙ୍କ ସ୍ୱାମୀ ହିଣ୍ଡେନବର୍ଗର ଅଭିଯୋଗକୁ ଭିତ୍ତିହୀନ କହି ଖଣ୍ଡନ କରିଛନ୍ତି। ସେବିର ବିଶ୍ୱସନୀୟତା ଉପରେ ଆମେରିକୀୟ ଶର୍ଟ ସେଲର୍ ଆକ୍ରମଣ କରୁଥିବା ଏବଂ ଏହାର ମୁଖ୍ୟଙ୍କ ଭାବମୂର୍ତ୍ତି ନଷ୍ଟ କରିବାକୁ ଉଦ୍ୟମ କରୁଥିବା ବୁଚ୍ ଦମ୍ପତି ଅଭିଯୋଗ କରିଛନ୍ତି। ଆଦାନୀ ଗ୍ରୁପ୍ ବିରୋଧରେ ଅଭିଯୋଗର ଉପଯୁକ୍ତ ତଦନ୍ତ ହୋଇଥିବା ସେବି କହିଛି।

ସୂଚନାଯୋଗ୍ୟ, ଗତବର୍ଷ ଜାନୁୟାରୀ ୨୪ରେ ଆଦାନୀ ଗ୍ରୁପ୍ ବିରୋଧରେ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପ୍ରଥମ ଅନୁସନ୍ଧାନମୂଳକ ରିପୋର୍ଟ ପ୍ରକାଶ ପରେ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲା। ଆଦାନୀ ଗ୍ରୁପ୍ ନିଜ ଷ୍ଟକ୍ସ ଏବଂ ଆକାଉଣ୍ଟରେ ବହୁ ଦଶନ୍ଧି ଧରି କାରସାଦି କରି ୧୭.୮ ଲକ୍ଷ କୋଟି ଟଙ୍କା (୨୧୮ ବିଲିୟନ୍ ଆମେରିକୀୟ ଡଲାର) ହେରଫେର କରିଥିବା ରିପୋର୍ଟରେ ଦର୍ଶାଯାଇଥିଲା। ଆଦାନୀ ଗ୍ରୁପ୍ ମୁଖ୍ୟ ଗୌତମ ଆଦାନୀ ଅସାଧୁ ଉପାୟରେ ଷ୍ଟକ୍‌ମୂଲ୍ୟରେ ବୃଦ୍ଧି ଘଟାଇ ୩ ବର୍ଷ ମଧ୍ୟରେ ପ୍ରାୟ ୧୨୦ ବିଲିୟନ ଡଲାର ଫୁଲ କରିଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ନୀଚସ୍ଥ ଚନ୍ଦ୍ର ଯୋଗୁ ପାରିବାରିକ ଅସ୍ଥିରତାଜନିତ ମାନସିକ ସ୍ଥିତି ଭଲ ରହିବନାହିଁ। କର୍ମକ୍ଷେତ୍ରରେ କୃତ୍ତିକା ନକ୍ଷତ୍ର ବନ୍ଧୁ ସହଯୋଗରେ କାମ ହାସଲ କରିବେ। ସାମାଜିକ ସ୍ତରରେ ଆଜି ଯାହାକୁ ଯାହା କହିବ ସେହି ବ୍ୟକ୍ତି କଦାପି ମନାକରିବ ନାହିଁ। ଆଜିର ବାଣିଜ୍ୟ, ବ୍ୟବସାୟ, ଯାତ୍ରା, ବନ୍ଧୁଙ୍କ ସହ ଆଲୋଚନା ନିଷ୍ଫଳ ହେବନାହିଁ।

**ବୃଷ** ରୋହିଣୀ ନକ୍ଷତ୍ର ଆଜି ପୂର୍ବ ଯୋଜନାନୁଯାୟୀ କର୍ମରେ ପ୍ରବୃତ୍ତ ହେବେ ଏବଂ ବନ୍ଧୁଙ୍କୁ ମନେଇ କାମ ହାସଲ କରିବେ। ସଙ୍ଗୀତ ସମାରୋହ, ସତ୍‌ସଙ୍ଗ, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇପାରନ୍ତି। ଜନକଲ୍ୟାଣ ସମ୍ବନ୍ଧୀୟ କାର୍ଯ୍ୟ, ବନ୍ଧୁ ସମ୍ପର୍କ କ୍ଷେତ୍ରରେ ଉଚ୍ଚ ଫଳ ମିଳିବ। ନିଜ କାମ ପଛକୁ ପକାଇ ପଡ଼ୋଶୀଙ୍କ କଥା ଚିନ୍ତା କରିବେ।

**ମିଥୁନ** ପ୍ରାଥମିକ ସ୍ତରରେ ହଡ଼ବଡ଼େଇ ଗଲେ ମଧ୍ୟ ଯାହା ଚାହୁଁଛନ୍ତି ତାହା ପାଇବେ। ଜମିଜମା, ପୁରୁଣା ଗାଡ଼ି ଓ ଯାନ୍ତ୍ରିକ ଜିନିଷ କ୍ରୟ କିମ୍ବା ବିକ୍ରି ଦିଗରେ କ୍ଷତିରେ ପଡ଼ିପାରନ୍ତି। ମୃଗଶିରା ନକ୍ଷତ୍ରର ଭାଇ କିମ୍ବା ପଡ଼ୋଶୀଙ୍କ ସହ ସମସ୍ୟାମୂଳକ ପରିସ୍ଥିତି ସୃଷ୍ଟି ହୋଇପାରେ। ବନ୍ଧୁ ସହ ଆନୁଷ୍ଠାନିକ କାମ ପାଇଁ ଆଲୋଚନା କରିବେ।

**କର୍କଟ** ରବିଙ୍କ ପ୍ରଭାବରୁ କୌଣସି କଥାକୁ ଖାତିର ନ କରି ଆଗକୁ ମାଡ଼ି ଚାଲିବେ। ସମ୍ମୁଖରେ କିଏ କିଛି ସିନା କହିବେ ନାହିଁ ପଛରେ ସମାଲୋଚନା କରିବେ। ପୁନର୍ବସୁ ନକ୍ଷତ୍ରର କର୍ମଜଞ୍ଜାଳ ଓ କାର୍ଯ୍ୟବ୍ୟସ୍ତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ପରିବାରରେ ସମସ୍ୟା ସମାଧାନ ପାଇଁ ହଠାତ୍ ପ୍ରତିକ୍ରିୟା ପ୍ରକାଶ କରିବା ଠିକ୍ ହେବ ନାହିଁ।

**ସିଂହ** ପୂର୍ବାଫାଲଗୁନୀ ନକ୍ଷତ୍ର କାମଗୁଡ଼ିକ ଡେରିରେ ସମ୍ପନ୍ନ ହେବାରୁ କ୍ଷୋଭ ପ୍ରକାଶ କରିପାରନ୍ତି। ପରିବାରରେ ପୁତ୍ରକନ୍ୟା ହେତୁକ ସମସ୍ୟା ଲାଗି ରହିବାରୁ ବ୍ୟସ୍ତତା ପ୍ରକାଶ କରିବେ। ଅବଶ୍ୟ ସାମାଜିକ ସ୍ତରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ବାଣିଜ୍ୟ, ଜମିଜମା କାରବାର, ନିର୍ମାଣ, ପରିବହନରୁ ଭଲ ଲାଭ ପାଇବେ।

**କନ୍ୟା** ପରିସ୍ଥିତିବିଶତଃ ଶତ୍ରୁତା କରୁଥିବା ଲୋକ ମିତ୍ର ସାଜିବା ପାଇଁ ଚେଷ୍ଟିତ ହେବେ। ହସ୍ତା ନକ୍ଷତ୍ର ଅଟକିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇପାରନ୍ତି। ରାଜନୀତି, ସଂଗଠନ, ଆଲୋଚନା କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇବ। ପ୍ରଶାସନ, ଆଇନ, ପ୍ରକାଶନ କ୍ଷେତ୍ରରେ ସମସ୍ୟାର ଆଶୁ ସମାଧାନ ଆଶା ରହିଛି।

**ତୁଳା** କେତେକ କ୍ଷେତ୍ରରେ ସମସ୍ୟାର ସମାଧାନ ଜନିତ ଟେନ୍ସନ ଲାଗି ରହିବ। ବିଶାଖା ନକ୍ଷତ୍ରର ହାତକୁ ନେଇଥିବା କାମଗୁଡ଼ିକ ସୁରୁଖୁରୁରେ ହୋଇଯିବ। ଭୁଲ୍ ବୁଝାମଣା କାରଣରୁ ଭ୍ରାତୃ ସମ୍ପର୍କ ଭଲ ରହି ନ ପାରେ। ସାମ୍ବାଦିକତା, ସାହିତ୍ୟ ଚର୍ଚ୍ଚା, ଲେଖାପଢ଼ା, ସଭାସମିତି ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**ବିଛା** ବିଭିନ୍ନ ସୂତ୍ରରୁ ଅର୍ଥଲାଭ ହେବ ଓ ସାମାଜିକ ସ୍ତରରେ ପ୍ରତିଷ୍ଠିତ ହେବେ। ଘଟଣାକୁ ଭଲରୂପରେ ନ ବୁଝି ସହକର୍ମୀ କିମ୍ବା ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅନୁରାଧା ନକ୍ଷତ୍ର ସକାଶେ ପାଖରେଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ।

**ଧନୁ** ବନ୍ଧୁଙ୍କ ଆଗରେ ମନଖୋଲା କଥା ପ୍ରକାଶ କରି ପାରିଲେ ହିଁ ଭଲ ହେବ। ପୁରାତନ ରୋଗର ପୀଡ଼ା ସାମାନ୍ୟ ଅନୁଭବ କଲେ ମଧ୍ୟ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ। ସରକାରୀ ସ୍ତରରୁ ଆଶା କରୁଥିବା ଶୁଭଖବର ପାଇ ଉଲ୍ଲସିତ ହେବେ। ମୂଳା ନକ୍ଷତ୍ରକୁ କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି।

**ମକର** କୂଟନୀତି ପ୍ରୟୋଗକରି ଯେମିତି ଚାହୁଁଛନ୍ତି ସେମିତି କରିବାରେ ସଫଳ ହେବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହୋଇପାରନ୍ତି। ଶ୍ରବଣା ନକ୍ଷତ୍ର ଆଜିର ଯାତ୍ରା କାଳରେ ବନ୍ଧୁଙ୍କ ସହ ନୂତନ ସମ୍ପର୍କରୁ ଖୁସି ରହିବେ। ବିବାଦରେ ପଶିଲେ ଧନହାନି ଓ ପୂର୍ବ ଶତ୍ରୁତାରୁ କଳହକୁ ଏଡ଼ି ହେବ ନାହିଁ।

**କୁମ୍ଭ** ଆଜିର କାମଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ ହେବା ବଦଳରେ କଷ୍ଟକର ହେବ। ନୂଆ ଯୋଜନା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମନେ କରିପାରନ୍ତି। ନୀଚ ସଂସର୍ଗରୁ ଦୂରେଇ ନ ରହିଲେ ଅନୁତାପ ପାଇଁ ସମୟ ପାଇବେ ନାହିଁ। ଶତଭିଷା ନକ୍ଷତ୍ର ଜମିଜମା କାରବାର, ନିର୍ମାଣ ବାଣିଜ୍ୟ, ବ୍ୟବସାୟରେ ଆଶାନୁଯାୟୀ ସୁଫଳ ପାଇବେ।

**ମୀନ** ଉତ୍ତରଭାଦ୍ର ନକ୍ଷତ୍ରର ବନ୍ଧୁମାନଙ୍କ ସହ ଯୋଗାଯୋଗ ନିରର୍ଥକ ହେବନାହିଁ। ପରିବାରର ଖର୍ଚ୍ଚ ଭାର ବଢ଼ି ଯିବା କାରଣରୁ ଚିନ୍ତିତ ରହିପାରନ୍ତି। କର୍ମକ୍ଷେତ୍ରରେ ମନ୍ଥର ଗତି ହେତୁ ସଫଳତାରେ ଆଶଙ୍କା ସୃଷ୍ଟି ହୋଇପାରେ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ସଫଳତା ହାସଲକରିବେ।

ଆଜି ଅଗଷ୍ଟ ୧୪ ତାରିଖ, ଶ୍ରାବଣ ଶୁକ୍ଳ ନବମୀ ଯୁକ୍ତ ଦଶମୀ ବୁଧବାର, ଶ୍ରୀମନ୍ଦିରରେ ଝୁଲଣଯାତ୍ରା, ବାଡିନୃସିଂହବିଜେ, ରାଶିନକ୍ଷତ୍ର-ଦିବା, ଘ.୧୨.୧୧ମି. ପର୍ଯ୍ୟନ୍ତ, ଅନୁରାଧା/ବିଛା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୩୦ମି. ଗତେ ଘ.୦୭.୧୧ମି. ମଧ୍ୟେ, ଘ.୧୦.୧୫ମି. ଗତେ ଘ.୧୧.୨୫ମି. ମଧ୍ୟେ ଶୁଦ୍ଧ ଶୁଦ୍ଧ ବେଳା। ଦିବା ଘ.୧୧.୫୧ମି. ଗତେ ଘ.୦୧.୨୬ମି. ମଧ୍ୟେ ରାହୁ କାଳ।

## ଆଜି ବିଶ୍ୱ ଲିଜାର୍ଡ ଦିବସ

# ପ୍ରକୃତିର ବିସ୍ମୟ ଲେଗ୍‌ଲେସ୍ ଲିଜାର୍ଡ


ବରକୁଦ ଲେଗ୍‌ଲେସ୍ ସ୍କିଙ୍କ


ଇଷ୍ଟର୍ନ ଘାଟ ଲିମ୍ବଲେସ୍ ସ୍କିଙ୍କ

**ଭୁବନେଶ୍ୱର, ୧୩।୮ (ଅସମାପିକା ସାହୁ)**

ଆଜି ବିଶ୍ୱ ଲିଜାର୍ଡ ଦିବସ। ସରୀସୃପମାନଙ୍କ ଭିତରେ ଯେଉଁ କିଛି ଜାତିର ପ୍ରାଣୀଙ୍କୁ ଲିଜାର୍ଡ ଶ୍ରେଣୀଭୁକ୍ତ କରାଯାଇଛି, ସେମାନଙ୍କ ଭିତରେ ମନିଟର ଲିଜାର୍ଡ(ଗୋଧି), ଗାର୍ଡେନ ଲିଜାର୍ଡ(ଏଣ୍ଡୁଅ), ଚାମେଲିଅନ(ବହୁରୂପୀ ଏଣ୍ଡୁଅ), ହାଉସ ଲିଜାର୍ଡ ବା ଗେକୋ(ଝିଟିପିଟି), ଲିଓପାର୍ଡ ଗେକୋ(କାଳକୂଟ), ସ୍କିଙ୍କ(ଚମ୍ପେଇ ନେଉଳ) ଇତ୍ୟାଦି ଅଛନ୍ତି। ଭିନ୍ନ ଭିନ୍ନ ପରିବେଶରେ ରହୁଥିବା ବିଭିନ୍ନ ଲିଜାର୍ଡମାନଙ୍କ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ପ୍ରତିବର୍ଷ ଅଗଷ୍ଟ ୧୪ରେ ବିଶ୍ୱ ଲିଜାର୍ଡ ଦିବସ ପାଳନ କରାଯାଇଥାଏ।

ଭାରତରେ ୨୦୦ରୁ ଊର୍ଦ୍ଧ୍ୱ ସଂଖ୍ୟକ ଲିଜାର୍ଡ ପ୍ରଜାତି ଦେଖାଯାଆନ୍ତି। ତେବେ ପ୍ରାଣୀବିଜ୍ଞାନୀମାନେ ପ୍ରତିବର୍ଷ ନୂଆ ନୂଆ ପ୍ରଜାତିର ଲିଜାର୍ଡ ଆବିଷ୍କାର କରିବା ଯୋଗୁ ଏହି ସଂଖ୍ୟା ବୃଦ୍ଧି ପାଉଛି। ଲିଜାର୍ଡମାନେ ସରୀସୃପ ହୋଇଥିବାରୁ ସମସ୍ତଙ୍କର ଲମ୍ବା ଶରୀର ଏବଂ ଲାଞ୍ଜ, ଚାରି ଗୋଡ଼ ଏବଂ ଚଳନଶୀଳ ଆଖିପତା ରହିଥାଏ। ତେବେ ଓଡ଼ିଶାରେ ଏମିତି ଦୁଇଟି ପ୍ରଜାତିର ଲିଜାର୍ଡ ଦେଖାଯାଆନ୍ତି, ଯେଉଁମାନଙ୍କର ବିଶେଷତ୍ୱ ହେଲା ସେମାନେ ଗୋଡ଼ବିହୀନ(ଲେଗ୍ ଲେସ୍) ବା ଲିମ୍ବ୍-ଲେସ। ଏହି ଦୁଇ ଲିଜାର୍ଡର ନାମ ହେଲା ବରକୁଦ ଲେଗ୍‌ଲେସ୍ ସ୍କିଙ୍କ ଏବଂ ଇଷ୍ଟର୍ନ ଘାଟ ଲିମ୍ବ୍ ଲେସ୍ ସ୍କିଙ୍କ। ଏଇ ଦୁଇ ଲିଜାର୍ଡ ଚମ୍ପେଇ ନେଉଳ ପରିବାର ଅନ୍ତର୍ଭୁକ୍ତ।

ବରକୁଦ ଲେଗ୍‌ଲେସ୍ ସ୍କିଙ୍କ ୧୯୧୭ ମସିହାରେ ଚିଲିକା ହ୍ରଦ ଭିତରେ ଥିବା ବରକୁଦ ଦ୍ୱୀପରେ ପ୍ରଥମ କରି ଆବିଷ୍କାର ହୋଇଥିଲା। ଏହାକୁ ଆନନ୍ଦଲେ ଆବିଷ୍କାର କରିଥିଲେ। ଆଜି ପର୍ଯ୍ୟନ୍ତ ଏହା ଓଡ଼ିଶାର ମାତ୍ର ୩ଟି ସ୍ଥାନରେ ଦେଖାଯାଇଛି। ବରକୁଦ, ନନ୍ଦନକାନନ ଏବଂ ବୁଦ୍ଧଖୋଲ। ସେହିଭଳି 'ଇଷ୍ଟର୍ନ ଘାଟ ଲିମ୍ବଲେସ୍ ସ୍କିଙ୍କ'କୁ ୧୮୭୦ ମସିହାରେ ବେଡୋମ ବିଶାଖାପାଟଣାରୁ ଆବିଷ୍କାର କରିଥିଲେ। ଏହି ପ୍ରଜାତିର ଲେଗ୍‌ଲେସ୍ ଲିଜାର୍ଡଟି ଓଡ଼ିଶାରେ କେବଳ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଦେଖାଯାଆନ୍ତି।

ଏହି ଦୁଇ ଲିଜାର୍ଡଙ୍କୁ ହଠାତ୍ ଦେଖିଲେ ଚିହ୍ନି ନ ପାରି ଲୋକେ ସାପ ଭାବି ଭ୍ରମିତ ହେବା ସହିତ ମାରିବାକୁ ଚେଷ୍ଟା କରିଥାନ୍ତି। କିନ୍ତୁ ଏହି ଛୋଟ ଲେଗ୍‌ଲେସ୍ ଲିଜାର୍ଡ ଅତ୍ୟନ୍ତ ନିରୀହ ପ୍ରାଣୀ ଏବଂ ମଣିଷକୁ ଆଦୌ କାମୁଡ଼ି ନ ଥାଏ। ଯଦି ବା କାହାକୁ କାମୁଡ଼େ କିଛି କ୍ଷତି ହେବ ନାହିଁ, କାରଣ ଏହା ସମ୍ପୂର୍ଣ୍ଣ ବିଷହୀନ। ଏହା ଯଦିଓ ସାପ ଭଳି ଦିଶନ୍ତି, କିନ୍ତୁ ଏମାନଙ୍କୁ ପାଖରୁ ଦେଖିଲେ ଛୋଟ ସାପ ଭଳି ଦେଖାଯାଇଥାନ୍ତି। କିନ୍ତୁ ନିରେଖି ଦେଖିଲେ ଏହି ଗୋଡ଼ବିହୀନ ଲିଜାର୍ଡଙ୍କର ଆଖିପତା ବନ୍ଦ ହେବା ଓ ଖୋଲିବା ଦେଖାଯାଏ। ଅପରପକ୍ଷରେ ସାପଙ୍କର ଆଖିପତା ନ ଥାଏ। ସେହିପରି ସାପଙ୍କର ଜିଭ ଦୁଇଫାଳିଆ ହୋଇଥିବାବେଳେ ଲେଗ୍‌ଲେସ୍ ଲିଜାର୍ଡଙ୍କର ଜିଭ ଗୋଟାଳିଆ। ତେବେ ସାପଙ୍କ ଦେହରେ ବାହ୍ୟ କର୍ଣ୍ଣ-ରନ୍ଧ୍ର ନ ଥିବା ବେଳେ ଅନ୍ୟ ଲିଜାର୍ଡଙ୍କ ଭଳି ଲେଗ୍‌ଲେସ୍ ଲିଜାର୍ଡଙ୍କର ମଧ୍ୟ ବାହ୍ୟ କର୍ଣ୍ଣ-ରନ୍ଧ୍ର ଥାଏ।

# ଲୋକଙ୍କ ମତାମତ ପରେ ସୁଭଦ୍ରା ଏସ୍‌ଓପି: ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୩।୮ (ଅନିଲ ଦାସ)**

ସୁଭଦ୍ରା ଯୋଜନାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଏହି ଯୋଜନା ଆସନ୍ତା ସେପ୍ଟେମ୍ବର ୧୭ ତାରିଖରୁ ଲାଗୁ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସାଧାରଣ ଲୋକଙ୍କ ମତାମତ ପରେ ସୁଭଦ୍ରା ଯୋଜନାର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁର(ଏସ୍‌ଓପି ) ସାର୍ବଜନୀନ ହେବ। ଯୋଜନାରେ କିଏ ଉପକୃତ ହେବେ ଓ କିଏ ପାଇବେନି ସେ ନେଇ ଚିତ୍ର ସ୍ପଷ୍ଟ ହେବ। ଏଥିନିମନ୍ତେ ଆସନ୍ତା କିଛିଦିନ ମଧ୍ୟରେ ଏସ୍‌ଓପି ଆସିବ । ଏସ୍‌ଓପି ପ୍ରସ୍ତୁତି ଶେଷ ହୋଇଛି। ଲୋକଙ୍କ ମତାମତକୁ ଅପେକ୍ଷା କରାଯାଇଛି। ଏହା ପୂର୍ବରୁ ସାଧାରଣ ଲୋକଙ୍କ ମତାମତ ସଂଗ୍ରହ କରାଯାଉଛି। ଆବଶ୍ୟକ ସ୍ଥଳରେ ଏସ୍‌ଓପିରେ ପରିବର୍ତ୍ତନ ମଧ୍ୟ କରାଯାଇପାରେ । ମହିଳାଙ୍କୁ ଭ୍ରମିତ ନ ହେବାକୁ ସେ ନିବେଦନ କରିଛନ୍ତି । ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ହିତାଧିକାରୀଙ୍କୁ ଏହା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ମହିଳାଙ୍କ ବିକାଶ ପାଇଁ ଏହି ଯୋଜନା ଉଦ୍ଦିଷ୍ଟ। ମହିଳା କିପରି ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହେବେ ଓ ଲକ୍ଷପତି ଦିଦି ହେବେ ସେ ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯିବ । ଅଧିକରୁ ଅଧିକ ମହିଳା କିପରି ଏହାଦ୍ୱାରା ଉପକୃତ ହେବେ ସେଥିପ୍ରତି ଦୃଷ୍ଟି ଦିଆଯାଉଛି। ଏହାକୁ ଅଧିକ ତ୍ରୁଟିମୁକ୍ତ ତଥା ଦକ୍ଷ କରିବା ନିମନ୍ତେ ବିଭିନ୍ନ ବର୍ଗର ଲୋକଙ୍କ ମତାମତ ନିଆଯାଉଛି। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହ ସେମାନଙ୍କୁ ଅର୍ଥନୈତିକ ଭାବେ ସଶକ୍ତ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ। ଏହି ଯୋଜନାକୁ ଲାଗୁ କରିବାକୁ ଦଳର ନିର୍ବାଚନ ସଙ୍କଳ୍ପପତ୍ରରେ ଘୋଷଣା କରାଯାଇଥିଲା।

ସାରା ରାଜ୍ୟରେ ୧୦ଟି କ୍ଲଷ୍ଟରରେ ଲୋକମାନଙ୍କଠାରୁ ମତାମତ ନିଆଯାଉଛି। ଲୋକମାନେ ଯାହା ମତାମତ ଦେବେ, ସେହି ହିସାବରେ ସଂଶୋଧନ କରାଯିବ। ଅଗଷ୍ଟ ୧୪ ତାରିଖ ସୁଦ୍ଧା ଜିଲାପାଳମାନଙ୍କ ପାଖରୁ ଫିଡ୍‌ବ୍ୟାକ୍ ନିଆଯିବ। ଏହାପରେ ବିଭାଗୀୟ ଅଧିକାରୀ ବସି ପୁଣି ଥରେ ଏହାକୁ ତର୍ଜମା କରିବେ। ଲୋକଙ୍କ ମତ ପରେ ଏସ୍‌ଓପିରେ ସଂଶୋଧନ ହୋଇ ତାହାକୁ ସାର୍ବଜନୀନ କରାଯିବ। ମା' ସୁଭଦ୍ରା ହେଉଛନ୍ତି ମହିଳା ଶକ୍ତିର ପ୍ରତୀକ। ଏହି ଯୋଜନା ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ସେମାନଙ୍କ ସୁବିଧା ନିମନ୍ତେ ଏହାକୁ ସରଳ କରାଯିବ। ଏହି ଯୋଜନାରେ ସବୁସମୟରେ ହିତାଧିକାରୀ ନିଜ ନାମ ପଞ୍ଜୀକୃତ କରିପାରିବେ। ନିଜ ଅଭିଯୋଗ ଜଣାଇପାରିବେ। ଫର୍ମ ଅଧିକ କଠିନ ହେବନାହିଁ। ଏହାକୁ ଖୁବ୍ ସରଳ କରିବାକୁ ଚେଷ୍ଟା କରାଯାଉଛି। ଯେପରି ସାଧାରଣ ଲୋକେ ନିଜେ ଫର୍ମ ପୂରଣ କରି ଏହି ଯୋଜନାରେ ସାମିଲ ହୋଇପାରିବେ ସେ ନେଇ ବ୍ୟବସ୍ଥା କରାଯାଉଛି। ସାମାନ୍ୟ ବିଳମ୍ବ ହେଲେ ବି ଏହାକୁ ତ୍ରୁଟିମୁକ୍ତ କରାଯିବା ସହ ଅଧିକରୁ ଅଧିକ ମହିଳା ହିତାଧିକାରୀ କିପରି ଏହି ଯୋଜନାର ଲାଭ ଉଠାଇ ପାରିବେ ତାହା ଉପରେ ଗୁରୁତ୍ୱାରୋପ କରାଯାଉଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

ସୂଚନଯୋଗ୍ୟ, ଭାଜପା ସରକାର ରାଜ୍ୟରେ ସୁଭଦ୍ରା ଯୋଜନାରେ ପ୍ରତ୍ୟେକ ମହିଳା ହିତାଧିକାରୀଙ୍କୁ ୫୦ହଜାର ଟଙ୍କାର ଭାଉଚର ଯୋଗାଇ ଦେବେ; ଯାହାକୁ ମହିଳାମାନେ ନିଜର ଇଚ୍ଛା ଓ ଆବଶ୍ୟକତା ଅନୁସାରେ ଖର୍ଚ୍ଚ କରିପାରିବେ । ସେପ୍ଟେମ୍ବର ୧୭ରେ ୫ଲକ୍ଷ ମହିଳାଙ୍କୁ ଏହି ଯୋଜନାର ଭାଉଚର ଯୋଗାଇ ଦିଆଯିବ ବୋଲି ଜଣାପଡ଼ିଛି।

# ପଶ୍ଚିମବଙ୍ଗରେ ୩ଶହ ଓଡ଼ିଆ ପର୍ଯ୍ୟଟକ ଅଟକ


ବାତ୍ୟା ଆଶ୍ରୟସ୍ଥଳରେ ଥିବା ଓଡ଼ିଆ ପର୍ଯ୍ୟଟକ।

**ବାଲେଶ୍ୱର, ୧୩।୮ (ବାଞ୍ଛାନିଧି ଦେ)**

ସମ୍ପ୍ରତି ବାଂଲାଦେଶରେ ରାଜନୈତିକ ଅସ୍ଥିରତାକୁ ନେଇ ସେଠାରେ ଦଙ୍ଗା ଜାରି ରହିଛି। ଏହାର ପ୍ରଭାବ ପଶ୍ଚିମବଙ୍ଗରେ ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ୩ଶହରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କୁ ମଙ୍ଗଳବାର ପଶ୍ଚିମବଙ୍ଗ ସୀମାନ୍ତରେ ହଟହଟା ହେବାକୁ ପଡ଼ିଛି। ସେଠାକାର ଲୋକେ ପର୍ଯ୍ୟଟକଙ୍କ ବସ୍, ବୋଲେରୋର କାଚ ଆଦି ଭଙ୍ଗାରୁଜା କରି ଅଟକାଇ ରଖିବା ଅଭିଯୋଗ ହୋଇଛି। ଏହାପରେ ଭିଡ଼ିଓ ମାଧ୍ୟମରେ ସେମାନଙ୍କୁ ସୁରକ୍ଷିତ ଭାବେ ଓଡ଼ିଶା ଫେରାଇ ଆଣିବା ପାଇଁ ନିବେଦନ କରାଯାଇଛି।

ପ୍ରକାଶ ଯେ, ବାଲେଶ୍ୱରରୁ ୨ଟି ବସ୍, ନୀଳଗିରିରୁ ୩ଟି ବୋଲେରୋ ସମେତ ରାଜ୍ୟର ଅନ୍ୟ ଜିଲାରୁ ବସ୍ ଯୋଗେ ୩ଶହରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ପଶ୍ଚିମବଙ୍ଗ ଯାଇଥିଲେ। ମେଦିନୀପୁର ଜିଲା କେଶପୁର ଥାନା ଅଧୀନ ଖଡ଼ିକା ନିକଟରେ ସେଠାକାର ଲୋକମାନେ ପର୍ଯ୍ୟଟକଙ୍କ ବସ୍ ଓ ବୋଲେରୋକୁ ଅଟକାଇ କାଚ ଭଙ୍ଗାରୁଜା କରିଥିଲେ। ଖବରପାଇ କେଶପୁର ଥାନା ପୋଲିସ ସେଠାରେ ପହଞ୍ଚି ପର୍ଯ୍ୟଟକଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ସେଠାକାର ଉତ୍ତ୍ୟକ୍ତ ଲୋକେ ଏକଜୁଟ୍ ହୋଇ ଥାନାରେ ପହଞ୍ଚି ଗଣ୍ଡଗୋଳ କରିଥିଲେ। ପୋଲିସ ବାହିନୀ ସେମାନଙ୍କୁ ବୁଝାଶୁଝା କରି ଏକ ବାତ୍ୟା ଆଶ୍ରୟସ୍ଥଳରେ ଓଡ଼ିଆ ପର୍ଯ୍ୟଟକଙ୍କୁ ଆଶ୍ରୟ ଦେଇଥିଲେ। ଦିନତମାମ୍ ପର୍ଯ୍ୟଟକମାନେ ଭୋକ ଉପାସରେ ଥିବା ଜଣାପଡ଼ିଛି। ପର୍ଯ୍ୟଟକଙ୍କ ମଧ୍ୟରେ ରୋଗୀଙ୍କ ସମେତ ମହିଳା, ପୁରୁଷ ଓ ଛୋଟ ଛୋଟ ପିଲାମାନେ ରହିଛନ୍ତି। ଜଣେ ଯୁବକ ଘଟଣା ସମ୍ପର୍କରେ ଭିଡିଓ ଉତ୍ତୋଳନ ପୂର୍ବକ ସୋସିଆଲ ମିଡିଆରେ ଅପଲୋଡ୍ କରି ସୁରକ୍ଷିତ ଭାବେ ସେମାନଙ୍କୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି। ଖବର ସମ୍ପର୍କରେ ଜାଣିବା ପରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ପୋଲିସ ଡିଜିଙ୍କ ସହ ଏ ନେଇ ଆଲୋଚନା କରିଛନ୍ତି। ରାତି ଭିତରେ ସମସ୍ତଙ୍କୁ ଉଦ୍ଧାର କରି ଓଡ଼ିଶା ଫେରାଇ ଆଣିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

- ଭୋକ ଉପାସରେ ଦିନ ବିତାଇଲେ
- ଭିଡିଓ ମାଧ୍ୟମରେ ଉଦ୍ଧାର ପାଇଁ ନିବେଦନ
- ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ଏମ୍‌ପି

# ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ଆଇନ-୨୦୨୦ରେ ଆବଶ୍ୟକ ସଂଶୋଧନ ଆବଶ୍ୟକ

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର, ୧୩।୮ (ସୁନିତ୍ ମିଶ୍ର)**

ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଆଇନ-୨୦୨୦ରେ ଥିବା ଅସଙ୍ଗତିଗୁଡ଼ିକୁ ଆଇନଗତ ଓ ନିୟାମକ ଢାଞ୍ଚା ଅନୁସାରେ ସୁଧାରିବା ସହ ଆବଶ୍ୟକ ସଂଶୋଧନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିଠି ଲେଖିଛନ୍ତି। ଶିକ୍ଷାବିତ୍‌ମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଫେରାଇ ଆଣିବା, ଶିକ୍ଷାନୁଷ୍ଠାନଗୁଡ଼ିକର ସ୍ୱାୟତତ୍ତାକୁ ସୁରକ୍ଷିତ ରଖିବା ଏବଂ ଓଡ଼ିଶା ଯେପରି ଶିକ୍ଷାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବ ତାହା ସୁନିଶ୍ଚିତ କରିବା ପାଇଁ ସଂଶୋଧନ ଗୁରୁତ୍ୱପୂର୍ଣ୍ଣ ବୋଲି କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ତତ୍କାଳୀନ ରାଜ୍ୟ ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ଆଇନ ପ୍ରଣୟନ କରିଥିଲେ, ଯାହା ମୂଳ ଆଇନ ୧୯୮୯ ଅନେକ ବ୍ୟାପକ ପରିବର୍ତ୍ତନ ଆଣିଥିଲା। ଏହି ଆଇନରେ ପରିବର୍ତ୍ତନ କେବଳ ୟୁଜିସି ଦ୍ୱାରା ନିର୍ଦ୍ଧାରିତ ୟୁଜିସି ଆଇନର ବ୍ୟବସ୍ଥା ଏବଂ ନିୟମରେ ଦ୍ୱନ୍ଦ୍ୱ ସୃଷ୍ଟିକରୁ ନ ଥିଲା ବରଂ ଶିକ୍ଷାନୁଷ୍ଠାନଗୁଡ଼ିକର ସ୍ୱାର୍ଥ, ସେମାନଙ୍କ ସ୍ୱାୟତତ୍ତାକୁ ମଧ୍ୟ କ୍ଷୁଣ୍ଣ କରୁଥିଲା। ଗମ୍ଭୀରଦାନ କେ ଗଡ଼ଭି ବନାମ ଗୁଜରାଟ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ମାର୍ଚ୍ଚ ୩, ୨୦୨୨ରେ ଦେଇଥିବା ରାୟ ପରିପ୍ରେକ୍ଷୀରେ ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାର ପ୍ରଣୟନ କରିଥିବା ଆଇନ ଉପରେ ୟୁଜିସିର ସର୍ବୋଚ୍ଚ ନିୟମାବଳୀକୁ ସ୍ପଷ୍ଟ ଭାବେ ବଜାୟ ରଖାଯାଇଛି। ଉଲ୍ଲେଖଯୋଗ୍ୟ, ପୂର୍ବ ସରକାରଙ୍କ ଏହି ପଦକ୍ଷେପଗୁଡ଼ିକ ଓଡ଼ିଶାର ଶିକ୍ଷାନୁଷ୍ଠାନଗୁଡ଼ିକର ସ୍ୱାୟତତ୍ତାକୁ ସଙ୍କୁଚିତ କରିବା ଉଦ୍ଦେଶ୍ୟରେ ନିଆଯାଇଥିଲା ଏବଂ ଓଡ଼ିଶାରେ ଶିକ୍ଷାବିତଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। କେନ୍ଦ୍ରମନ୍ତ୍ରୀ ଆହୁରି ଉଲ୍ଲେଖ କରିଛନ୍ତି, ରାଜ୍ୟର ଶିକ୍ଷାବିତ୍ ଓ ଶିକ୍ଷାନୁଷ୍ଠାନଗୁଡ଼ିକର ବିଶ୍ୱସନୀୟତାକୁ କ୍ଷୁଣ୍ଣ କରିବା ପାଇଁ ପୂର୍ବ ସରକାର କରିଥିବା ପ୍ରୟାସକୁ ତୁରନ୍ତ ବା ଅବିଳମ୍ବେ ପୁନର୍ବିଚାର କରାଯିବା ଜରୁରୀ। ୟୁଜିସିର ନିୟମାବଳୀ ବ୍ୟାପକ ବିଚାରବିମର୍ଶ ଆଲୋଚନାପରେ ପ୍ରସ୍ତୁତ କରାଯାଏ। ଶିକ୍ଷାନୁଷ୍ଠାନର ସ୍ୱାୟତତ୍ତାକୁ ସମ୍ମାନ ଦେଇ ଶୈକ୍ଷିକ ମାନରେ ସମାନତା ବଜାୟ ରଖିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଥାଏ। ଯଦି କୌଣସି ଆଇନଗତ ଢାଞ୍ଚା ଯାହା ଏହି ନିୟମାବଳୀକୁ ଅଣଦେଖା କରେ, ତାହା ଉଚ୍ଚ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ସହ ଶିକ୍ଷାର ଗୁଣାତ୍ମକ ମାନ ଏବଂ ଶିକ୍ଷାବିତ୍‌ଙ୍କ ସମ୍ମାନ ଉପରେ ମଧ୍ୟ ପ୍ରଭାବ ପକାଇଥାଏ। ବିଶ୍ୱବିଦ୍ୟାଳୟରେ କୁଳପତି ଚୟନ, ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓ ପଦ୍ଧତି ସମ୍ପର୍କରେ ଉପରୋକ୍ତ ବିଶ୍ୱବିଦ୍ୟାଳୟ(ସଂଶୋଧନ) ଆଇନରେ ଯେଉଁ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ରହିଛି ତାହା କେବଳ ୟୁଜିସିର ଏହି ନିୟମାବଳୀ ସହ ଅସଙ୍ଗତ ନୁହେଁ ବରଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିର୍ଦ୍ଧାରିତ ନ୍ୟାୟିକ ନିର୍ଦ୍ଦେଶକୁ ମଧ୍ୟ ଅଣଦେଖା କରୁଛି। ଏହା ବ୍ୟତୀତ ସଂଶୋଧିତ ଆଇନ ଅନୁଯାୟୀ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ କାର୍ଯ୍ୟନିର୍ବାହୀ ସଂସ୍ଥା ସିଣ୍ଡିକେଟ୍ ଗଠନରେ କୁଳାଧିପତି ଓ ସରକାରୀ ଅଧିକାରୀଙ୍କ ବହୁ ସଂଖ୍ୟକ ମନୋନୀତ ସଦସ୍ୟଙ୍କୁ ସାମିଲ କରାଯିବା ଶିକ୍ଷାବିତ୍ ମହଲରେ ଉଦ୍‌ବେଗ ସୃଷ୍ଟି କରିଛି। ଏହି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ରାଜ୍ୟ ଗୁରୁତର ସହ ନେଇ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
1. Online Order & Social Media Handler
2. Cutting Master for Garment Factory.
(Experience 5-15 yrs in relevant industry)
CALL : 7008553674
Location: YAMINI, Ghatikia, Bhubaneswar
(Note: Local preferred)

NEED
ITI FRESHER / EXPERIENCED
FOR DG SET WORK.
APPLY TO
ELECTRODYNAMIC, UTTARMUNDA MUHAN, KHORDHA, ODISHA - 752054.
Email : hod.edbbs@gmail.com

See Career Appointment on every Wednesday & Saturday

REQUIRED
"PVC/ HDPE factory in BBSR having ISI products requires production / sales staff having expertise/ experience in similar line".
CONTACT
8917513602/9439008838

CAD - 837
ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ
ORERA
Odisha Real Estate Regulatory Authority
ଆପଣ ଜାଣନ୍ତି କି ?
- କୌଣସି ପ୍ଲଟେଡ ସ୍କିମ୍ ୫୦୦ ବର୍ଗ ମିଟରରୁ ଅଧିକ ହୋଇଥିଲେ ରେରା ଅଧୀନରେ ପଞ୍ଜୀକୃତ ହେବା ବିଧେୟ।
- ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ କରାଯାଉଥିବା ପ୍ଲଟେଡ ସ୍କିମ୍ ପାଇଁ ଏହି ନିୟମ ପ୍ରଯୁଜ୍ୟ।
- ରେରା ପଞ୍ଜୀକରଣ ପୂର୍ବରୁ ଏହା ସ୍ଥାନୀୟ ପ୍ଲାନିଂ ଅଥରିଟିଙ୍କର ଅନୁମୋଦନ ଲାଭ କରିବା ବାଞ୍ଛନୀୟ।
- ରେରା ପଞ୍ଜୀକରଣ ନ ଥିଲେ କୌଣସି ପ୍ଲଟେଡ ସ୍କିମ୍‌ର ବିଜ୍ଞାପନ କିମ୍ବା ବିକ୍ରି ଏବଂ ଖର୍ଦ୍ଦି କରନ୍ତି ତେବେ ତାହା ଆଇନତଃ ଦଣ୍ଡନୀୟ। ଏଥିପାଇଁ ରେରା ଆଇନରେ ପ୍ରକଳ୍ପ ମୂଲ୍ୟର ସର୍ବୋଚ୍ଚ ୧୦% ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି।
- କୌଣସି ପ୍ରଲୋଭନର ବଶବର୍ତ୍ତୀ ହୋଇ ଅଣପଞ୍ଜୀକୃତ ପ୍ରକଳ୍ପରେ ସର୍ବଦା ଜମି କିଣିବାରୁ କ୍ଷାନ୍ତ ରୁହନ୍ତୁ।
- ଆପଣଙ୍କ ଅଞ୍ଚଳରେ ଯଦି ଏପରି ପ୍ରକଳ୍ପ ନଜରରେ ଆସେ ତେବେ ସେ ସଂକ୍ରାନ୍ତ ତଥ୍ୟ ରେରା କର୍ତ୍ତୃପକ୍ଷଙ୍କୁ ନିମ୍ନ ଠିକଣାରେ ଜଣାନ୍ତୁ।
Secretary, Odisha Real Estate Regulatory Authority
Block-A1, 3rd Floor, Toshali Bhawan, Satya Nagar, Bhubaneswar-751007
E-Mail: rera.odisha@gmail.com
ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ ଲଗଇନ କରନ୍ତୁ
https://rera.odisha.gov.in
"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"
OIPR-13223/11/0001/2425

Government of India
Development Commissioner (MSME)
Ministry of Micro, Small & Medium Enterprises
Invites Application For
ONE WEEK MANAGEMENT DEVELOPMENT PROGRAMME (MDP) ON FINANCIAL MANAGEMENT
Organized By
MSME-Development & Facilitation Office, Ministry of MSME, Govt. of India, Cuttack

| Sl | Venue | Programme Dates | Target Group | Programme Co-Ordinator |
|---|---|---|---|---|
| 1 | Banki, Dist. Cuttack | 20th August 2024 to 24th August 2024 (05 Working Days) | Existing & Prospective MSME entreprenuer | Sri D.C. Mishra Asst. Director, Gr.1 Mob: 9438581973 |

Interested MSME Entrepreneurs or their managerial/supervisory staffs/Prospective entrepreneurs may contact the concerned Programme Co-ordinator for Joining the Programme which will be beneficial for managing their enterprises.
**Eligibility:** Must have completed 18 years of Age as on 20.08.2024.
**Educational Qualification:** 10th pass or above having basic Computer Knowledge.
**Course Structure:** Computerized Financial Accounting knowledge will be rendered.
**Course Fee:** Rs.200/- for General & OBC male candidates & Fee is exempted for SC/ST/Women/Differently Abled Persons/Ex Servicemen and BPL Category Participants.
**Reservation:** 40% of seats for S.C. / S.T. / Women / Physically Handicapped persons & 10% Seats for Agneeveers who have rendered 4 years of service.
**N.B.:** No T.A./D.A./Lodging/Boarding will be provided for attending the training programme. Govt. of India Certificate will be issued after successful completion of Training.
Please Apply to:
The Director, MSME Development & Facilitation Office, College Square, Cuttack, Odisha-753003
www.msmedicuttack.gov.in, Email: dcdi-cuttack@dcmsme.gov.in
CBC 25113/12/0036/2425

ଯେଉଁମାନେ ଯୋଗ ସାଧନା କରନ୍ତି- ସେମାନଙ୍କ ପାଇଁ ଜାତକର କିଛି ଗୁରୁତ୍ୱ ନାହିଁ। କାରଣ, ଯୋଗ ସାଧନାର ଯେଉଁ ପ୍ରଭାବ ଜୀବନ ଉପରେ ପଡେ, ତାହା ଗ୍ରହମାନଙ୍କ ପ୍ରଭାବ ଅପେକ୍ଷା ଅଧିକ ଶକ୍ତିଶାଳୀ। -ଶ୍ରୀମା

-ଶ୍ରୀକ୍ଷେତ୍ରେ ଝୁଲଣ ଯାତ୍ରା ଆରମ୍ଭ



# ଭିଡ଼ରୁ ବିପଦ

ଧର୍ମପୀଠ, ଧର୍ମୀୟ ସମାବେଶ ଓ ମେଳାଗୁଡ଼ିକରେ ଦଳାଚକଟା ହୋଇ ଶ୍ରଦ୍ଧାଳୁଙ୍କ ପ୍ରାଣହାନି ଘଟିବା ଏକ ନିତିଦିନିଆ ଖବର ପାଲଟିଲାଣି। ଏହି କ୍ରମରେ ଅଗଷ୍ଟ୧୨ରେ ବିହାର ଜେହାନାବାଦ ଜିଲା ମଖ୍ଦୁମପୁରର ବାବା ସିଦ୍ଧିନାଥ ମନ୍ଦିରରେ ଦଳାଚକଟା ଯୋଗୁ ୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୭ଜଣ ଆହତ ହୋଇଛନ୍ତି ବୋଲି ସରକାରୀ ତଥ୍ୟରୁ ଜଣାପଡ଼ିଛି। ଏହି ଘଟଣାର ପ୍ରାୟ ମାସେ ପୂର୍ବରୁ ଅର୍ଥାତ୍ ଜୁଲାଇ ୨ରେ ଉତ୍ତରପ୍ରଦେଶ ହାଥରାସ୍‌ରେ ଭୋଲେ ବାବାଙ୍କ ଧର୍ମୀୟ ସମାବେଶରେ ଦଳାଚକଟା ହେତୁ ୧୨୧ ଜଣଙ୍କ ମୃତ୍ୟୁ ହେବା ସହ ୧୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ମୃତକଙ୍କ ମଧ୍ୟରୁ ୯୮ ଜଣ ଥିଲେ ମହିଳା। ସ୍ୱଳ୍ପ ସମୟ ବ୍ୟବଧାନରେ ଘଟିଥିବା ଏହି ଦୁଇଟି ଘଟଣାର କାରଣ ହେଲା କମ୍ ଜାଗାରେ ଅତ୍ୟଧିକ ଭକ୍ତଙ୍କ ସମାଗମ। ହାଥରାସ୍‌ରେ କାର୍ଯ୍ୟକ୍ରମ ପାଇଁ ୮୦,୦୦୦ ଲୋକଙ୍କ ନିମନ୍ତେ ପ୍ରଶାସନଠାରୁ ଅନୁମତି ନିଆଯାଇଥିଲା, କିନ୍ତୁ ସେଠାରେ ଅଢ଼େଇ ଲକ୍ଷରୁ ଅଧିକ ଲୋକ ଉପସ୍ଥିତ ଥିଲେ। ସେହିଭଳି ଶ୍ରାବଣ ମାସ ସୋମବାର ପାଇଁ ଶିବଭକ୍ତମାନେ ପୂର୍ବ ରାତିରୁ ସିଦ୍ଧିନାଥ ମନ୍ଦିରରେ ଭିଡ଼ ଜମାଇଥିଲେ। ଏହି ପୁରାତନ ମନ୍ଦିରର ସୀମିତ ପରିସରରେ ଲୋକଙ୍କ ଭିଡ଼ ଅଣାୟତ୍ତ ହେବାରୁ ପୋଲିସ ଲାଠିଚାର୍ଜ କରିବା ଦ୍ୱାରା ଦଳାଚକଟା ପରିସ୍ଥିତି ଉପୁଜିଥିଲା। ଦେଖିବାକୁ ଗଲେ ଏଭଳି ସବୁ ଘଟଣା ପଛରେ ବଡ଼ କାରଣ ହେଉଛି ଅତ୍ୟଧିକ ଭିଡ଼ ଓ ତାହାକୁ ନିୟନ୍ତ୍ରଣ କରିବାରେ ସ୍ଥାନୀୟ ପ୍ରଶାସନର ଦୁର୍ବଳ ପଦକ୍ଷେପ । ଏହାସହ ଭାରତୀୟମାନଙ୍କ ମଧ୍ୟରେ ଥିବା ତୀବ୍ର ଧର୍ମୀୟ ଭାବନା ମଧ୍ୟ ଏହା ପାଇଁ ଅନେକାଂଶରେ ଦାୟୀ। ବାସ୍ତବରେ ଲୋକମାନେ ଆଧ୍ୟାତ୍ମିକତାଠାରୁ ଦୂରେଇ ରହି କେବଳ ଧର୍ମୀୟ ଭାବନାରେ ରହିଗଲେଣି, ଯାହା ପ୍ରତିଫଳିତ ହେଉଛି ବିଭିନ୍ନ ମନ୍ଦିର, ମେଳା ଓ ମାତାବାବାଙ୍କ ସମାବେଶରେ। ଭକ୍ତମାନଙ୍କ ମନରେ ଧର୍ମ ଅବଧାରଣା ଏମିତି ବସାବାନ୍ଧିଛି ଯେ, କିଛି ଆଶା ପୂରଣ ଲାଗି ନିଜର ସ୍ୱାସ୍ଥ୍ୟ ଓ ଜୀବନକୁ ଅଣଦେଖା କରୁଛନ୍ତି। ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଅବଗତ ଥାଇ ମଧ୍ୟ ବହୁ ତୀର୍ଥଯାତ୍ରୀ ହିମାଳୟର ଉଚ୍ଚ ଅଞ୍ଚଳରେ ଚାରିଧାମ ଯାତ୍ରା ପାଇଁ ଯାଇ ମୃତ୍ୟୁମୁଖରେ ପଡୁଛନ୍ତି। ଏପରିକି ସରକାରଙ୍କୁ ନିଜ ସ୍ୱାସ୍ଥ୍ୟ ସମ୍ପର୍କରେ ଭୁଲ୍ ତଥ୍ୟ ଦେଇ ଯାତ୍ରାରେ ସାମିଲ ହେଉଛନ୍ତି। ଉଲ୍ଲେଖନୀୟ ଯେ,୨୦୨୪ ମେ ଶେଷ ସୁଦ୍ଧା ଏବର ଚାରିଧାମ ଯାତ୍ରାରେ ୬୮ ଜଣଙ୍କର ମୃତ୍ୟୁ ଘଟିସାରିଲାଣି। ବଡ଼ ବିଡ଼ମ୍ବନାର ବିଷୟ ,ଲୋକଙ୍କ ଧର୍ମୀୟ ଭାବନାକୁ ସମ୍ମାନ ଦେବାକୁ ଯାଇ ସରକାର ଚାରିଧାମ ଭଳି ବିପଦସଙ୍କୁଳ ଯାତ୍ରାକୁ ନିଜ ହାତକୁ ନେଇ ନିୟନ୍ତ୍ରଣ କରୁଛନ୍ତି। ଅନେକ ବୟସ୍କ ଓ ଅସୁସ୍ଥ ବ୍ୟକ୍ତି ମଧ୍ୟ ନିଜ ଜୀବନକୁ ପାଣି ଛଡ଼ାଇ ସରକାରଙ୍କ ଭରସାରେ ମିଛଖଚ ଫର୍ମ ଭରି ଯାତ୍ରା କରୁଛନ୍ତି। ଏଭଳି ଧର୍ମୀୟ ଯାତ୍ରାରେ ସରକାର ଜଡ଼ିତ ନ ହୋଇ ଦେଶର ବିକାଶ, ଅର୍ଥନୈତିକ ଓ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଧ୍ୟାନ ଦେବା ଦରକାର।

> ବାସ୍ତବରେ ଲୋକମାନେ ଆଧ୍ୟାତ୍ମିକତାଠାରୁ ଦୂରେଇ ରହି କେବଳ ଧର୍ମୀୟ ଭାବନାରେ ରହିଗଲେଣି, ଯାହା ପ୍ରତିଫଳିତ ହେଉଛି ବିଭିନ୍ନ ମନ୍ଦିର, ମେଳା ଓ ମାତାବାବାଙ୍କ ସମାବେଶରେ। ଭକ୍ତମାନଙ୍କ ମନରେ ଧର୍ମ ଅବଧାରଣା ଏମିତି ବସାବାନ୍ଧିଛି ଯେ, କିଛି ଆଶା ପୂରଣ ଲାଗି ନିଜର ସ୍ୱାସ୍ଥ୍ୟ ଓ ଜୀବନକୁ ଅଣଦେଖା କରୁଛନ୍ତି।

ବିଗତ ୨ ଦଶନ୍ଧି ମଧ୍ୟରେ ଭାରତରେ ବିଭିନ୍ନ ମନ୍ଦିର, ମେଳା କିମ୍ବା ଆଧ୍ୟାତ୍ମିକ ସମାବେଶରେ ଦଳାଚକଟା ଘଟି ପାଖାପାଖି ୧୩୦୦ ଜଣଙ୍କ ମୃତ୍ୟୁ ଘଟିସାରିଲାଣି। ୨୫ ଜାନୁଆରୀ ୨୦୦୫ରେ ମହାରାଷ୍ଟ୍ର ସତାରାସ୍ଥିତ ମନ୍ଧାରଦେବୀ ମନ୍ଦିର ଦଳାଚକଟାରେ ସବୁଠୁ ବେଶି ୩୪୦ ଲୋକଙ୍କ ମୃତ୍ୟୁ ଘଟିଥିଲା। କେରଳର ସାବରିମାଳା ମନ୍ଦିରରେ ସବୁଠୁ ବେଶି ଥର ଦଳାଚକଟା ଘଟିଛି। ଧର୍ମୀୟ ସମାବେଶ ମଧ୍ୟରେ କୁମ୍ଭମେଳାରେ ଏଭଳି ଘଟଣା ସର୍ବାଧିକ ଘଟି ସବୁଠୁ ବେଶି ଲୋକଙ୍କ ଜୀବନ ଯାଇଛି। ଉଲ୍ଲେଖନୀୟ ଯେ, ପ୍ରାୟ ସବୁ ଘଟଣାରେ ମହିଳା ଓ ଶିଶୁମାନଙ୍କର ଅଧିକ ମୃତ୍ୟୁ ଘଟିଛି।

ଜାତିସଂଘର ତଥ୍ୟ ଅନୁଯାୟୀ ଭାରତର ଜନସଂଖ୍ୟା ଏବେ ୧୪୦ କୋଟିରୁ ଅଧିକ ଏବଂ ଏଥିରେ ହିନ୍ଦୁଙ୍କ ସଂଖ୍ୟା ପାଖାପାଖି ୮୦ ପ୍ରତିଶତ। ଫଳରେ ଦେଶର ବିଭିନ୍ନ ସ୍ଥାନରେ ଥିବା ଅତି ପୁରାତନ ମନ୍ଦିରଗୁଡ଼ିକରେ କୌଣସି ପୂଜାପାର୍ବଣ କିମ୍ବା ଉତ୍ସବରେ ଭିଡ଼ ଅଣାୟତ୍ତ ହେବା ସ୍ୱାଭାବିକ ଏବଂ ହେଉଛି ମଧ୍ୟ। ବହୁ ସମୟରେ ବିଭିନ୍ନ ତଥାକଥିତ ମାତାବାବାଙ୍କ ପ୍ରତି ଆକୃଷ୍ଟ ହୋଇ ସେମାନଙ୍କ ସମାବେଶରେ ଲୋକେ ଅସମ୍ଭବ ଭିଡ଼ ଜମାଉଛନ୍ତି। ଓଡ଼ିଶା ପରିପ୍ରେକ୍ଷୀରେ ଦେଖିଲେ ରାଜ୍ୟରେ ଏବେ ଶ୍ରାବଣ ମାସରେ ଶିବ ମନ୍ଦିରଗୁଡ଼ିକରେ ଭକ୍ତମାନେ ଭିଡ଼ ଜମାଇବା ବିପଦକୁ ଆମନ୍ତ୍ରଣ କରିପାରେ। ଏଭଳି ସ୍ଥିତିରେ ଭିଡ଼ ରୋକିବା ପାଇଁ ପ୍ରଭାବୀ ଉପାୟ ଅବଲମ୍ବନ କରାଯାଇପାରେ। ମନ୍ଦିରରେ ଶୃଙ୍ଖଳିତ ଦର୍ଶନ କିମ୍ବା ଏହାର ପରିସର ତଥା ଆଖପାଖରେ ସୁରକ୍ଷିତ ସମାବେଶ ପାଇଁ ପ୍ରଶାସନ ପଦକ୍ଷେପ ନେବା ଆବଶ୍ୟକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଲୋକଙ୍କ ମଧ୍ୟରେ ସଚେତନତା ନ ଆସିବା ଯାଏ ସରକାର ବା ପ୍ରଶାସନ ଯାହା କଲେ ମଧ୍ୟ ଏଭଳି ଅଘଟଣଗୁଡ଼ିକୁ ରୋକିବା ସମ୍ଭବ ନୁହେଁ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | 6 | 4 | | | |
| | | 4 | | | | | | 9 |
| | | | | | 1 | | | 7 |
| | | | 3 | | 7 | | | |
| | 7 | | | | 8 | 4 | | |
| 8 | | 5 | | | | | | |
| | | | | | | 3 | 9 | 1 |
| 9 | 5 | | 6 | | | | | 2 |
| | | 7 | | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 5 | 6 | 3 | 8 | 1 | 9 | 7 |
| 6 | 3 | 7 | 1 | 9 | 2 | 5 | 4 | 8 |
| 1 | 9 | 8 | 7 | 4 | 5 | 2 | 6 | 3 |
| 2 | 6 | 1 | 9 | 8 | 7 | 4 | 3 | 5 |
| 9 | 7 | 3 | 5 | 2 | 4 | 8 | 1 | 6 |
| 5 | 8 | 4 | 3 | 6 | 1 | 7 | 2 | 9 |
| 3 | 5 | 2 | 4 | 7 | 6 | 9 | 8 | 1 |
| 7 | 4 | 6 | 8 | 1 | 9 | 3 | 5 | 2 |
| 8 | 1 | 9 | 2 | 5 | 3 | 6 | 7 | 4 |

ଗତକାଲିର ଉତ୍ତର

# ଜଳବାୟୁ ଉପଯୋଗୀ ଚାଷ



ବିଚିତ୍ର ବିଶ୍ୱାଳ

ଜଳବାୟୁ ପରିବର୍ତ୍ତନ ଯୋଗୁ ସବୁଠାରୁ ଯାହା ବେଶି ପ୍ରଭାବିତ ହେଉଛି ତାହା ହେଉଛି ଆମ ଚାଷବାସ। ଜଳବାୟୁ ପରିବର୍ତ୍ତନ ଜନିତ ମରୁଡ଼ି ଓ ଅନିୟମିତ ବୃଷ୍ଟିପାତ ଯୋଗୁ ଚାଷରେ ବ୍ୟାପକ ଫସଲ ହାନି ହେଉଛି। ଏହା ଗୋଟିଏ ପଟେ ଖାଦ୍ୟ ସଙ୍କଟ ଠିଆ କରୁଥିବା ବେଳେ ଚାଷୀମାନଙ୍କର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗିଦେଉଛି। ସମ୍ପ୍ରତି ଜାରି ରହିଥିବା ରାସାୟନିକ ଚାଷ ବ୍ୟବସ୍ଥା ଜଳବାୟୁ ପରିବର୍ତ୍ତନ ସମୟରେ ଅଧିକ ପ୍ରଭାବିତ ହେଉଛି। ଚାଷୀମାନେ ବ୍ୟବହାର କରୁଥିବା ହାଇବ୍ରିଡ ଓ ହାଇ-ୟିଲ୍‌ଡିଙ୍ଗ ବିହନରେ ପ୍ରଚୁର ପରିମାଣରେ ରାସାୟନିକ ସାର, ବିଷ ଓ ତୃଣନାଶକ ଆଦି ପ୍ରୟୋଗ କରୁଛନ୍ତି। ଏହିସବୁ ବିଷାକ୍ତ ରାସାୟନିକ ଦ୍ୱାରା ମାଟି, ପାଣି, ପବନ ଓ ସମଗ୍ର ପରିବେଶ ନଷ୍ଟ ହେଉଛି ଓ ଏହା ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ତୀବ୍ର କରୁଛି। ଗୋଟିଏ ପଟେ ଜଳବାୟୁ ପରିବର୍ତ୍ତନ ଯୋଗୁ ରାସାୟନିକ ଚାଷ ବ୍ୟବସ୍ଥାକୁ ଅଧିକ କ୍ଷତି ପହଞ୍ଚୁଥିବା ବେଳେ ଅନ୍ୟପଟେ ରାସାୟନିକ ଚାଷ ବ୍ୟବସ୍ଥା ମଧ୍ୟ ଜଳବାୟୁ ପରିବର୍ତ୍ତନ ସମସ୍ୟାକୁ ଅଧିକ ବଢ଼ାଉଛି। ତେଣୁ ବର୍ତ୍ତମାନର ଆବଶ୍ୟକତା ହେଉଛି ଜଳବାୟୁ ତଥା ପରିବେଶ ଉପଯୋଗୀ ଚାଷ।

ହାଇବ୍ରିଡ ଓ ହାଇ-ୟିଲ୍‌ଡିଙ୍ଗ ବିହନର ଖରା ଓ ବର୍ଷା ସହଣି ଶକ୍ତି ଆଦୌ ନାହିଁ। ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ସମୟରେ ଖରା ଓ ବର୍ଷାରେ ଭୀଷଣ ଅନିୟମିତତା ସ୍ୱାଭାବିକ ହୋଇଥିବା ଯୋଗୁ ରାସାୟନିକ ଚାଷ ବ୍ୟବସ୍ଥା ତିଷ୍ଠି ପାରୁନାହିଁ। ସାମାନ୍ୟ ଅଧିକ ଖରା ହେଲେ ବା ଅନିୟମିତ ବୃଷ୍ଟିପାତ ହେଲେ ହାଇବ୍ରିଡ ଓ ହାଇ-ୟିଲ୍‌ଡିଙ୍ଗ ବିହନର ଫସଲ ମରିଯାଉଛି। ଫଳରେ ଚାଷୀମାନେ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଅତୀତରେ ଆମ ଦେଶର ଚାଷୀଙ୍କ ପାଖରେ ଜଳବାୟୁ ଉପଯୋଗୀ ଦେଶୀ ବିହନ ଥିଲା, ଯାହାର ଖରା ଓ ବର୍ଷା ସହଣି ଶକ୍ତି ଥିଲା। ଖରା କିମ୍ବା ବର୍ଷାରେ ଅନିୟମିତତା ହେଲେ ସେ ବିହନର ଫସଲ ସମ୍ପୂର୍ଣ୍ଣ ଉଜୁଡି ଯାଉ ନ ଥିଲା। ସେହିସବୁ ଦେଶୀ ବିହନକୁ ଚାଷ କରିବା ପାଇଁ ସାର କିମ୍ବା ବିଷ ବି ଆବଶ୍ୟକ ପଡ଼େନି। ଦେଶୀ ବିହନରୁ ପୁନଶ୍ଚ ପରବର୍ତ୍ତୀ ବର୍ଷ ପାଇଁ ବିହନ ସଂରକ୍ଷଣ କରିହେଉଥିଲା। ଏବେ ଯେଉଁ ବିହନ ଚାଷରେ ବ୍ୟବହାର କରାଯାଉଛି, ସେଥିରୁ ପରବର୍ଷ ପାଇଁ ବିହନ ରଖିବା ସମ୍ଭବପର ନୁହେଁ। ଫଳରେ ଚାଷୀକୁ ପ୍ରତି ବର୍ଷ ବିହନ କିଣିବା ପାଇଁ ବଜାରକୁ ଯିବାକୁ ପଡୁଛି। ସମ୍ପ୍ରତି ଉନ୍ନତମାନର ବିହନ ନାମରେ ସମସ୍ତ ଚାଷୀକୁ ଗୋଟିଏ କିମ୍ବା ଦୁଇଟି



ପ୍ରକାର ବିହନ ଦିଆଯାଉଛି, ତାହାର ଜଳବାୟୁ ସହଣି ଶକ୍ତି ଆଦୌ ନାହିଁ ଓ ସେସବୁ ବିହନକୁ ନିର୍ଦ୍ଦିଷ୍ଟ ସମୟରେ ତଳି ପକେଇ ନିର୍ଦ୍ଦିଷ୍ଟ ସମୟରେ ରୋଇବାକୁ ପଡ଼େ। ସେଥିରେ ଏପଟ ସେପଟ ହେଲେ ଅମଳ ବାଧାପ୍ରାପ୍ତ ହୁଏ। ଆଜିର ଜଳବାୟୁ ପରିବର୍ତ୍ତନ ଯୁଗରେ ନିର୍ଦ୍ଦିଷ୍ଟ ସମୟରେ ବୁଣିବା ବା ରୋଇବା ଆଦୌ ସମ୍ଭବପର ହୋଇପାରୁନାହିଁ, ଯାହାର ପରିଣାମ ଚାଷୀକୁ ଫସଲହାନି ସହିବାକୁ ପଡ଼େ। ତେଣୁ ଚାଷୀମାନଙ୍କୁ ପୁନର୍ବାର ଆମ ଦେଶୀ ବିହନ ପାଖକୁ ଫେରିବାକୁ ହେବ।

ପୂର୍ବରୁ ଆମ ଦେଶରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରକାର ଦେଶୀ ଧାନ ବିହନ ଥିଲା। ଆମ ରାଜ୍ୟରେ ତିରିଶ ହଜାରରୁ ଅଧିକ ପ୍ରକାରର ଦେଶୀ ଧାନ ଥିଲା। ବୁଡ଼ି ଅଞ୍ଚଳରେ ହେବା ପରି ଶହେ ପଚାଶ ଦିନିଆ ଧାନ ଓ ପାହାଡ଼ ଉପରେ ହେବା ପରି ପଇଁଚାଳିଶ ଦିନିଆ ଧାନ ବି ଥିଲା। ସେହିସବୁ ଦେଶୀ ବିହନର ରୋଗ ପୋକ ସହଣି ଶକ୍ତି ଯଥେଷ୍ଟ। କିନ୍ତୁ ରାସାୟନିକ ଚାଷକୁ ଅଧିକ ପ୍ରୋତ୍ସାହନ ଦିଆଯିବା ଯୋଗୁ ସେସବୁ ବିହନ ଏବେ ବୁଡ଼ିଗଲାଣି। ଏବେ ସରକାର ଓ ବଜାର ଚାଷୀଙ୍କୁ କେବଳ ଗୋଟିଏ ପ୍ରକାର ଉନ୍ନତମାନର ବିହନ ଚାଷ କରିବା ପାଇଁ ପ୍ରବର୍ତ୍ତାଉଛନ୍ତି। ଚାଷୀମାନେ ଦୀର୍ଘମିଆଦୀ ଫାଇଦାକୁ ଭୁଲିଯାଇ, ଅଧିକ ଅମଳ ପାଇବା ଆଶାରେ ସେହି ବିହନର ମାୟାରେ ଫସିଗଲେ। ଫଳସ୍ୱରୂପ ଆଜି ପ୍ରାୟତଃ ଗୋଟିଏ ଦୁଇଟି ପ୍ରକାର ଧାନ, ଗହମ ଚାଷ ହେଉଛି। ତେଣୁ ସେଥିରେ ରୋଗ ପୋକ ବଢୁଛନ୍ତି। ରୋଗ ପୋକକୁ ଦମନ କରିବା ପାଇଁ କମ୍ପାନୀମାନେ ଚାଷୀଙ୍କ ହାତକୁ ଚଢ଼ା ଦାମରେ ବିଷ ଧରେଇ ଦେଉଛନ୍ତି। ଯେଉଁ ଚାଷର ଉଦ୍ଦେଶ୍ୟ ଥିଲା ନିରାପଦ ଖାଦ୍ୟ ଉତ୍ପନ୍ନ କରିବା, ସେଠି ଆଜି ବିଷାକ୍ତ ଖାଦ୍ୟ ଉତ୍ପନ୍ନ ହେଉଛି। ନୂଆ ପ୍ରକାର ରୋଗ ବେମାରି ସୃଷ୍ଟି ହେଉଛି। ମାଟିରେ ଥିବା ଉପକାରୀ ଅଣୁଜୀବମାନେ ମରିଯାଉଛନ୍ତି। ମାଟିର ଉର୍ବରତା ହ୍ରାସ ପାଉଛି। ପାଣି ଓ ପବନରେ ବିଷ ମିଶୁଛି। ଯେଉଁ ଚାଷ ବ୍ୟବସ୍ଥା ମଣିଷ ସମାଜକୁ ରକ୍ଷା କରିବା ପାଇଁ ଉଦ୍ଦିଷ୍ଟ ଥିଲା, ତାହା ଆଜି ମଣିଷ ସମେତ ସମଗ୍ର ପରିବେଶକୁ ହାନି ପହଞ୍ଚାଉଛି ଏବଂ ଜଳବାୟୁ ପରିବର୍ତ୍ତନ ଯୁଗରେ ତାହା ତିଷ୍ଠି ପାରୁନାହିଁ। ଜାପାନର କୃଷି ବିଶାରଦ ମାସାନୋବୁ ଫୁକୋକାଙ୍କ ମତରେ 'ଚାଷର ଲକ୍ଷ କେବଳ ଫସଲର ଅମଳ ବୃଦ୍ଧି କରିବା ନୁହେଁ, ଚାଷ ହେଉଛି ଏକ ଜୀବନଧାରା ଓ ଏହା ମଣିଷ ଜାତିକୁ ଉନ୍ନତି ଦିଗରେ ନେଇଥାଏ'। କିନ୍ତୁ ଆଜି ଠିକ୍ ଏହାର ବିପରୀତ ହେଉଛି। ଆଜିର ରାସାୟନିକ ଚାଷ ମଣିଷ ପେଟକୁ ବିଷ ଦେବା ସହିତ ପରିବେଶରେ ବି ବିଷ ଭରିଦେଉଛି।

ଆମ ଦେଶରେ ଚାଷ ସଂସ୍କୃତି ସହିତ ଜଡ଼ିତ। ସେଥିପାଇଁ ଆମେ କହୁ ଚାଷବାସ। ମାଟିକୁ ନଷ୍ଟ କରି ଅଧିକରୁ ଅଧିକ ଅମଳ କରିବା ଆମ ଦେଶର ସଂସ୍କୃତି ନଥିଲା। ବଜାର ଆଜି ମାନସିକତାକୁ ପରିବର୍ତ୍ତନ କରିଦେଇଛି। ଯେଉଁ ମାଟି ପରବର୍ତ୍ତୀ ଅନେକ ପିଢ଼ିର ଉପଯୋଗରେ ଆସିବ, ତାକୁ ଆମେ ଗୋଟିଏ ବର୍ଷରେ ନଷ୍ଟ କରିବାକୁ ବି ପଛାଉନାହୁଁ। କିନ୍ତୁ ଆଜି ପରିସ୍ଥିତି ଅଧିକ ଜଟିଳ ହୋଇଛି। ଅଧିକ ଅମଳ ପାଇବା ଆଶାରେ ଆମେ ଯେଉଁ ରାସାୟନିକ ଚାଷ ବ୍ୟବସ୍ଥାକୁ ଆପଣେଇଛେ, ଜଳବାୟୁ ପରିବର୍ତ୍ତନ ଯୁଗରେ ସେଥିରୁ ଅଧିକ ଅମଳ ମିଳୁନାହିଁ। ବରଂ ରାସାୟନିକ ଚାଷ ଜଳବାୟୁ ପରିବର୍ତ୍ତନ ସମୟରେ ଅଧିକ ବିପଦପ୍ରବଣ। ତେଣୁ ସମୟ ଆସିଛି, ଆମକୁ ପାରମ୍ପରିକ ଜଳବାୟୁ ଉପଯୋଗୀ ଚାଷ ବ୍ୟବସ୍ଥାକୁ ଫେରିବାକୁ ହେବ। ପୁରୁଣା ଦେଶୀ ବିହନ ସବୁକୁ ଫେରାଇ ଆଣି, ସଂରକ୍ଷଣ କରି ଜୈବିକ ଉପାୟରେ ଚାଷ କରିବାକୁ ହେବ। କେବଳ ଗୋଟିଏ ପ୍ରକାର ବିହନ ଚାଷ ନ କରି ବିହନର ବିବିଧତା ଫେରାଇ ଆଣିବାକୁ ହେବ। ବିହନର ବିବିଧତା ବଢ଼ିଲେ ରୋଗ ପୋକର ଆଶଙ୍କା କମ୍ ହେବ। ଏହା ଦ୍ୱାରା ବିଷମୁକ୍ତ ଖାଦ୍ୟ ମିଳିବା ସହିତ ପରିବେଶ ସୁସ୍ଥ ରହିବ। ଭବିଷ୍ୟତ ପିଢ଼ି ପାଇଁ ଆମେ ଉର୍ବର ମାଟି ଓ ସୁସ୍ଥ ପରିବେଶ ଛାଡ଼ି ଯାଇପାରିବା। ଚାଷ ଭୁଲ୍ ବାଟରେ ଗଲେ, ଆଉ କିଛି ବି ଠିକ ବାଟରେ ଯାଇପାରିବ ନାହିଁ। ଭୁଲ୍ ଚାଷ ବ୍ୟବସ୍ଥା ଯୋଗୁ ସମ୍ପ୍ରତି ଆମେ ଉର୍ବର ମାଟିକୁ ମରୁଭୂମିରେ ପରିଣତ କରିସାରିଲୁଣି। ଯଥାଶୀଘ୍ର ପ୍ରାକୃତିକ ତଥା ଜୈବିକ ଚାଷ ବ୍ୟବସ୍ଥାକୁ ନ ଆପଣେଇଲେ ମାଟିର ସୁରକ୍ଷା ହୋଇପାରିବ ନାହିଁ, ଫଳସ୍ୱରୂପ ଭବିଷ୍ୟତ ବି ସୁରକ୍ଷିତ ହୋଇପାରିବ ନାହିଁ। ବିଶିଷ୍ଟ ପରିବେଶବିତ୍ ବନ୍ଦନା ଶିବା କୁହନ୍ତି, ଆଜିର ଯୁଗରେ ପ୍ରାକୃତିକ ତଥା ଜୈବିକ ଚାଷ କରୁଥିବା ଚାଷୀ ହିଁ ଅସଲ ଶାନ୍ତିର ପ୍ରତିଷ୍ଠାତା। କାରଣ ଆଜିର ଔଦ୍ୟୋଗିକ ଚାଷ ବ୍ୟବସ୍ଥା ଭିତରେ ଅଧିକ ହିଂସା, ଅଧିକ ମୃତ୍ୟୁ, ଅଧିକ ଧ୍ୱଂସ ଓ ଅଧିକ ଯୁଦ୍ଧ ନିହିତ ଅଛି। ପ୍ରାକୃତିକ ତଥା ଜୈବିକ ଚାଷ ହିଁ ସାମ୍ପ୍ରତିକ ଜଳବାୟୁ ପରିବର୍ତ୍ତନ ସମୟରେ ମାନବ ଜାତି ପାଇଁ ଏକମାତ୍ର ରାହା।

**ଭିରଙ୍ଗ,ତିରଣ, ଜଗତ୍‌ସିଂହପୁର**
**ମୋ:୭୦୭୭୬୭୫୧୭୩**

# ରହସ୍ୟମୟ ରତ୍ନଭଣ୍ଡାର



ହରିଶଙ୍କର ମିଶ୍ର

'ସର୍ବଂ ରହସ୍ୟମ ପୁରୁଷୋତ୍ତମସ୍ୟ। ଦେବୋ ନ ଜାନାନ୍ତି କୁତୋଃ ମନୁଷ୍ୟଃ'। ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ଆଲୋଚନା ବେଳେ ଆଲୋଚକ ବା ପ୍ରବଚକମାନେ ଏହି ପଦଟି ନିଶ୍ଚିତ କହିଥାଆନ୍ତି। କିନ୍ତୁ ପ୍ରବଚକ ବା ବକ୍ତାମାନେ ବେଳେ ବେଳେ ଅନେକ କପୋଳକଳ୍ପିତ ମନଗଢ଼ା କାହାଣୀ ସହ ବଚନ ମାଧୁର୍ଯ୍ୟରେ ଆଲୋଚନାକୁ ଏଭଳି କ୍ଲିଷ୍ଟ କରନ୍ତି ଯେ ଆମେ ଶ୍ରୀଜଗନ୍ନାଥଙ୍କୁ ଆଶାତୀତ ରହସ୍ୟମୟ ଠାକୁର ଭାବରେ ବିଶ୍ୱାସ କରିଥାଉ। ତାଙ୍କର ମାନବୀୟ ଲୀଳା ଆଧାରିତ ଆମର ମାନସିକତା 'ଯଥା ଦେହେ ତଥା ଦେବେ' ଆପେ ଆପେ ନ୍ୟୂନ ହୋଇଯାଏ । ଶ୍ରୀମନ୍ଦିର ଓ ଶ୍ରୀଜୀଉମାନଙ୍କର ଗଠନ ଶୈଳୀ, ସେଠାରେ ପ୍ରସାଦ ପ୍ରସ୍ତୁତି ଓ ଭୋଗ ଏଂ ବେଶ ଆଭୂଷଣ ଅନନ୍ୟ ହୋଇଥିବାରୁ ଶ୍ରୀମନ୍ଦିର ମଧ୍ୟ ସାମଗ୍ରିକ ଭାବରେ ରହସ୍ୟମୟ ବୋଲି ସେମାନେ ମଧ୍ୟ ପ୍ରତିପାଦିତ କରିଥାନ୍ତି । କିନ୍ତୁ ସାମ୍ପ୍ରତିକ ସ୍ଥିତିକୁ ଅନୁଧ୍ୟାନକଲେ ସବୁଠାରୁ ରହସ୍ୟମୟ ହେଉଛି ଶ୍ରୀମନ୍ଦିରର ରତ୍ନଭଣ୍ଡାର। ବାରମ୍ବାର ବିଦେଶୀ ଓ ବିଧର୍ମୀଙ୍କ ଆକ୍ରମଣ ଏବଂ ଲୁଣ୍ଠନ ସତ୍ତ୍ୱେ ସେଇ ରତ୍ନଭଣ୍ଡାରରେ ଏବେ ଯେଉଁ ଦୁର୍ମୂଲ୍ୟ ରତ୍ନ ଓ ଅଳଙ୍କାର ରହିଛି ତାହା କେବଳ ଶ୍ରୀମନ୍ଦିର ଗଠନ ଶୈଳୀ ଯୋଗୁ ସମ୍ଭବ ହୋଇଛି। କିନ୍ତୁ ଦୀର୍ଘବର୍ଷ ଧରି ରତ୍ନଭଣ୍ଡାରରେ ଗଚ୍ଛିତ ରତ୍ନ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ବହୁ ଆଲୋଚନା ସତ୍ତ୍ୱେ ବିବିଧ ଘଟଣାବଳୀ ତାହାକୁ ଏଭଳି ମାନବକୃତ ରହସ୍ୟମୟ କରିଛି ଯେ ପୁରୁଷୋତ୍ତମଙ୍କ ରହସ୍ୟ ବା ରହସ୍ୟମୟ ଶ୍ରୀମନ୍ଦିର ତା' ପାଖରେ ମଧ୍ୟ ନ୍ୟୂନ ହୋଇଯାଇଛି।

ପ୍ରଥମେ ଜଣେ ସାମାଜିକ କର୍ମୀ ଗଣମାଧ୍ୟମରେ ପ୍ରକାଶକଲେ, ୨୦୦୯ ଫେବୃଆରୀ ଓ ମାର୍ଚ୍ଚ ଦ୍ୱିତୀୟ ଶନିବାର ବିଳମ୍ବିତ ରାତ୍ରିରେ ରତ୍ନଭଣ୍ଡାରରୁ ଅନେକ ଦ୍ରବ୍ୟ ସ୍ଥାନାନ୍ତରିତ ହେଉଥିବାର ସେ ଚାକ୍ଷୁଷ ସାକ୍ଷୀ। ମାତ୍ର ତାଙ୍କର ବିବୃତି ପରେ ସରକାର, ଶ୍ରୀମନ୍ଦିର ପ୍ରଶାସନ ବା ସ୍ଥାନୀୟ ପୋଲିସର ନୀରବତା ରହସ୍ୟମୟ ଥିଲା। ଜଣେ ଆଇନଜୀବୀ ଉଚ୍ଚ ନ୍ୟାୟାଳୟରେ ଶ୍ରୀମନ୍ଦିର ସହ ରତ୍ନଭଣ୍ଡାରର ମରାମତି ପାଇଁ ମାମଲା କଲେ। କୋର୍ଟ ଏହାକୁ ଗୁରୁତ୍ୱ ଦେଇ ରତ୍ନଭଣ୍ଡାର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେବାରେ ରାଜ୍ୟ ସରକାର ଏକ ୧୭ଜଣିଆ କମିଟି ଗଠନକଲେ। ପୁରୀର ତତ୍କାଳୀନ ଜିଲାପାଳଙ୍କ ନେତୃତ୍ୱରେ ସେଇ କମିଟି ୨୦୧୭ ମସିହାରେ ସମସ୍ତ ଆନୁଷଙ୍ଗିକ ପ୍ରସ୍ତୁତି ସହ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରିଥିଲେ ବି ରତ୍ନଭଣ୍ଡାର ଚାବି ନ ଥିବାରୁ ଫେରିଆସିବା ମଧ୍ୟ ରହସ୍ୟମୟ ଥିଲା। ୨ଦିନ ପରେ ସାମ୍ବାଦିକ ସମ୍ମିଳନୀରେ ଗୋଟିଏ ଲଫାପା ଉପରେ ହାତ ରଖି ଜିଲାପାଳ ନାଜର ଖାନାରୁ ଡୁପ୍ଲିକେଟ୍ ଚାବି ମିଳିଥିବା ପ୍ରକାଶ କରିଥିଲେ ବି ଚାବିର ସ୍ଥିତି ବା ଆକାର ନ ଦେଖାଇବା ମଧ୍ୟ ସ୍ୱତଃ ରହସ୍ୟମୟ ଥିଲା। ରତ୍ନଭଣ୍ଡାର ଚାବି ସମ୍ପର୍କରେ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଓ ପ୍ରାୟ ୨୪ ଲକ୍ଷ ଟଙ୍କା ବ୍ୟୟରେ ନ୍ୟାୟ ମୂର୍ତ୍ତି ରଘୁବୀର ଦାସଙ୍କ କମିଶନ ଦେଇଥିବା ରିପୋର୍ଟ ୬ ବର୍ଷ ମଧ୍ୟରେ ବିଧାନସଭାରେ ଆଲୋଚିତ ନ ହେବା ମଧ୍ୟ ତତୋଽଧିକ ରହସ୍ୟମୟ।



ସରକାର ଅରିଜିତ ପଶାୟତଙ୍କ ନେତୃତ୍ୱରେ ଗଠନ କରିଥିବା ରତ୍ନଭଣ୍ଡାର ତଦାରଖ କମିଟି କୌଣସି ଆଖିଦୃଶିଆ ପଦକ୍ଷେପ ନ ନେବା ପଛରେ ମଧ୍ୟ ରହସ୍ୟମୟ ନିର୍ଦ୍ଦେଶ ରହିଥିବା ମନେହୁଏ। ଏଥିମଧ୍ୟରେ ଜଣେ ସେବକଙ୍କ ଶ୍ରୀଜୀଉମାନଙ୍କର ଅନବସର ସମୟରେ ସାପର ଭୟଙ୍କର ଫୁଙ୍କାର ଶୁଣିବା, ଅନ୍ୟ ଜଣେ ସେବକ ରତ୍ନଭଣ୍ଡାରରେ ଥିବା ରସାୟନ ଖାଇଲେ ୧୫ ବର୍ଷ ପର୍ଯ୍ୟନ୍ତ ବିନା ଖାଦ୍ୟରେ ଯୁବକ ସୁଲଭ ଶକ୍ତି ପାଇବା କହିବା ଏବଂ ସେଠାରେ ସପ୍ତଫେଣୀ ଶେଷନାଗ ଭଣ୍ଡାର ଜଗିଥିବା ସର୍ବୋପରି ଜଣେ ପୂର୍ବତନ ଶ୍ରୀମନ୍ଦିର ପ୍ରଶାସକଙ୍କର ରତ୍ନଭଣ୍ଡାରରେ ଥିବା ସୁଡ଼ଙ୍ଗ ସମ୍ପର୍କରେ ଦେଇଥିବା ବିବୃତିର ଉଦ୍ଦେଶ୍ୟ ମଧ୍ୟ ସମ୍ପୂର୍ଣ୍ଣ ରହସ୍ୟମୟ। ରାଜ୍ୟରେ ନୂଆ ସରକାର ଦାୟିତ୍ୱ ନେବା ପରେ ପୂର୍ବ ପ୍ରତିଶ୍ରୁତି ମତେ ରତ୍ନଭଣ୍ଡାର ଖୋଲିବା ପାଇଁ ବିଶ୍ୱନାଥ ରଥଙ୍କ ନେତୃତ୍ୱରେ ଗଠନ କରିଥିବା ତଦାରଖ କମିଟି ନିର୍ଦ୍ଧାରିତ ସମୟରେ ପଦକ୍ଷେପ ନେଇଥିଲେ ବି ପରବର୍ତ୍ତୀ ଘଟଣାବଳୀ ତାହାକୁ ଅଧିକ ରହସ୍ୟମୟ କରୁଛି। କମିଟି ସଦସ୍ୟମାନେ ବିସ୍ତାରଭାବେ ରତ୍ନଭଣ୍ଡାରରେ ଥିବା ରତ୍ନ ସମ୍ପର୍କରେ ତଥ୍ୟ ନ ଦେବାକୁ ଅଙ୍ଗୀକାରବଦ୍ଧ ହୋଇଥିଲେ ବି ବିଭିନ୍ନ ଗଣମାଧ୍ୟମରେ ସେମାନେ ଦେଇଥିବା ବିବୃତିରୁ ହିଁ ଏହା ସ୍ପଷ୍ଟ ହୋଇସାରିଛି। ରତ୍ନ ଭଣ୍ଡାର ବାହାରେ ତିନୋଟି କୋଳପ(ତାଲା) ଥିବାବେଳେ ଦୁଇଟିରେ ସିଲ୍ ନ ଥିବା ଦୁଇଟି ଚାବି ଥିବା ମଧ୍ୟ ରହସ୍ୟମୟ। ଚାବିରେ କୌଣସି କୋଳପ ନ ଫିଟିବା ଯେତିକି ରହସ୍ୟମୟ ଭଣ୍ଡାର ମେକାପ ଓ ଗଜପତିଙ୍କ ପାଖରେ ରହିଥିବା ଚାବି ସମ୍ପର୍କରେ ସାମାନ୍ୟ ସୂଚନା ନ ମିଳିବା ମଧ୍ୟ ତତୋଽଧିକ ରହସ୍ୟମୟ। ଜିଲାପାଳ ପୂର୍ବରୁ କେବଳ ଚାବି ଥିବା କହିଥିବା ବେଳେ ଟ୍ରେଜେରିରୁ ଆସିଥିବା ଚାବି ପ୍ୟାକେଟରେ ପୂର୍ବୋକ୍ତ ଦୁଇଟି ଚାବି ସହ ରତ୍ନଭଣ୍ଡାରରେ ଥିବା ରତ୍ନର ତାଲିକା ରହିଥିବା ମଧ୍ୟ ଅଧିକ ରହସ୍ୟମୟ। ଭଣ୍ଡାର ଘର ଚାବି ଯେତେବେଳେ ଭଙ୍ଗାଯାଏ ସେଇ ଘରେ ରହିଥିବା ଆସବାବପତ୍ର ବା ଭଣ୍ଡାର ସାମଗ୍ରୀକୁ ତତ୍କାଳ ଜଣେ ପ୍ରାଧିକୃତ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଲିକା କରିବାକୁ ନିର୍ଦ୍ଦିଷ୍ଟ ସରକାରୀ ନିୟମ ରହିଥିବା ବେଳେ ତାହା ଅନୁପାଳନ ନ ହେବା ସମ୍ପୂର୍ଣ୍ଣ ରହସ୍ୟମୟ। ସବୁଠାରୁ ଉଲ୍ଲେଖନୀୟ ଓ ତାତ୍ପର୍ଯ୍ୟପୂର୍ଣ୍ଣ ରହସ୍ୟ ହେଉଛି, ୧୯୭୮ ମସିହାରେ ତତ୍କାଳୀନ ରାଜ୍ୟପାଳଙ୍କ ନେତୃତ୍ୱରେ ରତ୍ନଭଣ୍ଡାର ଖୋଲାଯାଇଥିଲା। ସେହି କମିଟିରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲଥିଲେ। ରତ୍ନ ଭଣ୍ଡାରର ସାମଗ୍ରୀ ମଣତି ଗଣତି ପରେ ଯେଉଁ କାଠବାକ୍ସ ବା ଲୁହା ଆଲମିରାରେ ରଖାଯାଇଥିଲା ସେଥିରେ ନିଶ୍ଚିତ କୋଳପ ପଡ଼ିଥିବ। କିନ୍ତୁ ବର୍ତ୍ତମାନର ତଦାରଖ କମିଟି ଅନେକ ବାକ୍ସ ଓ ଆଲମିରାରେ ଚାବି ପଡ଼ି ନ ଥିବା ସହ ଗୋଟିଏ କାଠ ସିନ୍ଦୁକର ଚାବି ଭଙ୍ଗାଯାଇଥିବା କହିଛନ୍ତି। ତେଣୁ ରତ୍ନଭଣ୍ଡାରର ଏଭଳି ସ୍ଥିତିରେ ପୂର୍ବରୁ ରହିଥିବା ରତ୍ନର ସୁରକ୍ଷା ଓ ସ୍ଥିତି ସ୍ୱତଃ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏ ପର୍ଯ୍ୟନ୍ତ ସମସ୍ତେ ରତ୍ନ ଭଣ୍ଡାରର ବାହାର ଚାବି ସମ୍ପର୍କରେ ଆଲୋଚନା କରୁଥିବା ବେଳେ ଭିତର ଆଲମିରା ଓ ବାକ୍ସର ଚାବି କଥା ଆଲୋଚନାକୁ ଆସିନାହିଁ। ତାହା ମଧ୍ୟ ନିଶ୍ଚିତ ରହସ୍ୟମୟ। ରତ୍ନଭଣ୍ଡାର ଖୋଲାଯାଇ ରତ୍ନଗୁଡ଼ିକୁ ସ୍ଥାନାନ୍ତର କରାଯାଇଥିଲେ ବି ସେଇ ଖାତା ବା ତାଲିକା ସମ୍ପର୍କରେ କେହି ସୂଚନା ନ ଦେବା ସବୁଠାରୁ ରହସ୍ୟମୟ।

**ଗୁଣ୍ଡିଚା ବିହାର, ପୁରୀ**
**ମୋ:୭୯୭୮୭୮୫୪୭୮**

## ଏଇ ଭାରତରେ

ବିଗତ ୩୦ ବର୍ଷ ଧରି ବନ୍ୟଜନ୍ତୁ ବିଶେଷକରି ହାତୀଙ୍କ ସୁରକ୍ଷାରେ ଲାଗିଛନ୍ତି ବିବେକ ମେନନ୍। କେବଳ ଏତିକି ନୁହେଁ, ସେ ବନ୍ୟପ୍ରାଣୀ ଶିକାରକୁ ରୋକିବା ଲାଗି ଉଦ୍ୟମ କରିଆସିଛନ୍ତି ଓ ଏଥିରେ ଅନେକ ସଫଳତା ମଧ୍ୟ ପାଇଛନ୍ତି। ବିବେକ ହାତୀଙ୍କ ସୁରକ୍ଷା ସହ ସେମାନଙ୍କ ପାଇଁ ନୂଆ କରିଡର ସୃଷ୍ଟି କରୁଛନ୍ତି। ଏବେ ସୁଦ୍ଧା ସେ ଦେଶରେ ୧୦୧ଟି କରିଡରର ନକ୍ସା ତିଆରି କରି ହାତୀ ସୁରକ୍ଷାରେ ସହଯୋଗ କରୁଛନ୍ତି। ତାଙ୍କର ଏଭଳି କାର୍ଯ୍ୟ ଆରମ୍ଭ ହୋଇଥିଲା ଉତ୍ତରାଖଣ୍ଡର କୋରବେଟ୍ ନ୍ୟାଶନାଲ ପାର୍କରୁ। ପରେ ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ ଗଠନକରି ହାତୀ ସହ ଅନ୍ୟ ବନ୍ୟପ୍ରାଣୀଙ୍କ ସୁରକ୍ଷା କରୁଛନ୍ତି। ବିବେକଙ୍କ ଘର କେରଳରେ। ପିଲାବେଳୁ ହାତୀଙ୍କ ସହ ରହିବାରେ ସେ ଅଭ୍ୟସ୍ତ ଥିଲେ। ସ୍କୁଲରେ ପଢ଼ିବା ବେଳେ ସେ ମଧ୍ୟ ହିମାଳୟ ଅଞ୍ଚଳକୁ ଯାଇଛନ୍ତି। ଏଭଳି ଦୁଃସାହସିକ କାର୍ଯ୍ୟ ତାଙ୍କୁ ବନ୍ୟପ୍ରାଣୀଙ୍କ ସୁରକ୍ଷା ଲାଗି ପ୍ରେରିତ କରିଥିଲା। ଏବେ ତାଙ୍କ ବୟସ ୫୬। ସେ ଏବେସୁଦ୍ଧା କାର୍ଯ୍ୟ କରିବା ସହ ଜଙ୍ଗଲରୁ ଆହତ ପକ୍ଷୀ ଓ ପଶୁଙ୍କୁ ଉଦ୍ଧାର କରି ଏକ ଆଶ୍ରୟସ୍ଥଳୀରେ ରଖି ସେମାନଙ୍କ ଯତ୍ନ ନେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୪ ଅଗଷ୍ଟ ୧୯୭୫

- ଫରୱାର୍ଡ ବ୍ଲକର ମୁଖ୍ୟ ନେତା ବିଭୂତି ଘୋଷଙ୍କ ୬୬ ବର୍ଷ ବୟସରେ ପରଲୋକ।
- ଦଣ୍ଡବିଧି ଆଇନ ଏବଂ ବନ୍ଦୀମାନଙ୍କର ଚିହ୍ନଟ (କର୍ନାଟକ ଏକ୍ସଟେନ୍‌ସନ୍ ଏବଂ ସଂଶୋଧନ) ବିଲ୍ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭ କରିଛି।
- ଟାଇମର ଦ୍ୱୀପକୁ ତୁରନ୍ତ ସ୍ୱାଧୀନ ରାଷ୍ଟ୍ର ରୂପେ ଘୋଷଣା କରିବାକୁ ଟାଇମରର ଗଣତାନ୍ତ୍ରିକ ୟୁନିୟନ ପକ୍ଷରୁ ଦିଆଯାଇଥିବା ଚରମପତ୍ରକୁ ପର୍ତ୍ତୁଗାଲ ସରକାରଙ୍କ ଅଗ୍ରାହ୍ୟ।

## ଚିରନ୍ତନୀ

ମୁକୁରେ ନିଜ ବଦନ ଶୋଭା ଦେଖିଁ
ମୁଗ୍ଧ ଆଖି ନୟନ ପରେ ରଖିଁ
କଳୁଷହୀନ ସଜ ଅଧର
ମୁକୁରେ ନେଇ ଚାପଇଁ ମୋର
ଗଣ୍ଡ ମୋର ମୁକୁରେ ନେଇ ଯୋଖିଇଁ।
(ପ୍ରସାଧନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଗ୍ରାହକଙ୍କ ପକେଟକୁ ଆଳୁ ମାଡ଼

ମହାଶୟ,

ଆଳୁ ନଥିଲେ ଗୃହିଣୀଙ୍କୁ ଚିନ୍ତା ହୁଏ କ'ଣ ରାନ୍ଧିବେ। କିନ୍ତୁ ଆଳୁ ଦର ଯେତେବେଳେ ଆକାଶ ଛୁଏଁ ସେତେବେଳେ ସାଧାରଣ ଘରେ ଆଳୁ ଉପରେ କଟକଣା ଲାଗେ। ଆଜି ଆଳୁର ଦର ବୃଦ୍ଧି ସହିତ ଆଳୁ ମିଳିବା ସମ୍ଭବ ହେଉନି। ଛୋଟ ଛୋଟ ଦୋକାନୀମାନେ ଆଳୁ ଆଣିବାକୁ ଚାହୁଁନାହାନ୍ତି। ଆଳୁକୁ ଧରି ବିଭିନ୍ନ ରାଜନୈତିକ ଦଳ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଏବଂ ସରକାରଙ୍କୁ ଘେରିଛନ୍ତି। ଆଳୁ ଦର କେଉଁଠି କେଜି ପିଛା ୪୦ ତ କେଉଁଠି ୫୦ ଟଙ୍କାରେ ବିକ୍ରି ହେଉଛି। ନିକଟରେ ସରକାରଙ୍କ ତରଫରୁ କୁହାଯାଇଛି କି ଯଦି କେଜି ପିଛା ଆଳୁ ୪୦ ଟଙ୍କା ଉପରେ ବିକାଯାଏ ତାହେଲେ ଆଳୁ ବିକ୍ରେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ବର୍ତ୍ତମାନ ଖବର ଆସିଛି କି ଓଡ଼ିଶାର କିଛି ସ୍ଥାନରେ ୧୦୦ ଟଙ୍କାରେ ଗ୍ରାହକଙ୍କୁ ୩ କେଜି ଆଳୁ ମିଳିବ। ବର୍ତ୍ତମାନ ପ୍ରଶ୍ନ ଉଠିଛି ,ଓଡ଼ିଶା ସରକାର କେବେ ଆଳୁ ଦରକୁ ନିୟନ୍ତ୍ରଣ କରିବେ ଏବଂ ଗ୍ରାହକଙ୍କୁ କେବେ ସୁଲଭ ଦରରେ ଆଳୁ ମିଳିବ। ଆଳୁ ଦର ଆଗକୁ ଆହୁରି ବଢିପାରେ ବୋଲି ଗ୍ରାହକମାନେ ଆଶଙ୍କାରେ ଅଛନ୍ତି । ଗତ ତିନି ମାସ ଭିତରେ ଆଳୁର ଦାମ ଦୁଇ ଗୁଣ ହୋଇଯିବା ନିଶ୍ଚିତ ଭାବରେ ଚିନ୍ତାର ବିଷୟ। ଓଡ଼ିଶାରେ କିପରି ଅଧିକ ପରିବା, ଆଳୁ ଓ ପିଆଜ ଉତ୍ପାଦନ କରାଯିବ ଏବଂ ସେସବୁ କିପରି ନଷ୍ଟ ନ ହେବ ସେଥିପାଇଁ ସରକାର ପଦକ୍ଷେପ ନେବା ଜରୁରୀ।

-କାଳୀ ଦାସ, ବ୍ରହ୍ମପୁର, ଖୋଡ଼ାସିଙ୍ଗ, କଳିଙ୍ଗନଗର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସ୍କୁଲରେ ୧୭ ଛାତ୍ରୀ ଅସୁସ୍ଥ



ଆଳି, ୧୩।୮
(ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ସିଙ୍ଗିଠାରେ ଥିବା ଚକ୍ରଧର ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ପୂର୍ବାହ୍ନରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ବିଦ୍ୟାଳୟର ଦଶମ ଶ୍ରେଣୀରେ ପଢ଼ୁଥିବା ୧୭ ଜଣ ଛାତ୍ରୀ ହଠାତ୍ ବିଦ୍ୟାଳୟ ପରିସରରେ ଅଚେତ ହୋଇ ପଡ଼ିଥିଲେ; ଯାହାକୁ ନେଇ ଛାତ୍ରଛାତ୍ରୀ, ଅଭିଭାବକ ମହଲରେ ଭୟର ବାତାବରଣ ଖେଳିଯାଇଛି। ମିଳିଥିବା ସୂଚନା ପ୍ରକାରେ, ଚକ୍ରଧର ହାଇସ୍କୁଲରେ ମଙ୍ଗଳବାର ସକାଳେ ପ୍ରାର୍ଥନା ଚାଲିଥିବା ବେଳେ ହଠାତ୍ ଜଣେ ଦଶମ ଶ୍ରେଣୀ ଛାତ୍ରୀ ଅଚେତ ହୋଇ ତଳେ ପଡ଼ି ଯାଇଥିଲେ। ତାଙ୍କୁ ସଙ୍ଗେସଙ୍ଗେ ବିଦ୍ୟାଳୟର କମନ ରୁମ୍‌କୁ ନିଆଯାଇ ସେଠାରେ ତାଙ୍କୁ ଓଆର୍‌ଏସ୍ ଦିଆଯାଇଥିଲା। ସେହି ଛାତ୍ରୀ ଜଣକ ସୁସ୍ଥ ହେବା ପୂର୍ବରୁ ଜଣକ ପରେ ଜଣେ ୧୭ ଛାତ୍ରୀ ଅସୁସ୍ଥ ଅନୁଭବ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମସ୍ତ ଛାତ୍ରୀଙ୍କୁ କମନ ରୁମ୍‌ରେ ବସାଇବା ସହିତ ପିଲାଙ୍କ ଅଭିଭାବକ ଓ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଖବର ଦେଇଥିଲେ। ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ଡାକ୍ତରୀ ଟିମ୍ ବିଦ୍ୟାଳୟରେ ପହଞ୍ଚି ଅସୁସ୍ଥ ଛାତ୍ରୀମାନଙ୍କ ଚିକିତ୍ସା ଆରମ୍ଭ କରିଥିଲେ। ବିଦ୍ୟାଳୟରେ ଡାକ୍ତର ପହଞ୍ଚି ଗୁରୁତର ଅସୁସ୍ଥ ଥିବା ୫ ଛାତ୍ରୀ ଆଦ୍ୟାଶା ନନ୍ଦ, ଶୁଭଲକ୍ଷ୍ମୀ ବେହେରା, ପାୟଲ ଦାସ, ଅନସୂୟା ମଲିକ, ସାଗରିକା ମଲିକଙ୍କ ପ୍ରାଥମିକ ଚିକିତ୍ସା କରି ଅଧିକ ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଅନ୍ୟ ଅସୁସ୍ଥ ଛାତ୍ରୀମାନେ ସୁସ୍ଥ ଥିବା ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର ସୂଚନା ଦେଇଛନ୍ତି। ସେମାନଙ୍କୁ ଅଭିଭାବକମାନେ ଘରକୁ ନେଇ ଯାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥିବା ଛାତ୍ରୀମାନଙ୍କ ମଧ୍ୟରୁ ସମସ୍ତେ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ଜଣେ ଛାତ୍ରୀ ଛାତିରେ ଯନ୍ତ୍ରଣା ସହିତ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଥିବାରୁ ସେ ଚିକିତ୍ସାଧୀନ ରହିଛନ୍ତି। ଏ ନେଇ ଚିକିତ୍ସା କରୁଥିବା ଡାକ୍ତର ରଜତକୁମାର ପାତ୍ରଙ୍କୁ ପଚାରିବାରେ ପିଲାମାନଙ୍କ ମଧ୍ୟରୁ ଜଣେ ଛାତ୍ରୀଙ୍କ ଗାଷ୍ଟ୍ରିକ ହୋଇଥିଲା। ତେଣୁ ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ବେହୋସ୍ ହୋଇ ପଡ଼ିଯାଇଥିଲେ। ତାଙ୍କୁ ଦେଖି ଅନ୍ୟ ଛାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ସମସ୍ତେ ସୁସ୍ଥ ଅଛନ୍ତି। ତେଣୁ ଅସୁବିଧା କିଛି ନାହିଁ। ପିଲାଙ୍କୁ ଇଞ୍ଜେକସନ ଓ ଔଷଧ ଦିଆଯାଇଛି ସେମାନେ ଖୁବ୍‌ଶୀଘ୍ର ସୁସ୍ଥ ହୋଇଯିବେ ବୋଲି ସେ କହିଛନ୍ତି।

# ପାଠପଢ଼ାବେଳେ ବଜ୍ରପାତ, ୨୦ ଛାତ୍ରୀଛାତ୍ର ଅସୁସ୍ଥ

ଭଞ୍ଜନଗର, ୧୩।୮
(ବାବୁଲା ପ୍ରଧାନ)



ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ଡାକ୍ତର ଚିକିତ୍ସା କରୁଛନ୍ତି।

ବିଦ୍ୟାଳୟରେ ପାଠ ପଢ଼ା ଚାଲିଥିବା ବେଳେ ବଜ୍ରପାତ ହେବାରୁ ୨୦ ଛାତ୍ରୀଛାତ୍ର ଅସୁସ୍ଥ ହୋଇଛନ୍ତି। ଏପରି ଘଟଣା ଘଟିଛି ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଗାଲେରି ଉଚ୍ଚ ବିଦ୍ୟାଳୟରେ। ମଙ୍ଗଳବାର ଅପରାହ୍ନରେ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ଗାଲେରି ହାଇସ୍କୁଲର ଷଷ୍ଠ ଓ ସପ୍ତମ ଶ୍ରେଣୀର ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ବଜ୍ରପାତ ହୋଇଥିଲା। ଫଳରେ ସେମାନଙ୍କ ମଧ୍ୟରୁ କେତେକ ଅସୁସ୍ଥ ଅନୁଭବ କରିଥିଲା ବେଳେ ଅନ୍ୟ କେତେଜଣ ଅଚେତ ହୋଇପଡ଼ିଥିଲେ। ସମସ୍ତଙ୍କୁ ଗାଲେରି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଜଣେ ଛାତ୍ରୀଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ପ୍ରାଥମିକ ଚିକିତ୍ସା ପରେ ଅନ୍ୟ ଛାତ୍ରୀଛାତ୍ର ସୁସ୍ଥ ହୋଇ ଘରକୁ ଫେରିଯାଇଛନ୍ତି। ଅସୁସ୍ଥ ହୋଇଥିବା ଛାତ୍ରୀଛାତ୍ରମାନେ ହେଲେ ସୋନାଲି ଗୌଡ, ଶ୍ରୀନିବାସ ଗୌଡ, ଖୁସି ଦଳବେହେରା, ଇପ୍ସିତା ଗୌଡ, ରାଣୀ ନାୟକ, ଅର୍ପିତା ଗୌଡ, ଅସ୍ମିତ ନାୟକ, ଚିତ୍ର ନାୟକ, ଖରଣା ନାୟକ, ସନ୍ଧ୍ୟା ବିଶ୍ୱାଳ, ବର୍ଷାରାଣୀ ମଲ୍ଲିକ, ବର୍ଷାରାଣୀ ପଲେଇ, ପ୍ରତୀକ ସେଠି, କଳ୍ପନା ଗୌଡ, ସୌମ୍ୟ ରଞ୍ଜନ ବେହେରା, ସାଇ ଅମନ ନାୟକ, ଶ୍ରଦ୍ଧାଞ୍ଜଳି ଗୌଡ଼, ରୁଦ୍ର ନାୟକ, ରାଣୀ ଡାକୁଆ, ରୋଜି ନାୟକ, ଶର୍ମିଷ୍ଠା ସାହୁ, ଆନ୍ତୁସ୍ମିତା ଗୌଡ, ଯାଜ୍ଞସିନୀ ବିଷୋୟୀ, ସୁଜାତା ନାୟକ ପ୍ରମୁଖ। ଖବରପାଇ ଭଞ୍ଜନଗର ଉପଜିଲାପାଳ ଅନିଲ କୁମାର ସେଠୀ, ତହସିଲଦାର ଉମାଶଙ୍କର ବେହେରା, ଗ୍ରାମୀଣ ପୋଲିସ ପ୍ରମୁଖ ପହଞ୍ଚି ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଛାତ୍ରୀଛାତ୍ରମାନେ ଯେଉଁ ଶ୍ରେଣୀଗୃହରେ ବସିଥିଲେ ତାହା ଏକ ଟିଣ ଘର। ତେଣୁ ଏଭଳି ଘଟଣା ଘଟିଲା ବୋଲି ଅଭିଭାବକମାନେ ପ୍ରକାଶ କରିଛନ୍ତି। ଏନେଇ ଉପଜିଲାପାଳ ସେଠୀ କହିଛନ୍ତି, ଜଣେ ଛାତ୍ରୀଙ୍କୁ ଛାଡ଼ି ଦେଲେ ଅନ୍ୟମାନେ ସମସ୍ତେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ତଥାପି ପରିସ୍ଥିତି ଉପରେ ନଜର ରଖାଯାଇଛି।

# ପଞ୍ଚାୟତସ୍ତରରେ ସହଜ ହେବ ବିଦ୍ୟୁତ୍ ଦେୟ ପଇଠ

ଭୁବନେଶ୍ୱର, ୧୩।୮ (ଅନିଲ ଦାସ)

## ମୋବାଇଲ୍ ଆପ୍ଲିକେଶନ (ଜିସିଏମ୍‌ଏସ୍) ଲୋକାର୍ପିତ

ରାଜ୍ୟର ସମସ୍ତ ଗ୍ରାମପଞ୍ଚାୟତର ବିଦ୍ୟୁତ୍ ଶୁଳ୍କ ବାବଦରେ ବାର୍ଷିକ ହାରାହାରି ୨୪୦ରୁ ୨୫୦ କୋଟି ଟଙ୍କା ଖର୍ଚ୍ଚ କରାଯାଉଅଛି। ତେବେ ପଞ୍ଚାୟତ ଦ୍ୱାରା ନିୟମିତ ବିଦ୍ୟୁତ୍ ଶୁଳ୍କ ପୈଠ ଏବଂ ତାହାର ତଦାରଖ କରିବା ପାଇଁ କୌଣସି ସରଳ ଓ ସୁଗମ ବ୍ୟବସ୍ଥା ନ ଥିବାରୁ ବହୁଦିନ ଧରି ବିଦ୍ୟୁତ୍ ବିଲ୍ ବକେୟା ପଡ଼ି ରହୁଛି। ଗ୍ରାମାଞ୍ଚଳ ଲୋକଙ୍କୁ ଉତ୍ତମ ଓ ବିଶ୍ୱସନୀୟ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ସଙ୍କଳ୍ପ ନେଇଥିବା ଓଡ଼ିଶା ସରକାର ଏହି ସମସ୍ୟାର ସମାଧାନ ପାଇଁ ଭାରତ ସରକାରଙ୍କ ପଞ୍ଚାୟତି ରାଜ ବିଭାଗ, ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ରାଷ୍ଟ୍ରୀୟ ପ୍ରଯୁକ୍ତିବିଦ୍ୟା କେନ୍ଦ୍ର(ଏନ୍.ଆଇ.ସି.)ର ସହଯୋଗରେ ଟାଟା ପାୱାର ଓଡ଼ିଶା ଡିସ୍‌କମ୍ ପକ୍ଷରୁ ଜି.ସି.ଏମ୍.ଏସ୍. (ଗଭର୍ନମେଣ୍ଟ କଞ୍ଜୁମର ମ୍ୟାନେଜ୍‌ମେଣ୍ଟ ସିଷ୍ଟମ) ନାମରେ ଏକ ୱେବ୍ ପୋର୍ଟାଲ୍ ଓ ମୋବାଇଲ୍ ଆପ୍ଲିକେଶନ୍ ତିଆରି କରାଯାଇଛି। ଏହାକୁ କେନ୍ଦ୍ର ସରକାରଙ୍କ ପଞ୍ଚଦଶ ଅର୍ଥ କମିଶନ୍ ଓ ରାଜ୍ୟ ପଞ୍ଚମ ଅର୍ଥ କମିଶନ୍ ଅନୁଦାନର ସୁପରିଚାଳନା ନିମନ୍ତେ ନିର୍ମିତ ଇ-ଗ୍ରାମ ସ୍ୱରାଜ ଅନ୍‌ଲାଇନ୍ ପ୍ଲାଟଫର୍ମର ସହ ସଂଯୋଗୀକରଣ କରାଯାଇଛି। ମଙ୍ଗଳବାର ଲୋକସେବା ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉକ୍ତ ପୋର୍ଟାଲକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ମୋବାଇଲ୍ ଆପ୍ଲିକେଶନ୍ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ମଙ୍ଗଳବାର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ଏଭଳି ଉଦ୍ୟମ ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳବିଭାଗ, ଏନ୍‌ଆଇସି ଓ ଟାଟା ପାୱାରକୁ ସାଧୁବାଦ ଜଣାଇଛନ୍ତି। ପଞ୍ଚାୟତ ସ୍ତରରୁ ଯେଭଳି ଏହା ଉପଯୁକ୍ତ ଭାବରେ କାର୍ଯ୍ୟକାରୀ ହେବ ସେଥିପାଇଁ ଧ୍ୟାନଦେବାକୁ ବିଭାଗୀୟ ମନ୍ତ୍ରୀ ରବିନାରାୟଣ ନାୟକ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ପାନୀୟ ଜଳ ଯୋଗାଣ ଓ ପଥପାର୍ଶ୍ୱ ଆଲୋକୀକରଣର ନିରବଚ୍ଛିନ୍ନ ସୁବିଧା ଯୋଗାଇ ଦେବାକୁ ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି। ତୃଣମୂଳ ସ୍ତରରେ କେନ୍ଦ୍ରୀୟ ପଞ୍ଚଦଶ ଅର୍ଥ କମିଶନ ଓ ରାଜ୍ୟ ପଞ୍ଚମ ଅର୍ଥ କମିଶନଙ୍କ ପକ୍ଷରୁ ଦିଆଯାଉଥିବା ଅନୁଦାନରୁ ପଞ୍ଚାୟତଗୁଡ଼ିକ ଦ୍ୱାରା ପାନୀୟ ଜଳ, ପଥପାର୍ଶ୍ୱ ଆଲୋକୀକରଣ ଓ ପଞ୍ଚାୟତ ଅଫିସ୍‌ରେ ଉପଯୋଗ ହେଉଥିବା ବିଦ୍ୟୁତ୍ ଶୁଳ୍କ ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ବିଜୁଳି ଦେୟ ପୈଠକୁ ସରଳ ଓ ସୁଗମ କରିବା ସହ ସ୍ୱଚ୍ଛତା ଓ ଦାୟିତ୍ୱବୋଧତା ବଜାୟ ରଖିବା ଏହାର ମୁଖ୍ୟ ଲକ୍ଷ୍ୟ। ଏହି ଆପ୍ଲିକେଶନ୍ ମାଧ୍ୟମରେ ଟାଟା ପାୱାର ଓଡ଼ିଶା ଡିସ୍‌କମ୍, ଗ୍ରାମପଞ୍ଚାୟତ ଓ ରାଜ୍ୟ ସରକାର ଗୋଟିଏ ପ୍ଲାଟଫର୍ମକୁ ଆସିପାରିବେ। ଏହାଦ୍ୱାରା ଗ୍ରାମପଞ୍ଚାୟତର ବିଦ୍ୟୁତ୍ ଶୁଳ୍କ ଦେୟ ସମ୍ବନ୍ଧୀୟ ଅଭିଯୋଗ ପଞ୍ଜୀକରଣ ଓ ତାହାର ସରଳ ସମାଧାନ ହୋଇପାରିବ। ଜି.ସି.ଏମ୍.ଏସ୍. ଏବଂ ଇ-ଗ୍ରାମ ସ୍ୱରାଜର ସଂଯୋଗୀକରଣ ଫଳରେ ପଞ୍ଚାୟତରେ ପି.ଇ.ଓ.ମାନେ ସହଜରେ ବିଦ୍ୟୁତ୍ ବିଲ୍ ପାଇପାରିବେ ଏବଂ ଏହାକୁ ଅନୁମୋଦନ କରି ଗୋଟିଏ ଦିନ ମଧ୍ୟରେ ବିଲ୍ ପୈଠ ପାଇଁ ମଧ୍ୟ ପଦକ୍ଷେପ ନେଇପାରିବେ। ଉପରୋକ୍ତ କମ୍ପ୍ୟୁଟର ଆପ୍ଲିକେଶନର ବ୍ୟବହାର କରିବା ପାଇଁ ଓ.ଟି.ପି.ବ୍ୟବସ୍ଥା ଥିବାରୁ ଏହା ସମ୍ପୂର୍ଣ୍ଣ ସୁରକ୍ଷିତ। ଏଭଳି ପ୍ଲାଟଫର୍ମ ବ୍ୟବହାର କରିବାରେ ଓଡ଼ିଶା ହେଉଛି ଦେଶରେ ପ୍ରଥମ ରାଜ୍ୟ। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସଚିବ ସୁଶୀଲ କୁମାର ଲୋହାନୀ ସ୍ୱାଗତ ଭାଷଣ ଦେବା ସହ ଜିସିଏମ୍‌ଏସ୍‌ର କାର୍ଯ୍ୟକାରିତା ବିଷୟରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶକ୍ତି ବିଭାଗ ସଚିବ ଶାଶ୍ୱତ ମିଶ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳବିଭାଗର ବରିଷ୍ଠ ଅଧିକାରୀ, ଏନ୍‌ଆଇସି ଭୁବନେଶ୍ୱରର ଏସ୍‌ଆଇଓ ଅଶୋକ କୁମାର ହୋତା ଏବଂ ଟାଟା ପାୱାର ଟ୍ରାନ୍ସମିଶନ୍ ଓ ଡିଷ୍ଟ୍ରିବ୍ୟୁଶନ୍‌ର ସଭାପତି ସଞ୍ଜୟ ବାଙ୍ଗାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।

# ନ୍ୟାଶନାଲ ଷ୍ଟେମ୍ ଚ୍ୟାଲେଞ୍ଜ କାର୍ଯ୍ୟକ୍ରମରେ ଓଏଭି ଛାତ୍ରୀଛାତ୍ରଙ୍କ କୃତିତ୍ୱ

ଭୁବନେଶ୍ୱର, ୧୩।୮ (ଅନୁରାଧା ମହାରଣା)

ସାମାଜିକ ଔଦ୍ୟୋଗିକ ସଂସ୍ଥା ଷ୍ଟେମ୍ ଲର୍ନିଂ ଏବଂ ବ୍ରିଲିଓ ପକ୍ଷରୁ ଆୟୋଜିତ ନ୍ୟାଶନାଲ ଷ୍ଟେମ୍ ଚ୍ୟାଲେଞ୍ଜ କାର୍ଯ୍ୟକ୍ରମରେ ଚମାଖଣ୍ଡି ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ଏବଂ ଭୁବନେଶ୍ୱରସ୍ଥିତ ୟୁନିଟ୍-୮ ସରକାରୀ ଉଚ୍ଚ ବିଦ୍ୟାଳୟ ବାଜିମାତ୍ କରିଛନ୍ତି। ୟୁନିଟ୍-୮ ବାଳକ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କ୍ଲଷ୍ଟର ରାଉଣ୍ଡରେ ଉନ୍ନୀତ ହୋଇଥିବା ଛାତ୍ରୀଛାତ୍ର ଜୋନାଲ ରାଉଣ୍ଡରେ ଅଂଶଗ୍ରହଣ କରିପାରିବେ। ଜୋନାଲ ରାଉଣ୍ଡରେ ଉନ୍ନୀତ ହେଲେ ବେଙ୍ଗାଲୁରୁରେ ଅନୁଷ୍ଠିତ ହେବାକୁ ଥିବା ଫାଇନାଲରେ ଭାଗନେବେ।




ଏହି ପ୍ରତିଯୋଗିତାରେ ଷ୍ଟେମ ଅର୍ଥାତ୍ ସାଇନ୍ସ, ଟେକ୍ନୋଲୋଜି, ଇଞ୍ଜିନିୟରିଂ ଏବଂ ମ୍ୟାଥ୍‌ମାଟିକ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ତେବେ ସାଇନ୍ସ ଆଣ୍ଡ ମ୍ୟାଥସ୍ ମଡେଲ ମେକିଂ ପ୍ରତିଯୋଗିତାରେ ୟୁନିଟ୍-୮ ସରକାରୀ ଉଚ୍ଚ ବିଦ୍ୟାଳୟର ଅଙ୍କିତା ଏବଂ ପ୍ରବାସିନୀ କୃତିତ୍ୱ ହାସଲ କରିଥିବାବେଳେ ଡେକ୍ ଆଣ୍ଡ୍ ଇଞ୍ଜିନିୟରିଂ ଟିଙ୍କରିଂ ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ମଳୟ ଏବଂ ଅର୍ପିତା ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି।

ଏନେଇ ଷ୍ଟେମ୍ ଲର୍ନିଂର ପ୍ରତିଷ୍ଠାତା ଆଶୁତୋଷ ପଣ୍ଡିତ କହିଛନ୍ତି, ନ୍ୟାଶନାଲ ଷ୍ଟେମ୍ ଚ୍ୟାଲେଞ୍ଜ କାର୍ଯ୍ୟକ୍ରମର ଚତୁର୍ଥ ସଂସ୍କରଣକୁ ନେଇ ସେ ବେଶ୍ ଉତ୍ସାହିତ ଅଛନ୍ତି। ଗ୍ରାମୀଣ ଶିକ୍ଷାକ୍ଷେତ୍ରକୁ ପ୍ରୋତ୍ସାହିତ କରିବା ସହ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଏପରି କାର୍ଯ୍ୟକ୍ରମର ଆୟୋଜନ କରାଯାଉଥିବା ସେ କହିଛନ୍ତି। ସମଗ୍ର ଦେଶରେ ୩,୮୦୦ ବିଦ୍ୟାଳୟ ଷ୍ଟେମ୍ ଲର୍ନିଂ ସହ ଯୋଡ଼ି ହୋଇଥିବାବେଳେ ଲକ୍ଷାଧିକ ଛାତ୍ରୀଛାତ୍ରଙ୍କ ଶିକ୍ଷାର ବିକାଶ ଦିଗରେ କାର୍ଯ୍ୟ କରୁଥିବା ସେ ସୂଚନା ଦେଇଛନ୍ତି।


**Tender Notice**

**BAIF Institute for Sustainable Livelihoods and Development**

Invites sealed quotations from reputed vendors for Supply, installation, commissioning & testing of solar based drinking water pumping systems at Kaniha block of Angul district, Odisha. Refer www.baif.org.in & www.baifodisha.org for details.

Plot no.: 1565/2682, At Bhatra
PO. Dhanupali, Sambalpur, Odisha-768005
Telephone: +91-7894418530

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ସଂ.ELOP-T-04-2024

**କାର୍ଯ୍ୟର ନାମ:** 02(ଦୁଇ) ବର୍ଷ ସମୟାବଧି ନିମନ୍ତେ ବାହାର ଏଜେନ୍ସି ଜରିଆରେ ସବ୍‌ସିଡି ପ୍ରାପ୍ତ (SUBSIDIZED) ଭୋଜନ ବ୍ୟବସ୍ଥା ସହିତ ପଲାସା (PSA) ଠାରେ କ୍ରିଭ ଲବି ଏବଂ ରନିଙ୍ଗ୍ ରୁମ୍ (ଉଭୟ କନିଷ୍ଠ ଏବଂ ବରିଷ୍ଠ ରନିଙ୍ଗ୍ ରୁମ୍)ର ରକ୍ଷଣାବେକ୍ଷଣ।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 5,46,91,059.27, EMD (ଟଙ୍କାରେ): 4,23,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-।

(2)ଟେଣ୍ଡର ସଂ.ELOP-T-05-2024

**କାର୍ଯ୍ୟର ନାମ:** 02(ଦୁଇ) ବର୍ଷ ସମୟାବଧି ନିମନ୍ତେ ବାହାର ଏଜେନ୍ସି ଜରିଆରେ ସବ୍‌ସିଡି ପ୍ରାପ୍ତ (SUBSIDIZED) ଭୋଜନ ବ୍ୟବସ୍ଥା ସହିତ ରାଜଆଠଗଡ଼ ଠାରେ କ୍ରିଭ ଲବି ଏବଂ ରନିଙ୍ଗ୍ ରୁମ୍‌ର ରକ୍ଷଣାବେକ୍ଷଣ।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 1,76,71,059.60, EMD (ଟଙ୍କାରେ): 2,38,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,900/-।

ଶେଷ ହେବା ଅବଧି: 730 ଦିନ (ଉଭୟ ଟେଣ୍ଡର ନିମନ୍ତେ)।

ବିଡ୍ ଆରମ୍ଭ ହେବା ତାରିଖ: ତା.14.08.2024ରିଖ (ଉଭୟ ଟେଣ୍ଡର ନିମନ୍ତେ), **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.28.08.2024 ରିଖ 1600 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(OP),
PR-423/P/24-25 ଖୋର୍ଦ୍ଧା ରୋଡ

**ODISHA HYDRO POWER CORPORATION LTD**
CIN: L40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
No.CAD-833 Email-hpschiplima@yahoo.in, Fax No. (0663) 2460505

No.-CHEP/TW-06 (Vol.-VI)/3503 Date: 12.08.2024

**TENDER CALL NOTICE NO.-CHEP-24/2024-25**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Authorized Dealers / Authorized Distributors / General Order Suppliers meeting eligibility criteria only for procurement of the following materials;

| Description | Cost of Tender Paper (Non-Refundable) | EMD (Refundable) |
|---|---|---|
| Supply of Electrical Consumables for P&C Division of CHEP, Chiplima | Rs.2,360/- (Rs.2,000/- + GST @18%) | Rs.4,050/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.16.08.2024 up to 12:30 PM of dtd.30.08.2024.
OIPR-04006/11/0024/2425 Sd/- C & P Head, CHEP, Chiplima

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO Bhawan, Kutchary Road,
Ranchi-834001, Jharkhand. Ph No.: +91-651-2225878,
CIN: U45200JH2013SGC001752,
e-mail Id-juidcolimited@gmail.com

**NIT No: JUIDCO/Redevelopment/TH Madhupur/628**
**e-procurement (Tender Notice)**

| | | |
|---|---|---|
| 1. | Name of the work | Redevelopment of Existing Townhall Building, Madhupur, Jharkhand. |
| 2. | Mode of Bid Submission | e-tendering (http://jharkhandtenders.gov.in) |
| 3. | Estimated Cost (Rs.) | Rs 9,22,12,866/- |
| 4. | Time of Completion | 11 Months (Including Monsoon & Mobilization Period) |
| 5. | Tender Fee and Bid Security to be submitted online | Tender document fee: Rs. 25,000/-(Rupees Twenty- Five Thousand) only Non-Refundable. Bid Security: Rs. 9,22,500/-(Rupees Nine Lakh Twenty-Two Thousand Five Hundred) only. |
| 6. | Date / Time of Publication of Tender on Website | 16.08.2024 17:00 Hrs |
| 7. | Last Date/Timeof Bid Submission | 30.08.2024 17:00 Hrs |
| 8. | Date of Bid Opening | 31.08.2024 17:30 Hrs |
| 9. | Bid Submission Address | Jharkhand Urban Infrastructure Development Company Limited, JUIDCO Bhawan, Kutchery Road Ranchi – 834001 |
| 10. | Helpline No. of e-Procurement Cell | +91 651 2225878 |

Further details can be seen on website http://jharkhandtenders.gov.in

Sd/-
Project Director (Technical)
JUIDCO Limited, Ranchi
PR.NO.332623 Urban Development and Housing(24-25):D

See Career Appointment on every Wednesday & Saturday

**TP SOUTHERN ODISHA DISTRIBUTION LIMITED** TPSODL
(Procurement Department)
BPR North Star Building,
2nd Floor, Khodasingi, Berhampur, Odisha-760010

**NOTICE INVITING TENDER** Dt.: 14.08.2024

TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for implementation of Security Surveillance System of PSS with CCTV cameras. | TPSODL/OT/2024-25/030 | 2,00,000 | 5,000 | 23.08.2024; 18:00 Hrs. |
| 2 | 6 months Rate Contract for Supply of 11 KV HT Cable at TPSODL & TPNODL | TPCODL/CCG/24-25/1000000981 | 2,00,000 | 5,000 | 23.08.2024; 18:00 Hrs. |
| 3 | Rate Contract for AMC of Optical Fiber cable PAN TPSODL for One Year. | TPSODL/OT/24-25/032 | 50,000 | 5,000 | 27.08.2024; 18:00 Hrs. |
| 4 | Rate Contract for Engineering, Supply, Erection & Commissioning of River Crossing Infrastructure on Tel River at TPSODL. | TPSODL/OT/24-25/033 | 6,00,000 | 5,000 | 27.08.2024; 18:00 Hrs. |

For detailed tender, please visit Tender Section on TPSODL website https://www.tpsouthernodisha.com

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमंडल,जमशेदपुर**

**शुद्धि पत्र**

एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, जमशेदपुर के ई- निविदा संख्या – **06/2024-25/STPKG/RWD/EE/JSR** दिनांक **02.08.2024** का PR 331693 (REO) 24-25 (D) द्वारा प्रकाशित निविदा में पैकेज संख्या – **RWD/EE/JSR/STPKG/03/2024-25** के स्थान पर **RWD/EE/JSR/STPKG/04/2024-25** पढ़ा जाय।

निविदा की अन्य विवरणी यथावत रहेंगी।

कार्यपालक अभियंता
ग्रामीण कार्य विभाग, कार्य प्रमण्डल,
PR 332625 REO(24-25).D जमशेदपुर

**GOVERNMENT OF ODISHA**
**DEPARTMENT OF WATER RESOURCES**
No.A-222 **OFFICE OF THE SUPERINTENDING ENGINEER**
Rengali Left Bank Canal Division, At/P.O. - Kamakhyanagar, Dist : Dhenkanal, Odisha, PIN - 759018, Ph. : 06769-270771, Email ID - eerlbcdivision@gmail.com

**e-PROCUREMENT NOTICE No. RLBCD-P1-06/2024-25**

| | | |
|---|---|---|
| 1 | Category of Work | "Civil Construction Works |
| 2 | Total No. of Works | 02 (Two) Nos. |
| 3 | Estimated Cost | Varies from Rs. 14.90 Lakhs to Rs. 14.02 Lakhs |
| 4 | Period of Completion | 30 Days |
| 5 | Class of Contractor | "D" & "C" or equivalent grade/class |
| 6 | Cost of Bid Document / Mode of Payment | Rs. 6,000/- (Non-Refundable) / Online through Electronic Payment Mode (Internet Banking/NEFT/ RTGS of Designated Banks and their Aggregator Banks) |
| 7 | EMD / Bid security Amount / Mode of Payment | Varies from Rs. 14,900/- to Rs. 14,020/- / Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 8 | Other details : | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar |
| | (ii) Availability of Bid Documents for Online Bidding | 16.08.2024 from 10.00 hours to 27.08.2024 up to 17.00 hours |
| | (iii) Date, time & venue of Bid opening (online) | On 28.08.2024 at 11.00 hours in the O/o the Superintending Engineer, Rengali Left Bank Canal Division, Kamakhyanagar (Through online) |
| | (iv) Date, time & venue of transparent lottery for finalization of bids, if required | On 04.09.2024 at 11.00 hours in the O/o the Superintending Engineer, Rengali Left bank Canal Division, Kamakhyanagar |

*Further details can be seen from the Government of Odisha website https://tendersodisha.gov.in

Sd./- Superintending Engineer
R.L.B. Canal Division
OIPR-32298/11/0008/2425 Kamakhyanagar

**ଖଡ଼ଗପୁର ଡିଭିଜନରେ ଷ୍ଟେଶନ ଟିକେଟ୍ ବୁକିଂ ଏଜେଣ୍ଟ (ଏସ୍‌ଟିବିଏ) ଏବଂ ହଲ୍ଟ କଣ୍ଟ୍ରାକ୍ଟରଙ୍କ ନିଯୁକ୍ତି**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ନିମ୍ନଲିଖିତ ଅନୁସୂଚୀ ଅନୁଯାୟୀ ଯାତ୍ରୀମାନଙ୍କୁ ଟିକେଟ୍ ବିକ୍ରି କରିବା ଲାଗି ବେଣାପୁର (ଅବସ୍ଥାନ କୋଡ୍- ବିପିଇ-୧) ଷ୍ଟେଶନଠାରେ ଷ୍ଟେଶନ ଟିକେଟ୍ ବୁକିଂ ଏଜେଣ୍ଟ (ଏସ୍‌ଟିବିଏ) ଏବଂ ୦୨ (ଦୁଇ) ପାସେଞ୍ଜର ହଲ୍ଟ ଅର୍ଥାତ୍ (i) ମାଜୁ-ହରିଶଦାଦପୁର ଷ୍ଟେଶନ ମଧ୍ୟରେ ଜାଲାଲସି ପିଏଚ୍ ଏବଂ (ii) ସାନ୍ତ୍ରାଗାଛି-ବରଗାଛିଆ-ଆମ୍ତା ସେକ୍ସନରେ ଜାଲାଲସି-ଆମ୍ତା ଷ୍ଟେଶନ ମଧ୍ୟରେ ହରିଶଦାଦପୁର ପିଏଚ୍‌ଠାରେ ହଲ୍ଟ ଠିକା ନିମନ୍ତେ ଦିଆଯିବା ଦରଖାସ୍ତ ଆହ୍ୱାନ କରୁଛନ୍ତି:

**ଅଧିସୂଚନା ନଂ.: ସିଓଏମ୍/ଜିଏ୩୦/ଏସ୍‌ଟିବିଏ/ସିଓଆର୍‌ଆର୍‌ଇଏସ୍/ପିଟି.ଆଇ ତାରିଖ: ୧୨।୦୮।୨୦୨୪**

**ଅବସ୍ଥାନ କୋଡ୍ ସହିତ ଷ୍ଟେଶନ:** ବେଣାପୁର (ଅବସ୍ଥାନ କୋଡ୍: ବିପିଇ-୧)। **ଷ୍ଟେଶନର ବର୍ଗ:** ଏନ୍‌ଏସ୍‌ଜି-୬। **ଠିକା ଅବଧି:** ୦୩ (ତିନି) ବର୍ଷ। **ଦରଖାସ୍ତ/ଟେଣ୍ଡର ପକାଇବାର ତାରିଖ:** ତା୦୩।୦୯।୨୦୨୪ରିଖ ୧୦.୦୦ ଘଟିକାରୁ ୧୫.୦୦ ଘଟିକା। **ଦରଖାସ୍ତ/ଟେଣ୍ଡର ବାକ୍ସ ଖୋଲିବା ତାରିଖ:** ତା୦୩।୦୯।୨୦୨୪ରିଖ ୧୫.୩୦ ଘଟିକାରେ। **ସ୍ଥାନ:** ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜରଙ୍କ କାର୍ଯ୍ୟାଳୟ/ଖଡ଼ଗପୁର।

**ଅଧିସୂଚନା ନଂ.: ସିଓଏମ୍/ଜିଏ୩୦/ପିଏଚ୍/ସିଓଆର୍‌ଆର୍‌ଇଏସ୍/ପିଟି.ଆଇ ତାରିଖ: ୧୨।୦୮।୨୦୨୪**

**କ୍ର.ସଂ.-୧: ରେଳବାଇ ପାସେଞ୍ଜର ହଲ୍ଟ ଷ୍ଟେଶନର ନାମ:** ଜାଲାଲସି (ଜେଏଲ୍‌ଆଇ)। **ଏହି ଷ୍ଟେଶନ ମଧ୍ୟସ୍ଥ ଷ୍ଟେଶନ:** ମାଜୁ-ହରିଶଦାଦପୁର। **କ୍ର.ସଂ.-୨: ରେଳବାଇ ପାସେଞ୍ଜର ହଲ୍ଟ ଷ୍ଟେଶନର ନାମ:** ହରିଶଦାଦପୁର (ଏଚ୍‌ଡିସି)। **ଏହି ଷ୍ଟେଶନ ମଧ୍ୟସ୍ଥ ଷ୍ଟେଶନ:** ଜାଲାଲସି-ଆମ୍ତା। **ଠିକା ଅବଧି:** ୦୫ (ପାଞ୍ଚ) ବର୍ଷ (ପ୍ରତ୍ୟେକ କ୍ର.ସଂ. ୧ ଓ ୨ ପାଇଁ)। **ଦରଖାସ୍ତ/ଟେଣ୍ଡର ପକାଇବାର ତାରିଖ:** ତା୦୪।୦୯।୨୦୨୪ରିଖ ୧୦.୦୦ ଘଟିକାରୁ ୧୫.୦୦ ଘଟିକା (ପ୍ରତ୍ୟେକ କ୍ର.ସଂ. ୧ ଓ ୨ ପାଇଁ)। **ଦରଖାସ୍ତ/ଟେଣ୍ଡର ବାକ୍ସ ଖୋଲିବା ତାରିଖ:** ତା୦୪।୦୯।୨୦୨୪ରିଖ ୧୫.୩୦ ଘଟିକାରେ। **ସ୍ଥାନ:** ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜରଙ୍କ କାର୍ଯ୍ୟାଳୟ, ଖଡ଼ଗପୁର। ଯୋଗ୍ୟତା ମାନଦଣ୍ଡ, ସ୍ଥାନ, ଦରଖାସ୍ତ ଫର୍ମାଟ୍ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ **www.ser.indianrailways.gov.in**ରେ ଉପଲବ୍ଧ। ଏହି ଟେଣ୍ଡର ସମ୍ବନ୍ଧୀୟ ଯେକୌଣସି ପ୍ରଶ୍ନକୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜରଙ୍କ କାର୍ଯ୍ୟାଳୟ, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁରରୁ ଯେକୌଣସି କାର୍ଯ୍ୟଦିବସର କାର୍ଯ୍ୟ ସମୟ ମଧ୍ୟରେ ହାସଲ କରାଯାଇପାରିବ। ବିଦ୍ର: ଦୟାପୂର୍ବକ ଏହା ଧ୍ୟାନରେ ରଖାଯିବା ଆବଶ୍ୟକ ଯେ, ଯଦି ରାଷ୍ଟ୍ର/ରାଜ୍ୟ କର୍ତ୍ତୃପକ୍ଷଙ୍କ କୌଣସି ଆଦେଶ କାରଣରୁ ଯଦି ଟେଣ୍ଡର ବାକ୍ସରେ ଦରଖାସ୍ତ ପକାଇବା/ଖୋଲିବା ତାରିଖ ଦିନ ସ୍ୱାଭାବିକ ଜୀବନଯାତ୍ରା/ଗତିବିଧି ବ୍ୟାହତ ହେଉଥାଏ ତେବେ ତାହା ସ୍ଥଗିତ ରହିବ। ଏ କ୍ଷେତ୍ରରେ ଟେଣ୍ଡର ବାକ୍ସରେ ଦରଖାସ୍ତ ପକାଇବା/ଖୋଲିବାର ତାରିଖ ପରବର୍ତ୍ତୀ ସ୍ୱାଭାବିକ କାର୍ଯ୍ୟଦିବସରେ ସମାନ ସ୍ଥାନ ଓ ସମୟକୁ ପୁନଃ-ନିର୍ଦ୍ଧାରିତ ହେବ।

(PR-477) **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର,
କଟକ - ୭୫୩୦୧୪, ଇ-ମେଲ୍: zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
(ସ୍ଥାବର ସମ୍ପତ୍ତିଗୁଡ଼ିକ ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି **ଦଖଲ** ନେଇଛନ୍ତି। ଏତଦ୍ୱାରା ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା/ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **କଲେଜ ରୋଡ୍ ପଟ୍ଟାମୁଣ୍ଡାଇ ଶାଖା /** ଋଣଗ୍ରହୀତାମାନେ: ୧) ମେସର୍ସ ଲକ୍ଷ୍ମୀ ଟିମ୍ବର, ସ୍ୱତ୍ତ୍ୱାଧିକାରୀ: ସନ୍ତୋଷ କୁମାର ରାଉତ, ୨) ସନ୍ତୋଷ କୁମାର ରାଉତ (ସ୍ୱତ୍ତ୍ୱାଧିକାରୀ), ପିତା: ଁ ଅଭୟ କୁମାର ରାଉତ / ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନେ: ୧) ଶ୍ରୀ ସମରେନ୍ଦ୍ର ରାଉତ, ପିତା: ସନ୍ତୋଷ କୁମାର ରାଉତ, ୨) ସୌରେନ୍ଦ୍ର ରାଉତ, ପିତା: ସନ୍ତୋଷ କୁମାର ରାଉତ, ସମସ୍ତଙ୍କ ଠିକଣା- ସା/ପୋ: କଷଣଅଣ୍ଡା, ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡା, ଓଡିଶା-୭୫୪୨୧୫ | ୦୮.୦୮.୨୦୨୪ସୁଦ୍ଧା ଟ.୧୨,୬୬,୫୬୮/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୯.୦୪.୨୦୨୪ / ୦୮.୦୮.୨୦୨୪ | ଶ୍ରୀ ସମରେନ୍ଦ୍ର ରାଉତ ଏବଂ ସୌରେନ୍ଦ୍ର ରାଉତଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ହାଲ୍ ଖାତା ନଂ.: ୫୬୬/୬୫, ହାଲ୍ ପ୍ଲଟ୍ ନଂ.: ୧୦୭୪/୨୭୨୩, କ୍ଷେତ୍ର: ଏକର୦.୦୮୫ ଡିସିମିଲି, ଟାଇପ୍: ଘରବାରୀ, ମୌଜା: କଷଣଅଣ୍ଡା, ପୋ/ଥାନା: ପଟ୍ଟାମୁଣ୍ଡାଇ, ତହସିଲ: ପଟ୍ଟାମୁଣ୍ଡାଇ, ଏହାର ଚାରିପାର୍ଶ୍ୱରେ (ବିକ୍ରୟ ଦଲିଲ୍ ଅନୁଯାୟୀ) ଉତ୍ତର: ହୃଷିକେଶ ପଣ୍ଡା, ଦକ୍ଷିଣ: ଅଭୟ ରାଉତ, ପୂର୍ବ: ରାସ୍ତା, ପଶ୍ଚିମ: ସୁକଦେବ ଜେନା |
| **ମଥାନୀ ଶାଖା, ବାଲେଶ୍ୱର /** ଋଣଗ୍ରହୀତାମାନେ: ୧) ମେସର୍ସ ମା ତାରିଣୀ ଷ୍ଟୋନ କ୍ରସର, ସ୍ୱତ୍ତ୍ୱାଧିକାରୀ: ରାଜେନ୍ଦ୍ର ପ୍ରଧାନ, ୨) ରାଜେନ୍ଦ୍ର ପ୍ରଧାନ (ସ୍ୱତ୍ତ୍ୱାଧିକାରୀ/ବନ୍ଧକଦାତା), ପିତା: ଜଗନ୍ନାଥ ପ୍ରଧାନ, ଗ୍ରାମ: ଭାନୁପୁର, ପୋ: ପଞ୍ଚୁପାଲି, ଥାନା: ବାଲିଆପାଳ, ଜିଲ୍ଲା: ବାଲେଶ୍ୱର, ଓଡିଶା-୭୫୬୦୨୪ | ୧୨.୦୮.୨୦୨୪ସୁଦ୍ଧା ଟ.୪୬,୮୯,୯୬୪/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୭.୦୫.୨୦୨୪ / ୧୨.୦୮.୨୦୨୪ | ରାଜେନ୍ଦ୍ର ପ୍ରଧାନ, ପିତା: ଜଗନ୍ନାଥ ପ୍ରଧାନଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୬୩/୧୫, ପ୍ଲଟ୍ ନଂ.: ୩୭୦/୩୮୮ (କ୍ଷେତ୍ର: ଏକର୦.୧୮ ଡିସିମିଲି), ଖାତା ନଂ.: ୧୬୩/୧୮, ପ୍ଲଟ୍ ନଂ.: ୩୭୫ (କ୍ଷେତ୍ର: ଏକର୦.୩୯ ଡିସିମିଲି), ଖାତା ନଂ.: ୧୬୩/୧୯, ପ୍ଲଟ୍ ନଂ.: ୩୭୬ (କ୍ଷେତ୍ର: ଏକର୦.୪୨ ଡିସିମିଲି), ପ୍ଲଟ୍ ନଂ.: ୩୭୨ (କ୍ଷେତ୍ର: ଏକର୦.୩୩ ଡିସିମିଲି), ପ୍ଲଟ୍ ନଂ.: ୩୭୩ (କ୍ଷେତ୍ର: ଏକର୦.୪୪ ଡିସିମିଲି), **ସମୁଦାୟ କ୍ଷେତ୍ର: ଏକର୧.୭୬ ଡିସିମିଲି,** କିସମ: ଘରବାରୀ, ମୌଜା: ଅର୍ଜୁନ, ତହସିଲ: ବସ୍ତା, ଜିଲ୍ଲା: ବାଲେଶ୍ୱର, ଏହାର ଚାରିପାର୍ଶ୍ୱରେ ଉତ୍ତର: ମାଲିକଙ୍କ ବଳକା ଜମି, ଦକ୍ଷିଣ: ସରକାରୀ ଜମି ଏବଂ ରାସ୍ତା ବାଲିଆପାଳ, ପୂର୍ବ: ମାଲିକଙ୍କ ବଳକା ଜମି, ପଶ୍ଚିମ: ମାଲିକଙ୍କ ବଳକା ଜମି |

ସ୍ଥାନ: କଟକ
ତାରିଖ : ୧୩.୦୮.୨୦୨୪
କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ବ୍ୟାଙ୍କ

## ସଂକ୍ଷେପରେ

### ବ୍ଲକ କାର୍ଯ୍ୟାଳୟ ଆଗରୁ ବାଇକ୍ ଚୋରି

ଭଦ୍ରକ,୧୩।୮(ସନାତନ ରାଉତ)

ଭଦ୍ରକ ବ୍ଲକ କାର୍ଯ୍ୟାଳୟ ଆଗରୁ ମଙ୍ଗଳବାର ଏକ ବାଇକ୍ ଚୋରି ହୋଇଥିବା ନେଇ ଭଦ୍ରକ ଟାଉନ ଥାନାରେ ଅଭିଯୋଗ ହୋଇଛି। ଚୋରି ବେଳର ଦୃଶ୍ୟ ବ୍ଲକ କାର୍ଯ୍ୟାଳୟରେ ଲାଗିଥିବା ସିସିକ୍ୟାମେରାରେ କଏଦ ହୋଇଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ କଲେଇ ପଞ୍ଚାୟତ ଚୁନିଦା ଗ୍ରାମର ୱାର୍ଡସଭ୍ୟ ଭାସ୍କର ସାହୁଙ୍କ ବାଇକ୍ ଚୋରି ହୋଇଛି। ସିସିଟିଭି ଫୁଟେଜ୍ ସହ ଭାସ୍କର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ଏତଲାରେ ଦର୍ଶାଇଛନ୍ତି ଯେ, ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଇଁ ଜାତୀୟ ପତାକା ନେବାକୁ ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ। ଅଫିସ୍ ସମ୍ମୁଖରେ ତାଙ୍କ ନୀଳ ରଙ୍ଗର ହିରୋ ଗ୍ଲାମର ବାଇକ୍ (ଓଡି ୨୨ ସି ୩୪୮୩) ରଖି ପତାକା ଆଣିବା ପାଇଁ ଉପର ମହଲାକୁ ଯାଇଥିଲେ। ସେଠାରୁ ଫେରିବା ପରେ ସେ ରଖିଥିବା ସ୍ଥାନରେ ବାଇକ୍‌ଟି ନ ଥିଲା। ବହୁ ଖୋଜାଖୋଜି କରିବା ପରେ ବାଇକ୍ ନ ମିଳିବାରୁ ବିଡିଓଙ୍କୁ ଜଣାଇଥିଲେ। ବିଡିଓ ସିସିଟିଭି ଫୁଟେଜ ଯାଞ୍ଚ କରିବାରୁ ୨ଜଣ ଯୁବକ ଏକ ଲାଲ୍ ରଙ୍ଗର ବାଇକ୍‌ରେ ଆସିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଭାସ୍କରଙ୍କ ବାଇକ୍ ନେଇ ଯାଉଥିବା ଫୁଟେଜରୁ ଜଣାପଡ଼ିଥିଲା।

### ପୂର୍ବତନ ଡାକ୍ତର ଭଜହରି ସାହୁଙ୍କ ସ୍ମୃତିଚାରଣ

ବାସୁଦେବପୁର,୧୩।୮(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୂର୍ବତନ ଡାକ୍ତର ତଥା ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡା. ଭଜହରି ସାହୁଙ୍କ ବିୟୋଗରେ ସ୍ମୃତିସଭା ଡାକ୍ତରଖାନା କନ୍‌ଫରେନ୍ସ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସକ ଡା. ସୁଶାନ୍ତ କୁମାର ସାମନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ସ୍ୱର୍ଗତ ସାହୁଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସାମାଜିକ କର୍ମୀ ସୁରେଶ ଚନ୍ଦ୍ର ମହାନ୍ତି, ଡା. ଅମରେନ୍ଦ୍ର ଜେନା, ଡ. ଦଶରଥ ଟୁଡୁ, ଡା. ଦୀନେଶ ସାହୁ, ପିଏଚ୍‌ଇଓ ଗୌରୀମଣି ସାହୁ, ବିପିଏମ୍ ଦୀପ୍ତିରଞ୍ଜନ ମଲିକ, ଫାର୍ମାସିଷ୍ଟ ରମାକାନ୍ତ ଦାସଙ୍କ ସହ ସ୍ୱାସ୍ଥ୍ୟକର୍ମୀମାନେ ଉପସ୍ଥିତ ଥିଲେ। ବାସୁଦେବପୁର ଡାକ୍ତରଖାନାର ବିକାଶ ଓ ସେବା ଯୋଗାଇବାରେ ଭଜହରି ଅବଦାନ ଅତୁଳନୀୟ। ସେ ବାସୁଦେବପୁର ଅଞ୍ଚଳବାସୀଙ୍କ ପାଇଁ ଯେଉଁ ସେବା ଯୋଗାଇ ଦେଇଛନ୍ତି, ତାହା ଚିରସ୍ମରଣୀୟ ରହିବ ବୋଲି ମତପ୍ରକାଶ ପାଇଥିଲା।

### ଆୟୁଷ୍ମାନ ଆରୋଗ୍ୟ ଶିବିର

ଭଣ୍ଡାରିପୋଖରୀ,୧୩।୮(ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ବିଭିନ୍ନ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମଞ୍ଜୁରୀରୋଡ୍ ସେକ୍ଟର ଅଧୀନ ବନ୍ଦାଳୋ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଭଣ୍ଡାରିପୋଖରୀ ସେକ୍ଟର କୁରିଗାଁ, ବାରିକପୁର ସେକ୍ଟରର ବାରିକପୁର, ମଞ୍ଜୁରୀ ସେକ୍ଟର ମାଳଦା ଓ ମଣିନାଥପୁରରେ ଶିବିର ଅନୁଷ୍ଠିତ ହୋଇଥିଲା। ଜନସାଧାରଣଙ୍କୁ ଦ୍ୱାର ମୁହଁରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ ଏହି ଶିବିର ଆୟୋଜନ କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସମସ୍ତ ଶିବିରକୁ ସଂଯୋଜନା କରିଥିଲେ। ବନ୍ଦାଳୋ ଶିବିରରେ ଡା. ଦେବାଶିଷ ପତି ଓ ଡା. ରଶ୍ମିରଞ୍ଜନ ସାହୁ, ବାରିକପୁର ଶିବିରରେ ଡା. ମଳୟ କୁମାର ସେନାପତି, କୁରିଗାଁ ଶିବିରରେ ଡା. ଦେବଦତ୍ତ ପାଣିଗ୍ରାହୀ ଓ ଡା. ଶିବାନୀ ମହାନ୍ତି, ମାଳଦା ଶିବିରରେ ଡା. ତପନ କୁମାର ବେହୁରିଆ, ମଣିନାଥପୁର ଶିବିରରେ ଡା. ଅରୁଣ କୁମାର ନାୟକ ଚିକିତ୍ସା କରିଥିଲେ। ବିପିଏମ୍ ରଶ୍ମିରେଖା ପୃଷ୍ଟି, ବରିଷ୍ଠ ସ୍ୱାସ୍ଥ୍ୟ ପରିଦର୍ଶକ ମନୋରଞ୍ଜନ ରାଉତ ପ୍ରମୁଖ ଶିବିର ପରିଦର୍ଶନ କରିଥିଲେ। ପର୍ଯ୍ୟାୟକ୍ରମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୨୦ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଏହି ଶିବିର ନିୟମିତ ଭାବେ ଅନୁଷ୍ଠିତ ହେବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

# ବୈଠକରେ ବସିବାକୁ ଜାଗା ନ ମିଳିବାରୁ ଧାରଣା

## ବିଭିନ୍ନ ସମସ୍ୟା ସମାଧାନ ହେଉ ନ ଥିବାରୁ ଗାଁସାଥୀଙ୍କ ଅସନ୍ତୋଷ

ବାସୁଦେବପୁର,୧୩।୮ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଶତାଧିକ ଗାଁସାଥୀ ଧାରଣା ଦେଇଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ଗାଁସାଥୀମାନଙ୍କର ଏକ ବୈଠକ ହେବାକୁ ଧାର୍ଯ୍ୟ ହୋଇଥିଲା। ବ୍ଲକ୍ କନ୍‌ଫରେନ୍ସ ହଲ୍ ପରିସରରେ ଏତେସଂଖ୍ୟକ ଗାଁସାଥୀ ବସିବା ପାଇଁ ଜାଗା ହୋଇ ନ ଥିଲା। ବୈଠକରେ ବସିବାକୁ ଜାଗା ନ ମିଳିବାରୁ ଗାଁସାଥୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରି କନ୍‌ଫରେନ୍ସ ହଲ୍ ଛାଡ଼ି ପଳାଇ ଯାଇଥିଲେ। ପରେ ସେମାନେ ଏକତ୍ର ହୋଇ ବିଡିଓଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିଥିଲେ।

ଗାଁସାଥୀ ସଂଘର ଜିଲା ସମ୍ପାଦକ ମନୋଜ କୁମାର ପାଢ଼ୀଙ୍କ ନେତୃତ୍ୱରେ ଏହି ଧାରଣା ଓ ଆନ୍ଦୋଳନ ଦୀର୍ଘ ସମୟ ଧରି ଚାଲିଥିଲା। ଗାଁସାଥୀମାନଙ୍କ ଦୀର୍ଘଦିନର ବକେୟା ବୀମା ପ୍ରଦାନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟାଦେଶ ପ୍ରଦାନ ଓ ଏନ୍‌ଏମ୍‌ଏସ୍ ପ୍ରଦାନରେ ପାତରଅନ୍ତର, ଠିକଣା ସମୟରେ ଗାଁସାଥୀଙ୍କୁ ତାଲିମ୍ ଦିଆ ନ ଯିବା ଏବଂ ବିଭିନ୍ନ ଦାବି ନେଇ ଏହି ବୈଠକରେ ଆଲୋଚନାର ବିଷୟ ଥିଲା। ଏହି ସମସ୍ୟା ସମାଧାନ ହେଉ ନ ଥିବାରୁ ଗାଁସାଥୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ନିୟମିତ ଭାବେ ବୈଠକ ଡକାଯାଉ ନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ମୀନାରାଣୀ ଦାସ, ଗୀତାଞ୍ଜଳି ବେହେରା, ପ୍ରଶାନ୍ତ ମିଶ୍ର, ଗୀତାଞ୍ଜଳି ରାଉତଙ୍କ ସମେତ ଶତାଧିକ ଗାଁସାଥୀ ଧାରଣାରେ ସାମିଲ ଥିଲେ।


ବିଡିଓଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣାରତ ଗାଁସାଥୀମାନେ।

# ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କଲେ ବିଧାୟକ


ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ ବେଳେ ବିଧାୟକ ସିତାଂଶୁ ଶେଖର ମହାପାତ୍ର ଡାକ୍ତରଙ୍କ ସହ ଆଲୋଚନା କରୁଛନ୍ତି।

ଭଦ୍ରକ,୧୩।୮ (ସନାତନ ରାଉତ)

ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ମଙ୍ଗଳବାର ଅଚାନକ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ଡାକ୍ତରଖାନାରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କୁ ଭେଟି ଚିକିତ୍ସା ସମ୍ବନ୍ଧରେ ପଚାରି ବୁଝିଥିଲେ। ସରକାରଙ୍କ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯୋଗାଇ ଦିଆଯାଉଥିବା ଔଷଧ, ଇଞ୍ଜେକ୍ସନ ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ଅଛି କି ନାହିଁ ବିଭିନ୍ନ ୱାର୍ଡ ବୁଲି ରୋଗୀମାନଙ୍କୁ ପଚାରି ବୁଝିଥିଲେ ବିଧାୟକ। ଚିକିତ୍ସାଳୟର ସମସ୍ୟା ବିଷୟରେ ଡାକ୍ତର ଓ ସେବିକାମାନଙ୍କ ସହ ଆଲୋଚନା କରି ଏହାର ଶୀଘ୍ର ସମାଧାନ ପାଇଁ ସେ ପ୍ରତିଶ୍ରୁତି ଦେଇଛନ୍ତି।

# ୧୬ରେ ମିଳିତ ଶିକ୍ଷକ ସମନ୍ୱୟ ସମିତିର ମହାସମାବେଶ

ଭଦ୍ରକ,୧୩।୮(ସନାତନ ରାଉତ)

ମିଳିତ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ଆସନ୍ତା ୧୬ ତାରିଖରେ ରାଜଧାନୀ ଭୁବନେଶ୍ୱରରେ ମହାସମାବେଶ କରାଯିବ। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲା ସମିତି ପକ୍ଷରୁ ଅପର୍ତ୍ତିବିନ୍ଧାସ୍ଥିତ ଓଷ୍ଟା ସଭାଗୃହରେ ସଭାପତି ଶଶିଶେଖର କରଶର୍ମାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକମାନଙ୍କ ନ୍ୟାଯ୍ୟ ଦାବି ପେନସନ୍, ବିଦ୍ୟାଳୟ ଅନୁଦାନରୁ ବଞ୍ଚିତ ହୋଇଥିବା ୧୯୪ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀଙ୍କୁ ଦରମା, ଅତିଥି ଶିକ୍ଷକମାନଙ୍କୁ ଉପଯୁକ୍ତ ପ୍ରାପ୍ୟ ପ୍ରଦାନ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ସଂଘ ସମ୍ପାଦକ ଅମର କୁମାର ପାଣିଗ୍ରାହୀ, ଓଷ୍ଟା ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, ସଂସ୍କୃତ ଟୋଲ୍ କର୍ମକର୍ତ୍ତା ହରେକୃଷ୍ଣ ପାଣିଗ୍ରାହୀ, ଉପେନ୍ଦ୍ର ବିଶ୍ୱାଳ, ସୁରେନ୍ଦ୍ର ମହାପାତ୍ର, ମଦ୍ରାସା ସଂଘର ଶେଖ୍ ଅବତବ୍, ପୂର୍ଣ୍ଣଚନ୍ଦ୍ର ଦାଶ, ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ସରକାରଙ୍କ ବୈମାତୃକ ମନୋଭାବ କହି ଏହା ବିରୋଧରେ କ୍ଷୋଭ ପ୍ରକାଶ କରିଥିଲେ।

# ଭଣ୍ଡାରିପୋଖରୀ ଥାନାରେ କ୍ରାନ୍ତି ଦିବସ ପ୍ରସ୍ତୁତି

ଭଣ୍ଡାରିପୋଖରୀ,୧୩।୮(ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ପରିସରରେ ମଙ୍ଗଳବାର ଅଗଷ୍ଟ କ୍ରାନ୍ତି ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ବିରେନ୍ଦ୍ର ସେନାପତିଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଧାମନଗର ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ଶିକ୍ଷାବିତ୍ ଲକ୍ଷ୍ମୀଧର ନାୟକ, ସାମାଜିକ କର୍ମୀ ଗୋଲକ ଚନ୍ଦ୍ର ବେହେରା, ଅଧ୍ୟାପକ ଭରତ ଚନ୍ଦ୍ର କରଣ, ଅନନ୍ତ ତ୍ରିପାଠୀ, ଗିରିଶ ସାମଲ, ପୂର୍ବତନ ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର, ତରଣୀସେନ ଜେନା, କମଳାକାନ୍ତ ପରିଡ଼ା, ରାଜକିଶୋର ଜେନା ପ୍ରମୁଖ ଯୋଗ ଦେଇଥିଲେ। ୧୯୪୨ ମସିହା ଭଣ୍ଡାରିପୋଖରୀ ଥାନାପୋଡ଼ି ସ୍ମାରକୀ ଭାବେ ଆସନ୍ତା ୧୭ ତାରିଖରେ ଏହି ଦିବସ ପାଳନ ନିମନ୍ତେ ଆଲୋଚନା କରାଯାଇଥିଲା। କହରାପୋଖରୀ କ୍ରାନ୍ତି ମଇଦାନରେ ପୁଷ୍ପମାଲ୍ୟ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଥାନା ପରିସରରେ ସଭା ଆୟୋଜନ କରାଯିବ। ଏଥିରେ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନିତ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।


ଥାନା ପକ୍ଷରୁ କ୍ରାନ୍ତି ଦିବସ ପ୍ରସ୍ତୁତି ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

## 'ଟୁପୁରୁ ଟୁପୁରୁ ବର୍ଷା' ଆସର

ଧାମନଗର, ୧୩।୮ (ଦେବେନ୍ଦ୍ର ଆଢ଼ିଆ)

ଭଦ୍ରକ ଜିଲା ଧାମନଗର ବ୍ଲକର ଦୋବଲ କାଳୀବଜାରସ୍ଥିତ ବୈଦିକ ଯଜ୍ଞ ମଣ୍ଡପରେ ନୃସିଂହ ସାହିତ୍ୟ ସ୍ମୃତି ପରିଷଦ ପକ୍ଷରୁ 'ଟୁପୁରୁ ଟୁପୁର ବର୍ଷା' ଶୀର୍ଷକ ଆସର ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ହୃଦାନନ୍ଦ କର ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଶିଳ୍ପ ତାଲିମ କେନ୍ଦ୍ର ଅଧକ୍ଷ ପ୍ରଭାତ କୁମାର ମଲ୍ଲିକ, ଗୋପବନ୍ଧୁ ସାହିତ୍ୟ ପରିଷଦର ସମ୍ପାଦକ ପୁରୁଷୋତ୍ତମ ଧଳ, ରାଜ୍ୟପାଳ ପୁରସ୍କୃତ ଶିକ୍ଷକ ଜଗନ୍ନାଥ ନାୟକ, ସାହିତ୍ୟିକ କୁଳମଣି ବେହେରା, ପଣ୍ଡିତ ନକୁଳଦେବ ଶାସ୍ତ୍ରୀ, ଧାମନଗର ବରିଷ୍ଠ ନାଗରିକ ପରିଷଦ କୋଷାଧ୍ୟକ୍ଷ ନିରାକାର ଧଳ, ସାହିତ୍ୟିକ ରାଧାଶ୍ୟାମ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ମୌସୁମୀ ବର୍ଷା ଏବେ ସାତସପନ ପାଲଟିଛି। ବର୍ଷା ପୃଥିବୀ ପୃଷ୍ଠରୁ ଦୂରେଇ ଯାଉଛି। ବର୍ତ୍ତମାନର ଶିଳ୍ପାୟନ ନୀତି ଓ ବୃକ୍ଷ ଛେଦନ ପାଇଁ ଆଧୁନିକ ସମାଜ ଦାୟୀ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କବି ମନୋଜ କୁମାର ଜେନାଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। କବି ରଣଜିତ ରଥ, ସୁଧାକର ଦାସ, କୁଳମଣି ବେହେରା ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। କମଳାକାନ୍ତ ଦାସ ଧନ୍ୟବାଦ ଦେଇଥିଲେ। ପ୍ରଭାତ କୁମାର ଜେନା ଓ ବିଶ୍ୱଜିତ ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭାଜପାର ସ୍ୱଚ୍ଛତା ଅଭିଯାନ

ଭଦ୍ରକ,୧୩।୮(ରବିନାରାୟଣ ଖିଲାର)

ପରିବେଶ ସୁସ୍ଥ ରହିଲେ ସମାଜ ସୁସ୍ଥ ରହିବ। ପରିବେଶକୁ ସୁସ୍ଥ ରଖିବା ପାଇଁ ସ୍ୱଚ୍ଛତା ଆବଶ୍ୟକ। ଏହାକୁ ଦୃଷ୍ଟିରେ ରଖି ଭାଜପା ପକ୍ଷରୁ ମଙ୍ଗଳବାର କଲେଇ ପଞ୍ଚାୟତର ଚୁନିଦାଠାରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଷେତ୍ରବାସୀ ପୀଠ ଓ ସ୍ୱପ୍ନେଶ୍ୱରୀ ସନ୍ତୋଷୀମା'ଙ୍କ ମନ୍ଦିର ପରିସରରେ ଥିବା ଅଳିଆ, ଆବର୍ଜନା ସଫା କରାଯାଇଛି। ସାମାଜିକ କର୍ମୀ ଗୌରଗୋପାଳ ଜେନା, ପ୍ରଶାନ୍ତ କୁମାର ପ୍ରଧାନ, ଅମୂଲ୍ୟ କୁମାର ମହାରଣା, ଦୀପକ ନାୟକ, ଇନ୍ଦ୍ରଜିତ ବେହେରା, ଅମ୍ରିତ ନାୟକ, ରାଜେଶ ବେହେରା, ଦିଲୀପ ବେହେରା, ପ୍ରକାଶ ଜେନା, ପ୍ରକାଶ ସାହୁ, ବିକ୍ରମ ମହାରଣା, ନାରାୟଣ ମହାରଣା, ସନାତନ ବେହେରା, ପଞ୍ଚାନନ ସାହୁଙ୍କ ସହ ଯାଦବ ନେତା ନିତ୍ୟାନନ୍ଦ ବେହେରା ଓ ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ବେହେରା ଯୋଗ ଦେଇଥିଲେ।

# ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଶୋଷଣ

## ଡ୍ରେସିଂ ପାଇଁ ଅର୍ଥ ଦାବି ଅଭିଯୋଗ

ତିହିଡ଼ି,୧୩।୮ (ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ କେତେଜଣ ସ୍ୱାସ୍ଥ୍ୟ କର୍ମଚାରୀ ରୋଗୀମାନଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ଡ୍ରେସିଂ ତଥା ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିବା ରୋଗୀମାନଙ୍କଠାରୁ ସେମାନେ ଅର୍ଥ ଦାବି କରୁଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଡ୍ରେସିଂ ପାଇଁ ଯାଇଥିବା ଜଣେ କଲେଜ ଛାତ୍ରଙ୍କଠାରୁ ଆଉଟ୍‌ଡୋରରେ ଡ୍ରେସିଂ ଦାୟିତ୍ୱରେ ଥିବା ଜଣେ କର୍ମଚାରୀ ଅର୍ଥ ଦାବି କରିଥିଲେ। ଛାତ୍ର ଜଣକ ଏନେଇ ମେଡିକାଲ ଅଫିସରଙ୍କ ନିକଟରେ ଅଭିଯୋଗ କରିବା ପରେ ଘଟଣା ଲୋକଲୋଚନକୁ ଆସିଛି।

ସୂଚନା ଅନୁଯାୟୀ, ଦୋଲସାହି ପଞ୍ଚାୟତ ଅଧୀନ ବୁଡ଼ଙ୍ଗ ଗ୍ରାମର ପ୍ରତାପରୁଦ୍ର ନାରାୟଣ ରାୟ ନାମକ ଛାତ୍ର ନିଜ ଗୋଡ଼ରେ ହୋଇଥିବା ମାଛିଆଖିଆ କାଟିବାକୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ଡାକ୍ତରଙ୍କୁ ଦେଖାଇବା ପରେ ସେ ଡ୍ରେସିଂ କକ୍ଷକୁ ଯାଇଥିଲେ। ଡ୍ରେସିଂ ଦାୟିତ୍ୱରେ ଥିବା କର୍ମଚାରୀ ତାଙ୍କୁ ଏଥିପାଇଁ ୩ଶହ ଟଙ୍କା ମାଗିଥିଲେ। ସେଠାରେ ପ୍ରତାପଙ୍କ ସହ ଉପସ୍ଥିତ ଥିବା ତାଙ୍କ ବାପା ପ୍ରଦ୍ୟୁମ୍ନ ୨ଶହ ଟଙ୍କା ଦେବାକୁ ରାଜି ହୋଇଥିଲେ ମଧ୍ୟ କର୍ମଚାରୀ ୩ଶହ ଟଙ୍କା ନ ଦେଲେ ଡ୍ରେସିଂ କରିବେନି ବୋଲି ଜିଦ୍ ଧରିଥିଲେ। ନିରୁପାୟ ହୋଇ ପ୍ରତାପ ଏ ସମ୍ପର୍କରେ ମେଡିକାଲ ଅଫିସର ଶୁଭକାନ୍ତ ଓଝାଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ମେଡିକାଲ ଅଫିସର ସେହି କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ପ୍ରତାପଙ୍କ ତୁରନ୍ତ ଚିକିତ୍ସା ପାଇଁ ମେଡିକାଲ ଅଫିସର ନିର୍ଦ୍ଦେଶ ଦେବା ପରେ ଉକ୍ତ କର୍ମଚାରୀ ଚିକିତ୍ସା କରିଥିଲେ।

କର୍ମଚାରୀ ଜଣକ ବିଭିନ୍ନ ସମୟରେ ଚିକିତ୍ସା ପାଇଁ ଅର୍ଥ ଦାବି କରୁଥିବା ଏବଂ ସ୍ୱାସ୍ଥ୍ୟକେନ୍ଦ୍ରର ମାଗଣା ଔଷଧକୁ ରୋଗୀମାନଙ୍କୁ ବିକ୍ରି କରୁଛନ୍ତି। ଏହାବ୍ୟତୀତ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟ କେତେକ ବିଭାଗରେ କାର୍ଯ୍ୟରତ ମହିଳା କର୍ମଚାରୀମାନେ ମଧ୍ୟ ବିଭିନ୍ନ ଆଳରେ ଅର୍ଥ ଆଦାୟ କରୁଥିବା ଅଭିଯୋଗ ହୋଇଛି। ସରକାର ମାଗଣାରେ ଚିକିତ୍ସା ସେବା ଯୋଗାଇ ଦେଉଥିବା ବେଳେ ଏଭଳି ଅସାଧୁ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଯୋଗୁ ରୋଗୀମାନେ ଶୋଷଣର ଶିକାର ହେଉଛନ୍ତି। ଏହାର ତଦନ୍ତ କରାଯାଇ ସେହି କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

# ଜିଲାସ୍ତରୀୟ 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନ


ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

ଭଦ୍ରକ,୧୩।୮(ସନାତନ ରାଉତ/ ରବିନାରାୟଣ ଖିଲାର)

୭୮ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଭଦ୍ରକ ଜିଲା ପ୍ରଶାସନ ଆନୁକୂଲ୍ୟରେ ମଙ୍ଗଳବାର ସକାଳେ 'ହର୍ ଘର୍ ତ୍ରିରଙ୍ଗା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଇକେଲ ଓ ମୋଟର ସାଇକେଲରେ ଏକ ବିଶାଳ ଶୋଭାଯାତ୍ରା ମହତାବ ଛକଠାରୁ ବାହାରି ସହର ପରିକ୍ରମା କରି ବାଇପାସ୍ ଛକ ପର୍ଯ୍ୟନ୍ତ ଯାଇଥିଲା। ଜିଲାପାଳ ଦିଲୀପ ରାଉତରାୟ ତ୍ରିରଙ୍ଗା କାନଭାସ୍‌ରେ ଘରେ ଘରେ ତ୍ରିରଙ୍ଗା, ଜୟହିନ୍ଦ୍ ଲେଖି ତ୍ରିରଙ୍ଗା ପ୍ରଦର୍ଶନ ପୂର୍ବକ ଯାତ୍ରାର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲା ଶିକ୍ଷାଧିକାରୀ ଅକ୍ରୁର ବାରିକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ମିଶନ ଶକ୍ତି ଡିପିସି ଅଭିକ୍ ନାରିନ୍, ଆସିଷ୍ଟାଣ୍ଟ କଲେକ୍ଟର ସୁଧାଂଶୁ ମୋହନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ମିଶନ ଶକ୍ତି ମହିଳା, ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ, ଭଦ୍ରକ କ୍ରୀଡ଼ାନୁଷ୍ଠାର ଖେଳାଳି, ଆସିଆନାର ସଂଯୋଜକ ରିଆଜ ଅହମ୍ମଦ, ଅନୁଷ୍ଠାନର କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇଥିଲେ।

## ବିଧାୟକଙ୍କ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

ଭଦ୍ରକ,୧୩।୮ (ସନାତନ ରାଉତ)

ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ରଙ୍କ ପକ୍ଷରୁ ମଙ୍ଗଳବାର ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଛି। ଭଦ୍ରକ କୁଆଁସସ୍ଥିତ ବିଧାୟକଙ୍କ କାର୍ଯ୍ୟାଳୟରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଭାରତମାତା କି ଜୟ ନାରା ଦେଇ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉଦ୍‌ଯାପିତ ହୋଇଥିଲା। ବିଧାୟକଙ୍କ ସହ ଜିଲା ଭାଜପା ଯୁବ ସଭାପତି ଦେବାଂଶୁ ରାଉତ, ଶ୍ରାବଣୀ କିନ୍ନର, ସୁମିତ୍ରା ପାଣି, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ଜନପ୍ରତିନିଧି ଓ ଭାଜପା କର୍ମକର୍ତ୍ତା ଶୋଭାଯାତ୍ରାରେ ସାମିଲ ଥିଲେ।

## ଶୋଭାଯାତ୍ରାରେ ସହର ପରିକ୍ରମା


ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବିଡିଓ, ତହସିଲଦାର ଓ ଅନ୍ୟମାନେ।

ଚାନ୍ଦବାଲି,୧୩।୮(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ପ୍ରଶାସନ ପକ୍ଷରୁ ମଙ୍ଗଳବାର ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ବିଡିଓ ଅସିତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଓ ତହସିଲର ସମସ୍ତ ଅଧିକାରୀ, ଚାନ୍ଦବାଲି ବାଳିକା ଉଚ୍ଚ ବିଦ୍ୟାଳୟ ଓ ଦାଖା ହାଇସ୍କୁଲର ଛାତ୍ରୀଛାତ୍ର ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବିଡିଓ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ପରେ ବ୍ଲକ ଅଫିସ୍ ପରିସରରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ଅତିରିକ୍ତ ତହସିଲଦାର ଠାକୁର ଦାସ ନାୟକ, ଭାଜପା ଜିଲା ସମ୍ପାଦକ କମଳାକାନ୍ତ ସୂତାର, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ରାଜେନ୍ଦ୍ର ଦାସ, ମାନସୀ ପାଢ଼ୀ, ବିଶ୍ୱରଞ୍ଜନ ସାହୁଙ୍କ ସହ ମିଶନ ଶକ୍ତି ମହିଳା, ବ୍ଲକ ଓ ତହସିଲ କର୍ମଚାରୀ ଉପସ୍ଥିତ ଥିଲେ।

## 'ଦେଶ, ରାଜ୍ୟକୁ ସଶକ୍ତ କରିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ'



ବ୍ଲକ କାର୍ଯ୍ୟାଳୟ ପରିସରରେ ଶୋଭାଯାତ୍ରାକାରୀ।

ତିହିଡ଼ି,୧୩।୮(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ପ୍ରଶାସନ ପକ୍ଷରୁ ମଙ୍ଗଳବାର ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତିହିଡ଼ିସ୍ଥିତ ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲର ଛାତ୍ରୀଛାତ୍ର ଓ ମହିଳା ଗୋଷ୍ଠୀର କର୍ମକର୍ତ୍ତାମାନେ ତ୍ରିରଙ୍ଗା ପତାକା ଧରି ହାଇସ୍କୁଲଠାରୁ ଶୋଭାଯାତ୍ରାରେ ବାହାରି ତିହିଡ଼ି ବଜାର ପରିକ୍ରମା କରିବା ପରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବିଡିଓ ଜ୍ୟୋତିର୍ମୟ କର ସେମାନଙ୍କୁ ସ୍ୱାଗତ କରିବା ସହ ଦେଶ ଓ ରାଜ୍ୟକୁ ସଶକ୍ତ କରିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ଓ ସାମାଜିକ କର୍ମୀ ସିତାକାନ୍ତ ନାୟକ ବକ୍ତବ୍ୟ ରଖିଥିଲେ। ଏବିଡିଓ ମାନସ କୁମାର ଜେନା, ଜିଲା ଲିଡ୍ ବ୍ୟାଙ୍କ ପରିଚାଳକ ନାଗେଶ୍ୱର ରାଓ, ସାମାଜିକ ସୁରକ୍ଷା ଅଧିକାରୀ ନୀହାର ରଞ୍ଜନ ରାଉତ, ମିଶନ ଶକ୍ତି ବ୍ଲକ ସଂଯୋଜକ ଶ୍ରୀକାନ୍ତ ଜେନା, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରଫୁଲ୍ଲ ଦାସ, ସରପଞ୍ଚ ପ୍ରଦୀପ ବଳ, ସହକାରୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, ଜିପିଓ ପ୍ଲାବନ ପଣ୍ଡା, ଶିକ୍ଷକ ପ୍ରଫୁଲ୍ଲ ସାହୁ, ଆଲୋକଜ୍ୟୋତି ମହିଳା ମହାସଂଘ ସମ୍ପାଦିକା କଲ୍ୟାଣୀ ଦାସ, ଶୁଚିସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଭୟରେ ପଳାଉଛନ୍ତି ପଶ୍ଚିମବଙ୍ଗର ରାଜମିସ୍ତ୍ରି

**କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ ପାଟଣା(ବୀରକିଶୋର ଦାଶ), ୧୩।୮**

ବାଂଲାଦେଶରେ ହିଂସା ଏବଂ ସେଠାରେ ହିନ୍ଦୁ ସମ୍ପ୍ରଦାୟଙ୍କ ଉପରେ ଆକ୍ରମଣ ଘଟଣା ପରେ କେନ୍ଦୁଝର ଜିଲାରେ ବାହାରୁ ଆସି ବିଭିନ୍ନ କାମ, ବ୍ୟବସାୟ କରୁଥିବା ବଙ୍ଗାଳିଙ୍କ ଉପରେ ଆକ୍ରମଣ ବଢ଼ୁଛି। ଏ ନେଇ କୌଣସି ଥାନାରେ ଅଭିଯୋଗ ହୋଇ ନ ଥିଲେ ହେଁ ସେମାନଙ୍କ ମଧ୍ୟରେ ଭୟ ଦେଖାଦେଇଛି। ସେମାନେ ବାଂଲାଦେଶୀ ବା ରୋହିଙ୍ଗା ସନ୍ଦେହ କରି ଛାଡ଼ି ଚାଲିଯିବାକୁ କୁହାଯାଉଛି। ବିଶେଷ କରି ମିସ୍ତ୍ରୀ, ଫେରିବାଲା, ଛୋଟ ଛୋଟ ବ୍ୟବସାୟ କରୁଥିବା ଲୋକେ ଭୟରେ ପଳାଉଥିବା ଦେଖାଯାଇଛି। ବହୁ ସଂଖ୍ୟାରେ ମିସ୍ତ୍ରୀଙ୍କ ପଳାୟନ ଫଳରେ କେନ୍ଦୁଝରରେ ଘରବାଡ଼ି, କୋଠା ନିର୍ମାଣ କାମ ବାଧାପ୍ରାପ୍ତ ହେଉଛି। ସେମାନଙ୍କ ଅଧୀନରେ କାମ କରୁଥିବା ଜିଲାର ଶ୍ରମଜୀବୀ କାମ ହରାଇବେ ବୋଲି ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ କହିଛନ୍ତି। ଏଣୁ ସେମାନଙ୍କ ଆଧାର ଓ ପରିଚୟପତ୍ର ଚିହ୍ନଟ କରି ସୁରକ୍ଷା ଦିଆଯାଉ, ନଚେତ କେନ୍ଦୁଝରର ଅର୍ଥନୀତି ବିଗିଡ଼ିଯିବ ବୋଲି ମତପ୍ରକାଶ ପାଉଛି।

ଅନ୍ୟପକ୍ଷରେ ପୋଲିସ ବିଭାଗ ପକ୍ଷରୁ ସମସ୍ତ ଥାନାଗୁଡ଼ିକୁ ସତର୍କ ରହିବାକୁ କୁହାଯାଇଛି। ବିଶେଷ କରି କେନ୍ଦୁଝର ସହର ବ୍ୟତିତ ରାଇସୁଆଁ, ତୁରୁମୁଙ୍ଗା, ଝୁମ୍ପୁରା ଆଦି ଅଞ୍ଚଳରେ ଅନେକ ହଜାର ସଂଖ୍ୟାରେ ବଙ୍ଗାଳି ମିସ୍ତ୍ରୀ, ବ୍ୟବସାୟୀ ବହୁ ବର୍ଷ ଧରି ରହି କାମ କରି ଆସୁଛନ୍ତି। ବାଂଲାଦେଶୀ ବା ଅଣ ଭାରତୀୟଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଜରୁରୀ ବୋଲି କୁହାଯାଉଛି। ପ୍ରଶାସନ ପକ୍ଷରୁ ପୂର୍ବରୁ ଚିହ୍ନଟ କରାଯାଇଥିଲେ

## ପାଟଣାରେ ବସିଲା ଶାନ୍ତି କମିଟି ବୈଠକ

ଏଭଳି ପରିସ୍ଥିତି ଉପୁଜି ନ ଥାନ୍ତା ବୋଲି ସାମାଜିକ କର୍ମୀ ଜୟନୁଲ କହିଛନ୍ତି। ପାଟଣା ଓ ତୁରୁମୁଙ୍ଗା ଥାନା ଅଞ୍ଚଳରେ ପଶ୍ଚିମବଙ୍ଗରୁ ଆସିଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର କେତେକ ଫେରିବାଲାଙ୍କୁ ସ୍ଥାନୀୟ ଲୋକେ ବାଂଲାଦେଶୀ ସନ୍ଦେହ କରି ଅଟକାଇ ଆଧାର ଯାଞ୍ଚ କରିବା ସହ ଗାଳିଗୁଲଜ କରୁଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ସୋମବାର ତୁରୁମୁଙ୍ଗାରେ ରହି ରାଜମିସ୍ତ୍ରୀ ଭାବେ କାମ କରୁଥିବା ପଶ୍ଚିମବଙ୍ଗ ମୁର୍ଶିଦାବାଦର ସାନୱାଲି ଓ ନବାବ ଏସ୍. କେଙ୍କୁ ତୁମେ ବାଂଲାଦେଶୀ, ଜାଗା ଛାଡି ଚାଲି ଯାଅ ବୋଲି ୨ଜଣ ଯୁବକ ଧମକ ଦେଇଥିଲେ। ଘଟଣାର ୨୪ ଘଣ୍ଟା ନ ପୂରୁଣୁ ମଙ୍ଗଳବାର ପାଟଣାରେ ରହି ରାଜମିସ୍ତ୍ରୀ, ମାର୍ବଲ ମିସ୍ତ୍ରୀ ଓ ବଢେଇ ଭାବେ କାମ କରୁଥିବା ୭୦ଜଣ ପଶ୍ଚିମବଙ୍ଗ ସଂଖ୍ୟାଲଘୁ ମିସ୍ତ୍ରୀ ଭୟଭୀତ ହୋଇ ଏକ ବସ୍‌ରେ ପଶ୍ଚିମବଙ୍ଗ ପଳାଇଛନ୍ତି। ଏନେଇ ପାଟଣା ଥାନା ଅଧିକାରୀ ବିବସ୍ୱ ପ୍ରଧାନଙ୍କୁ ପଚାରିବାରୁ ସେମାନେ ନିଜ ଆଡୁ ପଳାଇଥିବେ। ମଙ୍ଗଳବାର ସନ୍ଧ୍ୟାରେ ଉଭୟ ସମ୍ପ୍ରଦାୟ ର ଲୋକଙ୍କୁ ନେଇ ଶାନ୍ତି କମିଟି ବୈଠକ ବସିଥିଲା। ସମସ୍ତଙ୍କୁ ଆମେ ବାଂଲାଦେଶୀ କହିପାରିବା ନାହିଁ। ସନ୍ଦେହ ହେଲେ ସେମାନଙ୍କୁ ଆକ୍ରମଣ ନ କରି ପୋଲିସକୁ ଖବର ଦେଲେ ବାହାରୁ ଆସିଥିବା ବ୍ୟକ୍ତିଙ୍କ ଆଧାର ଯାଞ୍ଚ ହେବ ବୋଲି ଥାନା ଅଧିକାରୀ ଉପସ୍ଥିତ ବିଭିନ୍ନ ବର୍ଗ ଲୋକଙ୍କୁ ଅପିଲ କରିଥିଲେ। ବୈଠକରେ ପାଟଣା ସରପଞ୍ଚ ବିନତିର ବାନରା, ସ୍ଥାନୀୟ ସମିତିସଭ୍ୟ ମୋହନସୁନ୍ଦର ମହାନ୍ତ, ମୂଷା ଖୋରି ସରପଞ୍ଚ ଭାମାମଣି ଦାସ, ଏରେଣ୍ଡେଇ ସରପଞ୍ଚ ପାର୍ବତୀ ଦେହୁରୀ, ଟାଙ୍ଗରପଡ଼ା ସରପଞ୍ଚ ଅନିରୁଦ୍ଧ ନାଏକ, ପୂର୍ବତନ ପାଟଣା ବ୍ଲକ ଅଧ୍ୟକ୍ଷ ଇଂ. ବିଦ୍ୟାଧର ଦାଶ, ବ୍ଲକ ବିଜେଡି ସଭାପତି ମାଧବା ନନ୍ଦ ପୃଷ୍ଟି, ଆରଏସ୍ଏସ୍‌ର ବିରଞ୍ଚି କୁମାର ମହାନ୍ତ,, କାଳୀଚରଣ ମହାନ୍ତ, ପ୍ରଦୀପ ମହାନ୍ତ, ସଂଖ୍ୟାଲଘୁ ସମ୍ପ୍ରଦାୟର ଏସ୍. କେ. ମନସୁର, ସାମାଜିକ କର୍ମୀ ଅଜୟ କୁମାର ଦାଶ, ଅରୁଣ ମିଶ୍ର, ବ୍ୟବସାୟୀ ଦକ୍ଷ ପ୍ରସାଦ ସାହୁ, ଯତୀନ୍ଦ୍ର କୁମାର ଦାଶ, ବିଜୟରତ୍ନ ପତି, ଭାଜପା ନେତା ସୋମବାରୀ ମୁଣ୍ଡା, ଦୁର୍ଗାଚରଣ ନାୟକ ଓ ଲକ୍ଷ୍ମଣ କୁମାର ପତି, ପ୍ରମୁଖ ସାମିଲ ଥିଲେ।

# ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ



**ଚମ୍ପୁଆ, ୧୩।୮ (ମହେଶ୍ୱର ଦାସ)**

କେନ୍ଦୁଝର ଜିଲା ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମଙ୍ଗଳବାର ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ସ୍ଥାନୀୟ ନେହେରୁ ଷ୍ଟାଡିୟମଠାରୁ ବାହାରିଥିବା ଏହି ପଦଯାତ୍ରାକୁ ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ ଉଦ୍‌ଘାଟନ କରିଥିଲେ ଉପାଧ୍ୟକ୍ଷା ସୁମିତ୍ରା ବେହେରାଙ୍କ ସହ ସମସ୍ତ କାଉନସିଲର, ଏନ୍ଏସି କର୍ମଚାରୀ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ। ପଦଯାତ୍ରା ଆରମ୍ଭରେ ସାମୂହିକ ଶପଥପାଠ ପରେ ସହର ପରିକ୍ରମା କରାଯାଇଥିଲା। ଅନନ୍ତ ଚରଣ ସାହୁ, ବିଜୟ କୁମାର ମିଶ୍ର, ପ୍ରକାଶ ଚନ୍ଦ୍ର କୁଣ୍ଡୁ ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ୨ ବାଲି ବୋଝେଇ ହାଇୱା ଜବତ

ଚମ୍ପୁଆ, ୧୩।୮ (ମହେଶ୍ୱର ଦାସ)– କେନ୍ଦୁଝର ଜିଲା ଚମ୍ପୁଆ ପୋଲିସ ପକ୍ଷରୁ ବେଆଇନ ବାଲି ଚାଲାଣ ରୋକିବା ପାଇଁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ସୋମବାର ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିବା ବେଳେ ସାତକୁଟୁଣିଆ ଓ ରାମଲାଠାରେ କାଗଜପତ୍ର ନ ଥାଇ ବାଲି ଚାଲାଣ କରୁଥିବା ୨ଟି ହାଇୱାକୁ ଜବତ କରିଛି। ଏନେଇ ଥାନାରେ ମାମଲା (ନଂ.୨୧୭/୨୪ ଓ ୨୧୮/୨୪) ରୁଜୁ କରାଯାଇ ନୋଟିସ ଜାରି କରାଯାଇଛି।

### ଗଣିତ ପ୍ରଶ୍ନମଞ୍ଚରେ ଶିଶୁମନ୍ଦିର ଛାତ୍ରୀଛାତ୍ରଙ୍କ କୃତିତ୍ୱ

ବଉଳା, ୧୩।୮ (ଦୁର୍ଗା ପ୍ରସାଦ ଆୟଚ)– କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଧୀନ ସୋସୋ ପଞ୍ଚାୟତର ନିଉଦାଣି ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀଛାତ୍ର ସତ୍ୟସୁନ୍ଦର ବଳ, ବର୍ଷାରାଣୀ ସାହୁ ଓ ଶୁଭଦର୍ଶନୀ ବେହେରା ଉପଖଣ୍ଡସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଗଣିତ ପ୍ରଶ୍ନ ମଞ୍ଚରେ କୃତିତ୍ୱ ହାସଲ କରିଛନ୍ତି। ହାଟଡିହୀ ସରସ୍ୱତୀ ଶିଶୁମନ୍ଦିରରେ ଅନୁଷ୍ଠିତ ଏହି ଜ୍ଞାନ ବିଜ୍ଞାନ ମେଳାରେ ନିଉଦାଣି ଶିଶୁମନ୍ଦିରର ୩ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି।

### କଲଭର୍ଟ ତଳୁ ଗଳିତ ମୃତଦେହ ଜବତ

ପାଟଣା, ୧୩।୮ (ବୀରକିଶୋର ଦାଶ)– କେନ୍ଦୁଝର ଜିଲା ପାଟଣା–ସାହାରପଡ଼ା ଦେଇ ଯାଇଥିବା ୨୨୦ନଂ. ରାଞ୍ଚି–ବିଜୟୱାଡା ଜାତୀୟ ରାଜପଥର କାର୍ଗିଲ ଛକ ନିକଟରେ ଥିବା କଲଭର୍ଟ ତଳୁ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ ହୋଇଛି। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପାଟଣା ଥାନା ଅଧିକାରୀ ବିବସ୍ୱ ପ୍ରଧାନ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛନ୍ତି। ମୃତକ ହେଲେ ସାହାରପଡ଼ା ବ୍ଲକ ବଡ଼ବିଲ ଗ୍ରାମ ତଳସାହିର ଦିବାକର ବେହେରା (୭୦)। ସେ ୪/୫ ଦିନ ପୂର୍ବରୁ ଘରୁ ନିଖୋଜ ଥିବା ନେଇ ପରିବାର ଲୋକେ କହିଛନ୍ତି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪୯/୨୪) ରୁଜୁ ହୋଇଛି।

### ଯୁବକଙ୍କ ଆତ୍ମହତ୍ୟା

ରାମଚନ୍ଦ୍ରପୁର, ୧୩।୮ (ଗଣେଶ୍ୱର ସା)–କେନ୍ଦୁଝର ଜିଲା ଘସିପୁରା ବ୍ଲକ ରାମଚନ୍ଦ୍ରପୁର ଥାନା ଅଧୀନ ଅଳତୀ ଗ୍ରାମରେ ମଙ୍ଗଳବାର କବିନ୍ଦ୍ର ସାହୁ(ଜଟୁ) ନାମକ ଯୁବକ ଘର ଭିତରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ, ସକାଳେ ପରିବାର ଲୋକ ନିଜ ନିଜ କାମରେ ବ୍ୟସ୍ତ ଥିବାବେଳେ ଘର ଭିତରେ ଏକୁଟିଆ ଥିବା ଜଟୁ କୌଣସି କାରଣରୁ ରଶି ଲଗାଇ ଝୁଲି ପଡ଼ିଥିଲେ। କିଛି ସମୟ ପରେ ପରିବାର ଲୋକ ଦେଖି ତାଙ୍କୁ ଚିକିତ୍ସା ପାଇଁ ସାଇଁକୁଳ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା। ଥାନାରେ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୧/୨୪) ରୁଜୁ ହୋଇଛି। ଆତ୍ମହତ୍ୟାର ପ୍ରକୃତ କାରଣ ତଦନ୍ତ ପରେ ଜଣାପଡ଼ିବ ବୋଲି ଥାନା ଅଧିକାରୀ ବିଜୟ କୁମାର ସିଂ କହିଛନ୍ତି।

# ପାଣି ପାଇଁ ରାସ୍ତାରୋକୋ



ରାସ୍ତାରୋକୋ କରିଥିବା ମହିଳାମାନେ।

**କେନ୍ଦୁଝର, ୧୩।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)**

ପାଣି ସମସ୍ୟାକୁ ନେଇ କେନ୍ଦୁଝର ସହର ନିକଟ ଗୋବିନ୍ଦପୁର ଗ୍ରାମବାସୀ ମଙ୍ଗଳବାର କେନ୍ଦୁଝର –ପାଟଣା ମୁଖ୍ୟ ରାସ୍ତାକୁ ବନ୍ଦ କରି ଆନ୍ଦୋଳନ କରିଥିଲେ। ଗରା, ମାଠିଆ, ଡେକଚି ଧରି ମହିଳାମାନେ ରାସ୍ତା ଉପରେ ବସି ରହିଥିଲେ।

ଅଭିଯୋଗ ଅନୁଯାୟୀ, ଉକ୍ତ ଗାଁରେ ୩ଟି ନଳକୂଅ ରହିଥିବା ବେଳେ ଦୀର୍ଘ ଦିନ ହେଲା ୨ଟି ନଳକୂଅ ଅଚଳ ହୋଇପଡ଼ିଛି। ଗୋଟିଏ ନଳକୂଅରୁ ପାଣି ନେବାପାଇଁ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏନେଇ ଗତ ଫେବୃୟାରୀ ୨୭ ତାରିଖରେ ଲୋକେ ରାସ୍ତାରୋକୋ କରି ପ୍ରତିବାଦ କରିଥିଲେ। ମାତ୍ରେ ଇତିମଧ୍ୟରେ ୮ ମାସ ବିତିଯାଇଥିଲେ ମଧ୍ୟ ବିଭାଗ ପାଣି ଯୋଗାଇବାରେ ଅସମର୍ଥ ହୋଇଥିବା ପ୍ରତିବାଦରେ ମହିଳାମାନେ ପୁଣି ରାସ୍ତାରୋକୋ କରିଥିବା କହିଛନ୍ତି। ଖବରପାଇ ଟାଉନ ଥାନା ପୋଲିସ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ମହିଳାମାନେ ଯିଦ୍‌ରେ ଅଟଳ ରହି ଘଣ୍ଟା ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ହସ୍ତକ୍ଷେପ ପରେ ମଧ୍ୟ ଆନ୍ଦୋଳନ କାରୀମାନେ ଆନ୍ଦୋଳନରୁ ଓହରି ନ ଥିଲେ। ପରେ ତୁରନ୍ତ କାମ ଆରମ୍ଭ ପାଇଁ ପ୍ରଶାସନ ପ୍ରତିଶ୍ରୁତି ଦେବାରୁ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

## ଖେଳୁଥିବା ବେଳେ ସାପ କାମୁଡ଼ାରେ ଶିଶୁ ମୃତ

ପାଟଣା, ୧୩।୮ (ବୀର କିଶୋର ଦାଶ)– କେନ୍ଦୁଝର ଜିଲା ପାଟଣା ବ୍ଲକ ଅଧୀନ ବୁଢ଼ୀ କାପୁଡ଼ି ପଞ୍ଚାୟତ ପୁରନ୍ଦରପୁର ଗ୍ରାମର ଜଣେ ୨ ବର୍ଷର ଶିଶୁପୁତ୍ର ମଙ୍ଗଳବାର ଅଗଣାରେ ଖେଳୁଥିବା ବେଳେ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମୃତ ଶିଶୁପୁତ୍ର ହେଉଛନ୍ତି ଗ୍ରାମର ବାବୁଲୁ ମହାରଣାଙ୍କ ପୁଅ ସୁମନ। ଏକ ବିଷଧର ସାପ କାମୁଡ଼ି ଦେବା ପରେ ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୯/୨୪) ରୁଜୁ ହୋଇଛି।

## କଲେଜ ଆଗରେ ବାଇକ୍ ଧକ୍କା ୩ ଛାତ୍ରୀଙ୍କ ସମେତ ୪ ଆହତ

ଯୋଡ଼ା, ୧୩।୮ (ମାନସ ମହାନ୍ତି)– କେନ୍ଦୁଝର ଜିଲା ଯୋଡ଼ା ମହିଳା ମହାବିଦ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଅପରାହ୍ନରେ ବାଇକ୍ ଦୁର୍ଘଟଣାରେ ୩ ଛାତ୍ରୀ ଆହତ ହୋଇଛନ୍ତି। ବାଇକ୍ ଆରୋହୀ ମଧ୍ୟ ଆହତ ହୋଇଛନ୍ତି। ଆହତ ଛାତ୍ରୀମାନେ ହେଲେ ଯୋଡ଼ା ବନେଇକଳା ଅଞ୍ଚଳର ଶ୍ରୁତି କାରୁଆ, ଆଜାଦ ବସ୍ତି ପଣସଗୋଡ଼ା ଅଞ୍ଚଳର ଦୀପ୍ତି ନାଏକ ଓ ରତୁପର୍ଣ୍ଣା ସାହୁ। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୧ଟା ବେଳେ କଲେଜ ଛୁଟି ହେବା ପରେ ୩ ଛାତ୍ରୀ ଘରକୁ ଯିବାକୁ କଲେଜ ସମ୍ମୁଖ ଛକରେ ଠିଆ ହୋଇଥିଲେ। ଏହି ସମୟରେ ଏକ ବାଇକ୍‌ରେ ବନେଇକଳା ଅଞ୍ଚଳର ରାଜୁ କରୁଆ କଲେଜରେ ପଢୁଥିବା ତାଙ୍କ ଭାଣିଜୀ ଶ୍ରୁତିଙ୍କୁ ନେବା ପାଇଁ ସେଠାକୁ ଆସୁଥିଲେ। ସେ ଭାରସାମ୍ୟ ହରାଇ ସେମାନଙ୍କୁ ଧକ୍କା ଦେଇ ନିଜେ ମଧ୍ୟ ପଡ଼ି ଯାଇଥିଲେ। ସେମାନଙ୍କୁ ଯୋଡ଼ାସ୍ଥିତ ଟାଟାଷ୍ଟିଲ ଡାକ୍ତରଖାନାକୁ ନିଆଯାଇଥିଲା। ଦ୍ରୁତଗତିରେ ବାଇକ୍ ଚାଳନା ଯୋଗୁ ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ପ୍ରକାଶଥାଉ କି, ସପ୍ତାହେ ପୂର୍ବରୁ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଶିଶୁ ଏବଂ ଜଣେ ଅଭିଭାବକଙ୍କ ମୃତ୍ୟୁ ଘଟିବା ପରେ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା।

# ଆମ ପୋଲିସ ସମିତି ବୈଠକ ବସିଲା

**ଧରିତ୍ରୀ ପ୍ରଭାବ**

**ହାଟଡିହୀ, ୧୩।୮ (ଶୁଭକାନ୍ତ ନାୟକ)**

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ବିଭିନ୍ନ ଥାନାରେ ଦୀର୍ଘ ଦୁଇ ବର୍ଷ ପରେ ମଙ୍ଗଳବାର ଆମ ପୋଲିସ ସମିତି ବୈଠକ ବସିଛି । ସୂଚନା ଯୋଗ୍ୟ ବୈଠକ ହେଉ ନ ଥିବା ନେଇ ଗତ ରବିବାର 'ଧରିତ୍ରୀ' ରେ ଏକ ଖବର ପ୍ରକାଶ ପାଇଥିଲା । ଖବର ପ୍ରକାଶ ପାଇବାର ଗୋଟିଏ ଦିନ ପରେ ବୈଠକ ବସିଛି । ପୋଲିସ ଏବଂ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ କରିବା ଏବଂ ବଜାୟ ରଖିବା ପାଇଁ ବିଭିନ୍ନ ଥାନାରେ ଆମ ପୋଲିସ ସମିତି ଗଠନ ହୋଇଥିଲା । ସମିତି ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା ହୁଏ। କିନ୍ତୁ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହେବ ଆଉ ଆମ ପୋଲିସ ସମିତି ବୈଠକ ବସୁ ନ ଥିଲା। ଥାନା ତରଫରୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଖବରଦାତା, ଲୋକ ପ୍ରତିନିଧିଙ୍କ ପରି ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କୁ ନେଇ ଏକ କମିଟି ଗଠନ ହୁଏ । ପ୍ରତି ବର୍ଷ ବିଭିନ୍ନ ସ୍ଥିତିକୁ ନେଇ କମିଟି ସଦସ୍ୟ ପରିବର୍ତ୍ତନ ମଧ୍ୟ ହୋଇଥାଏ । ନନ୍ଦିପଦା ଆମ ପୋଲିସ ସମିତି ସଦସ୍ୟ ବୀରେନ୍ଦ୍ର ବିଶ୍ୱାଳ ଏବଂ ସୋସୋ ଥାନା ଆମ ପୋଲିସ ସମିତି ସଦସ୍ୟ ରବୀନ୍ଦ୍ର ନାୟକ କହିଛନ୍ତି ଯେ ଦୁଇ ବର୍ଷ ପରେ ଆମ ପୋଲିସ ସମିତି ବୈଠକ ପାଇଁ ଥାନା ତରଫରୁ ଡକାଯାଇଥିଲା। ସେହିପରି ଆନନ୍ଦପୁର, ଘସିପୁରା, ରାମଚନ୍ଦ୍ରପୁର ଥାନାରେ ମଧ୍ୟ ଆମ ପୋଲିସ ସମିତି ବୈଠକ ଆରମ୍ଭ ହୋଇଛି । ଆନନ୍ଦପୁର ଡିଏସ୍‌ପି ପ୍ରଶାନ୍ତ ବେହେରା ବିଭିନ୍ନ ଥାନାରେ ଆମ ପୋଲିସ ସମିତିକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି ।

# ମହିଳାଙ୍କ ଆତ୍ମହତ୍ୟା, ହତ୍ୟା ଅଭିଯୋଗ ଆଣିଲେ ବାପଘର

**ପାଟଣା, ୧୩।୮ (ବୀରକିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକର ଡେଣ୍ଡୁଆଁ ଅଞ୍ଚଳରେ ମଙ୍ଗଳବାର ଘରେ କେହି ନ ଥିବା ବେଳେ ଜଣେ ମହିଳା ନିଜ ପିନ୍ଧା ଲୁଗା ବେକରେ ଗୁଡ଼ାଇ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ। ରାତିରେ ମୃତ ମହିଳାଙ୍କ ମା' ତାଙ୍କ ଝିଅକୁ ସ୍ୱାମୀ, ଶାଶୁ ଓ ଶ୍ୱଶୁର ମିଶି ହତ୍ୟା କରିଥିବା ତୁରୁମୁଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ମୃତ ମହିଳା ଜଣକ କିଛି ମାସ ପୂର୍ବରୁ ଜଙ୍ଗଲରେ ବଳାତ୍କାରର ଶିକାର ହୋଇଥିବା ନେଇ ତୁରୁମୁଙ୍ଗା ଥାନାରେ ଅଭିଯୋଗ ହୋଇଥିଲା। ସେତେବେଳେ ପୋଲିସ ଏହି ଘଟଣାରେ ଜଣେ ଜେସିବି ଡ୍ରାଇଭରଙ୍କୁ ଗିରଫ କରିଥିଲା।

# ଶୁଆ ବିକ୍ରି ବେଳେ ବନ ବିଭାଗର ଚଢ଼ାଉ

## ଯୁବକ ଗିରଫ, ୮ ଶୁଆ ଉଦ୍ଧାର

**ଯୋଡ଼ା, ୧୩।୮ (ମାନସ ମହାନ୍ତି)**



କେନ୍ଦୁଝର ଜିଲା ଯୋଡ଼ା ବସ୍‌ଷ୍ଟାଣ୍ଡ ନିକଟରେ ଜଣେ ଯୁବକ ବେଆଇନ ଭାବେ ଶୁଆ ପକ୍ଷୀ ଧରି ବିକ୍ରି କରୁଥିବା ବେଳେ ଯୋଡ଼ା ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଶୁଆ ଉଦ୍ଧାର ସହ ଯୁବକଙ୍କୁ ଗିରଫ କରାଯାଇଛି। ଗିରଫ ଯୁବକ ହେଲେ ଝାଡ଼ଖଣ୍ଡ ରାଜ୍ୟ ରାଞ୍ଚି ଅଞ୍ଚଳର ରାଜା ଆଲାମ। ଏନେଇ ଏକ ମାମଲା (ନଂ. ୧୨ ସିଏର୍/୨୦୨୪) ରୁଜୁ କରାଯାଇଛି। ଏ ସଂକ୍ରାନ୍ତରେ ଯୋଡ଼ା ବନପାଳ ତ୍ରିନାଥ ଜେନା ସୂଚନା ଦେଇ କହିଛନ୍ତି ଯେ, ଧରା ପଡ଼ିଥିବା ୮ ଶୁଆ ରୋଜ୍ ରୀଙ୍ଗଡ ପାରାକୀଟ ଶ୍ରେଣୀର। ଏହି ଶୁଆ ପକ୍ଷୀ ବିଲୁପ୍ତ ହୋଇଯାଉଥିବା ପ୍ରଜାତିର। ରାଜା ଯୋଡ଼ାରେ ଭଡ଼ାଘରେ ରହି ବିଭିନ୍ନ ବନ୍ୟ ପ୍ରାଣୀ, ପକ୍ଷୀ ଚୋରା ଚାଲାଣ କରନ୍ତି। ବହୁଦିନରୁ ତାଙ୍କ ସନ୍ଦିଗ୍ଧ ଗତିବିଧି ଉପରେ ବିଭାଗ ନଜର ରଖିଥିଲା। ଏହି କାରବାରର ଚେର ଯୋଡ଼ା ଅଞ୍ଚଳରେ ବହୁ ଦୂରକୁ ଲମ୍ବି ଥିବାବେଳେ ଅଧିକ ଖୋଳତାଡ଼ କରାଯିବ। ଚମ୍ପୁଆ ଏସିଏଫ୍ ଅକ୍ଷୟ କୁମାର ଛତ୍ରିଆଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉରେ ଯୋଡ଼ା ବନପାଳଙ୍କ ସମେତ ବନ କର୍ମଚାରୀ ନିଲମ ମହାନ୍ତ, ସୁରଜ କୁମାର ଦାସ, ବନ ସ୍କ୍ୱାଡ୍ ଗୋପାଳକୃଷ୍ଣ ନାଏକ ପ୍ରମୁଖ ସାମିଲ ଥିଲେ।

# ଖୁଣ୍ଟା କଲେଜ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା




ଶୋଭାଯାତ୍ରାରେ ସାମିଲ ଛାତ୍ରୀଛାତ୍ରମାନେ।

**ଖୁଣ୍ଟା, ୧୩।୮ (ଦେବରଞ୍ଜନ ବେହେରା)**

ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଏବଂ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ସ୍ୱାଧୀନତାର ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ପକ୍ଷରୁ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜାତୀୟ ସେବା ଯୋଜନାର ସଂଯୋଜକ ଅଧ୍ୟାପକ ତପନ କୁମାର ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲାସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା

## ଘରେ ଘରେ ତ୍ରିରଙ୍ଗା ଅଭିଯାନ

**କେନ୍ଦୁଝର, ୧୩।୮ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**



ତ୍ରିରଙ୍ଗା ଶୋଭାଯାତ୍ରାରେ ଜିଲାପାଳ ବିଶାଳ ସିଂହ ଓ ଅନ୍ୟମାନେ।

ସ୍ୱାଧୀନତା ଦିବସ ଅବସରରେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ଘରେ ଘରେ ତ୍ରିରଙ୍ଗା ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ କେନ୍ଦୁଝର ଜିଲା ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ କେନ୍ଦୁଝର ଷ୍ଟାଡିୟମଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଶୋଭାଯାତ୍ରାରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ବିଶାଳ ସିଂହ ଯୋଗଦେଇ କାନଭାସ୍‌ରେ ଜୟହିନ୍ଦ, ଘରେ ଘରେ ତ୍ରିରଙ୍ଗା ଲେଖିବା ସହ ସେଲ୍‌ଫି ନେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

ସୂଚନାଯୋଗ୍ୟ, କେନ୍ଦୁଝର ଜିଲାର ସମସ୍ତ ବ୍ଲକ ଏବଂ ପଞ୍ଚାୟତସ୍ତରରେ ପ୍ରଶାସନ ତରଫରୁ ଆଗାମୀ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ଏଭଳି ବିଭିନ୍ନ କାର୍ଯ୍ୟକ୍ରମ ଅୟୋଜନ କରି ଲୋକଙ୍କୁ ସଚେତନ କରାଯିବ। ଜିଲାପାଳ ପ୍ରଶାସନ ପକ୍ଷରୁ ଆୟୋଜିତ ହେଉଥିବା କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗ ଦେବା ସହ ତ୍ରିରଙ୍ଗା ପତାକା ସହ ସେଲ୍‌ଫି ଫଟୋ ୱେବ୍ ସାଇଟରେ ଅପଲୋଡ୍ କରି ଅଭିଯାନକୁ ସଫଳ କରିବା ପାଇଁ ସମସ୍ତ କେନ୍ଦୁଝର ଜିଲାବାସୀଙ୍କୁ ନିବେଦନ କରିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଲଳିତ ସୋରେଙ୍ଗ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ରବୀନ୍ଦ୍ର କୁମାର ମଲ୍ଲିକ, କେନ୍ଦୁଝର ଉପଜିଲାପାଳ ଉମାଶଙ୍କର ଦଳାଇ, କେନ୍ଦୁଝରଗଡ଼ ପୌରପାଳିକା ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲା କ୍ରୀଡ଼ା ଅଧିକାରୀ ଜିତେନ୍ଦ୍ର କୁମାର ମହାକୁଡ଼ ଓ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଭିଯୋଗ ଶୁଣାଣି ଶିବିର

**କରଞ୍ଜିଆ, ୧୩।୮ (କବିତା ମହାନ୍ତ)**

ପାଞ୍ଚପୀଢ଼ ଉପଖଣ୍ଡର ସଦର ମହକୁମା କରଞ୍ଜିଆଠାରେ ଜିଲାପାଳ ଏବଂ ଏସ୍‌ପିଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ଯୋଗ ଦେଇଥିବା ଜିଲାପାଳ ହେମକାନ୍ତ ସାଏ ଏବଂ ଏସ୍‌ପି ଏସ. ସୁଶ୍ରୀ କରଞ୍ଜିଆ ଉପଜିଲପାଳଙ୍କ ସମ୍ମିଳନୀ କକ୍ଷରେ ଶୁଣାଣି କରିଥିଲେ। ଶିବିରକୁ ଉପଖଣ୍ଡ ଅଧୀନ ୫ଟି ବ୍ଲକ ଓ କରଞ୍ଜିଆ ଏନ୍ଏସ ଅଞ୍ଚଳରୁ ମୋଟ ୭୭ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୬୫ଟି ବ୍ୟକ୍ତିଗତ ଓ ୧୨ଟି ସାମୂହିକ ଅଭିଯୋଗ ଥିଲା। ଉପଜିଲାପାଳ ପ୍ରେମାଂଶୁ ଚାନ୍ଦ, ସହକାରୀ ଉପଜିଲାପାଳ ପ୍ରକାଶ ଦାସ, ପି.ଡି. ରଜନୀକାନ୍ତ, ଏସ୍‌ଡିପିଓ. ସୁବ୍ରତ କୁମାର, ପି.ଏ.ପ୍ରବୀଣ କୁମାର ବାଣ୍ଡୁଆ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଉପଖଣ୍ଡର ସମସ୍ତ ବିଡିଓ, ତହସିଲଦାର, ସିଡିପିଓ, କୃଷି, ସ୍ୱାସ୍ଥ୍ୟ, ଉଦ୍ୟାନ, ଶ୍ରମ, ଅବକାରୀ, ଶିକ୍ଷା, ପୂର୍ତ୍ତ, ଜଙ୍ଗଲ, ଜଳ ସେଚନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଖବରଦାତାଙ୍କ ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବୈଶିଙ୍ଗା,୧୩।୮(ରତନ ଦାଶ)– କାର୍ଯ୍ୟରତ ଖବରଦାତାମାନଙ୍କ ସମସ୍ୟା ନେଇ ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓଝା, କଳିଙ୍ଗ ପେଶାଦାର ସାମ୍ବାଦିକ ସଂଘର ସଭାପତି ମନୋଜ ଦାସ ଓ ସାଧାରଣ ସମ୍ପାଦକ ରାଜକିଶୋର ସ୍ୱାଇଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏ ସଂକ୍ରାନ୍ତରେ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଚଳିତ ମାସ ୩୧ ତାରିଖରେ 'ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା' ଅବଧି ଶେଷ ହେଉଛି। ପ୍ରତିବର୍ଷ ଅଗଷ୍ଟ ମାସରେ ଏହି ବୀମାର ଅବଧି ପୂର୍ଣ୍ଣ ହେବା ପୂର୍ବରୁ ସାମ୍ବାଦିକମାନଙ୍କୁ ପରବର୍ତ୍ତୀ ବର୍ଷ ପାଇଁ ନୂଆ କାର୍ଡ ମିଳିଯାଇଥାଏ। ମାତ୍ର ଚଳିତ ବର୍ଷ ସରକାର ପରିବର୍ତ୍ତନ ପରେ ଏଥିରେ ବ୍ୟତିକ୍ରମ ଘଟିଛି। ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଡ ନବୀକରଣ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଯାହାକୁ ନେଇ କାର୍ଯ୍ୟରତ ସାମ୍ବାଦିକଙ୍କ ମହଲରେ ଆଶଙ୍କା ପ୍ରକାଶ ପାଇଛି।

### ରାଇରଙ୍ଗପୁରରେ ୟୁରିଆ ସାରର କଳାବଜାର

ରାଇରଙ୍ଗପୁର,୧୩।୮(ଜିତେନ୍ଦ୍ର କୁମାର ଅଗ୍ରୱାଲ)– ମୟୂରଭଞ୍ଜ ଜିଲା ବାମନଘାଟି ଉପଖଣ୍ଡର ରାଇରଙ୍ଗପୁର ବଜାରରେ ୟୁରିଆ ସାର କଳାବଜାର ହେଉଛି। ପ୍ରତ୍ୟେକ ବସ୍ତା ପିଛା ୨୬୬ଟଙ୍କା.୫୦ ପଇସା ସରକାରୀ ବିକ୍ରି ଦର ହୋଇଥିବା ବେଳେ ୩୫୦ ଟଙ୍କାରେ ସାର ବିକ୍ରି ହେଉଥିବା ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି। ରାଇରଙ୍ଗପୁର ଏଡିଓ ସମସ୍ତ ଡିଲରମାନଙ୍କୁ ତାଗିଦ୍ କରିବା ସତ୍ତ୍ୱେ ଚଢ଼ା ଦରରେ ବିକ୍ରି ଚାଲିଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ସୂଚନା ଅନୁଯାୟୀ, କ୍ଷେତରେ ସାର ପଡ଼ିବା ବଦଳରେ ମଦ ଭାଟିରେ ବହୁଳ ମାତ୍ରାରେ ୟୁରିଆ ସାର ବ୍ୟବହାର ହେଉଥିବାରୁ ବଜାରରେ ସାର ସଙ୍କଟ ଦେଖାଦେଉଛି। ଫଳରେ ଚାଷୀମାନେ ଚଢ଼ା ଦରରେ କିଣିବାକୁ ବାଧ ହେଉଛନ୍ତି।

# ଗୋଟିଏ ସ୍କୁଲରେ ୧୭ ବର୍ଷ ଶିକ୍ଷାଦାନ

## ୨ ଶିକ୍ଷୟିତ୍ରୀଙ୍କ ବଦଳି ଦାବିକଲେ ସରପଞ୍ଚ

ମୋରଡ଼ା,୧୩।୮(ସ୍ୱାରକ ମାଝୀ)



ଖୁରୁଣ୍ଡିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ପଳାସମୁଣ୍ଡି ପଞ୍ଚାୟତର ଖୁରୁଣ୍ଡିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇ ଶିକ୍ଷୟିତ୍ରୀ ଠିକ୍ ଭାବେ ଦାୟିତ୍ୱ ସମ୍ପାଦନ କରୁ ନ ଥିବା ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ସରପଞ୍ଚ ଲାଲମୋହନ ସିଂ ମୋରଡ଼ା ବିଇଓ ମନମୋହନ ହେମ୍ବ୍ରମଙ୍କୁ ଲିଖିତ ଭାବେ ଜଣାଇବା ସହ ତୁରନ୍ତ ଉଭୟଙ୍କୁ ବଦଳି କରିବା ପାଇଁ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଶିକ୍ଷୟିତ୍ରୀ ସଂଯୁକ୍ତା ବାରିକ ଓ ନିର୍ମଳା ମିଶ୍ର ଦୀର୍ଘ ୧୭ ବର୍ଷ ହେଲା ନିଜ ଗ୍ରାମରେ ଥିବା ଉକ୍ତ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି। ମନଇଚ୍ଛା କାର୍ଯ୍ୟ କରିବା, ଠିକ୍ ସମୟରେ ବିଦ୍ୟାଳୟକୁ ନ ଆସିବା, ନିର୍ଦ୍ଧାରିତ ସମୟ ପୂର୍ବରୁ ବିଦ୍ୟାଳୟ ଛୁଟି କରିବା, ପିଲାଙ୍କୁ ପାଠ ନ ପଢ଼ାଇ ମୋବାଇଲ ଫୋନ ବ୍ୟବହାର କରିବା, ପିଲାମାନଙ୍କ ଦକ୍ଷତା ବିକାଶରେ ଅଣଦେଖା କରିବା, ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରକାର କାର୍ଯ୍ୟରେ ଲଗାଇବା, ବିଦ୍ୟାଳୟରୁ ଘରକୁ ପଳାଇ ବ୍ୟକ୍ତିଗତ କାର୍ଯ୍ୟରେ ଲିପ୍ତ ରହିବା ଭଳି କାର୍ଯ୍ୟ କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ପୂର୍ବରୁ ଅଭିଭାବକ ଓ ଗ୍ରାମବାସୀ ବିଇଓ ହେମ୍ବ୍ରମଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ବିଇଓ ଉକ୍ତ ଦୁଇ ଶିକ୍ଷୟିତ୍ରୀଙ୍କୁ ଘଣ୍ଟ ଘୋଡାଉ ଥିବା ସରପଞ୍ଚ ଅଭିଯୋଗ କରିଛନ୍ତି। ତୁରନ୍ତ ଉକ୍ତ ଶିକ୍ଷୟିତ୍ରୀ ଦ୍ୱୟଙ୍କୁ ବଦଳି କରା ନ ଗଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସରପଞ୍ଚ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ଘଟଣା ବାବଦରେ ସେ ତଦନ୍ତ କରିବେ ବୋଲି କହିଛନ୍ତି।

# ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

ବାଙ୍ଗିରିପୋଷି,୧୩।୮
(ସଞ୍ଜୟ କୁମାର ଅଗ୍ରୱାଲା)



ଅତିଥି ବିଜ୍ଞାନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ବାଙ୍ଗିରିପୋଷି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ପ୍ରଧାନ ଆଚାର୍ଯ୍ୟା ତଥା ସଙ୍କୁଳ ସଂଯୋଜିକା ପ୍ରଭାସିନୀ ନନ୍ଦିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଇଂରାଜୀ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ସତ୍ୟନାରାୟଣ ସାମଲ ଏବଂ ବାଙ୍ଗିରିପୋଷି ସଙ୍କୁଳ ପ୍ରମୁଖ ବଙ୍କିମ ଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ଦୀନବନ୍ଧୁ ଗୁରୁଜୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟା ମୃଣ୍ମୟୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟା ପ୍ରଣତୀ ମହାନ୍ତ ଓ ମୋନାଲୀ ଦେ ମଞ୍ଚ ପରିଚାଳନା କରିଥିଲେ। ସଙ୍କୁଳ ଅନ୍ତର୍ଗତ ୬ଟି ବିଦ୍ୟାଳୟରୁ ମୋଟ ୧୬୯ ଜଣ ଶିଶୁ ଭଉଣୀ ଭାଇ ଅଂଶଗ୍ରହଣ କରିଥିଲେ। ଜ୍ଞାନ ବିଜ୍ଞାନ ମେଳାରେ ବିଜ୍ଞାନ ପ୍ରକଳ୍ପ, ଗଣିତ ପ୍ରକଳ୍ପ, ଗଣିତ ପ୍ରୟୋଗ, ଗଣିତ ପତ୍ରବାଚନ, ବିଜ୍ଞାନ ପତ୍ରବାଚନ, ଗଣିତ ପ୍ରଶ୍ନମଞ୍ଚ, ସାଂସ୍କୃତିକ ଜ୍ଞାନ ପ୍ରଶ୍ନମଞ୍ଚ, ମୂର୍ତ୍ତିକଳା ପ୍ରତିଯୋଗିତା, ଦେଶାତ୍ମବୋଧକ, ଗୀତ ପ୍ରତିଯୋଗିତା ଏବଂ ଲୋକ ନୃତ୍ୟ ଆଦି ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିନୋଦିନୀ ମହିଳା ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ଡ. .ଗଜେନ୍ଦ୍ର କୁମାର ନନ୍ଦ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

# ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା



ଜ୍ଞାନବିଜ୍ଞାନ ମେଳାରେ ଉପସ୍ଥିତ ଅତିଥି।

ଭଦ୍ରକ, ୧୩।୮ (ରବିନାରାୟଣ ଖିଲାର)

ଭଦ୍ରକ ଗରଦପୁରସ୍ଥିତ ପୁରୁଣାବଜାର ସରସ୍ୱତୀ ବିଦ୍ୟାମନ୍ଦିରରେ ମଙ୍ଗଳବାର ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ବିଦ୍ୟାମନ୍ଦିର ପରିସରରେ ଚାରାରୋପଣ କରିଥିଲେ। ଅନ୍ୟତମ ଅତିଥି ବିଜ୍ଞାନ ଶିକ୍ଷକ ଅକ୍ଷୟ କୁମାର ହୋତା ଓ ସମ୍ମାନିତ ଅତିଥି ଭାବେ ଇଂ. ଅଭୟ ସୂତାର ଯୋଗ ଦେଇଥିଲେ। ଶିଶୁ ବର୍ଗରୁ ୩୫ଟି ବିଜ୍ଞାନ ପ୍ରକଳ୍ପ, ବାଲ୍ ବର୍ଗରୁ ୭ ଓ କିଶୋର ବର୍ଗରୁ ୪ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ପିଲାମାନଙ୍କ ଦ୍ୱାରା ବୈଦିକ ଗଣିତ, ଲୋକନୃତ୍ୟ, ମୂର୍ତ୍ତିକଳା, କଥାକଥନ, ରାଷ୍ଟ୍ର ଗୀତ ଆଦି ପ୍ରତିଯୋଗିତା କରାଯାଇଥିଲା। ୨୦ଜଣ ବିଚାରକଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଙ୍କୁଳ ସଂଯୋଜକ ଭାଗବତ ମହାଳିକ, ସଙ୍କୁଳ ପ୍ରମୁଖ ପଦ୍ମନାଭ ମଲ୍ଲିକ, ସହସଂଯୋଜକ ପ୍ରଭାତ ପଡ଼ିଆରୀ, ପରିଚାଳନା ସମିତିର ସଭାପତି ବିଜୟ କୁମାର ବହଳୀ, ସମ୍ପାଦକ ଶିବସୁନ୍ଦର ଦାସ, ଉପସଭାପତି ଦୁର୍ଗା ପ୍ରସାଦ ପାଣିଗ୍ରାହୀ, କୋଷାଧ୍ୟକ୍ଷା ଶକୁନ୍ତଳା ଦାସ, ସହସମ୍ପାଦକ ପ୍ରିୟବ୍ରତ ବଳ, ସଭ୍ୟ କୌଶଲ୍ୟା ଘଡ଼େଇ, ପ୍ରଶାନ୍ତ କୁମାର ଦାସ ଓ ପ୍ରଧାନଆଚାର୍ଯ୍ୟ ରାଜକିଶୋର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଔଷଧ ଦୋକାନୀଙ୍କୁ ଆକ୍ରମଣ

ବୈଶିଙ୍ଗା,୧୩।୮(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ କଳମା ଗ୍ରାମର ମନୋରଞ୍ଜନ ଜେନାଙ୍କ ପୁତ୍ର ସରୋଜ କୁମାର ଜେନା (୪୦) ସୋମବାର ରାତିରେ ଦୁର୍ବୃତ୍ତଙ୍କ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, କଳମା ଛକ ଉପକଣ୍ଠ ୧୮ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ସରୋଜଙ୍କ ଏକ ଔଷଧ ଦୋକାନ ଅଛି। ସୋମବାର ସରୋଜ ଦୋକାନରେ ବସିଥିବା ବେଳେ ୪ଜଣ ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧି ହଠାତ ଦୋକାନ ଭିତରକୁ ପଶି ଆସି ଅତର୍କିତ ଭାବେ ଭୁଜାଲିରେ ତାଙ୍କୁ ଆକ୍ରମଣ କରି ବାଲେଶ୍ୱର ଅଭିମୁଖେ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ପଠାଇ ଥିଲେ। ପୂର୍ବ ଶତ୍ରୁତାରୁ ଏପରି ଘଟଣା ଘଟିଥିବା ସୂଚନା ମିଳିଛି। ବୈଶିଙ୍ଗା ପୋଲିସ ତଦନ୍ତ ଜାରି ରଖିଛି।

# ସରକାରୀ କାର୍ଯ୍ୟାଳୟ ସଜେଇବାକୁ ନିର୍ଦ୍ଦେଶ

## ସ୍ୱାଧୀନତା ଦିବସ ପାଳନ

ବାରିପଦା,୧୩।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

୭୮ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ମୟୂରଭଞ୍ଜ ଜିଲାରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ଆଲୋମାଳାରେ ସଜେଇବାକୁ ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି। ଏ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୯୨୪ ଅନୁଯାୟୀ ଜିଲାପାଳ ହେମକାନ୍ତ ସାଏ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ଜିଲା, ଉପଖଣ୍ଡ ଓ ବ୍ଲକସ୍ତରରେ ଏକ କମିଟି ଗଠନ କରାଯାଇ ଏହି ସାଜସଜ୍ଜାର ନୀରିକ୍ଷଣ କରିବା ସହିତ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ପୁରସ୍କୃତ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି। ଏସମ୍ପର୍କରେ ଜିଲାର ସମସ୍ତ କାର୍ଯ୍ୟାଳୟକୁ ଅବଗତ କରାଯିବା ସହିତ ସଫଳ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ହର ଘର ତ୍ରିରଙ୍ଗା ଅଭିଯାନକୁ ବ୍ୟାପକ ଭାବେ ଗ୍ରହଣ କରାଯାଇଛି। ଅଗଷ୍ଟ ୯ରୁ ୧୫ ପର୍ଯ୍ୟନ୍ତ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ନିମନ୍ତେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପ୍ରଶାସନ ପକ୍ଷରୁ ଏକ ସେଲଫି କର୍ନର ପ୍ରସ୍ତୁତ କରାଯାଇଛି। କାର୍ଯ୍ୟାଳୟକୁ ଆସୁଥିବା ଲୋକେ ଜାତୀୟ ପତାକାକୁ ଧରି ସେଲଫି ଉଠାଇବା ସହ ହରଘର ତ୍ରିରଙ୍ଗା ଡଟ କମ୍‌ରେ ଅପଲୋଡ୍ କରୁଥିବା ଦେଖିବାକୁ ମିଳିଛି।

# ବିଭାଜନ ବିଭୀଷିକା ସ୍ମାରକୀ ଦିବସ

**ତିହିଡ଼ି,୧୩।୮(ସଞ୍ଜିତ ବଳ):** ୟୁକୋ ବ୍ୟାଙ୍କର ତିହିଡ଼ି ଶାଖା ପକ୍ଷରୁ ମଙ୍ଗଳବାର ବ୍ୟାଙ୍କ ପରିସରରେ ଦେଶ ବିଭାଜନ ବିଭୀଷିକା ସ୍ମାରକୀ ଦିବସ ପାଳନ କରାଯାଇଛି। ଏହି ଅବସରରେ ବ୍ୟାଙ୍କର ସହକାରୀ ଶାଖା ପରିଚାଳକ ଜ୍ଞାନରଞ୍ଜନ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ଲିଡ୍ ବ୍ୟାଙ୍କ ପରିଚାଳକ ନାଗେଶ୍ୱର ରାଓ ଯୋଗଦେଇ ଦେଶ ବିଭାଜନର ବିଭୀଷିକା ସମ୍ପର୍କରେ ବର୍ଣ୍ଣନା କରିବା ସହ ଦେଶ ଗଠନରେ ସମସ୍ତଙ୍କ ସହଯୋଗ ରହିବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ମିଶନ ଶକ୍ତିର ବ୍ଲକ ସଂଯୋଜକ ଶ୍ରୀକାନ୍ତ ଜେନା ଏବଂ ଶିକ୍ଷାବିତ୍ କାଳନ୍ଦୀ ମଲ୍ଲିକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ନାଗରିକ ସଂଘ ସଭାପତି ସୋମନାଥ ପାଢ଼ୀ, ସାମାଜିକ କର୍ମୀ ସଚ୍ଚିକାନ୍ତ ନାୟକ ଓ ଶିକ୍ଷାବିତ୍ ଭାଗୀରଥି ଆଚାର୍ଯ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ବିଭାଜନ ବିଭୀଷିକାର ବିଭିନ୍ନ ଫଟୋ ପ୍ରଦର୍ଶନ କରାଯାଇଥିଲା। ସାମାଜିକ କର୍ମୀ ଦୀପକ ସ୍ୱାଇଁ, ଯତିଶ ନାୟକ, ବିମ୍ବାଧର ତ୍ରିପାଠୀ, ନାରାୟଣ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାଙ୍କ କର୍ମଚାରୀ ଯଶୋବନ୍ତ ପାଣିଗ୍ରାହୀ, ଆଲୋକ ଚନ୍ଦ୍ର ନାୟକଙ୍କ ସହ ରୀନା ପାଢ଼ୀ, ସୋନାଲି ମହାପାତ୍ର, ସୁଶୀଲ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ନିଜ ନାଁକୁ ସାର୍ଥକ କରିଥିଲେ ଅଭିନେତା ଅମୂଲ୍ୟ'

ତିହିଡ଼ି,୧୩।୮(ସଞ୍ଜିତ ବଳ): ନିଜର କଳା ନୈପୁଣ୍ୟ ପାଇଁ ସୁପରିଚିତ ଥିଲେ ଅଭିନେତା ଅମୂଲ୍ୟ ନାୟକ। ନାଟ୍ୟ ନିର୍ଦ୍ଦେଶନା ଓ ଅଭିନୟ ସହ ସେ ଜଣେ ବାଦ୍ୟଶିଳ୍ପୀ ଭାବେ ସୁନାମ ଅର୍ଜନ କରିଥିବାରୁ ନିଜ ନାଁକୁ ସାର୍ଥକ କରିବାରେ ସକ୍ଷମ ହୋଇଥିଲେ। ତିହିଡ଼ି ବ୍ଲକର ସୟା ପଞ୍ଚାୟତ ଅଧୀନ ମହାଦେବସାହି ଗ୍ରାମରେ ସ୍ୱର୍ଗତ ନାୟକଙ୍କ ଏକାଦଶାହ ଅବସରରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ଏହି ମତବ୍ୟକ୍ତ କରିଥିଲେ। ତିହିଡ଼ି କଳିଙ୍ଗ କଳାକାର ସଂଘ ପକ୍ଷରୁ ସଭାପତି କବି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ତିହିଡ଼ି ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସଭାପତି ଅକ୍ଷୟ କୁମାର ବାରିକ, ମୁଖ୍ୟବକ୍ତା ବରିଷ୍ଠ ପାଲାଗାୟକ ଗଣେଶ ଦାସ ଓ ଅନ୍ୟତମ ଅତିଥି ଭାବେ ସଂଘର ସମ୍ପାଦକ ସୁରେନ୍ଦ୍ର ପ୍ରସାଦ ନାୟକ ଯୋଗ ଦେଇଥିଲେ। ଶିବପ୍ରସାଦ ନାୟକ, ଜଗବନ୍ଧୁ ମହାନ୍ତି, ସନାତନ ସାହୁ, ଭକ୍ତହରି ସାହୁ, ବିରେନ୍ଦ୍ର ପାଣ୍ଡବ, ଗୋବର୍ଦ୍ଧନ ନାୟକ, ମଦନ ମୋହନ ଦାସ, ରମାକାନ୍ତ ମଲିକ, କରୁଣାକର ସାହୁ, ବାବାଜୀ ବେହେରା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ବେଦପାଠ କରିଥିଲେ କୁନି କଳାକାର ଦୁର୍ଗାପ୍ରସନ୍ନ ମହାନ୍ତି। ସନ୍ତୋଷ ନାୟକ, ବିକାଶ ନାୟକ, ପ୍ରକାଶ ନାୟକ, ରାଜେଶ ନାୟକ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।


ई–प्रोक्योरमेन्टसेल
कार्यपालक अभियंता का कार्यालय,
भवन निर्माण विभाग,भवन प्रमंडल,देवघर

अल्पकालीन ई–प्रोक्योरमेन्ट नोटिस
ई–टेन्डररेफरेन्स नं0–BCD/EE/01/DEOGHAR/2024-25
दिनांक–13.08.2024

| | | |
|---|---|---|
| 1. | कार्य का नाम | Construction of Car Garage in G.F. and Guard Barrack in F.F. in The Campus of High Court Judges Rest House Deoghar for the Year 2024-25. |
| 2. | प्राक्कलित राशि (रू0) | रू0 1,48,90,800.00(रूपये एक करोड़ अड़तालीस लाख नब्बेहजार आठ सौ) मात्र। |
| 3. | कार्यपूर्ण की अवधि | 09 (नौ) माह |
| 4. | वेबसाईट पर निविदा प्रकाशन की तिथि | 20.08.2024 11:00 बजे |
| 5. | बिडप्राप्ति के लिए अन्तिम तिथि/समय | 28.08.2024 11:00 बजे |
| 6. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता का कार्यालय, भवन निर्माण विभाग,भवन प्रमंडल, देवघर। |
| 7. | निविदा खोलने की तिथि/समय एवं स्थान | 29.08.2024 11:00 बजे नोडलपदाधिकारी, ई0 प्रोक्यूरमेंट सेल, मुख्य अभियंता का कार्यालय, भवन निर्माण विभाग, लाईनटैंक रोड, झारखण्ड, रॉची। |
| 8. | प्रोक्योरमेन्ट पदाधिकारी का सम्पर्क संख्या | 9162458095 |
| 9. | ई–प्रोक्योरमेन्ट सेल का हेल्पलाईन संख्या | 6200167600 |

10. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
11. सूचना प्रौद्योगिकी एवं ई–गवर्नेस विभाग, झारखण्ड सरकार के आदेश ज्ञापांक 120 दिनांक 03.10.2023 के द्वारा निर्गत SOP (मानक संचालन प्रक्रिया) एवं भवन निर्माण विभाग, झारखण्ड सरकार के पत्रांक 2229 दिनांक 06.10.2023 के आलोक में निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
12. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, SOP के तहत् अग्रधन की राशि उसी खाते में वापस होगी। अगर खाता बंद कर दिया जाता है जो उसकी संपूर्ण जवाबदेही निविदादाता की होगी। सरकार द्वारा निर्गत सभी अद्यतन परिपत्र लागू रहेंगे।

- अन्य किसी भी प्रकार की सूचना बदलाव http://jharkhand tenders.gov.in पर देखा जा सकता है।
- Note:- UCAN Registration is mandatory for the Bidders.

नोडलपदाधिकारी
ई–प्रोक्योरमेन्ट सेल
कार्यपालक अभियंता का कार्यालय,
भवन निर्माण विभाग, भवन प्रमण्डल,देवघर

PR 332724 Deoghar(24-25).D



झारखण्ड सरकार, कार्यपालक अभियंता का कार्यालय
ग्रामीण विकास विशेष प्रमण्डल, धनबाद
मोबाईल नं० : 8789242462 Email : rdsd.dhanbad@rediffmail.com

पत्रांकः– 643 धनबाद/दिनांक– 13.08.2024

अति अल्पकालीन निविदा आमंत्रण सूचना
ई– निविदा सूचना संख्या – RWD/SD/DHANBAD-10/2024-25

1. कार्य की विस्तृत विवरणीः

| क्र0 सं० | कार्य का नाम | प्राक्कलित राशि (लाख में) | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1. | धनबाद जिला के कलियासोल प्रखण्ड अन्तर्गत डुमरिया एवं कुलबोना के बीच जोडिया पर पुल निर्माण। (पुल की लंबाई 77.48 मी0) | 392.80200 | परिमाण विपत्र की राशि 2% | 10000.00 | 18 महीना |
| 2. | धनबाद जिला के निरसा प्रखण्ड अन्तर्गत बेलकुपा एवं लखियाबाद के बीच खुदिया नदी पर पुल निर्माण। (पुल की लंबाई 174.28 मी0) | 641.22400 | परिमाण विपत्र की राशि 2% | 10000.00 | 18 महीना |

2. वेबसाईट में निविदा प्रकाशन की तिथि –24.08.2024
3. ई–निविदा प्राप्ति की तिथि एवं समय–दिनांक 24.08.2024 से दिनांक 02.09.2024 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमंडल, धनबाद।
5. ई–निविदा खोलने की तिथि एवं समय– 04.09.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पताः–ई0 नरेन्द्र कुमार, कार्यपालक अभियंता, ग्रामीण विकास विशेष प्रमंडल, धनबाद।
7. ई–निविदा प्रकोष्ठ का दूरभाश सं० – 8789242462 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

(ई0 नरेन्द्र कुमार) कार्यपालक अभियंता
ग्रामीण विकास विशेष प्रमंडल, धनबाद

PR.NO.332683 Rural Work Department(24-25):D



GOVERNMENT OF ODISHA
OFFICE OF THE PANCHAYAT SAMITI, BASTA
E-Mail ID - ori-basta@nic.in

INVITING TENDER CALL NOTICE FOR THE WORK
NATIONAL COMPETITIVE BIDDING THROUGH e-Tendering
Identification No. - 02 Basta / 2024-25
Letter No. 3269 Dt. 13.08.2024

No.i-70 : **Office of The Panchayat Samiti**, Basta Odisha on behalf of the Government of Odisha invites **percentage rate bids** through **e-Tendering** in conformity with the terms & conditions of the Detail Tender Call Notice (DTCN) in **Single Cover** system from class of contractors as mention in col-06 of table registered with the state governments and contractors of equivalent class / Grade registered with central Government / MES / railways for the civil construction works requirements detailed given in the DTCN on **Percentage Rate Bids** to be eventually drawn up in **standard P1 contract Form**. The bid should be submitted on-line in the website www.tenderodisha.gov.in by eligible class of contractors. The bidders should have the necessary portal Enrolment (with his own digital signature certificate). The registered bidders of outside Odisha can also participate in this process, after necessary portal Enrolment, but shall have to subsequently undergo registration with the appropriate authority of the State Govt. before signing agreement.

**PROCUREMENT OFFICER-B.D.O, OFFICE OF THE PANCHAYAT SAMITI, BASTA, BALASORE**
**(Tender on-line-02 BASTA/2024-25)**

Sd./- Block Development Officer
Basta

OIPR-19171/11/0002/2425



OFFICE OF THE
NOTIFIED AREA COUNCIL: KHANDAPADA
E-Mail Id-nackpg89@gmail.com

Notice No.1812 Date:12.08.2024

Expression of Interest

**No.C-418:**Proposals are invited to conduct the assignment and submit the deliverables from Public Sector Undertakings/Autonomous Bodies/Registered Engineering Consulting firms that have requisite experience in preparation of drainage/waste water pipeline/sewerage network plan and infrastructure for **"Preparation of Comprehensive Storm Water Drainage GIS Based Master Plan and DPR For Khandapada NAC Area"**. The prescribed tender scheduled can be obtain from NAC, Khandapada Office during office hour except holidays on payment of Rs.10,000/- (Rupees Ten Thousand) (Non Refundable) in shape of DD in favour of **"Executive Officer, Khandapada NAC", Payable at Khandapada** From Dt.16.08.2024 to Dt.23.08.2024. The Quotation should reach in this office of the undersigned on or before 29.08.2024 by 5.00 PM by Speed Post/ Register Post/ Courier/ by hand and the same will be opened on Dt.30.08.2024 at 11.00 AM. The undersigned reserved the rights to reject the quotation without assigning any reason thereof.

Sd./- Executive Officer
Khandapada NAC

OIPR-13147/11/0009/2425



GOVERNMENT OF ODISHA
OFFICE OF THE EXECUTIVE ENGINEER (C)
DIRECTORATE OF FISHERIES, ODISHA, CUTTACK
No. M-23 E-MAIL: eefedcuttack@gmail.com
Bid Identification No. 4187 / Dt.12.08.2024

1. No. of Works : 12 (Twelve) Number of works
2. Type of works : Civil Works
3. Approximate Estimated Cost: Rs.42.25 to Rs.83.89 Lakhs
4. Class of Contractor : "B"
5. Period of Completion : 06 [Six] Calendar Months
6. Date of Sale & Receipt : Dt.17.08.2024 to 2.00 P.M. of Dt.31.08.2024 (Working days only)
7. Date of Opening : Dt.02.09.2024 at 11.00 A.M.
8. Name of Office Inviting Bid : Executive Engineer (C), Directorate of Fisheries, Odisha, Cuttack

Further details can be seen in the bidding documents & can be downloaded from the Government of Odisha website **(http://www.odisha.gov.in)**. Authority reserves the right to reject any or all the tenders without assigning any reason thereof.

Sd./- Executive Engineer (C)
Directorate of Fisheries, Odisha, Cuttack

OIPR-06030/11/0011/2425



FORM NO. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA
O.A. NO:- 225 / 2023

State Bank of India, SARB, Cuttack ...Applicant
Versus
M/s. Sita Rani Sahoo ...Defendant(s)

To,
**Sita Rani Sahoo,** aged about 45 years, D/o: Nrusinga Charan Prusty, At/PO.: Nadia Bhanga, Via: Danagadi, Dist.: Jajpur, PIN-755026, Odisha

SUMMONS BY PAPER PUBLICATION
FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an **O.A. No. 225/ 2023** in the court of the Debts of Recovery Tribunal, Cuttack for recovery of **Rs.33,63,752/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within 30 days from the publication or on **01/10/2024 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this 5th day of **August** of **2024.**

Sd/- (Nikhila Ranjan Pati)
REGISTRAR



GOVERNMENT OF ODISHA, "e"-PROCUREMENT NOTICE
OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
WORKS DEPARTMENT

Tender Call Notice

E-Mail : rbcirclekhurda@gmail.com, Bid Identification No. CCE-Khordha (R&B) Circle-05/2024-25, Memo No - 1581 Dt.12.08.2024

No.B-170: The Chief Construction Engineer, khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for building works as detailed in the table below :

| | | |
|---|---|---|
| 1 | Nature of Work | Building Works |
| 2 | No. of Work | 2 Nos. |
| 3 | Tender Cost | Rs. 10000.00 (On-Line) |
| 4 | Class of Contractor | B & A Class |
| 5 | Available of Bid document in Website | From 10.00 AM of Dt.17.08.2024 up to 05.00 PM of the Dt.27.08.2024 up to 5.00 PM |
| 6 | Date of opening of Bid | Dt.28.08.2024 at 11.30 AM |
| 7 | The Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any Addendum/Corrigendum/Cancellation of tender can also be seen in the said website. | |

Sd./- Chief Construction Engineer
Khordha (R&B) Circle, Khordha

OIPR-34127/11/0006/2425



COUNCIL OF HIGHER SECONDARY EDUCATION, ODISHA
PRAJNAPITHA, SAMANTAPUR, BHUBANESWAR - 751013
Website : www.chseodisha.nic.in

NOTIFICATION

Bhubaneswar, dated - 12th August, 2024

No.N-82 : This is for the information of the students who are pursuing Graduate/Post Graduate Degree in College and Universities and the students who are pursuing professional courses such as Medical, Engineering etc. that Pradhan Mantri Uchchatar Shiksha Protsahan (PM-USP) Yojana is a component scheme a Central Sector Scheme for Scholarship for College and University Students (PM-USP CSSS), under Govt. of India, Ministry of Education, Department of Higher Education, NS-1 Section, New Delhi.

The objective of the scheme of Scholarship is to provide financial assistance to meritorious students from poor families to meet a part of their day-to-day expenses while pursuing higher studies.

The National Scholarship Portal (NSP) (https://scholarships.gov.in) is now live for applications from the students in higher education. The allocated quote for Odisha is 2736. Students who were in top 20 percentile in Higher Secondary from State Board / Council and Annual Income upto Rs. 4.5 lakhs are eligible to apply for this Scholarship.

A detailed guideline is attached here with for reference and more information.
Last date for submission of online application for Fresh & renewal is **31.10.2024.**

**For detailed information please visit the web-site (NSP) www.scholarships.gov.in and** www.chseodisha.nic.in

By order of the Chairman
Sd./- Secretary

OIPR/11003/11/0004/2425

## ସଂକ୍ଷେପରେ

### ଖବରଦାତାଙ୍କ ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବୈଶିଙ୍ଗା,୧୩।୮(ରତନ ଦାଶ)- କାର୍ଯ୍ୟରତ ଖବରଦାତାମାନଙ୍କ ସମସ୍ୟା ନେଇ ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓଝା, କଳିଙ୍ଗ ପେଶାଦାର ସାମ୍ବାଦିକ ସଂଘର ସଭାପତି ମନୋଜ ଦାସ ଓ ସାଧାରଣ ସମ୍ପାଦକ ରାଜକିଶୋର ସ୍ୱାଇଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏ ସଂକ୍ରାନ୍ତରେ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଚଳିତ ମାସ ୩୧ ତାରିଖରେ 'ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା' ଅବଧି ଶେଷ ହେଉଛି। ପ୍ରତିବର୍ଷ ଅଗଷ୍ଟ ମାସରେ ଏହି ବୀମାର ଅବଧି ପୂର୍ଣ୍ଣ ହେବା ପୂର୍ବରୁ ସାମ୍ବାଦିକମାନଙ୍କୁ ପରବର୍ତ୍ତୀ ବର୍ଷ ପାଇଁ ନୂଆ କାର୍ଡ ମିଳିଯାଇଥାଏ। ମାତ୍ର ଚଳିତ ବର୍ଷ ସରକାର ପରିବର୍ତ୍ତନ ପରେ ଏଥିରେ ବ୍ୟତିକ୍ରମ ଘଟିଛି। ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଡ ନବୀକରଣ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଯାହାକୁ ନେଇ କାର୍ଯ୍ୟରତ ସାମ୍ବାଦିକଙ୍କ ମହଲରେ ଆଶଙ୍କା ପ୍ରକାଶ ପାଇଛି।

### ରାଇରଙ୍ଗପୁରରେ ୟୁରିଆ ସାରର କଳାବଜାର

ରାଇରଙ୍ଗପୁର,୧୩।୮(ଜିତେନ୍ଦ୍ର କୁମାର ଅଗ୍ରୱାଲ)- ମୟୂରଭଞ୍ଜ ଜିଲା ବାମନଘାଟି ଉପଖଣ୍ଡର ରାଇରଙ୍ଗପୁର ବଜାରରେ ୟୁରିଆ ସାର କଳାବଜାର ହେଉଛି। ପ୍ରତ୍ୟେକ ବସ୍ତା ପିଛା ୨୬୬ଟଙ୍କା.୫୦ ପଇସା ସରକାରୀ ବିକ୍ରି ଦର ହୋଇଥିବା ବେଳେ ୩୫୦ ଟଙ୍କାରେ ସାର ବିକ୍ରି ହେଉଥିବା ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି। ରାଇରଙ୍ଗପୁର ଏଡିଓ ସମସ୍ତ ଡିଲରମାନଙ୍କୁ ତାଗିଦ୍ କରିବା ସତ୍ତ୍ୱେ ଚଢ଼ା ଦରରେ ବିକ୍ରି ଚାଲିଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ସୂଚନା ଅନୁଯାୟୀ, କ୍ଷେତରେ ସାର ପଡ଼ିବା ବଦଳରେ ମଦ ଭାଟିରେ ବହୁଳ ମାତ୍ରାରେ ୟୁରିଆ ସାର ବ୍ୟବହାର ହେଉଥିବାରୁ ବଜାରରେ ସାର ସଙ୍କଟ ଦେଖାଦେଉଛି। ଫଳରେ ଚାଷୀମାନେ ଚଢ଼ା ଦରରେ କିଣିବାକୁ ବାଧ ହେଉଛନ୍ତି।

# ଗୋଟିଏ ସ୍କୁଲରେ ୧୭ ବର୍ଷ ଶିକ୍ଷାଦାନ

## ୨ ଶିକ୍ଷୟିତ୍ରୀଙ୍କ ବଦଳି ଦାବିକଲେ ସରପଞ୍ଚ

ମୋରଡ଼ା,୧୩।୮(ସ୍ମାରକ ମାଜୀ)



ଖୁଣ୍ଟୁଣ୍ଡିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ପଳାସମୁଣ୍ଡି ପଞ୍ଚାୟତର ଖୁଣ୍ଟୁଣ୍ଡିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇ ଶିକ୍ଷୟିତ୍ରୀ ଠିକ୍ ଭାବେ ଦାୟିତ୍ୱ ସମ୍ପାଦନ କରୁ ନ ଥିବା ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ସରପଞ୍ଚ ଲାଲମୋହନ ସିଂ ମୋରଡ଼ା ବିଇଓ ମନମୋହନ ହେମ୍ବ୍ରମଙ୍କୁ ଲିଖିତ ଭାବେ ଜଣାଇବା ସହ ତୁରନ୍ତ ଉଭୟଙ୍କୁ ବଦଳି କରିବା ପାଇଁ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଶିକ୍ଷୟିତ୍ରୀ ସଂଯୁକ୍ତା ବାରିକ ଓ ନିର୍ମଳା ମିଶ୍ର ଦୀର୍ଘ ୧୭ ବର୍ଷ ହେଲା ନିଜ ଗ୍ରାମରେ ଥିବା ଉକ୍ତ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି। ମନଇଚ୍ଛା କାର୍ଯ୍ୟ କରିବା, ଠିକ୍ ସମୟରେ ବିଦ୍ୟାଳୟକୁ ନ ଆସିବା, ନିର୍ଦ୍ଧାରିତ ସମୟ ପୂର୍ବରୁ ବିଦ୍ୟାଳୟ ଛୁଟି କରିବା, ଫୋନ ବ୍ୟବହାର କରିବା, ପିଲାମାନଙ୍କ ପିଲାଙ୍କୁ ପାଠ ନ ପଢ଼ାଇ ମୋବାଇଲ ଦକ୍ଷତା ବିକାଶରେ ଅଣଦେଖା କରିବା, ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରକାର କାର୍ଯ୍ୟରେ ଲଗାଇବା, ବିଦ୍ୟାଳୟରୁ ଘରକୁ ପଳାଇ ବ୍ୟକ୍ତିଗତ କାର୍ଯ୍ୟରେ ଲିପ୍ତ ରହିବା ଭଳି କାର୍ଯ୍ୟ କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ପୂର୍ବରୁ ଅଭିଭାବକ ଓ ଗ୍ରାମବାସୀ ବିଇଓ ହେମ୍ବ୍ରମଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ବିଇଓ ଉକ୍ତ ଦୁଇ ଶିକ୍ଷୟିତ୍ରୀଙ୍କୁ ଘଣ୍ଟ ଘୋଡାଉ ଥିବା ସରପଞ୍ଚ ଅଭିଯୋଗ କରିଛନ୍ତି। ତୁରନ୍ତ ଉକ୍ତ ଶିକ୍ଷୟିତ୍ରୀ ଦ୍ୱୟଙ୍କୁ ବଦଳି କରା ନ ଗଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସରପଞ୍ଚ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ଘଟଣା ବାବଦରେ ସେ ତଦନ୍ତ କରିବେ ବୋଲି କହିଛନ୍ତି।

# ଗୋରୁ ବୋଝେଇ ଗାଡ଼ି ଜବତ

## ଖଣ୍ଡା ଦେଖାଇ ଡ୍ରାଇଭର ଫେରାର



ମୋରଡ଼ା,୧୩।୮(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରେ ଚୋରା ଗୋରୁ ଚାଲାଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ପଶ୍ଚିମବଙ୍ଗକୁ ଗୋରୁ ଚାଲାଣ ହେଉଥିବା ବେଳେ ଝିଙ୍କିରିଆ ନିକଟରେ ବଜରଙ୍ଗୀ କ୍ଲବର ସଦସ୍ୟମାନେ ଗାଡ଼ିକୁ ଜବତ କରିଥିଲେ। ଉକ୍ତ ପିକଅପ୍ ଭ୍ୟାନ୍‌ରେ ୧୭ଟି ଗୋରୁ ଥିବାବେଳେ ଖଣ୍ଡା ଦେଖାଇ ଗାଡ଼ି ଡ୍ରାଇଭରଙ୍କ ସହିତ ଅନ୍ୟ ଦୁଇଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବରପାଇ ଚିତ୍ରଡ଼ା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ପହଞ୍ଚି ଜବତ ଗୋରୁ ଓ ପିକ୍‌ଅପ୍ ଭାନ୍‌କୁ ଫାଣ୍ଡିକୁ ଆଣିଥିଲେ। ତେବେ ଫାଣ୍ଡିରେ ମୋଟ ୫ଟି ଗୋରୁ ଥିବା ଓ ଅବଶିଷ୍ଟ ଗୋରୁଗୁଡ଼ିକୁ ଗ୍ରାମବାସୀ ନେଇ ଯାଇଥିବା ଫାଣ୍ଡି ଅଧିକାରୀ ସୋରେନ କହିଥିଲେ। ଏସମ୍ପର୍କରେ ମୋରଡା ଥାନା ଅଧିକାରୀ ସତ୍ୟ ନାରାୟଣ ବଳଙ୍କୁ ପଚାରିବାରୁ ଗାଡ଼ି ଜବତ ହେବା ପରେ ଅବଶିଷ୍ଟ ଗୋରୁ ଡିଆଁ ମାରି ପଳାଇଥିବା କହିଛନ୍ତି। ତେବେ ଥାନା ଓ ଫାଣ୍ଡି ଅଧିକାରୀଙ୍କ କଥାରେ ତାଳମେଳ ରହୁ ନ ଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ମୋରଡା ଥାନାରେ ଏକ ମାମଲା(ନଂ. ୧୦୯/୨୪) ରୁଜୁ ହୋଇଛି। ଜବତ ୫ ଗୋରୁଙ୍କୁ ବାଲେଶ୍ୱର ଗୋଶାଳାକୁ ପଠାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

# ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

ବାଙ୍ଗିରିପୋଷି,୧୩।୮
(ସଞ୍ଜୟ କୁମାର ଅଗ୍ରୱାଲା)



ଅତିଥି ବିଜ୍ଞାନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ବାଙ୍ଗିରିପୋଷି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ପ୍ରଧାନ ଆଚାର୍ଯ୍ୟା ତଥା ସଙ୍କୁଳ ସଂଯୋଜିକା ପ୍ରଭାସିନୀ ନନ୍ଦିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଇଂରାଜୀ ବିଭାଗର ମୁଖ୍ୟ ପ୍ରାଧାପକ ସତ୍ୟନାରାୟଣ ସାମଲ ଏବଂ ବାଙ୍ଗିରିପୋଷି ସଙ୍କୁଳ ପ୍ରମୁଖ ବଙ୍କିମ ଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ଦୀନବନ୍ଧୁ ଗୁରୁଜୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟା ମୃଣ୍ମୟୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟା ପ୍ରଣତୀ ମହାନ୍ତ ଓ ମୋନାଲୀ ଦେ ମଞ୍ଚ ପରିଚାଳନା କରିଥିଲେ। ସଙ୍କୁଳ ଅନ୍ତର୍ଗତ ୬ଟି ବିଦ୍ୟାଳୟରୁ ମୋଟ ୧୬୯ ଜଣ ଶିଶୁ ଭଉଣୀ ଭାଇ ଅଂଶଗ୍ରହଣ କରିଥିଲେ। ଜ୍ଞାନ ବିଜ୍ଞାନ ମେଳାରେ ବିଜ୍ଞାନ ପ୍ରକଳ୍ପ, ଗଣିତ ପ୍ରକଳ୍ପ, ଗଣିତ ପ୍ରୟୋଗ, ଗଣିତ ପତ୍ରବାଚନ, ବିଜ୍ଞାନ ପତ୍ରବାଚନ, ଗଣିତ ପ୍ରଶ୍ନମଞ୍ଚ, ସାଂସ୍କୃତିକ ଜ୍ଞାନ ପ୍ରଶ୍ନମଞ୍ଚ, ମୂର୍ତ୍ତିକଳା ପ୍ରତିଯୋଗିତା, ଦେଶାତ୍ମବୋଧକ, ଗୀତ ପ୍ରତିଯୋଗିତା ଏବଂ ଲୋକ ନୃତ୍ୟ ଆଦି ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିନୋଦିନୀ ମହିଳା ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ଡ. .ଗଜେନ୍ଦ୍ର କୁମାର ନନ୍ଦ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

# ଔଷଧ ଦୋକାନୀଙ୍କୁ ଆକ୍ରମଣ

ବୈଶିଙ୍ଗା,୧୩।୮(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ କଳମା ଗ୍ରାମର ମନୋରଞ୍ଜନ ଜେନାଙ୍କ ପୁତ୍ର ସରୋଜ କୁମାର ଜେନା (୪୦) ସୋମବାର ରାତିରେ ଦୁର୍ବୃତ୍ତଙ୍କ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, କଳମା ଛକ ଉପକଣ୍ଠ ୧୮ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ସରୋଜଙ୍କ ଏକ ଔଷଧ ଦୋକାନ ଅଛି। ସୋମବାର ସରୋଜ ଦୋକାନରେ ବସିଥିବା ବେଳେ ୪ଜଣ ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧି ହଠାତ ଦୋକାନ ଭିତରକୁ ପଶି ଆସି ଅତର୍କିତ ଭାବେ ଭୁଜାଲିରେ ତାଙ୍କୁ ଆକ୍ରମଣ କରି ବାଲେଶ୍ୱର ଅଭିମୁଖେ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ପଠାଇ ଥିଲେ। ପୂର୍ବ ଶତ୍ରୁତାରୁ ଏପରି ଘଟଣା ଘଟିଥିବା ସୂଚନା ମିଳିଛି। ବୈଶିଙ୍ଗା ପୋଲିସ ତଦନ୍ତ ଜାରି ରଖିଛି।

# ସରକାରୀ କାର୍ଯ୍ୟାଳୟ ସଜେଇବାକୁ ନିର୍ଦ୍ଦେଶ

## ସ୍ୱାଧୀନତା ଦିବସ ପାଳନ

ବାରିପଦା,୧୩।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

୭୮ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ମୟୂରଭଞ୍ଜ ଜିଲାରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ଆଲୋମାଳାରେ ସଜେଇବାକୁ ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି। ଏ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୯୨୪ ଅନୁଯାୟୀ ଜିଲାପାଳ ହେମକାନ୍ତ ସାଏ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ଜିଲା, ଉପଖଣ୍ଡ ଓ ବ୍ଲକସ୍ତରରେ ଏକ କମିଟି ଗଠନ କରାଯାଇ ଏହି ସାଜସଜ୍ଜାର ନୀରିକ୍ଷଣ କରିବା ସହିତ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ପୁରସ୍କୃତ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି। ଏସମ୍ପର୍କରେ ଜିଲାର ସମସ୍ତ କାର୍ଯ୍ୟାଳୟକୁ ଅବଗତ କରାଯିବା ସହିତ ସଫଳ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ହର ଘର ତ୍ରିରଙ୍ଗା ଅଭିଯାନକୁ ବ୍ୟାପକ ଭାବେ ଗ୍ରହଣ କରାଯାଇଛି। ଅଗଷ୍ଟ ୯ରୁ ୧୫ ପର୍ଯ୍ୟନ୍ତ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ନିମନ୍ତେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପ୍ରଶାସନ ପକ୍ଷରୁ ଏକ ସେଲଫି କର୍ନର ପ୍ରସ୍ତୁତ କରାଯାଇଛି । କାର୍ଯ୍ୟାଳୟକୁ ଆସୁଥିବା ଲୋକେ ଜାତୀୟ ପତାକାକୁ ଧରି ସେଲଫି ଉଠାଇବା ସହ ହରଘର ତ୍ରିରଙ୍ଗା ଡଟ କମ୍‌ରେ ଅପଲୋଡ୍ କରୁଥିବା ଦେଖିବାକୁ ମିଳିଛି।

# ଭାଜପା ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ



 କାର୍ଯ୍ୟକ୍ରମରେ ସାମିଲ ଭାଜପା କର୍ମକର୍ତ୍ତାମାନେ।

**ଖୁଣ୍ଟା,୧୩।୮(ଦେବରଞ୍ଜନ ବେହେରା):** ଗୋପବନ୍ଧୁନଗର ବ୍ଲକ ଭାଜପା ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବ୍ଲକ ସଭାପତି ପ୍ରଦୀପ ପୋଥାଳ ଓ ଯୁବମୋର୍ଚ୍ଚା ସଭାପତି ହିମାଂଶୁ ଶେଖର ବେହେରାଙ୍କ ନେତୃତ୍ୱରେ ବ୍ଲକ ଅଧୀନରେ ଥିବା ବିଭିନ୍ନ ପଞ୍ଚାୟତରୁ ଦଳର କର୍ମୀମାନେ ଏକତ୍ରୀତ ହୋଇ ଜନସାଧାରଣଙ୍କୁ ପରିବେଶ ସ୍ୱଚ୍ଛତା ଓ ଏହାର ଉପକାରିତା ସମ୍ପର୍କରେ ସଚେତନ କରାଇଥିଲେ। ପରବର୍ତ୍ତୀ ସମୟରେ କର୍ମୀମାନେ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରର ଓ ଚିକିତ୍ସା କେନ୍ଦ୍ରରେ ଥିବା ଶୌଚାଳୟ ଗୁଡ଼ିକୁ ସଫେଇ କରିବାସହ ଚିକିତ୍ସା କେନ୍ଦ୍ରରେ ଉପସ୍ଥିତ ଥିବା ରୋଗୀ ଓ ତାଙ୍କର ସମ୍ପର୍କୀୟମାନଙ୍କୁ ପରିବେଶ ପାଇଁ ସ୍ୱଚ୍ଛତା ଅପରିହାର୍ଯ୍ୟ ବୋଲି ସୁଚାଇଥିଲେ।

# ଅମାନିଆ ଗାଡ଼ି ଚାଳକଙ୍କୁ ୨୫ ହଜାର ଜରିମାନା

ଖୁଣ୍ଟା,୧୩।୮(ଦେବରଞ୍ଜନ ବେହେରା)- ଖୁଣ୍ଟା ପୋଲିସ ପକ୍ଷରୁ ବାଇକ୍ ଯାଞ୍ଚ କାର୍ଯ୍ୟକୁ କଡ଼ାକଡ଼ି କରାଯାଇଛି। ଏନେଇ ଅମାନିଆ ବାଇକ୍ ଚାଳକଙ୍କ ମଧ୍ୟରେ ଛକନା ଦେଖାଦେଇଛି। ବିଭିନ୍ନ ସମୟରେ ମଦ୍ୟପାନ ଓ ହେଲମେଣ୍ଟ ବ୍ୟବହାର ନ କରି ଯୁବଗୋଷ୍ଠୀ ଦ୍ରୁତଗତିରେ ଗାଡ଼ି ଚାଳନା କରୁଥିବା ଯୋଗୁ ଧନଜୀବନ ହାନି ଘଟୁଛି। ଏପରିକି ନମ୍ବର ବିହୀନ ବାଇକ୍‌ରେ ଆସି ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ଘଟାଇ ଅଭିଯୁକ୍ତମାନେ ଚମ୍ପଟ ମାରୁଥିବା ଘଟଣାକୁ ଗୁରୁତର ସହ ନେଇଛି ସ୍ଥାନୀୟ ପୋଲିସ। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ପୋଲିସ ପକ୍ଷରୁ ଖୁଣ୍ଟା ବଜାରରେ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ବିନା ହେଲମେଣ୍ଟରେ ଗାଡ଼ି ଚଳାଇବା , ବାଇକରେ ୨ରୁ ଉର୍ଦ୍ଧ୍ୱଯାତ୍ରୀ ବସିବା, ନମ୍ବର ବିହୀନ ବାଇକ ଚଳନା ଅଭିଯୋଗରେ ମୋଟ ୨୫ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି। ଏତଦବ୍ୟତୀତ ମଦ୍ୟପାନ କରି ଗାଡ଼ି ଚାଳନା ଅଭିଯୋଗରେ ୨ ଜଣ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ଖୁଣ୍ଟା ଥାନା ଆଇଆଇସି ସୁଜାତା ଖମାରୀ କହିଛନ୍ତି।


ई-प्रोक्योरमेन्टसेल
कार्यपालक अभियंता का कार्यालय,
भवन निर्माण विभाग,भवन प्रमंडल,देवघर

अल्पकालीन ई-प्रोक्योरमेन्ट नोटिस
ई-टेन्डररेफरेन्स नं0-BCD/EE/01/DEOGHAR/2024-25
दिनांक-13.08.2024

| | | |
|---|---|---|
| 1. | कार्य का नाम | Construction of Car Garage in G.F. and Guard Barrack in F.F. in The Campus of High Court Judges Rest House Deoghar for the Year 2024-25. |
| 2. | प्राक्कलित राशि (रू0) | रू0 1,48,90,800.00(रूपये एक करोड़ अड़तालीस लाख नब्बेहजार आठ सौ) मात्र। |
| 3. | कार्यपूर्ण की अवधि | 09 (नौ) माह |
| 4. | वेबसाईट पर निविदा प्रकाशन की तिथि | 20.08.2024 11:00 बजे |
| 5. | बिडप्राप्ति के लिए अन्तिम तिथि/समय | 28.08.2024 11:00 बजे |
| 6. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता का कार्यालय, भवन निर्माण विभाग,भवन प्रमंडल, देवघर। |
| 7. | निविदा खोलने की तिथि/समय एवं स्थान | 29.08.2024 11:00 बजे नोडलपदाधिकारी, ई0 प्रोक्यूरमेंट सेल, मुख्य अभियंता का कार्यालय, भवन निर्माण विभाग, लाईनटैंक रोड, झारखण्ड, राँची। |
| 8. | प्रोक्योरमेन्ट पदाधिकारी का सम्पर्क संख्या | 9162458095 |
| 9. | ई-प्रोक्योरमेन्ट सेल का हेल्पलाईन संख्या | 6200167600 |

10. परिमाण विपत्र की राशि घट-बढ़ सकती है तदनुसार अग्रधन की राशि देय होगी।
11. सूचना प्रौद्योगिकी एवं ई-गवर्नेस विभाग, झारखण्ड सरकार के आदेश ज्ञापांक 120 दिनांक 03.10.2023 के द्वारा निर्गत SOP (मानक संचालन प्रक्रिया) एवं भवन निर्माण विभाग, झारखण्ड सरकार के पत्रांक 2229 दिनांक 06.10.2023 के आलोक में निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
12. निविदा शुल्क एवं अग्रधन की राशि का ई-भुगतान जिस खाता से किया जायेगा, SOP के तहत् अग्रधन की राशि उसी खाते में वापस होगी। अगर खाता बंद कर दिया जाता है जो उसकी संपूर्ण जवाबदेही निविदादाता की होगी। सरकार द्वारा निर्गत सभी अद्यतन परिपत्र लागू रहेंगे।

- अन्य किसी भी प्रकार की सूचना बदलाव http://jharkhand tenders.gov.in पर देखा जा सकता है।
- Note:- UCAN Registration is mandatory for the Bidders.

नोडलपदाधिकारी
ई-प्रोक्योरमेन्ट सेल
कार्यपालक अभियंता का कार्यालय,
भवन निर्माण विभाग, भवन प्रमण्डल,देवघर

PR 332724 Deoghar(24-25).D



झारखण्ड सरकार, कार्यपालक अभियंता का कार्यालय
ग्रामीण विकास विशेष प्रमण्डल, धनबाद
मोबाईल नं० : 8789242462 Email : rdsd.dhanbad@rediffmail.com

पत्रांकः- 643 धनबाद/दिनांक- 13.08.2024

अति अल्पकालीन निविदा आमंत्रण सूचना
ई- निविदा सूचना संख्या - RWD/SD/DHANBAD-10/2024-25

1. कार्य की विस्तृत विवरणी:

| क्र0 सं० | कार्य का नाम | प्राक्कलित राशि (लाख में) | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1. | धनबाद जिला के कलियासोल प्रखण्ड अन्तर्गत डुमरिया एवं कुलबोना के बीच जोडिया पर पुल निर्माण। (पुल की लंबाई 77.48 मी0) | 392.80200 | परिमाण विपत्र की राशि 2% | 10000.00 | 18 महीना |
| 2. | धनबाद जिला के निरसा प्रखण्ड अन्तर्गत बेलकुपा एवं लखियाबाद के बीच खुदिया नदी पर पुल निर्माण। (पुल की लंबाई 174.28 मी0) | 641.22400 | परिमाण विपत्र की राशि 2% | 10000.00 | 18 महीना |

2. वेबसाइट में निविदा प्रकाशन की तिथि -24.08.2024
3. ई-निविदा प्राप्ति की तिथि एवं समय-दिनांक 24.08.2024 से दिनांक 02.09.2024 को अपराह्न 5:00 बजे तक।
4. ई-निविदा खोलने का स्थान - कार्यपालक अभियंता का कार्यालय, ग्रामीण विकास विशेष प्रमंडल, धनबाद।
5. ई-निविदा खोलने की तिथि एवं समय- 04.09.2024 अपराह्न 2:00 बजे
6. ई-निविदा आमंत्रित करने वाले पदाधिकारी का नाम एवं पताः-ई0 नरेन्द्र कुमार, कार्यपालक अभियंता, ग्रामीण विकास विशेष प्रमंडल, धनबाद।
7. ई-निविदा प्रकोष्ठ का दूरभाश सं० - 8789242462 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट-बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई-भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

(ई0 नरेन्द्र कुमार) कार्यपालक अभियंता
ग्रामीण विकास विशेष प्रमंडल, धनबाद

PR.NO.332683 Rural Work Department(24-25):D



GOVERNMENT OF ODISHA
OFFICE OF THE PANCHAYAT SAMITI, BASTA
E-Mail ID - ori-basta@nic.in

INVITING TENDER CALL NOTICE FOR THE WORK
NATIONAL COMPETITIVE BIDDING THROUGH e-Tendering
Identification No. - 02 Basta / 2024-25
Letter No. 3269 Dt. 13.08.2024

No.i-70 : **Office of The Panchayat Samiti**, Basta Odisha on behalf of the Government of Odisha invites **percentage rate bids** through **e-Tendering** in conformity with the terms & conditions of the Detail Tender Call Notice (DTCN) in **Single Cover** system from class of contractors as mention in col-06 of table registered with the state governments and contractors of equivalent class / Grade registered with central Government / MES / railways for the civil construction works requirements detailed given in the DTCN on **Percentage Rate Bids** to be eventually drawn up in **standard P1 contract Form**. The bid should be submitted on-line in the website www.tenderodisha.gov.in by eligible class of contractors. The bidders should have the necessary portal Enrolment (with his own digital signature certificate). The registered bidders of outside Odisha can also participate in this process, after necessary portal Enrolment, but shall have to subsequently undergo registration with the appropriate authority of the State Govt. before signing agreement.
**PROCUREMENT OFFICER-B.D.O, OFFICE OF THE PANCHAYAT SAMITI, BASTA, BALASORE**
**(Tender on-line-02 BASTA/2024-25)**

Sd./- Block Development Officer
Basta

OIPR-19171/11/0002/2425



OFFICE OF THE
NOTIFIED AREA COUNCIL: KHANDAPADA
E-Mail Id-nackpg89@gmail.com

Notice No.1812 Date:12.08.2024

Expression of Interest

**No.C-418:**Proposals are invited to conduct the assignment and submit the deliverables from Public Sector Undertakings/Autonomous Bodies/Registered Engineering Consulting firms that have requisite experience in preparation of drainage/waste water pipeline/sewerage network plan and infrastructure for **"Preparation of Comprehensive Storm Water Drainage GIS Based Master Plan and DPR For Khandapada NAC Area"**. The prescribed tender scheduled can be obtain from NAC, Khandapada Office during office hour except holidays on payment of Rs.10,000/- (Rupees Ten Thousand) (Non Refundable) in shape of DD in favour of **"Executive Officer, Khandapada NAC", Payable at Khandapada** From Dt.16.08.2024 to Dt.23.08.2024. The Quotation should reach in this office of the undersigned on or before 29.08.2024 by 5.00 PM by Speed Post/ Register Post/ Courier/ by hand and the same will be opened on Dt.30.08.2024 at 11.00 AM. The undersigned reserved the rights to reject the quotation without assigning any reason thereof.

Sd./- Executive Officer
Khandapada NAC

OIPR-13147/11/0009/2425



GOVERNMENT OF ODISHA
OFFICE OF THE EXECUTIVE ENGINEER (C)
DIRECTORATE OF FISHERIES, ODISHA, CUTTACK
No. M-23 E-MAIL: eefedcuttack@gmail.com
Bid Identification No. 4187 / Dt.12.08.2024

1. No. of Works : 12 (Twelve) Number of works
2. Type of works : Civil Works
3. Approximate Estimated Cost: Rs.42.25 to Rs.83.89 Lakhs
4. Class of Contractor : "B"
5. Period of Completion : 06 [Six] Calendar Months
6. Date of Sale & Receipt : Dt.17.08.2024 to 2.00 P.M. of Dt.31.08.2024 (Working days only)
7. Date of Opening : Dt.02.09.2024 at 11.00 A.M.
8. Name of Office Inviting Bid : Executive Engineer (C), Directorate of Fisheries, Odisha, Cuttack

Further details can be seen in the bidding documents & can be downloaded from the Government of Odisha website (**http://www.odisha.gov.in**). Authority reserves the right to reject any or all the tenders without assigning any reason thereof.

Sd./- Executive Engineer (C)
Directorate of Fisheries, Odisha, Cuttack

OIPR-06030/11/0011/2425



FORM NO. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA
O.A. NO:- 225 / 2023

State Bank of India, SARB, Cuttack ...Applicant
Versus
M/s. Sita Rani Sahoo ...Defendant(s)

To,
**Sita Rani Sahoo,** aged about 45 years, D/o: Nrusinga Charan Prusty, At/PO.: Nadia Bhanga, Via: Danagadi, Dist.: Jajpur, PIN-755026, Odisha

SUMMONS BY PAPER PUBLICATION
FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an **O.A. No. 225/2023** in the court of the Debts of Recovery Tribunal, Cuttack for recovery of **Rs.33,63,752/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within 30 days from the publication or on **01/10/2024 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this 5th day of **August** of **2024.**

Sd/- (Nikhila Ranjan Pati)
REGISTRAR



GOVERNMENT OF ODISHA, "e"-PROCUREMENT NOTICE
OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
WORKS DEPARTMENT

Tender Call Notice

E-Mail : rbcirclekhurda@gmail.com, Bid Identification No. CCE-Khordha (R&B) Circle-05/2024-25, Memo No - 1581 Dt.12.08.2024

No.B-170: The Chief Construction Engineer, khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for building works as detailed in the table below :

| | | | |
|---|---|---|---|
| 1 | Nature of Work | : | Building Works |
| 2 | No. of Work | : | 2 Nos. |
| 3 | Tender Cost | : | Rs. 10000.00 (On-Line) |
| 4 | Class of Contractor | : | B & A Class |
| 5 | Available of Bid document in Website | : | From 10.00 AM of Dt.17.08.2024 up to 05.00 PM of the Dt.27.08.2024 up to 5.00 PM |
| 6 | Date of opening of Bid | : | Dt.28.08.2024 at 11.30 AM |
| 7 | The Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any Addendum/Corrigendum/Cancellation of tender can also be seen in the said website. | | |

Sd./- Chief Construction Engineer
Khordha (R&B) Circle, Khordha

OIPR-34127/11/0006/2425



COUNCIL OF HIGHER SECONDARY EDUCATION, ODISHA
PRAJNAPITHA, SAMANTAPUR, BHUBANESWAR - 751013
Website : www.chseodisha.nic.in

NOTIFICATION

Bhubaneswar, dated - 12th August, 2024

No.N-82 : This is for the information of the students who are pursuing Graduate/Post Graduate Degree in College and Universities and the students who are pursuing professional courses such as Medical, Engineering etc. that Pradhan Mantri Uchchatar Shiksha Protsahan (PM-USP) Yojana is a component scheme a Central Sector Scheme for Scholarship for College and University Students (PM-USP CSSS), under Govt. of India, Ministry of Education, Department of Higher Education, NS-1 Section, New Delhi.

The objective of the scheme of Scholarship is to provide financial assistance to meritorious students from poor families to meet a part of their day-to-day expenses while pursuing higher studies.

The National Scholarship Portal (NSP) (https://scholarships.gov.in) is now live for applications from the students in higher education. The allocated quote for Odisha is 2736. Students who were in top 20 percentile in Higher Secondary from State Board / Council and Annual Income upto Rs. 4.5 lakhs are eligible to apply for this Scholarship.

A detailed guideline is attached here with for reference and more information. Last date for submission of online application for Fresh & renewal is **31.10.2024.**

**For detailed information please visit the web-site (NSP) www.scholarships.gov.in and** www.chseodisha.nic.in

By order of the Chairman
Sd./- Secretary

OIPR/11003/11/0004/2425

## ସାପ କାମୁଡ଼ାରେ ଶିଶୁ ମୃତ

ନୀଳଗିରି, (ପ୍ରଶାନ୍ତ ବିଶ୍ୱାଳ)-ବାଲେଶ୍ୱର ନୀଳଗିରି ଥାନା ଅଧୀନ ଦକ୍ଷିଣନରସିଂହପୁର ପଞ୍ଚାୟତ ଗାଙ୍ଗପୁରା ଗ୍ରାମରେ ସାପ କାମୁଡ଼ାରେ ଜଣେ ୭ ବର୍ଷୀୟ ଶିଶୁ ପୁତ୍ର ପ୍ରାଣ ହରାଇଛନ୍ତି। ଗତ ୧୧ ତାରିଖରେ ଗ୍ରାମର ରାଜେଶ ସିଂଙ୍କ ପୁଅ ଶିବା ଘର ବାହାରେ ବୁଲୁଥିବା ବେଳେ ଏକ ସାପ କାମୁଡ଼ି ଦେଇଥିଲା। ଶିବା ପରିବାର ଲୋକଙ୍କୁ ଅବଗତ କରିବା ପରେ ପ୍ରଥମେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଓ ପରବର୍ତ୍ତୀ ସମୟରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି।

ବାଲେଶ୍ୱର

# ଏପଟେ ଧାରଣା, ସେପଟେ ଅନଶନ

■ପ୍ରତିଶ୍ରୁତି ପରେ ଅନଶନରୁ ଓହରିଲେ ମହିଳା
■କାର୍ଯ୍ୟାନୁଷ୍ଠାନ ନ ହେବା ପର୍ଯ୍ୟନ୍ତ ଚାଲୁ ରହିବ ଧାରଣା

ସିମୁଳିଆ, ୧୩।୮ (ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ କାର୍ଯ୍ୟାଳୟ ଫାଟକର ଗୋଟାଏ ପାର୍ଶ୍ୱରେ ଅନଶନ ଚାଲିଥିବା ବେଳେ ଅପର ପାର୍ଶ୍ୱରେ ମଙ୍ଗଳବାର ଧାରଣା ଦିଆଯାଇଥିଲା। ବ୍ଲକରେ ଦଳୀୟ ମତଭେଦକୁ କେନ୍ଦ୍ର କରି ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି କରାଯାଉଥିବା ୭ ଦଫା ଦାବି ନେଇ ଶ୍ୟାମସୁନ୍ଦରପୁର ସମିତିସଭ୍ୟ ମୁକ୍ତିକାନ୍ତ ପାଣିଗ୍ରାହୀ ବ୍ଲକ ଫାଟକର ବାମପାର୍ଶ୍ୱରେ ଧାରଣାରେ ବସିଛନ୍ତି। ସେହିପରି ଡାହାଣ ପାର୍ଶ୍ୱରେ ମଇତାପୁର ପଞ୍ଚାୟତରେ ବିଭିନ୍ନ ୧୦୯ଟି ଏସ୍ଏଚ୍‌ଜି କାର୍ଯ୍ୟ କରୁଥିବା ଗ୍ରାମପଞ୍ଚାୟତସ୍ତରୀୟ ସଂଘ (ଜିପିଏଲଏଫ)ର ୧୩ଜଣ ଗୋଷ୍ଠୀ ସହାୟିକା (ସିଆର୍‌ପି-ସିଏମ୍) ନିଯୁକ୍ତି ପରଠାରୁ ଗତ ୮ମାସ ହେଲା ଦରମା ନ ପାଇବା ଯୋଗୁ ଆମରଣ ଅନଶନରେ ବସିଥିଲେ। ଅନଶନ ଓ ଧାରଣାସ୍ଥଳରେ ବିଡିଓ ସମ୍ବିତ କୁମାର କର, ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲ୍ଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ମହାପାତ୍ର, ଜିଲାପରିଷଦ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ପହଞ୍ଚି ବୁଝାଶୁଝା କରିବା ସହିତ ଆସନ୍ତା ଗୋଟାଏ ଦିନ ମଧ୍ୟରେ ଏହାର ସମାଧାନ କରାଯିବାର ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟା ୬ଟାରେ ମହିଳାମାନେ ଅନଶନରୁ ଓହରିଥିଲେ। ଅପରପକ୍ଷେ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ସମିତିସଭ୍ୟ ମୁକ୍ତିକାନ୍ତ ପାଣିଗ୍ରାହୀ ଧାରଣା ଜାରି ରଖିବେ ବୋଲି କହିଛନ୍ତି । ଅପରପକ୍ଷେ ସିମୁଳିଆରେ ବିଜେଡିର ଦଳୀୟ କର୍ମୀମାନେ ପୂର୍ବରୁ ଯେଉଁ ଗେମ୍ ଖେଳୁଥିଲେ, ବର୍ତ୍ତମାନ ଭାଜପା ଜିତିବା ପରେ ସେହି ଗେମ୍ ଚାଲିଥିବା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ମହାପାତ୍ର କହିଛନ୍ତି ।

ପଞ୍ଚାୟତିରାଜଙ୍କ ନିୟମ ଅନୁସାରେ ପ୍ରତ୍ୟେକ ସରକାରୀ କାର୍ଯ୍ୟରେ ବିଭିନ୍ନ ପଞ୍ଚାୟତରେ ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ସମ୍ପୃକ୍ତି କରାଇବା ଓ ଗୁରୁତ୍ୱ ଦେବାର ନିୟମ ଥିଲେ ହେଁ ବର୍ତ୍ତମାନ ଆକ୍ରୋଶମୂଳକ ଭାବେ ହଇରାଣ କରାଯାଉଥିବା ସମିତିସଭ୍ୟ ମୁକ୍ତିକାନ୍ତ ପାଣିଗ୍ରାହୀ ଅଭିଯୋଗ କରିଛନ୍ତି। ପୂର୍ବରୁ ବ୍ଲକ ପ୍ରଶାସନ ନିର୍ଦ୍ଦେଶରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଫାଇଲ ଖୋଲାଯାଇ କାର୍ଯ୍ୟାଦେଶ ଦିଆଯାଇଛି। ଏହି କାର୍ଯ୍ୟ ପାଇଁ ଠିକାଦାର ଆବଶ୍ୟକ ବାଲି, ମେଣ୍ଟାଲ ଆଦି ପକାଇବା ପରେ ଦଳୀୟ ମତଭେଦକୁ କେନ୍ଦ୍ର କରି ଅପର ଗୋଷ୍ଠୀ ପୁଣି ସେହିସ୍ଥାନରେ ବାଲି ମେଣ୍ଟାଲ ଆଦି ଜମା କରି ବିବାଦ ସୃଷ୍ଟି କରୁଥିବା କୁହାଯାଇଛି। ଅପରପକ୍ଷେ ଜେଇ ନାମରେ ସମସ୍ତ ପ୍ରକଳ୍ପ ଥିବାରୁ ଜେଇଙ୍କ ଠାରୁ କାମ ଆଦାୟ କରାଯିବ ବୋଲି ବିଡିଓ ସମ୍ବିତ କୁମାର କର କହିଛନ୍ତି।

ସେହିପରି ଦଳୀୟ ମତଭେଦକୁ କେନ୍ଦ୍ର କରି ଗତ ୨୧।୧୨।୨୩ରେ ନିଯୁକ୍ତି ପାଇଥିବା ମଇତାପୁର ଗ୍ରାମ ପଞ୍ଚାୟତସ୍ତରୀୟ ସଂଘର ସଭାନେତ୍ରୀ ଅହଲ୍ୟା ସାହୁ ୧୩ଜଣ ଗୋଷ୍ଠୀ ସହାୟିକାଙ୍କୁ ଗତ ୮ମାସ ହେଲା ଦରମା ପ୍ରଦାନ କରି ନ ଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ସଂଘର ସଭାନେତ୍ରୀଙ୍କୁ ୪ଥର ସୂଚନା ଦିଆଯିବା ପରେ ସେ ଶୁଣୁନାହାନ୍ତି, ତେବେ ଏହା ପଞ୍ଚାୟତସ୍ତରର ଘଟଣା ହୋଇଥିବା ବେଳେ ମହିଳାମାନେ ବ୍ଲକରେ ଅନଶନ କରୁଛନ୍ତି। ତେବେ ଗୋଟାଏ ଦିନ ମଧ୍ୟରେ ସମସ୍ୟାର ସମାଧାନ କରା ନ ଗଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ସୂଚନା ଦେଇଛନ୍ତି।


ବ୍ଲକ ଫାଟକ ନିକଟରେ ସମିତିସଭ୍ୟଙ୍କ ଧାରଣା।



ବ୍ଲକ ଫାଟକ ନିକଟରେ ଗୋଷ୍ଠୀ ସହାୟିକାଙ୍କ ଅନଶନ।

## ସଙ୍ଗୀତ ପ୍ରତି ସମର୍ପିତ ଗୁରୁ ସତ୍ୟରଞ୍ଜନ



■୪ଶହ ଗୀତର କରିଛନ୍ତି ସ୍ୱର ସଂଯୋଜନା
■୩ଶହ ଛାତ୍ରୀଛାତ୍ରଙ୍କୁ ଦେଇଛନ୍ତି ଶିକ୍ଷାଦାନ

ବାଲେଶ୍ୱର, ୧୩।୮ (ବାଞ୍ଛାନିଧି ଦେ)

ସୃଷ୍ଟିର ପ୍ରତିଟି ଛନ୍ଦରେ ସଙ୍ଗୀତ ବିଦ୍ୟମାନ। ସମସ୍ତ ଲଳିତ କଳା ମଧ୍ୟରେ ସଙ୍ଗୀତ ହେଉଛି ଶ୍ରେଷ୍ଠକଳା। ସଙ୍ଗୀତ ମାନସିକ ଶାନ୍ତି ଓ ହୃଦୟରେ ସ୍ୱର୍ଗୀୟ ଅନୁଭୂତି ଆଣିଥାଏ। ସଙ୍ଗୀତ ପ୍ରତି ନିଜ ଜୀବନକୁ ସେ ସମର୍ପିତ କରିଛନ୍ତି। ପିଲାଦିନରୁ ସଙ୍ଗୀତ ନିଶା ତାଙ୍କୁ ଜଣେ ସଙ୍ଗୀତଜ୍ଞ ହେବାର ସୌଭାଗ୍ୟ ପ୍ରଦାନ କରିଛି। ସବୁବେଳେ ହସ ହସ ମୁହଁ। ମାର୍ଜିତ ବ୍ୟବହାର। ଅତ୍ୟନ୍ତ ମେଳାପୀ ସ୍ୱଭାବର ବ୍ୟକ୍ତି ସେ। ପିଲାଙ୍କ ସହ ମଜା ମଜା କଥା କହି ସଙ୍ଗୀତ ଶିକ୍ଷା ଦେବାରେ ଯିଏ ଓସ୍ତାଦ, ସେ ହେଉଛନ୍ତି ସଙ୍ଗୀତ ଗୁରୁ ସତ୍ୟରଞ୍ଜନ ମହାନ୍ତି। ବୟସ ୪୯। ବାବାଜୀ ସାର୍ ନାମରେ ସେ ସବୁଠି ପରିଚିତ।

ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତ ଜଗନ୍ନାଥପୁର ଗ୍ରାମରେ ତାଙ୍କର ଘର। ବାପା ଅକ୍ଷୟ କୁମାର ମହାନ୍ତି, ମା' ଅହଲ୍ୟାମଣି ମହାନ୍ତିଙ୍କର ସେ ସାନପୁଅ। ତାଙ୍କର ପରିବାର ସଙ୍ଗୀତ ପରିବାର। ମା', ବାପା ଥିଲେ କଣ୍ଠଶିଳ୍ପୀ। ତାଙ୍କର ବଡ଼ଭାଇ ମନୋରଞ୍ଜନ, ପଦ୍ମଲୋଚନ, ନିରଞ୍ଜନ, ଦୁଇ ଭଉଣୀ ଇନ୍ଦୁମତି ଓ ସରୋଜିନୀ ସମସ୍ତେ ଗାୟକ। ସଙ୍ଗୀତ ପରିବାରରେ ଜନ୍ମ ହୋଇ ନିଜର ସାଧନା ଓ ଉଦ୍ୟମ ବଳରେ ଜଣେ ସୁନାମଧନ୍ୟ କଣ୍ଠଶିଳ୍ପୀ, ସଙ୍ଗୀତ ନିର୍ଦ୍ଦେଶକ ଓ ସଙ୍ଗୀତ ଗୁରୁ ଭାବେ ସେ ଖ୍ୟାତିଅର୍ଜନ କରିଛନ୍ତି। ସ୍ତ୍ରୀ ବିଷ୍ଣୁପ୍ରିୟା ଓ ୮ମ ଶ୍ରେଣୀରେ ପଢୁଥିବା ପୁଅ ଦିଗ୍‌ବିଜୟଙ୍କର ମଧ୍ୟ ସଙ୍ଗୀତ ପ୍ରତି ରହିଛି ଅହେତୁକ ରୁଚି। ପିଲାଦିନୁ ସତ୍ୟରଞ୍ଜନଙ୍କର ସଙ୍ଗୀତ ପ୍ରତି ପ୍ରବଳ ଆଗ୍ରହ ଥିଲା। ଏହା ଜାଣିପାରିବା ପରେ ମା' ଅହଲ୍ୟା ତାଙ୍କୁ ସଙ୍ଗୀତ ଶିକ୍ଷା ପାଇଁ ପ୍ରେରଣା ଦେଇଥିଲେ। ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ଗୁରୁ ରାଜକିଶୋର ଦାସ ଏବଂ ପରେ ଗୁରୁ ମହେନ୍ଦ୍ର ମହାପାତ୍ରଙ୍କଠାରୁ ସେ ସଙ୍ଗୀତ ଶିକ୍ଷାଲାଭ କଲେ। ପରେ ବାଲେଶ୍ୱରର ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟରେ ତାଙ୍କ ବଡ଼ଭାଇ ଗୁରୁ ମନୋରଞ୍ଜନ ମହାନ୍ତିଙ୍କଠାରୁ ଶିକ୍ଷା ଲାଭ କରି ଓଡ଼ିଶୀ ସଙ୍ଗୀତରେ ବିଶାରଦ ଉପାଧିପ୍ରାପ୍ତ ହେଲେ। ପରିବାରର ଆର୍ଥିକ ସଙ୍କଟ ଯୋଗୁ ୬ବର୍ଷ ଧରି ଯାତ୍ରାଜଗତର ପ୍ରଚ୍ଛଦପଟର ଗାୟକ ଭାବେ କାର୍ଯ୍ୟ କରିଥିଲେ। ୨୪ବର୍ଷ ଧରି ବାଲେଶ୍ୱରରେ ଏକ ଭଡ଼ାଘରେ ରହି ସଙ୍ଗୀତ ଶିକ୍ଷା ପ୍ରଦାନ କରିଆସୁଛନ୍ତି। ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟ, କୁରୁଡ଼ା କଳାବିକାଶ କେନ୍ଦ୍ର, ରୂପସା ହରିହର କଳାବିକାଶ କେନ୍ଦ୍ର, ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟ ଆଦି ଅନୁଷ୍ଠାନରେ ୩ଶହରୁ ଊର୍ଦ୍ଧ୍ୱ ସଙ୍ଗୀତ ଶିକ୍ଷାର୍ଥୀଙ୍କୁ ଶିକ୍ଷା ପ୍ରଦାନ କରୁଛନ୍ତି। ଗୀତିକାର ଗୁରୁ ଗୌରବ ରବୀନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ଦାସ, ଦୀପକ ବୋଷ, ଶରତ ଚନ୍ଦ୍ର ମହାପାତ୍ର, ପିତାମ୍ବର ଦାସ, ଡ. ଦେବାଶିଷ ପାତ୍ର, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଗୌରହରି ଗିରି, ମମତା ଦାସ, ଜ୍ୟୋତ୍ସ୍ନା ରାଉତରାୟଙ୍କ ରଚିତ ଆଧୁନିକ ଗୀତ, ଭଜନ ଓ ଦେଶାତ୍ମବୋଧ ସଙ୍ଗୀତରେ ସ୍ୱର ସଂଯୋଜନା କରି ଦର୍ଶକଙ୍କ ମନ ମୋହିଛନ୍ତି। ୪ଶହରୁ ଊର୍ଦ୍ଧ୍ୱ ଗୀତରେ ସ୍ୱର ସଂଯୋଜନା କରି ଜଣେ ସଫଳ ନିର୍ଦ୍ଦେଶକ ଆଖ୍ୟା ପାଇଛନ୍ତି। ତାଙ୍କ ନିର୍ଦ୍ଦେଶନାରେ ୭୦ରୁ ଊର୍ଦ୍ଧ୍ୱ ଗୀତ ରେକର୍ଡିଂ ହୋଇ ଆଦୃତି ଲାଭ କରିଛି। ଆକାଶବାଣୀରେ ସ୍ୱୀକୃତିପ୍ରାପ୍ତ କଳାକାର ଭାବେ ସେ ଜିଲା ତଥା ଜିଲା ବାହାରେ ବିଭିନ୍ନ ଅନୁଷ୍ଠାନ ଓ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇ ପ୍ରଶଂସା ସାଉଁଟିଛନ୍ତି। ୨୦୦୩ରେ 'ଭଜନ ଶ୍ରୀକ୍ଷେତ୍ର' ଅନୁଷ୍ଠାନ ପ୍ରତିଷ୍ଠା କରି ରାଜ୍ୟ ତଥା ରାଜ୍ୟ ବାହାରେ ଭଜନ ପରିବେଷଣ କରି ଜିଲା ପାଇଁ ଗୌରବ ଆଣିଛନ୍ତି।

## ବିଶ୍ୱବିଦ୍ୟାଳୟ ପକ୍ଷରୁ ଗ୍ରାମବାସୀଙ୍କୁ ତ୍ରିରଙ୍ଗା ବଣ୍ଟନ

ବାଲେଶ୍ୱର, ୧୩।୮ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ନୂଆପାଢ଼ିସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବିଭାଗ ଦ୍ୱାରା 'ହର୍ ଘର ତିରଙ୍ଗା' କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନାର ସଂଯୋଜକ ଡ. ଅମୂଲ୍ୟ କୁମାର ଆଚାର୍ଯ୍ୟ, ପ୍ରୋଗ୍ରାମ ଅଫିସର ଡ. ପ୍ରତିମା ପ୍ରଧାନ ଓ ଡ. ଜଗନ୍ନାଥ ବେହେରାଙ୍କ ତତ୍ତ୍ୱାବଧାନରେ ଏନ୍ଏସ୍ଏସ୍‌ର ସ୍ୱେଚ୍ଛାସେବୀଙ୍କ ସହ ଛାତ୍ରୀଛାତ୍ରମାନେ ଏକ ବିଶାଳ ଶୋଭାଯାତ୍ରାରେ ନିକଟସ୍ଥ ମର୍ଦ୍ଦରାଜପୁର ଓ ନୂଆପାଢ଼ୀ ଗ୍ରାମକୁ ଯାଇ ଗ୍ରାମବାସୀଙ୍କୁ ତ୍ରିରଙ୍ଗା ବଣ୍ଟନ କରିଥିଲେ। ଆସନ୍ତା ସ୍ୱାଧୀନତା ଦିବସ ପାଳନ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ଗ୍ରାମର ପ୍ରତି ଘରକୁ ଯାଇ ଆବାଳବୃଦ୍ଧବନିତାଙ୍କୁ ଘରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରି ଏହାକୁ ସମ୍ମାନ ଜଣାଇବାକୁ ଅନୁରୋଧ କରିଥିଲେ। ଏଥିସହିତ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗ ସମ୍ମୁଖରେ ତ୍ରିରଙ୍ଗା ଲଗାଯିବାକୁ ସୂଚିତ କରାଯାଇଛି।



ହର୍ ଘର ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ସ୍ୱେଚ୍ଛାସେବୀ।

## ଦିବ୍ୟାଙ୍ଗ ଜୟନ୍ତଙ୍କୁ ଭାରତଶ୍ରୀ ସମ୍ମାନ

ସୋର, ୧୩।୮ (ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ବ୍ଲକ ଅଧୀନ ଗୋପୀନାଥପୁର ପଞ୍ଚାୟତ ରଘୁନାଥପୁର ଗ୍ରାମ ଜୟନ୍ତ କୁମାର ପ୍ରଧାନ ପିଲାଟି ଦିନରୁ ପୋଲିଓଗ୍ରସ୍ତ ଥାଇ ମଧ୍ୟ ନିଜକୁ କେବେ ଦୁର୍ବଳ ଭାବିନାହାନ୍ତି। ଛୋଟ ବେଳୁ ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରି ୨୦୧୨ରେ ସୟଂଗଠିତ ମାନବ ଉତ୍ଥାନ ସେବା ସଂସ୍ଥାନ ନାମରେ ସଂଗଠନ କରି ନିଜର ରୋଜଗାରରେ ସମାଜରେ ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକପ୍ରିୟତା ଅର୍ଜନ କରିପାରିଛନ୍ତି। ଜୟନ୍ତ ଜଣେ ଉଚ୍ଚ ଶିକ୍ଷିତ ସହିତ ସଙ୍ଗୀତ ଓ ଚିତ୍ରଶିଳ୍ପୀ ଭାବରେ ପରିଚିତ। ସେ ପିଲାଟି ଦିନରୁ ନିଜେ ଜଣେ ଦିବ୍ୟାଙ୍ଗ ହୋଇ ମଧ୍ୟ ଓଡ଼ିଶାର ବହୁ ଦିବ୍ୟାଙ୍ଗମାନଙ୍କର ପଥ ପ୍ରଦର୍ଶକ ସାଜିଛନ୍ତି। ତାଙ୍କର ଏହିଭଳି ନିଷ୍ଠା ଓ ତ୍ୟାଗ ଯୋଗୁ ବିଭିନ୍ନ ସଙ୍ଗଠନରୁ ବହୁ ମାନପତ୍ର ପାଇ ବେଶ ଉତ୍ସାହିତ ଥିଲେ। ୨୦୨୪ ପାଇଁ ମଧ୍ୟପ୍ରଦେଶର ଇନ୍ଦୋରଠାରେ ଆୟୋଜିତ ସାଂସ୍କୃତିକ ସଭାରେ ଓଡ଼ିଶାରୁ ଏକମାତ୍ର ଶ୍ରେଷ୍ଠ ସମାଜସେବୀ ଭାବେ 'ଭାରତ ଶ୍ରୀ' ସମ୍ମାନରେ ସମ୍ମାନିତ ହୋଇଛନ୍ତି। ସମାଜସେବା କ୍ଷେତ୍ରରେ ଦିଲ୍ଲୀରେ ଦେଶରତ୍ନ ଆୱାର୍ଡ଼ ହାସଲ କରିବା ପରେ ଏହା ଦ୍ୱିତୀୟ ଗୌରବର ଫର୍ଦ୍ଦ ଯୋଡ଼ି ହୋଇଯାଇଛି ତାଙ୍କ ସଫଳତାର ପାହାଚରେ। । ଏହା ବାଲେଶର ଜିଲା ତଥା ଓଡ଼ିଶା ପାଇଁ ଏକ ଗୌରବ।


ଜୟନ୍ତଙ୍କୁ ସମ୍ମାନିତ କରାଯାଉଛି।

## ୩୭ ପଞ୍ଚାୟତକୁ ଦିଆଗଲା ପତାକା

ଖଇରା, ୧୩।୮ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକ ପ୍ରଶାସନ ପକ୍ଷରୁ ହର ଘର ତିରଙ୍ଗା ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି । ଏଥିପାଇଁ ମହିଳା ଗୋଷ୍ଠୀଙ୍କ ଦ୍ୱାରା ତିଆରି ହୋଇଥିବା ୨୦ହଜାର ପତାକା ବିଡିଓ ଅନନ୍ତ କୁମାର ହାଁସଦାଙ୍କୁ ପ୍ରଦାନ କରାଯିବା ପରେ ବିଡିଓ ଏହି ପତାକାକୁ ବିଭିନ୍ନ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ହସ୍ତାନ୍ତର ସମୟରେ ସିଡିପିଓ ନଳିନୀ କୁମାରୀ ମହାରଣା, ବିପିଏମ ନିହାର ରଞ୍ଜନ ଜେନା, ବିପିସି ପ୍ରସନ୍ନ ପାହାଣ, ଏମ୍‌ବିକେ ସଂଘର ନେତ୍ରୀ ନିରୁପମା ନାୟକ, ବିଏଲଏଫର ସଭାପତି ସୁମିତ୍ରା ମହାପାତ୍ର, ସମ୍ପାଦିକା ସୁକାନ୍ତି ନାୟକ, କୋଷାଧ୍ୟକ୍ଷ ଝରଣା ସେଠୀ ଉପସ୍ଥିତ ଥିଲେ। ୭ଦିନ ଧରି ୮ଟି ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ୨୦ହଜାର ପତାକା ତିଆରି କରାଯିବା ପରେ ସୋମବାର ବ୍ଲକ ପ୍ରଶାସନ ମାଧ୍ୟମରେ ୩୭ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି। ଯାହାକୁ ୧୨ରୁ ୧୫ତାରିଖ ମଧ୍ୟରେ ବିଭିନ୍ନ ସ୍ଥାନରେ ଲଗାଯିବାକୁ ନିର୍ଦ୍ଦେଶ ଦିଆଯାଇଛି।


ମହିଳା ଗୋଷ୍ଠୀର କର୍ମକର୍ତ୍ତା ହାତ ତିଆରି ପତାକା ବ୍ଲକ ପ୍ରଶାସନକୁ ହସ୍ତାନ୍ତର କରୁଛନ୍ତି।

## ବିଇଓ ,ଏବିଇଓଙ୍କୁ ଅଟକ ରଖିଲେ ଅଭିଭାବକ

### ମଧ୍ୟାହ୍ନଭୋଜନ ଫିଙ୍ଗା ଘଟଣା

ବାହାନଗା, ୧୩।୮ (ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଖନ୍ତାପଡା ଥାନା ଅଧୀନ ଶ୍ରୀଜଙ୍ଗ ପଞ୍ଚାୟତରେ ଥିବା ଦାସ ମହାପାତ୍ର ବାଞ୍ଛାନିଧି ସରକାରୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଫିଙ୍ଗାକୁ ନେଇ ଉତ୍ତେଜନା ଦେଖାଦେଇଛି। ତଦନ୍ତ କରିବାକୁ ଆସିଥିବା ବିଇଓ ଓ ଏବିଇଓଙ୍କୁ ଅଭିଭାବକମାନେ ଅଟକ ରଖିଥିଲେ। ଦୀର୍ଘ ୫ ଘଣ୍ଟା ପରେ ଦୁଇ ଅଧିକାରୀ ପୋଲିସ୍ ଦ୍ୱାରା ଉଦ୍ଧାର ହୋଇଥିଲେ।

ଏହି ବିଦ୍ୟାଳୟକୁ ଏସ୍ଏଚ୍‌ଜି ପକ୍ଷରୁ ମଧ୍ୟାହ୍ନଭୋଜନ ଯୋଗାଇ ଦିଆଯାଉଛି। ତାହା ନିମ୍ନମାନର ବୋଲି ଅଭିଯୋଗ କରି ଶନିବାର ରନ୍ଧାଯାଇଥିବା ଖାଦ୍ୟ ଓ ସିଝା ଅଣ୍ଡାକୁ ବାହାରେ ଅଭିଭାବକମାନେ ଫିଙ୍ଗି ଦେଇଥିଲେ। ଏହି ଘଟଣାକୁ ନେଇ ସୋମବାର ରେମୁଣା ବ୍ଲକ ଶିକ୍ଷାଧିକାରୀ କାଳନ୍ଦ୍ରୀ ସୋରେନ, ଅତିରିକ୍ତ ଶିକ୍ଷାଧିକାରୀ ବଳରାମ ନାୟକ, ସିଆରସିସି କମଳାକାନ୍ତ ବାରିକ ପ୍ରମୁଖ ୩ଜଣ ଶ୍ରୀଜଙ୍ଗ ଦାସମହାପାତ୍ର ବାଞ୍ଛାନିଧି ସରକାରୀ ଉଚ୍ଚବିଦ୍ୟାଳୟକୁ ତଦନ୍ତ ପାଇଁ ଆସିଥିଲେ। ଅଧିକାରୀମାନେ ବିଦ୍ୟାଳୟରେ ପହଞ୍ଚିବା ପରେ ଗ୍ରାମର ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ମତ ରଖିଥିଲେ। ଅଭିଭାବକମାନେ କହିଥିଲେ ବିଦ୍ୟାଳୟରେ ପାଠ ପଢୁଥିବା ୩୨୦ ଛାତ୍ରୀଛାତ୍ରଙ୍କୁ ପ୍ରତ୍ୟେକ ଦିନ ମା' ବାସନ୍ତୀ ଏସଏଚଜି ନିମ୍ନମାନର ଖାଦ୍ୟ ଦେଉଛି। ଏହାର ତଦନ୍ତ କରିବାକୁ ସେମାନେ ଅଡି ବସିଥିଲେ। ମାତ୍ର ତଦନ୍ତ ଅଧିକାରୀମାନେ ତଦନ୍ତ ରିପୋର୍ଟ ଉପରିସ୍ଥ ଅଧିକାରୀଙ୍କୁ ଦେବା ପରେ ଯାହା ନିଷ୍ପତ୍ତି ସେମାନେ ନେବେ କହିବା ଫଳରେ ଅଭିଭାବକମାନେ ଅଧିକାରୀମାନଙ୍କୁ ନ ଛାଡି ଅଟକ ରଖିଥିଲେ। ଖନ୍ତାପଡା ଥାନା ପୋଲିସ ଖବରପାଇ ୩ଜଣ ଅଧିକାରୀଙ୍କୁ ବିଦ୍ୟାଳୟରୁ ଉଦ୍ଧାର କରିଥିଲେ। ଉଲ୍ଲେଖଯୋଗ୍ୟ, ବିଦ୍ୟାଳୟରେ ଦୀର୍ଘ ୨ବର୍ଷ ଧରି ଗ୍ରାମର ମା' ବସନ୍ତୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କୁ ମଧ୍ୟାହ୍ନଭୋଜନ ପ୍ରଦାନ କରିଆସୁଛନ୍ତି। ଏ ବିଷୟରେ ଅଭିଭାବକ ଓ ପରିଚାଳନା କମିଟି ପକ୍ଷରୁ ରେମୁଣା ଶିକ୍ଷାଧିକାରୀ ଓ ଅତିରିକ୍ତ ଶିକ୍ଷାଧିକାରୀଙ୍କଠାରେ ଗତ ୨ ମାସ ପୂର୍ବେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଅଧିକାରୀମାନେ ସିଆରସିସିଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସିଆରସିସି କମଳାକାନ୍ତ ବାରିକ ତଦନ୍ତ ଦିନ ତରକାରୀ ଆବଶ୍ୟକତାଠାରୁ ଅଧିକ ରୋଷେଇ ହୋଇଥିବା ଓ ଖାଦ୍ୟ ପରିମାଣ ଠିକ୍ ଥିବା ରିପୋର୍ଟ ଦେଇଥିଲେ । ଏଥିରେ ଅଭିଯୋଗକାରୀମାନେ ସନ୍ତୁଷ୍ଟ ହୋଇ ନ ଥିଲେ।

## ବିଲରେ ମହିଳା ଚାଷୀଙ୍କ ମୃତ୍ୟୁ

### ଜଳେଶ୍ୱରରେ ଘନ ଘନ ବଜ୍ରପାତ

ଜଳେଶ୍ୱର, ୧୩।୮ (ରବିନାରାୟଣ ପାତ୍ର)

ଜଳେଶ୍ୱର ଥାନା ଅଧୀନ ଲକ୍ଷ୍ମଣନାଥ ଗାଁର ନିତାଇ ଧଳଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନାରାଣୀ ଧଳ (୪୨) ଓ ତାଙ୍କ ଯାଆ ବିଲକୁ କାର୍ଯ୍ୟ କରିବାକୁ ଯାଇଥିବା ବେଳେ ବଜ୍ରପାତ ହୋଇଥିଲା। ବଜ୍ରପାତରେ ଜ୍ୟୋତ୍ସ୍ନାରାଣୀଙ୍କ ମୃତ୍ୟୁ ହୋଇଥିବା ବେଳେ କିଛି ଦୂରରେ କାର୍ଯ୍ୟ କରୁଥିବା ତାଙ୍କ ଯାଆ ଅଳ୍ପକେ ବର୍ତ୍ତିଯାଇଛନ୍ତି । ଜ୍ୟୋତ୍ସ୍ନାରାଣୀଙ୍କୁ ଉଦ୍ଧାର କରି ଜିକେଭଟ୍ଟର ହସ୍ପିଟାଲକୁ ଅଣାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ବ୍ୟକ୍ତିଙ୍କୁ ସହାୟତା ଲାଗି ଲକ୍ଷ୍ମଣନାଥ ସମିତି ସଦସ୍ୟ ଜିତେନ୍ଦ୍ର ଦାସ ଓ ସରପଞ୍ଚ ରଞ୍ଜନ ମହାନ୍ତି ଓ ବହୁ ବ୍ୟକ୍ତି ଦାବି କରିଛନ୍ତି । ସେହିପରି ଜଳେଶ୍ୱର ହାଇସ୍କୁଲ ପରିସରରେ ବଜ୍ରପାତ ହୋଇ ନଡିଆ ଗଛଟି ଜଳିଯାଇଥିଲା।

## ପୁଅ କୁରାଢ଼ି ଚୋଟରେ ମା' ଗୁରୁତର

ଗୋପବନ୍ଧୁ ନଗର, ୧୩। (ଶାନ୍ତନୁ କୁମାର ମଡୁଆଲ)

ଖୁଣ୍ଟା ଥାନା ଚତୁର୍ଶିଳା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଘରୋଇ କଳହକୁ ନେଇ ପୁଅ କୁରାଢ଼ି ଚୋଟରେ ମା' ଗୁରୁତର ହୋଇଛନ୍ତି। ଗୁରୁତର ମହିଳା ଜଣକ ହେଲେ ପ୍ରମିଳା ଦାସ। ଅଭିଯୁକ୍ତ ପୁଅ କରୁଣାକରଙ୍କୁ ପୋଲିସ କୋର୍ଟଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୨୫୮/୨୪) ରୁଜୁ ହୋଇଛି।

## ବାଇକ୍‌ରେ ନିଆଁ ଲଗାଇ ଦେଲେ ଯୁବକ

ବୈଶିଙ୍ଗା, ୧୩।୮ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ହାତୀଝୁରୀ ଗ୍ରାମର ଦୀପକ ସେଠୀ(୩୦) ନିଜ ବାଇକ୍‌ରେ ନିଆଁ ଲଗାଇ ଦେଇଛନ୍ତି। ପଡ଼ୋଶୀ ଏହା ଦେଖି ଦମକଳ କେନ୍ଦ୍ର ଏବଂ ବୈଶିଙ୍ଗା ପୋଲିସକୁ ଖବର ଦେଇଥିଲେ। ବେତନଟୀ ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। ତେବେ ଦୀପକ କାହିଁକି ବାଇକ୍‌ଟିକୁ ପୋଡିଦେଲେ କାରଣ ଜଣା ପଡ଼ିନାହିଁ।

## ଏବିଭିପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

ରାଇରଙ୍ଗପୁର, ୧୩।୮ (ମାନସ ମହାନ୍ତି)

ରାଇରଙ୍ଗପୁର ସହରାଞ୍ଚଳରେ ଏବିଭିପି ପକ୍ଷରୁ ସ୍ୱାଧୀନତା ଦିବସ ଉପଲକ୍ଷେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଇରଙ୍ଗପୁର କଲେଜ ଛାତ୍ରୀଛାତ୍ର ଏବଂ କର୍ମଚାରୀମାନେ ୧୫୦ ମିଟର ଲମ୍ବ ତ୍ରିରଙ୍ଗା ପତାକା ଧରି ରାଇରଙ୍ଗପୁର କଲେଜ ସମ୍ମୁଖରୁ ଶୋଭାଯାତ୍ରାରେ ବାହାରି ରାଇରଙ୍ଗପୁର ଦୁର୍ଗା ମଣ୍ଡପ ନିକଟକୁ ଯାଇଥିଲେ। ଏବିଭିପି ଛାତ୍ର ନେତା ଲିଙ୍ଗରାଜ ସେଠୀ, ଜିଲା କୋ ଅର୍ଡିନେଟର ପ୍ରମେଶ୍ୱର ବେହେରା, ଚିନ୍ମୟ ବାରିକ, ଭବାନୀ ଶଙ୍କର ମହାନ୍ତ, ଅଜୟ ସ୍ୱାଇଁ ପ୍ରମୁଖ ନେତୃତ୍ୱରେ ଛାତ୍ର ସଙ୍ଗଠନର ସଚ୍ଚିକାନ୍ତ ବାରିକ, ରିଷଭ ଗୁପ୍ତା, ଅଲିଭା ମହାନ୍ତ, ବିନତୀ ମହାନ୍ତ, ଡେଟି ପ୍ରିୟା ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ।

## ବଜରଙ୍ଗ ଦଳର ବୈଠକ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୧୩।୮- ବାଲେଶ୍ୱର ଜିଲା ବାଲିଆପାଳ ବଜରଙ୍ଗ ଦଳ ପକ୍ଷରୁ ଖଗଡ଼ାପାଳ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଓଁକାର ଭୂୟାଁ ସଭାପତିତ୍ୱ କରିଥିଲେ। ଗୋହତ୍ୟା ଓ ଗୋଚାଲାଣକୁ ରୋକିବା, ଧର୍ମାନ୍ତରୀକରଣ ବନ୍ଦ କରିବା, ବେଆଇନ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା, ବାଂଲାଦେଶରେ ହିନ୍ଦୁଙ୍କ ଉପରେ ହେଉଥିବା ଆକ୍ରମଣ, ହତ୍ୟା ଓ ଅତ୍ୟାଚାରକୁ କିପରି ରୋକାଯାଇପାରିବ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଅରିନ୍ ମହାନ୍ତି, ଅଞ୍ଜନ ପାତ୍ର, ଆଶିଷ କୁମାର ସାହୁ, ହରେକୃଷ୍ଣ ସାହୁ, ନିତ୍ୟଗୋପାଳ କାମିଳା, ପ୍ରଦୀପ କାମିଲାଙ୍କ ସହିତ ବହୁ ଗୋରକ୍ଷକ ବୈଠକରେ ଉପସ୍ଥିତ ଥିଲେ। ଗୋଚାଲାଣ, ଧର୍ମାନ୍ତରୀକରଣ, ବାଂଲାଦେଶୀଙ୍କ ସମସ୍ୟା ଅନୁପ୍ରବେଶକାରୀଙ୍କ ଉପରେ ରୋକ ଲଗାଇବା ପାଇଁ ପ୍ରାଣ ପଣେ ଉଦ୍ୟମ ଜାରି ରଖିବେ ବୋଲି ଉପସ୍ଥିତ ବଜରଙ୍ଗ ଦଳର ସଦସ୍ୟମାନେ ଶପଥ ନେଇଥିଲେ।

## ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି

### ବିଧାୟକ, ଜିଲାପାଳଙ୍କୁ କ୍ରିୟାନୁଷ୍ଠାନ ସମିତିର ଦାବିପତ୍ର

ବାଲେଶ୍ୱର, ୧୩।୮ (ବାଞ୍ଛାନିଧି ଦେ)

ଉତ୍ତର ଓଡ଼ିଶାର ପ୍ରାଣକେନ୍ଦ୍ର ବାଲେଶ୍ୱରର ଏକ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ଗତ ୩ବର୍ଷ ଧରି ଗଣତାନ୍ତ୍ରିକ ଆନ୍ଦୋଳନ ହୋଇଆସୁଛି। କ୍ରିୟାନୁଷ୍ଠାନ ସମିତି ସଭାପତି ଡ. କେଶବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମ୍ପାଦକ ଅଭୟ ଚନ୍ଦ୍ର ମିଶ୍ର ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଭାସ୍କର ଚନ୍ଦ୍ର ପାଢ଼ୀ ଗତ ଆର୍ଥିକବର୍ଷର ଆୟବ୍ୟୟ ବୈଠକରେ ଉପସ୍ଥାପନା କରିଥିଲେ।

ଉକ୍ତ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଗଠିତ କ୍ରିୟାନୁଷ୍ଠାନ ସମିତି ପକ୍ଷରୁ ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ କୃଷିମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସେହିପରି ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଏହାର ଏକ ଅବିକଳ ନକଲ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ମଧ୍ୟ ଦିଆଯାଇଛି। ବୈଠକର ନିଷ୍ପତ୍ତି ଅନୁସାରେ ଆସନ୍ତା ମାସରେ ଆଞ୍ଚଳିକ ବୈଠକ ପରେ ଜିଲା ବାର୍ଷିକ ସମ୍ମିଳନୀ ସେପ୍ଟେମ୍ବର ମାସର ଶେଷ ସପ୍ତାହରେ ହେବା ପାଇଁ ସ୍ଥିରୀକୃତ ହୋଇଛି। ବୈଠକରେ ଆଇନଜୀବୀ ନିରଞ୍ଜନ ପରିଡ଼ା, ଡ. କ୍ଷିତୀଶ୍ୱର ଦାଶ, ପ୍ରଫୁଲ୍ଲ କୁମାର ଦାସ, ହରନାରାୟଣ ମଡୁଆଳ, ଭୂପତି କୁମାର ପାତ୍ର, ଅନନ୍ତ କୁମାର ଦତ୍ତ, ମନୋଜ କୁମାର ବେହେରା, ମନ୍ମଥ ପାତ୍ର, ମନୋଜ କୁମାର ଦାସ, ଇଂ. ସୁରେନ୍ଦ୍ର ପ୍ରସାଦ ନାୟକ, ରବି କୁମାର ପାଣିଗ୍ରାହୀ ଓ ପୁରୁଷୋତ୍ତମ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଅକ୍ଷୟ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।


ବୈଠକରେ ମଞ୍ଚାସୀନ ସମିତି କର୍ମକର୍ତ୍ତା।

# ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଡ୍ରୋନ୍ ଟେକ୍ନୋଲୋଜିର ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଆଇଆଇଟି ଭୁବନେଶ୍ୱର ସହ ଆଇଜି ଡ୍ରୋନ୍ସର ବୁଝାମଣା



ଭୁବନେଶ୍ୱର, ୧୩।୮

ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଆଇଆଇଟି), ଭୁବନେଶ୍ୱର ସହ ଆଇଜି ଡ୍ରୋନ୍ସର ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏହି ବୁଝାମଣା ଅନୁଯାୟୀ ଆଇଆଇଟି ଭୁବନେଶ୍ୱର ରିସର୍ଚ୍ଚ ଆଣ୍ଡ ଏଣ୍ଟରପ୍ରେନ୍ୟୁରଶିପ୍ ପାର୍କରେ ଡିଜାଷ୍ଟର ମ୍ୟାନେଜମେଣ୍ଟ ଆର୍ ଆଣ୍ଡ ଡି ଉପରେ ଗୁରୁତ୍ୱ ଦେଉଥିବା ଏକ ଆଡ୍‌ଭାନ୍ସଡ ଡ୍ରୋନ୍ ଏକ୍ସିଲେନ୍ସ ସେଣ୍ଟର ସ୍ଥାପନ କରିବା ପାଇଁ ଏହି ବୁଝାମଣାପତ୍ର (ଏମ୍‌ଓୟୁ) ଚୁକ୍ତି ସ୍ୱାକ୍ଷରିତ ହୋଇଛି। ବିଶେଷକରି ଭାରତ ଏକ ବିପର୍ଯ୍ୟୟପ୍ରବଣ ଦେଶ ହୋଇଥିବାରୁ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଡ୍ରୋନ୍ ଟେକ୍ନୋଲୋଜିର ଗବେଷଣା ଓ ବିକାଶର ଅଗ୍ରଗତି ପାଇଁ ଏହି ସହଭାଗିତା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରୁଛି। ଏହି ସହଭାଗିତା ମାଧ୍ୟମରେ ସ୍ଥାପିତ ହେବାକୁ ଥିବା ନୂଆ ସେଣ୍ଟର ଅଫ୍ ଏକ୍ସିଲେନ୍ସ (ସିଓଇ) ବିପର୍ଯ୍ୟୟ ପରିଚାଳନା ପ୍ରୟୋଗ କ୍ଷେତ୍ରରେ ଡ୍ରୋନ୍ ଟେକ୍ନୋଲୋଜିର ଅନୁସନ୍ଧାନ ଓ ବିକାଶକୁ ଆଗକୁ ବଢାଇବା ପାଇଁ ଉତ୍ସର୍ଗୀକୃତ ରହିବ।

ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କ୍ଷେତ୍ରରେ ଡ୍ରୋନ୍‌ର କ୍ଷମତାକୁ ବୃଦ୍ଧି କରିବା, ବିପର୍ଯ୍ୟୟପ୍ରବଣ ଅଞ୍ଚଳଗୁଡିକରେ ଆଇଜି ଡ୍ରୋନ୍‌ର ବ୍ୟାପକ ଅଭିଜ୍ଞତାକୁ ଉପଯୋଗ କରିବା। ଏହି ନୂଆ ସିଓଇ ବିପର୍ଯ୍ୟୟ ପରିଚାଳନା ଅନୁସନ୍ଧାନ ଓ ବିକାଶ ଉପରେ ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ଦେଉଥିବା ପ୍ରଥମ ସଂସ୍ଥା ହେବ।

ଏହି ଆଡ୍‌ଭାନ୍ସ ଡ୍ରୋନ୍ ଏକ୍ସିଲେନ୍ସ ସେଣ୍ଟର ୨୦୦୦ ବର୍ଗଫୁଟ ଅଞ୍ଚଳରେ ଅବସ୍ଥାପିତ ହେବ। ଯାହା ଅନୁସନ୍ଧାନ ଓ ବିକାଶମୂଳକ ପଦକ୍ଷେପରେ ସହଯୋଗ କରିବା ପାଇଁ ଅତ୍ୟାଧୁନିକ ବ୍ୟବସ୍ଥାରେ ସୁସଜ୍ଜିତ ରହିବ। ଓଡ଼ିଶା ଭାରତର ୧ ନମ୍ବର ବିପର୍ଯ୍ୟୟ ପ୍ରସ୍ତୁତ ରାଜ୍ୟ ଓ ଏହାକୁ ନିଜର ସକ୍ରିୟ ବିପର୍ଯ୍ୟୟ ପରିଚାଳନା ରଣନୀତି ପାଇଁ ବିଶ୍ୱବ୍ୟାପୀ ପ୍ରଶଂସା କରାଯାଉଛି। ଓଡ଼ିଶାସ୍ଥିତ ଏକ କମ୍ପାନୀ ଭାବେ ଆଇଜି ଡ୍ରୋନ୍ସ ଅତ୍ୟାଧୁନିକ ଗ୍ଲୋବାଲ ଡ୍ରୋନ ଟେକ୍ନୋଲୋଜି ଓ ଏଆଇର ପ୍ରୟୋଗ ସହ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଉତ୍କର୍ଷ ହାସଲ କରିଛି।

ଏ ସମ୍ପର୍କରେ ଆଇଆଇଟି ଭୁବନେଶ୍ୱର ରିସର୍ଚ୍ଚ ଆଣ୍ଡ ଏଣ୍ଟରପ୍ରେନ୍ୟୁରଶିପ ପାର୍କର ସିଇଓ ଡ. ଶୁଭଙ୍କର ପତି କହିଛନ୍ତି, ଆମେ ଆଇଜି ଡ୍ରୋନ୍ସ ସହ ସହଭାଗିତାକରି ବେଶ୍ ଉତ୍ସାହିତ ଅଛୁ; ଯାହା ଅତ୍ୟାଧୁନିକ ଟେକ୍ନୋଲୋଜି କ୍ଷେତ୍ରରେ କାର୍ଯ୍ୟରତ ଷ୍ଟାର୍ଟଅପ୍‌ଗୁଡିକ ମାଧ୍ୟମରେ ବିପର୍ଯ୍ୟୟ ପରିଚାଳନା ଉପରେ ଆମର ଧ୍ୟାନକୁ ବୃଦ୍ଧି କରୁଛି। ଏହି ସହଭାଗିତା ଆମର ଭିଜନ '୧୦୦କ୍ୟୁବ୍' ସହ ଜଡ଼ିତ ଥିବା ହାଇ ଏଣ୍ଡ ଟେକ୍ନୋଲୋଜି କ୍ଷେତ୍ରଗୁଡିକରେ ଉଦ୍ଭାବନ ଓ ଉଦ୍ୟୋଗିକତା ବିକଶିତ କରିବା ପ୍ରତି ଆମର ପ୍ରତିବଦ୍ଧତାର ଏକ ପ୍ରମାଣ।

ଉଲ୍ଲେଖଯୋଗ୍ୟ, ୧୦୦କ୍ୟୁବ୍ ଓଡ଼ିଶା ୨୦୩୬ରେ ଏକ ଭାଷାଗତ ରାଜ୍ୟ ଭାବେ ୧୦୦ ବର୍ଷରେ ପଦାର୍ପଣ କରୁଥିବାରୁ ୧୦୦ କୋଟି ଟଙ୍କା ଲେଖାଏ ମୂଲ୍ୟର ୧୦୦ଟି ଷ୍ଟାର୍ଟଅପ୍‌କୁ ସୁଗମ କରିବା ପାଇଁ ଲକ୍ଷ୍ୟ ରଖିଛି।

ସେହିଭଳି ଆଇଜି ଡ୍ରୋନ୍ସର ସିଇଓ ବୋଧିସତ୍ୱ ସଂଘପ୍ରିୟା କହିଛନ୍ତି, ଆଇଆଇଟି ଭୁବନେଶ୍ୱର ସହ ଆମର ସହଭାଗିତା ଡ୍ରୋନ୍ ଟେକ୍ନୋଲୋଜି ମାଧ୍ୟମରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିର ପ୍ରତିନିଧିତ୍ୱ କରୁଛି।

# ଖସିଲା ଶେୟାର ବଜାର କାରବାର

ନୂଆଦିଲ୍ଲୀ, ୧୩।୮

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୯୩(୬୯୨.୮୯) ପଏଣ୍ଟ କମି ୭୮,୯୫୬ (୭୮,୯୫୬.୦୩) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୦୮ (୨୦୮.୦୦) ପଏଣ୍ଟ ହ୍ରାସ ଘଟି ୨୪,୧୩୯(୨୪,୧୩୯.୦୦) ଅଙ୍କରେ କାରବାର ଶେଷ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ସଭ୍ୟତାର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍



ଭୁବନେଶ୍ୱର, ୧୩।୮

ଦେଶର ଅଗ୍ରଣୀ ପ୍ରିମିୟମ ଏଥ୍‌ନିକ ୱେୟାର ବ୍ରାଣ୍ଡ 'ସଭ୍ୟତା'ର ନୂତନ ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ମଙ୍ଗଳବାର ଭୁବନେଶ୍ୱରର ଏସ୍‌ପ୍ଲାନେଡ୍ ମଲ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ସାରା ଭାରତରେ ବ୍ରାଣ୍ଡର ଏହା ୧୨୩ତମ ଷ୍ଟୋର ହୋଇଥିଲାବେଳେ ଓଡ଼ିଶା ବଜାରରେ ସଭ୍ୟତାର ୨ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରାଣ୍ଡର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ସଭ୍ୟତାର ସହପ୍ରତିଷ୍ଠାତା ପଙ୍କଜ ଆନନ୍ଦ କହିଛନ୍ତି, ଭୁବନେଶ୍ୱରଠାରେ ଆମେ ଆମର ୨ୟ ଷ୍ଟୋରର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ସହରର ଜୀବନ୍ତ ଫ୍ୟାଶନ ସମୁଦାୟକୁ ସେବା ଯୋଗାଇବା ପାଇଁ ଆମେ ଅପେକ୍ଷା କରିଛୁ। ଏହି ନୂଆ ଷ୍ଟୋର ଆମର ନୂତନ କଲେକ୍ସନକୁ ପ୍ରଦର୍ଶିତ ଏବଂ ଏଥ୍‌ନିକ୍ ଫ୍ୟାଶନ ଉପରେ ଏକ ସତେଜ ଦୃଷ୍ଟିକୋଣ ପ୍ରଦାନ କରିବ, ଯାହା ଏଥ୍‌ନିକ୍ ୱେୟାରକୁ ଆଜିର ମହିଳାମାନଙ୍କ ପାଇଁ ପହଞ୍ଚଯୋଗ୍ୟ ଓ ପ୍ରାସଙ୍ଗିକ କରିବାର ଆମର ଲକ୍ଷ୍ୟ ସହ ଜଡ଼ିତ ରହିଛି। ସେହିଭଳି କମ୍ପାନୀର ସହପ୍ରତିଷ୍ଠାତା ଅନିଲ ଅରୋରା କହିଛନ୍ତି, ଆମର ୧୨୩ ତମ ଷ୍ଟୋରର ଉନ୍ମୋଚନ ଏକ ବଡ଼ ସଫଳତା ହୋଇଥିଲାବେଳେ ଆମେ ଭୁବନେଶ୍ୱରରେ ଆମର ଉପସ୍ଥିତିକୁ ବିସ୍ତାରକରି ଆନନ୍ଦିତ ଅଛୁ ଏବଂ ଦେଶର ପ୍ରତ୍ୟେକ କୋଣ ପାଇଁ ସର୍ବୋତ୍ତମ ଏଥ୍‌ନିକ୍ ପୋଷାକ ଆଣିବା ଲାଗି ପ୍ରତିବଦ୍ଧ ରହିଛୁ।

# ଜିଏସ୍‌କେର ନୂଆ କ୍ୟାମ୍ପେନ୍

ନୂଆଦିଲ୍ଲୀ, ୧୩।୮

ଜିଏସ୍‌କେ ପକ୍ଷରୁ ଆଜି ସିଙ୍ଗଲ୍‌ସ ରୋଗର ସଚେତନତା ଉପରେ ଏକ ନୂଆ କ୍ୟାମ୍ପେନ ଶୁଭାରମ୍ଭ କରାଯାଇଛି ଯେଉଁଥିରେ ବରିଷ୍ଠ ଅଭିନେତା ଅମିତାଭ ବଚ୍ଚନ ଓ ମନୋଜ ପାୱା ଅଭିନୟ କରିଛନ୍ତି ଏବଂ ଚିକେନପକ୍ସ (ହାଡଫୁଟି) ଓ ସିଙ୍ଗଲ୍‌ସ ରୋଗ ମଧ୍ୟରେ ବୈଜ୍ଞାନିକ ସଂଯୋଗକୁ ବ୍ୟାଖ୍ୟା କରିଛନ୍ତି। ଏହି କ୍ୟାମ୍ପେନର ଫିଲ୍ମଗୁଡିକ ସିଙ୍ଗଲ୍‌ସ ରୋଗ ଓ ମଧୁମେହ ଥିବା ଲୋକଙ୍କଠାରେ ସିଙ୍ଗଲ୍‌ସର ବର୍ଦ୍ଧିତ ପ୍ରବଣତା ସମ୍ପର୍କରେ କଥା ହେବା ପାଇଁ ଦୁଇ ଜଣ ବନ୍ଧୁଙ୍କ ମଧ୍ୟରେ ଦୈନନ୍ଦିନ ବାର୍ତ୍ତାଳାପକୁ ବ୍ୟବହାର କରିଛି।

ଏ ସମ୍ପର୍କରେ ମନୋଜ ପାୱା କହିଛନ୍ତି, ମୁଁ ଏଭଳି ଏକ ବୟସ ବର୍ଗରେ ଅଛି, ଯାହା ସିଙ୍ଗଲ୍‌ସ ପ୍ରତି ସମ୍ବେଦନଶୀଳ ଏବଂ ଜିଏସ୍‌କେର ସିଙ୍ଗଲ୍‌ସ ସଚେତନତା କ୍ୟାମ୍ପେନ ମାଧ୍ୟମରେ ମୁଁ ଏହି ଯନ୍ତ୍ରଣାଦାୟକ ରୋଗ ଓ ଏହା ସହ ଜଡିତ ରିସ୍କ ଫ୍ୟାକ୍ଟରଗୁଡିକୁ ଭଲ ଭାବରେ ବୁଝିଛି।

ସେହିଭଳି ଜିଏସ୍‌କେର ପେସେଣ୍ଟ ଏମ୍‌ପାୱାରମେଣ୍ଟ ବିଭାଗର ମୁଖ୍ୟ ବିଗ୍ୟେତା ଅଗ୍ରୱାଲ କହିଛନ୍ତି, ୨୦୨୩ ଏପିଆଇ-ଆଇପିଏସ୍‌ଓଏସ୍ ସର୍ଭେ ଦର୍ଶାଇଛି, ସିଙ୍ଗଲ୍‌ସ ହୋଇଥିବା ଲୋକମାନଙ୍କୁ ଏହି ଯନ୍ତ୍ରଣାଦାୟକ ରୋଗର କାରଣ ଜଣା ନଥାଏ। ବରିଷ୍ଠ ଅଭିନେତା ଅମିତାଭ ବଚ୍ଚନଙ୍କର ଦେଶବ୍ୟାପୀ ଲୋକମାନଙ୍କ ସହ ସଂଯୋଜିତ ହେବା ପାଇଁ ଏକ ଅତୁଳନୀୟ କ୍ଷମତା ରହିଛି। ଆମେ ନିଶ୍ଚିତ, କ୍ୟାମ୍ପେନର ଚେହେରା ଭାବେ ତାଙ୍କୁ ନିୟୋଜିତ କରିବା ଦ୍ୱାରା ସେ ଆମକୁ ଅଧିକ ଲୋକଙ୍କୁ ବିଶେଷ କରି ବୟସ୍କ ଲୋକମାନଙ୍କ ନିକଟରେ ପହଞ୍ଚିବା ଏବଂ ସେମାନଙ୍କୁ ସିଙ୍ଗଲ୍‌ସ ଓ ଏହାର ପ୍ରତିରୋଧ ସମ୍ପର୍କରେ ନିଜର ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରିବ।

ଦି ସ୍ମଲବିଗ୍‌ଆଇଡିଆ ନେଟ୍‌ୱର୍କର ଏକ ଶାଖା ବ୍ଲିଜ୍‌କ୍ରେଗ୍‌ର ସହପ୍ରତିଷ୍ଠାତା ଓ ସିଇଓ, ହରିକ୍ରିଷ୍ଣା ପିଲାଇ କହିଛନ୍ତି, ଏହି କ୍ୟାମ୍ପେନରେ ଦୁଇଟି କ୍ୟାମ୍ପେନ ଫିଲ୍ମ ସାମିଲ ରହିଛି। 'ୟେ ସାଇନ୍ସ ହେ' କ୍ୟାମ୍ପେନ ୫୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କମାନଙ୍କ ସିଙ୍ଗଲ୍‌ସ ଓ ଏହାର ପ୍ରତିରୋଧ ସମ୍ପର୍କରେ ନିଜର ଡାକ୍ତରଙ୍କ ସହ କଥା ହେବା ପାଇଁ ଆବେଦନ କରୁଛି।

# ଓଏଏସ୍‌ଏମ୍‌ଇର ୩୮ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୧୩।୮



ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସଙ୍ଗଠନ (ଓଏଏସ୍‌ଏମ୍‌ଇ)ର ୩୮ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀ ଭୁବନେଶ୍ୱରର ଜୟଦେବ ଭବନଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ରାଜ୍ୟପାଳ ରଘୁବର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଗୋକୁଳାନନ୍ଦ ମଲ୍ଲିକଙ୍କ ସମେତ ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା, ସିଏମ୍‌ଡି ଜାତୀୟ କ୍ଷୁଦ୍ରଶିଳ୍ପ ନିଗମ ଲିମିଟେଡ୍‌ର ଶୁଭ୍ରାଂଶୁ ଶେଖର ଆଚାର୍ଯ୍ୟ ଏବଂ ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ଏମ୍‌ଏସ୍‌ଏମ୍‌ଇ ଡିଏଫ୍‌ଓ, ଯୁଗ୍ମ ନିର୍ଦ୍ଦେଶକ ତଥା ଏଚ୍‌ଓଓ, ଆଇଇଡିଏସ୍ ପି.କେ. ଗୁପ୍ତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲାବେଳେ ଓସେମ୍‌ର ଅଧ୍ୟକ୍ଷ ଗୌରୀ ଶଙ୍କର ଦାଶ ଏବଂ ମହାସଚିବ ସାତ୍ୱିକ ସ୍ୱାଇଁ ଓ ଓସେମ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସେହିଭଳି ଉଦ୍ୟୋଗୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଏହି ଅବସରରେ ସର୍ବସାଧାରଣ କ୍ରୟ ନୀତି: ଅନୁସୂଚିତ ଜାତି, ଜନଜାତି ଏବଂ ମହିଳା ଏମ୍‌ଏସ୍‌ଇ ସମ୍ଭାବ୍ୟ ଓ ଅଭିବୃଦ୍ଧିକୁ ଉନ୍ମୋଚନ କରିବା ଏବଂ ପ୍ରତିଯୋଗିତାମୂଳକ ଲିନ୍ ସ୍କିମ୍ ଉପରେ ସଚେତନତା କାର୍ଯ୍ୟକ୍ରମ ଶୀର୍ଷକ ରାଜ୍ୟସ୍ତରୀୟ ସେମିନାର ମଧ୍ୟ ଆୟୋଜନ କରାଯାଇଥିଲା। ରାଜ୍ୟରେ ଏମ୍‌ଏସ୍‌ଏମ୍‌ଇର ବିକାଶ ସହ ଜଡ଼ିତ ସମସ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ବୃହତ୍ ଗୃହ, ବାଣିଜ୍ୟିକ ବ୍ୟାଙ୍କ ଏବଂ ପ୍ରୋତ୍ସାହନ ଏଜେନ୍ସିର ମୁଖ୍ୟମାନେ ସେମିନାରର ଉଦ୍‌ଘାଟନୀ ସମାରୋହ ତଥା ବୈଷୟିକ ଅଧିବେଶନରେ ଯୋଗଦେଇ ସେମାନଙ୍କର ମୂଲ୍ୟବାନ୍ ମତ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମଗ୍ର ରାଜ୍ୟର ଉଦ୍ୟୋଗୀ ଏମ୍‌ଏସ୍‌ଏମ୍‌ଇ, ଷ୍ଟାର୍ଟଅପ୍, ଉଦ୍ଭାବକ, ନିବେଶକ ଏବଂ ରପ୍ତାନିକାରୀମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓସେମ୍‌ର ଅଧ୍ୟକ୍ଷ ଗୌରୀ ଶଙ୍କର ଦାଶ ଯୁବ ଉଦ୍ୟୋଗୀମାନଙ୍କୁ ଆଗେଇ ଆସିବାକୁ ଆହ୍ୱାନ କରିବା ସହ ଓଡ଼ିଶାର ନୂତନତା ସରକାରଙ୍କ ସକ୍ରିୟ ପଦକ୍ଷେପକୁ ପ୍ରଶଂସା କରିଥିଲେ। ସେହିଭଳି ସେପ୍ଟେମ୍ବର ଶେଷ ସୁଦ୍ଧା ଉଦ୍‌ଘାଟନ ହେବାକୁ ଥିବା ଇଞ୍ଜିନିୟରିଂ କ୍ଲଷ୍ଟର ଉପରେ ଆଲୋକପାତ କରି ଓସେମ୍‌ର ମହାସଚିବ ସାତ୍ୱିକ ସ୍ୱାଇଁ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ। ଇନ୍‌କ୍ୟୁବେସନ୍ ସେଣ୍ଟର ପାଇଁ ସେମାନଙ୍କ ଆବେଦନ ଏବଂ ଅନୁମୋଦନ ପାଇଁ ମନ୍ତ୍ରୀଙ୍କ ନିକଟରେ ନିବେଦନ ବିଷୟରେ ମଧ୍ୟ ସେ ଉଲ୍ଲେଖ କରିଥିଲେ। ଇଡ଼କୋ ଏହି ଅଞ୍ଚଳରେ ଭିତ୍ତିଭୂମି ବିକାଶ ପାଇଁ ୨୦ କୋଟି ଟଙ୍କା ବିନିଯୋଗ କରୁଛି। ଓସେମ୍ ପକ୍ଷରୁ ଆୟୋଜିତ ହେଉଥିବା ଏମ୍‌ଏସ୍‌ଏମ୍‌ଇ ଏକ୍ସପୋର ଗୁରୁତ୍ୱ ଉପରେ ସ୍ୱାଇଁ ଗୁରୁତ୍ୱାରୋପ କରି କହିଥିଲେ, ଗତ ବର୍ଷ ଏକ୍ସପୋରେ ୩୬ଟି ମେଶିନ ପ୍ରଦର୍ଶିତ ହୋଇଥିଲା, ଯାହାକୁ ସ୍ଥାନୀୟ ଉଦ୍ୟୋଗୀମାନେ କାର୍ଯ୍ୟ କରିଥିଲେ। ଉଦ୍ୟୋଗୀ ହିସାବରେ ଆହ୍ୱାନର ମୁକାବିଲା କରିବା ଏବଂ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସେମାନଙ୍କର ଲକ୍ଷ୍ୟ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଓସେମ୍ ଏବଂ ଏନ୍‌ଆର୍‌ଡିସି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ବାର୍ଷିକ ସାଧାରଣ ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଅପ୍‌ସରାର ନୂତନ ଅଭିଯାନ

ନୂଆଦିଲ୍ଲୀ, ୧୩।୮

ଦେଶର ଅଗ୍ରଣୀ ଫୁଡ୍ ବ୍ରାଣ୍ଡ ତଥା ଅପ୍‌ସରା ଆଇସ୍‌କ୍ରିମ୍ସର ୫୩ତମ ପୂର୍ତ୍ତି ଉତ୍ସବ (୫୩ତମ ବାର୍ଷିକୀ) ଏବଂ ୭୮ତମ ସ୍ୱାଧୀନତା ଦିବସ ଅବସରରେ ଏକ ନୂତନ ଅଭିଯାନ 'ମୁସ୍କାନ' ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଅଭିଯାନକୁ ମୁମ୍ବାଇ ଓ ପୁଣେଠାରେ ୨୦୨୪ ଅଗଷ୍ଟ ୧୫ରେ ଶୁଭାରମ୍ଭ କରାଯିବ ଏବଂ ପର୍ଯ୍ୟାୟକ୍ରମେ ଦେଶର ଅନ୍ୟ ରାଜ୍ୟ ଓ ସହରଗୁଡ଼ିକୁ ନିଆଯିବ। ସେହିଭଳି ମୁସ୍କାନ ଅଭିଯାନ ଅଧୀନରେ କମ୍ପାନୀ ୫୩,୦୦୦ ଆଇସ୍‌କ୍ରିମ୍ ବିତରଣ କରିବ ଯାହା ପ୍ରାୟ ୪ଟନ୍ ଆଇସ୍‌କ୍ରିମ ସହ ସମାନ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ଅଭିଯାନ ଭାରତର ୯ଟି ରାଜ୍ୟ ଓ ୨୫ଟି ସହରକୁ ଅନ୍ତର୍ଭୁକ୍ତ କରିବ। ଏହି ଆଇସ୍‌କ୍ରିମ୍‌ଗୁଡିକୁ ବିଭିନ୍ନ ଏନ୍‌ଜିଓ, ଅନାଥାଶ୍ରମ, ବୃଦ୍ଧାଶ୍ରମ ଏବଂ ବିଭିନ୍ନ ସରକାରୀ ଓ ବେସରକାରୀ ଫାଉଣ୍ଡେଶନଗୁଡିକରେ ବିତରଣ କରାଯିବ। ଏ ସମ୍ପର୍କରେ ଅପ୍‌ସରା ଆଇସ୍‌କ୍ରିମ୍‌ସର ଫାଉଣ୍ଡର ପାର୍ଟନର ନେମଚାନ୍ଦ ଶାହ କହିଛନ୍ତି, ମୁସ୍କାନ୍‌ର ମୁଖ୍ୟ ଲକ୍ଷ୍ୟ ହେଉଛି, ସମାଜ ବିଭିନ୍ନ ବର୍ଗର ଲୋକମାନଙ୍କ ମଧ୍ୟରେ ଖୁସି ଆଣିବା ଏବଂ ଆମର ୫୩ତମ ପୂର୍ତ୍ତି ଉତ୍ସବ (ବାର୍ଷିକୀ)କୁ ପାଳନ କରିବା। ୨୦୨୪ ଅଗଷ୍ଟ ୧୫ରେ ଭାରତର ୭୮ତମ ସ୍ୱାଧୀନତା ଦିବସ ଅବସରରେ ଏହି ଅଭିଯାନକୁ ଶୁଭାରମ୍ଭ କରାଯିବ, ଯାହାକି ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ବିଷୟ। ଏହା ଆମ ପାଇଁ ଏକ ଅତ୍ୟନ୍ତ ଗର୍ବର ବିଷୟ ଯେ ଆମେ ୭୮ତମ ସ୍ୱାଧୀନତା ଦିବସ ଅବସରରେ ଆମର ବାର୍ଷିକୀ ପାଳନ କରୁଛୁ। ମୁସ୍କାନ୍ ଅଭିଯାନ ମାଧ୍ୟମରେ ଅପ୍‌ସରା ଆଇସ୍‌କ୍ରିମ୍ସ ଅନେକ ଲୋକଙ୍କ କଲ୍ୟାଣ ଓ ଖୁସିରେ ଯୋଗଦାନ ଦେଇ ନିଜର ବାର୍ଷିକୀକୁ ସ୍ମରଣୀୟ କରୁଛି।

# ଆମାଜନ.ଇନ୍‌ର 'ରକ୍ଷାବନ୍ଧନ ଷ୍ଟୋର'

ନୂଆଦିଲ୍ଲୀ, ୧୩।୮

ପ୍ରତି ବର୍ଷ ଭଳି ଚଳିତ ବର୍ଷ ରାଖୀ ପୂର୍ଣ୍ଣିମାରେ ମଧ୍ୟ ଆମାଜନ.ଇନ୍‌ର ସ୍ୱତନ୍ତ୍ର ଅଭିଯାନ 'ରକ୍ଷାବନ୍ଧନ ଷ୍ଟୋର'ର ଶୁଭାରମ୍ଭ କରାଯାଇଛି। ଏପରିକି କ୍ୟାଡବରି ଦ୍ୱାରା ପରିଚାଳିତ ଆମାଜନ.ଇନ୍ ରକ୍ଷାବନ୍ଧନ ଷ୍ଟୋର ସହିତ ଏହି ଭଉଣୀଭାଇ ଉତ୍ସବକୁ ଅଧିକ ସ୍ୱତନ୍ତ୍ର କରିବାକୁ ଯାଉଛି। ୨୦୨୪ ଅଗଷ୍ଟ ୨୦ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲୁ ରହିବ। ଫଳରେ ଗ୍ରାହକମାନେ ସେମାନଙ୍କର ଭଉଣୀଭାଇଙ୍କ ପାଇଁ ଚିନ୍ତାଶୀଳ ଉପହାରର ଭଣ୍ଡାର ଅନୁସନ୍ଧାନ କରିପାରିବେ। ବିଶେଷକରି ଲିଣ୍ଡଟ, ଇନ୍‌ଷ୍ଟାମାକ୍ସ, ଟାଇଟନ, ଜିଭା, ନଏଜ୍, କିମିରିକା ଭଳି ପ୍ରିମିୟମ ବ୍ରାଣ୍ଡ ଉପରେ ମଧ୍ୟ ଆକର୍ଷଣୀୟ ସୁବିଧା (ଡିଲ୍) ମଧ୍ୟ ପାଇପାରିବେ। ସେହିଭଳି ଆମାଜନ.ଇନ୍‌ର ସ୍ୱତନ୍ତ୍ର ସିଲେକ୍ସନରେ ବ୍ୟକ୍ତିଗତ ହ୍ୟାମ୍ପର୍ ଏବଂ କମ୍ବୋ ସେଟ୍, ଡିଜାଇନର ରାଖୀ, ପ୍ରିମିୟମ୍ ଗ୍ରୁମିଂ ପ୍ରଡକ୍ଟ, ଇଲେକ୍ଟ୍ରୋନିକ୍ସ, ସ୍ମାର୍ଟଫୋନ୍, ପୋଷାକ, ସ୍କିନ୍ କେୟାର ଅତ୍ୟାବଶ୍ୟକ ସାମଗ୍ରୀ, ଗାର୍ମେଟ ଓ ଗ୍ରୋସରି ଆଦି ସାମିଲ ରହିଛି।

ସେହିପରି ବହୁମୁଖୀ ଉପହାର ବିକଳ୍ପ ଚାହୁଁଥିବା ଗ୍ରାହକଙ୍କ ପାଇଁ ଆମାଜନ ଡଟ୍ ଇନ୍‌ର 'ଫାଷ୍ଟ-ଇନ୍-ଇଣ୍ଡିଆ।' ଆନିମେଟେଡ୍ ଗିଫ୍ଟ କାର୍ଡ ଏକ ପରିବର୍ତ୍ତନଶୀଳ ସମାଧାନ ପ୍ରଦାନ କରୁଛି, ଯାହା ଯେକୌଣସି ପସନ୍ଦକୁ ପୂରଣ କରିଥାଏ।


**Office of the Principal**
**Government Science College, Chatrapur, Ganjam - 761020**

Office Circular No. : 2668/GSCC/2024 Date : 10.08.2024

**QUOTATION CALL NOTICE**

No.N-76 : Sealed quotations are invited from authorized dealers/suppliers with valid GST, ITCC, PAN clearance for supply of branded laboratory equipment's and computers including software's for different departments. Detail specifications of the above will be available from college website gscc.ac.in. The quotation must reach to the undersigned (Speed post only) by 22nd August 2024 and the same will be opened in the chamber of the principal at 11 AM on 23rd August 2024. The quotation price must include all taxes with free delivery, installation and demonstration. The authority reserves the right to cancel or reject any or all quotation without assigning any reason thereof.

For details, please refer to the website www.gscc.ac.in

Sd./-Principal
Govt.Science College
Chatrapur (Gm.)

OIPR-11074/11/0003/2425



**GOVT. OF ODISHA** No.A-221
**DEPARTMENT OF WATER RESOURCE**
**DIRECTORATE OF GROUND WATER DEVELOPMENT**
**OFFICE OF THE EXECUTIVE ENGINEER, GWD DIVISION NO - 1,**
DELTA SQUARE, UNIT-8, BHUBANESWAR, PIN - 751012, TEL - 0674-2973581
E-mail : executiveengineeerhpbbsr@gmail.com

Letter No. - 789 Dt. : 09.08.2024

**E-Procurement Notices No. GWD Divn - 1, BBSR-03/2024-25, dt. 09.08.2024**

| Sl. No. | Total number of work | 3 nos of work as mention below |
|---|---|---|
| 1 | Name of works | 1. Construction of 5nos Rooftop rain water harvesting structure (RRHS) in Govt. building under CHHATA scheme in Bhubaneswar Urban of Khurda District under GWD Division-I, Bhubaneswar during the FY-2024-25-Phase-III. 2. Construction of 4nos Rooftop rain water harvesting structure (RRHS) in Govt. building under CHHATA scheme in Bhubaneswar Urban of Khurda District under GWD Division-I, Bhubaneswar during the FY-2024-25-Phase-IV. 3. Construction of 5nos Rooftop rain water harvesting structure (RRHS) in Govt. building under CHHATA scheme in Bhubaneswar Urban of Khurda District under GWD Division-I, Bhubaneswar during the FY-2024-25-Phase-V. |
| 2 | Estimate cost (without GST) | 1. Rs. 17,93,812/- 2. Rs. 14,48,451/- 3. Rs. 1785,893/- |
| 3 | Bid Identification no. | 1. GWD DIVN. - 1, BBSR-07/2024-25 2. GWD DIVN. - 1, BBSR-08/2024-25 3. GWD DIVN. - 1, BBSR-09/2024-25 |
| 4 | Period of completion | Two months |
| 5 | Class contractor | D & C |
| 6 | Date and time of availability of Bid document in the portal | Dt. 17.08.2024, 11.00 hrs to 27.08.2024, 17.00 hrs |
| 7 | Date and time of receipt of bids in portal | Dt. 17.08.2024, 11.00 hrs to 27.08.2024, 17.00 hrs |
| 8 | Last date and time for receipt of bid in the portal | 27.08.2024, upto 17.00 hrs |
| 9 | Date & time of opening of bid document (Bid opening date) | 28.08.2024 at 12.00hrs in the office of the Executive Engineer, G.W.D. Division-I, Bhubaneswar |
| 10 | Date of lottery | To be intimated to the responsive bidders through their registered e-mail |
| 11 | Bid security | 1. Rs. 18,000.00 2. Rs. 14,500.00 3. Rs. 18,000.00 |
| 12 | Cost of tender paper | 1. Rs. 6000.00 2. Rs. 6000.00 3. Rs. 6000.00 |
| 13 | Procurement officer | Executive Engineer, G.W.D. Division-I, Delta square, Unit-8, Bhubaneswar |

Sd./- Executive Engineer
GWD Division-I, Bhubaneswar

OIPR-32462/11/0011/2425



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**PHULBANI (R&B) CIRCLE, PHULBANI**

Phone : 06842 254004 Email : sernbphulbani@gmail.com

**INVITATION FOR BIDS (IFB)**
Bid Identification No. CCE_R and B_PLB_02 of 2024-25
No. 1192 Dated. 09.08.2024 No.B-169

| | | |
|---|---|---|
| 1 | The Chief Construction Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of the Building work as detailed in the table below from eligible contractors. | |
| 2 | Nature of work | Building Work |
| 3 | No. of tenders | One No. |
| 4 | Tender cost | Rs. 10,000/- (through online) only |
| 5 | Class of Contractor | B & A Class |
| 6 | Date & Time of sale & receipt of bids | 10.00 AM of 21.08.2024 to 5.00 PM of 04.09.2024 |
| 7 | Date of opening of bid | 11.00 AM of 05.09.2024 |
| 8 | The bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/ Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason. | |

Sd./- Chief Construction Engineer,
Phulbani (R&B) Circle, Phulbani

OIPR-34129/11/0003/2425



**GOVERNMENT OF ODISHA**
**e-Procurement Notice, Superintending Engineer, M.I. Division, Angul**
**Bid Identification No.-01 OF 2024-25**
e-mail ID - eemidivision_angul@yahoo.com
Letter No. 2009 Date : 09.08.2024 No.A-222

| | | |
|---|---|---|
| 1 | Number of Works | 10 (TEN) numbers of Civil works |
| 2 | Approximate estimated cost | 6.99 Lakh to 32.92 Lakh |
| 3 | Cost of Tender Paper | Rs.4000/- to Rs.6000/- (Non-Refundable) |
| 4 | Period of completion | 06 (Six) Calendar months |
| 5 | Date & Time of availability of bid document in the portal | Dt. 17.08.2024 at 10.00 A.M. to Dt. 27.08.2024 up to 5.00 P.M. |
| 6 | Last date / Time for receipt of bid in the portal | Dt. 27.08.2024 up to 5.00 P.M. |
| 7 | Date of opening of bid documents | Dt. 28.08.2024 at 11.00 A.M. |
| 8 | Date of lottery if required | Dt. 31.08.2024 at 11.00 A.M. |
| 9 | Name and address of the Office Inviting Bid | Superintending Engineer, Minor Irrigation Division, Angul. At/P.O.: Hakimpada, College Square, District : Angul, PIN - 759143, Ph. No. : 06764-236522, Email ID : eemidivision_angul@yahoo.com |
| 10 | The bidders have to participate in ONLINE bidding only. Further details can be seen from the e-procurement portal http://tendersorissa.gov.in | |

Sd./- Superintending Engineer
M.I. Division, Angul

OIPR-32284/11/0004/2425



**ହସ୍ତଶିଳ୍ପ ତାଲିମ ପାଇଁ ବିଜ୍ଞାପନ**

No.PP-13:ଚଳିତ ଶିକ୍ଷା ବର୍ଷ (୨୦୨୪-୨୫) ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାର ନିମ୍ନଲିଖିତ ହସ୍ତଶିଳ୍ପ ତାଲିମ କେନ୍ଦ୍ର/ବିଦ୍ୟାଳୟଗୁଡ଼ିକରେ ଛାତ୍ର/ଛାତ୍ରୀ ଗ୍ରହଣ ନିମିତ୍ତ ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଦରଖାସ୍ତ କରିବାର ଶେଷ ତାରିଖ ୩୧.୦୮.୨୦୨୪ ।

| କ୍ରମିକ ସଂଖ୍ୟା | ଜିଲ୍ଲାର ନାମ | ହସ୍ତଶିଳ୍ପ ବିଦ୍ୟାଳୟ/ତାଲିମ କେନ୍ଦ୍ରର ନାମ | ହସ୍ତଶିଳ୍ପର (ପାଠ୍ୟକ୍ରମ) ନାମ | ସ୍ଥାନ ସଂଖ୍ୟା | ତାଲିମ ଅବଧି |
|---|---|---|---|---|---|
| ୧ | ବାଲେଶ୍ୱର | ବଉଳ ଗାଡିଆ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ବଉଳ ଗାଡିଆ, ଈଶ୍ୱରପୁର, ବାଲେଶ୍ୱର | ପଥର ଖୋଦେଇ (ମୌଳିକ) | ୨୦ | ୧ ବର୍ଷ |
| ୨ | ବାଲେଶ୍ୱର | ବଉଳ ଗାଡିଆ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ବଉଳ ଗାଡିଆ, ବାଲେଶ୍ୱର | ମୃତ୍ତିକା ଶିଳ୍ପ (ମୌଳିକ) | ୧୦ | ୧ ବର୍ଷ |
| ୩ | ବାଲେଶ୍ୱର | ବଉଳ ଗାଡିଆ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ବଉଳ ଗାଡିଆ, ବାଲେଶ୍ୱର | ପଥର ଖୋଦେଇ (ଉଚ୍ଚତର) | ୧୦ | ୧ ବର୍ଷ |
| ୪ | କଟକ | ଲଳିତଗିରି ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଲଳିତଗିରି, କଟକ | ପଥର ଖୋଦେଇ (ମୌଳିକ) | ୧୦ | ୧ ବର୍ଷ |
| ୫ | କଟକ | ରାଜନଗର ହସ୍ତଶିଳ୍ପ ବିଦ୍ୟାଳୟ, ରାଜନଗର, ଚକଡା, ଆଠଗଡ, କଟକ | ବେତ ବାଉଁଶ (ମୌଳିକ) | ୨୦ | ୧ ବର୍ଷ |
| ୬ | କଟକ | ଘାସିପୁଟ ହସ୍ତଶିଳ୍ପ ବିଦ୍ୟାଳୟ, ଘାସିପୁଟ, କଟକ | ବେତ ବାଉଁଶ (ମୌଳିକ) | ୧୨ | ୧ ବର୍ଷ |
| ୭ | ଢେଙ୍କାନାଳ | ହସ୍ତଶିଳ୍ପ ତାଲିମ କେନ୍ଦ୍ର, କରମୂଳ, ଢେଙ୍କାନାଳ | ଆଦିବାସୀ ଅଳଙ୍କାର (ମୌଳିକ) | ୧୦ | ୧ ବର୍ଷ |
| ୮ | ଢେଙ୍କାନାଳ | ସାଆନ୍ଦାପଶି ପାଟଣା ହସ୍ତଶିଳ୍ପ ବିଦ୍ୟାଳୟ, ସାଆନ୍ଦାପଶି ପାଟଣା, ଗନ୍ଦିଆ, ଢେଙ୍କାନାଳ | ବେତ ବାଉଁଶ (ମୌଳିକ) | ୧୨ | ୧ ବର୍ଷ |
| ୯ | ଜଗତ୍‌ସିଂହପୁର | ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଲୁଣ୍ଡୁକୁଆ, ଜଗତ୍‌ସିଂହପୁର | ମୃତ୍ତିକା ଶିଳ୍ପ (ମୌଳିକ) | ୧୦ | ୧ ବର୍ଷ |
| ୧୦ | ଜଗତ୍‌ସିଂହପୁର | ଅବଦଲପୁର ହସ୍ତଶିଳ୍ପ ବିଦ୍ୟାଳୟ, ଅବଦଲପୁର, ଜଗତ୍‌ସିଂହପୁର | ବେତ ବାଉଁଶ (ମୌଳିକ) | ୧୨ | ୧ ବର୍ଷ |
| ୧୧ | ମୟୂରଭଞ୍ଜ | ଖିଚିଙ୍ଗ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଖିଚିଙ୍ଗ, ମୟୂରଭଞ୍ଜ | ପଥର ଖୋଦେଇ (ମୌଳିକ) | ୧୦ | ୧ ବର୍ଷ |
| ୧୨ | ମୟୂରଭଞ୍ଜ | କୃଷ୍ଣଚନ୍ଦ୍ରପୁର ହସ୍ତଶିଳ୍ପ ବିଦ୍ୟାଳୟ, କୃଷ୍ଣଚନ୍ଦ୍ରପୁର, ମୟୂରଭଞ୍ଜ | ସବାଇ ଘାସ (ମୌଳିକ) | ୧୦ | ୧ ବର୍ଷ |
| ୧୩ | ନୟାଗଡ଼ | ଆଙ୍ଗିଶିଙ୍ଗି ହସ୍ତଶିଳ୍ପ ବିଦ୍ୟାଳୟ, ଆଙ୍ଗିଶିଙ୍ଗି, ନୟାଗଡ଼ | ବେତ ବାଉଁଶ (ମୌଳିକ) | ୧୦ | ୧ ବର୍ଷ |
| ୧୪ | କେନ୍ଦ୍ରାପଡ଼ା | ଅନୁଆପଡା ହସ୍ତଶିଳ୍ପ ବିଦ୍ୟାଳୟ, ଅନୁଆପଡ଼ା, ଡେରାବିଶ, କେନ୍ଦ୍ରାପଡ଼ା | କାଇଁଚ ଶିଳ୍ପ (ମୌଳିକ) | ୨୦ | ୧ ବର୍ଷ |
| ୧୫ | ପୁରୀ | ହସ୍ତଶିଳ୍ପ ତାଲିମ କେନ୍ଦ୍ର, ନୀଳାଚଳ ହାଟ, ପୁରୀ | ପଥର ଖୋଦେଇ (ମୌଳିକ) | ୧୦ | ୧ ବର୍ଷ |
| ୧୬ | ପୁରୀ | ପୁରୀ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ନୀଳାଚଳ ହାଟ, ପୁରୀ | ଶଙ୍ଖ ଶାମୁକା (ମୌଳିକ) | ୧୦ | ୧ ବର୍ଷ |

ତାଲିମ ସମୟରେ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କୁ ମାସିକ ଟ.୨୦୦୦.୦୦ ବୃତ୍ତି ପ୍ରଦାନ କରାଯିବ ।

**ଆବେଦନ ନିମନ୍ତେ ଯୋଗ୍ୟତା**

ବୟସ- ମୌଳିକ ପାଠ୍ୟକ୍ରମ ପାଇଁ ୧୪ ବର୍ଷରୁ ୪୦ ବର୍ଷ ଓ ଉଚ୍ଚତର ପାଠ୍ୟକ୍ରମ ପାଇଁ ୧୫ ବର୍ଷରୁ ୪୦ ବର୍ଷ । ତଫସିଲଭୁକ୍ତ ଜାତି/ଜନଜାତି/ଶାରୀରିକ ଭିନ୍ନକ୍ଷମ/ ମହିଳା ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରାର୍ଥୀମାନଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୩ ବର୍ଷ କୋହଳ କରାଯିବ ।

**ଶିକ୍ଷାଗତ ଯୋଗ୍ୟତା-** ୮ମ ପାସ ଓ ତଦୂର୍ଦ୍ଧ୍ୱ ।

ଉଚ୍ଚତର ପାଠ୍ୟକ୍ରମ ପାଇଁ ପ୍ରାର୍ଥୀ/ପ୍ରାର୍ଥିନୀ ମୌଳିକ ପାଠ୍ୟକ୍ରମରେ ତାଲିମ ସମାପ୍ତ କରିଥିବେ କିମ୍ବା କୌଣସି ରାଜ୍ୟ/ ଜାତୀୟସ୍ତରୀୟ ହସ୍ତଶିଳ୍ପ ପୁରସ୍କାର ପ୍ରାପ୍ତ କାରିଗରଙ୍କ ଅଧୀନରେ ୫ ବର୍ଷର ଅଭିଜ୍ଞତା ହାସଲ କରିଥିବେ ।

**ସ୍ଥାନ ସଂରକ୍ଷଣ ବ୍ୟବସ୍ଥା-** ତଫସିଲଭୁକ୍ତ ଜାତି/ଜନଜାତି/ଶାରୀରିକ ଭିନ୍ନକ୍ଷମ/ ସଂଖ୍ୟାଲଘୁ ସମ୍ପ୍ରଦାୟ / ମହିଳା ପ୍ରାର୍ଥୀ/ ପ୍ରାର୍ଥିନୀଙ୍କ ପାଇଁ ସରକାରୀ ନିୟମ ଅନୁସାରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି ।

ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀମାନେ https://spdp.odisha.gov.in/ ୱେବ୍‌ସାଇଟ୍ ପରିଦର୍ଶନ କରି Menu-> offline schemes--> institutional Trainingର Apply Now ଉପରେ click କରି ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିପାରିବେ । ଏହି ସମ୍ବନ୍ଧୀୟ ସବିଶେଷ ତଥ୍ୟ ପାଇଁ ସମ୍ପୃକ୍ତ ଉପ ନିର୍ଦ୍ଦେଶକ/ ସହ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ ବ୍ଲକ ହସ୍ତଶିଳ୍ପ ବିକାଶ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ ।

ସ୍ୱା./- ନିର୍ଦ୍ଦେଶିକା
ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା
ଭୁବନେଶ୍ୱର

OIPR-31042/11/0005/2425

# ବିଜେଡି ଶାସନରେ ଦୁର୍ନୀତି ସୀମା ଲଙ୍ଘିଥିଲେ ଅଧିକାରୀ: ଭାଜପା

ଭୁବନେଶ୍ୱର, ୧୩।୮ (ସୁନିତ୍ ମିଶ୍ର)

ବିଜେଡି ସରକାର ସମୟରେ କିଭଳି ଦୁର୍ନୀତି ଖୁଲମଖୁଲା ଚାଲିଥିଲା ଓ ସରକାରୀ ଅର୍ଥ ଲୁଟ୍‌କରି ସରକାରୀ ଅଧିକାରୀମାନେ କଳାଟଙ୍କା ଠୁଳ କରିଥିଲେ, ତାହାର ପ୍ରମାଣ ଏବେ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ଚଢ଼ାଉରୁ ସାମ୍ନାକୁ ଆସୁଛି। ଆଗରୁ ନବୀନବାବୁ ମୁଖ୍ୟମନ୍ତ୍ରୀ ଥିବାବେଳେ ଭିଜିଲାନ୍ସ କେବଳ ଛୋଟ କେରାଣି ଓ ଗଡ଼ିଶା ମାଛକୁ ଧରୁଥିଲା। କିରାଣି ଓ ପିଅନଙ୍କ ଦୁର୍ନୀତିକୁ ଧରପଗଡ଼ କରି ନବୀନବାବୁ ସ୍ୱଚ୍ଛତାର ଡିଣ୍ଡିମ ପିଟୁଥିଲେ। ଏବେ ମୋହନ ମାଝୀଙ୍କ ମୁଖ୍ୟମନ୍ତ୍ରିତ୍ୱରେ ହୋଇଥିବା ଭାଜପା ସରକାର ବିଜେଡିର ଦୁର୍ନୀତିଖୋର ଗେହ୍ଲା ପୁଅମାନଙ୍କୁ ଜେଲର ରାସ୍ତା ଦେଖାଉଛି। ଏହି ସମସ୍ତ ଅଧିକାରୀ ବିଜେଡିର ୨୪ ବର୍ଷର ସରକାର ସମୟରେ ଦୁର୍ନୀତି କରିବାର ସୀମା ଲଙ୍ଘିଥିଲେ। ଭାଜପା ସରକାର ଓଡ଼ିଶାରେ ସରକାରୀ ଅର୍ଥ ଲୁଟିଥିବା କୌଣସି ମାଫିଆଙ୍କୁ ଛାଡ଼ିବ ନାହିଁ ବୋଲି ଭାଜପା ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି।


ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ, ସତ୍ୟବ୍ରତ ପଣ୍ଡା ଓ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନିଲ କହିଛନ୍ତି, ନବୀନବାବୁ ଦିନେ ମୁଖ୍ୟମନ୍ତ୍ରୀ ଥିବାବେଳେ କହିଥିଲେ, ''ଆପଣମାନେ ଗାଁ ଜଗନ୍ତୁ ମୁଁ ସଚିବାଳୟ ଜଗିଛି।'' ଯଦି ଗାଁ ଜଗିଥିବା ଅଫିସରଙ୍କ ଘରୁ ଅନେକ କୋଟି ଟଙ୍କା ବାହାରୁଛି ତେବେ ସଚିବାଳୟ ଜଗିଥିବା ନବୀନବାବୁ ଓ ତାଙ୍କର ଅସାଧୁ ପାରିଷଦଙ୍କ ଘରୁ କେତେ ଟଙ୍କା ବାହାରିବ। ୫-ଟି ଅଧୀନରେ ଯେତେ ପ୍ରକଳ୍ପ ହୋଇଛି ସବୁଠି ଏଭଳି ଅପର୍ଯ୍ୟାପ୍ତ ଟଙ୍କା ଲୁଟ୍ କରାଯାଇଛି। ନବୀନବାବୁଙ୍କ ସରକାର ସମୟରେ ବିଜେଡି ମନ୍ତ୍ରୀ ଓ ଅସାଧୁ ବ୍ୟକ୍ତିମାନେ ବିଭିନ୍ନ ସରକାରୀ ଅଧିକାରୀଙ୍କ ଦ୍ୱାରା ବ୍ୟାପକ ଅର୍ଥ ଲୁଟ୍ କରୁଥିଲେ ଓ ନିଜର କମିଶନ ନେଇ ସେମାନଙ୍କୁ ସୁରକ୍ଷା ଦେଉଥିଲେ। ଆଗାମୀ ଦିନରେ ଆହୁରି ବଡ଼ ବଡ଼ ମାଛଙ୍କର ମୁଖା ଖୋଲିବ। ନବୀନବାବୁ ଦୁର୍ନୀତିଠାରୁ ଦୂରରେ ରୁହନ୍ତି ବୋଲି ଯେଉଁ ଗପଟି ବିଜେଡିର ବଚସ୍କରମାନେ କୁହନ୍ତି, ସେମାନେ ଏବେ ଜବାବ ଦିଅନ୍ତୁ। ପୂର୍ବତନ ମୁଖ୍ୟମନ୍ତ୍ରୀ ଯଦି ସ୍ୱଚ୍ଛ ଥିଲେ ତେବେ ସେ ସରକାରରୁ ଯାଉ ଯାଉ ଏତେ କୋଟିପତି ଦୁର୍ନୀତିଗ୍ରସ୍ତ ଅଫିସର କେମିତି ଧରାପଡ଼ିଲେ ବୋଲି ଅନିଲ ପ୍ରଶ୍ନ କରିଛନ୍ତି।

# 'ସୁଭଦ୍ରା' ପାଇଁ ଜିଲାପାଳଙ୍କ ମାଧ୍ୟମରେ ଫିଡ୍‌ବ୍ୟାକ ସଂଗ୍ରହ ଏକ ପ୍ରହସନ: ବିଜେଡି

ଭୁବନେଶ୍ୱର, ୧୩।୮ (ଅନିଲ ଦାସ)


ପ୍ରମିଳା ମଲ୍ଲିକ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁଭଦ୍ରା ଯୋଜନାର ଏସ୍‌ଓପି ପ୍ରକାଶ କରିବା ପୂର୍ବରୁ ଜିଲାପାଳମାନଙ୍କ ଦ୍ୱାରା ଜନସାଧାରଣଙ୍କଠାରୁ ଫିଡ୍‌ବ୍ୟାକ ନିଆଯିବ ବୋଲି ଦେଇଥିବା ମନ୍ତବ୍ୟରୁ ଏହି ଯୋଜନାର ସଫଳ ରୂପାୟନକୁ ନେଇ ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି। ମଙ୍ଗଳବାର ଶଙ୍ଖ ଭବନଠାରେ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ନିର୍ବାଚନ ବେଳେ ଭାଜପା ଦ୍ୱାରା ଦିଆଯାଇଥିବା ସଙ୍କଳ୍ପପତ୍ରରେ ସ୍ପଷ୍ଟ ଭାବେ କୁହାଯାଇଥିଲା ଯେ ସୁଭଦ୍ରା ଯୋଜନା ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ୫୦,୦୦୦ ଟଙ୍କାର କ୍ୟାଶ୍ ଭାଉଚର ପ୍ରଦାନ କରାଯିବ; ଯାହାକୁ ସେମାନେ ୨ ବର୍ଷ ଭିତରେ ଖର୍ଚ୍ଚ କରିପାରିବେ। କ୍ଷମତାକୁ ଆସିବା ପରେ ଭାଜପା ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ବଜେଟରେ ସୁଭଦ୍ରା ଯୋଜନା ପାଇଁ ମାତ୍ର ୧୦,୦୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ପରିମାଣରେ ରାଜ୍ୟର ମାତ୍ର ୨୦ ଲକ୍ଷ ମହିଳା ସାମିଲ ହୋଇପାରିବେ। ଏହି ଯୋଜନାରେ ରାଜ୍ୟର ପ୍ରତ୍ୟେକ ମହିଳା ଲାଭବାନ ହୋଇପାରିବେ ନାହିଁ ବୋଲି ପ୍ରମିଳା କହିଛନ୍ତି। ପୁଣି ଉପମୁଖ୍ୟମନ୍ତ୍ରୀ ଦେଇଥିବା ମନ୍ତବ୍ୟ, ଏସ୍‌ଓପି ପ୍ରକାଶ ପୂର୍ବରୁ ଜିଲାପାଳଙ୍କ ମାଧ୍ୟମରେ ଜନସାଧାରଣଙ୍କଠାରୁ ଫିଡ୍‌ବ୍ୟାକ୍ ଗ୍ରହଣ କରାଯିବା କଥା ସର୍ବସାଧାରଣଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରୁନାହିଁ। ଭତ୍ତା ବୃଦ୍ଧି ପ୍ରସଙ୍ଗରେ ଚତୁରତାର ସହ କେବଳ ୮୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଓ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମଙ୍କ ଭତ୍ତା ବୃଦ୍ଧି କରି ସଂଖ୍ୟାଧିକ ଭତ୍ତା ପାଉଥିବା ଲୋକଙ୍କ ସହ ପ୍ରତାରଣା କରିଥିବା ସରକାର, ସୁଭଦ୍ରା ଯୋଜନାରେ ମଧ୍ୟ ଅଧିକାଂଶ ମହିଳାଙ୍କ ସହ ଚଞ୍ଚକତା କରିବାକୁ ଯାଉଛନ୍ତି। ରାଜ୍ୟର ୩୦ ଜିଲାରୁ ଫିଡ୍‌ବ୍ୟାକ୍ ଆଣିବା ପାଇଁ ମାତ୍ର ୧୦ ଜିଲାପାଳଙ୍କୁ ଦାୟିତ୍ୱ ଦେବା କେବଳ ଧର୍ମକୁ ଆଖିଠାର ସଦୃଶ। ଏହି ଫିଡ୍‌ବ୍ୟାକ୍ ଆଣିବା ଆଳରେ କିପରି ଅଧିକାଂଶ ମହିଳା ସୁଭଦ୍ରା ଯୋଜନା ହିତାଧିକାରୀ ତାଲିକାରୁ ବାଦ୍ ପଡ଼ିବେ ସେହି ବ୍ୟବସ୍ଥା କରିବା ପାଇଁ ଜିଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି। ଭାଜପା ପାଖରେ ଏସ୍‌ଓପି ପ୍ରସ୍ତୁତ ନ ଥିଲା ବେଳେ ଗତ ନିର୍ବାଚନ ସମୟରେ ମହିଳା ମାନଙ୍କୁ ସୁଭଦ୍ରା ଯୋଜନା ପାଇଁ ଫର୍ମ ପୂରଣ କରେଇବା ଓ ସେମାନଙ୍କୁ ଆୟ ପ୍ରମାଣପତ୍ର ଓ ଜାତି ପ୍ରମାଣପତ୍ର ଇତ୍ୟାଦି ଯୋଗାଡ଼ କରି ଖର୍ଚ୍ଚାନ୍ତ କରିବା ଭାଜପାକୁ ମହଙ୍ଗା ପଡ଼ିବ। ରାଜ୍ୟର ମହିଳାମାନେ ଭାଜପାକୁ ଉଚିତ ଜବାବ ଦେବେ ବୋଲି ପ୍ରମିଳା କହିଛନ୍ତି।

# ୨୨ରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନ

ଭୁବନେଶ୍ୱର, ୧୩।୮ (ଅନିଲଦାସ)

ଆସନ୍ତା ୨୨ ତାରିଖରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଉପନିର୍ବାଚନ ଅନୁଷ୍ଠିତ ହେବ। ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ୬ଟି ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ଗୋଟିଏ ଉପାଧ୍ୟକ୍ଷ ପଦବୀ ପାଇଁ ଏହି ଉପନିର୍ବାଚନ ହେବ । ଗଞ୍ଜାମ ଜିଲାର ୩ଟି ଯଥା କବି ସୂର୍ଯ୍ୟନଗର, ଖଲ୍ଲିକୋଟ ଏବଂ କୁକୁଡ଼ାଖଣ୍ଡି ସହିତ କଳାହାଣ୍ଡି ଜିଲାର ନର୍ଲା, ନବରଙ୍ଗପୁର ଜିଲାର ରାଇଘର ଏବଂ ନୟାଗଡ଼ ଜିଲାର ଭାପୁର ଅଧ୍ୟକ୍ଷ ପଦ ପାଇଁ ଉପନିର୍ବାଚନ ହେବ । ଏଥିସହିତ ବୌଦ୍ଧ ଜିଲା ହରଭଙ୍ଗା ପଞ୍ଚାୟତ ସମିତିରେ ଉପାଧ୍ୟକ୍ଷ ପଦ ପାଇଁ ଉପନିର୍ବାଚନ ହେବ । ଚଳିତ ମାସ ୨୨ ତାରିଖରେ ନାମାଙ୍କନ ପତ୍ର ଦାଖଲ ହେବ ଏବଂ ସେହିଦିନ ଦରକାର ପଡ଼ିଲେ ମତଦାନ ହେବ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

# ଜାତୀୟତାବାଦ ଜାଗ୍ରତ କରେ ତ୍ରିରଙ୍ଗା: ଅଭିଲାଷ


ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱରରେ ତ୍ରିରଙ୍ଗା ଯାତ୍ରା।

ଭୁବନେଶ୍ୱର, ୧୩।୮ (ସୁନିତ୍ ମିଶ୍ର)

## ଭାଜପା ଯୁବମୋର୍ଚ୍ଚାର ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ


ଭାରତ ୭୮ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛି। ରାଷ୍ଟ୍ରଭକ୍ତି, ଜାତୀୟତାବାଦ, ଦେଶରେ ଏକତା ଓ ଅଖଣ୍ଡତା ବଜାୟ ରଖି ଦେଶବାସୀଙ୍କୁ ଦଳ, ମତ, ଜାତି ନିର୍ବିଶେଷରେ ସମସ୍ତଙ୍କୁ ଏକଜୁଟ୍ କରିବା ନିହାତି ଆବଶ୍ୟକ ବୋଲି ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା କହିଛନ୍ତି। ତାଙ୍କ ନେତୃତ୍ୱରେ ପ୍ରଥମେ କଟକସ୍ଥିତ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଜନ୍ମପୀଠରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଉଲ୍ଲେଖଯୋଗ୍ୟ, ତ୍ରିରଙ୍ଗା ମାଧ୍ୟମରେ ଲୋକଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଭାଜପା ପକ୍ଷରୁ ଗତ ୧୧ ତାରିଖରୁ ୧୪ ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ କରାଯାଇଛି। ଯୁବମୋର୍ଚ୍ଚାର କାର୍ଯ୍ୟକର୍ତାମାନେ ତ୍ରିରଙ୍ଗା ପଦଯାତ୍ରା କରି ତେଲେଙ୍ଗା ବଜାରସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଛନ୍ତି। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଯତିନ ମହାନ୍ତି ଯୋଗ ଦେଇଥିଲେ।

ଏହି ଅବସରରେ ଅଭିଲାଷ କହିଛନ୍ତି, ତ୍ରିରଙ୍ଗା ମାଧ୍ୟମରେ ଜାତୀୟତାବାଦ, ରାଷ୍ଟ୍ରବାଦ ପ୍ରଚାର କରିବା ସହ ଦେଶପ୍ରେମ ଜାଗ୍ରତ କରିବା ବିଜେପି ଯୁବମୋର୍ଚ୍ଚାର ଉଦ୍ଦେଶ୍ୟ। ଏହାପରେ କଟକର ଚାନ୍ଦିନୀ ଚୌକସ୍ଥିତ ବେଲଭ୍ୟୁ ଛକରୁ ଭୁବନେଶ୍ୱରର କଳ୍ପନାଛକ ପର୍ଯ୍ୟନ୍ତ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଯାତ୍ରାର ବିଭିନ୍ନ ସ୍ଥାନରେ ଜନସାଧାରଣଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କଳ୍ପନା ଛକଠାରେ ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତିରେ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ ମାଲ୍ୟାର୍ପଣ କରି ଶୋଭାଯାତ୍ରା ସମାପନ କରିଛନ୍ତି।

# ସ୍ଥଗିତ ରହିଲା ନୀଳଗିରି ଏନ୍‌ଏସି ଅନାସ୍ଥା ଭୋଟ୍

ନୀଳଗିରି, ୧୩।୮ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଅଧ୍ୟକ୍ଷା ଅମ୍ବିକା ଦାସଙ୍କ ବିରୋଧରେ ଆସିଥିବା ଅନାସ୍ଥାର ନୂଆ ମୋଡ଼। ଅଧ୍ୟକ୍ଷା ଅମ୍ବିକାଙ୍କ ବିରୋଧରେ ବୁଧବାର ଅନାସ୍ଥା ଭୋଟ ଗ୍ରହଣ କରାଯିବାର ଥିଲା। ମାତ୍ର ସେ ଜିଲାପାଳଙ୍କୁ ଭେଟି ଅନାସ୍ଥା ପ୍ରସ୍ତାବପତ୍ର ଦେଇଥିଲେ। ସେହି ଅନୁସାରେ ନୀଳଗିରି ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ବୈଠକ ଅଗଷ୍ଟ ୧୪ ବୁଧବାର ପୂର୍ବାହ୍ନ ୧୧ଟାରେ ନୀଳଗିରି ଏନ୍‌ଏସି ସଭା ଗୃହରେ ଅନୁଷ୍ଠିତ ହେବା ସହ ଆବଶ୍ୟକସ୍ଥଳେ ଭୋଟ ଗ୍ରହଣ ଅପରାହ୍ନ ୧୨ଟା ୩୦ରେ ହେବାର ରହିଥିଲା। ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପରେ ନ୍ୟାୟାଳୟ ଆସନ୍ତା ଅଗଷ୍ଟ ୩୦ତାରିଖ ପର୍ଯ୍ୟନ୍ତ ଅନାସ୍ଥା ଭୋଟ ଉପରେ ସ୍ଥଗିତାଦେଶ ଦେଇଛନ୍ତି। ଅଦାଲତ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ, ବାଲେଶ୍ୱର ଜିଲାପାଳ ଏବଂ ନୀଳଗିରି ଉପଜିଲାପାଳଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଏଥିସହ ନୀଳଗିରି ଉପଜିଲାପାଳ ଏକ ସ୍ୱତନ୍ତ୍ର ଜଉମୁଦ ଲଫାପାରେ ନୀଳଗିରି ଏନଏସି ନିର୍ବାହୀ ଅଧିକାରୀଙ୍କୁ ପକ୍ଷଭୁକ୍ତ କରିବା ଲାଗି ଆଡଭୋକେଟ ଜେନେରାଲ ଅଗଷ୍ଟ ୧୩ତାରିଖରେ ଚିଠି କରିଛନ୍ତି। ଫଳରେ ଅନାସ୍ଥା ପ୍ରସ୍ତାବ ନୂଆ ମୋଡ଼ ନେଇଛି।


SUKUMAR GHOSH
Addl. Govt. Advocate
Mob. No. 9937835630

Court Matter, Extremely Urgent
By Fax / E-Mail
Email: advgen@nic.in
Fax: 0671-2507846

OFFICE OF THE ADVOCATE GENERAL: ODISHA: CUTTACK

Letter No. 14553 (4) / Date 13.8.2024

To

1. The Commissioner-Cum-Secretary to Govt. of Odisha, Housing and Urban Development Department, Lok Seva Bhawan, Bhubaneswar, Dist-Khurda.
2. The Collector & District Magistrate, Balasore, Dist-Balasore.
3. The Sub-Collector-Cum-Authorized Officer, Nilagiri, Dist-Balasore.

Sub- WP(c) No. 19669 of 2024- Ambika Das -Vrs-State and Others

Sir,

The petitioner has filed the aforesaid writ petition challenging the Notice No. 3690/dated 9.8.2024 issued by the Sub-Collector-Cum-Authorised Officer, Nilgiri, fixing the meeting of no-confidence motion brought by eleven councillors of Notified Area Council, Nilgiri on 14.8.2024 in the conference hall of NAC without enclosing the Resolution purportedly passed on 30.7.2024 by the said Councillors and without complying with the mandatory requirement of provision of Section 54 of the Odisha Municipal Act, 1950.

The aforesaid writ petition was listed before the Hon'ble Court and the Hon'ble Court has posted the matter to 30.8.2024 and further granted stay of no-confidence motion till next date. The matter has been adjourned to 30.8.2024.

The aforesaid writ petition has already been scanned and can be down loaded from the Website http://orissalms.in/lms or contact LMS Cell 0671-2509188.

Hence, you are requested to submit necessary instruction in the matter much before 30.8.2024 positively.. Kindly treat this letter as most urgent.

Yours faithfully,

(SUKUMAR GHOSH)
ADDL. GOVT. ADVOCATE

ଅନାସ୍ଥା ଭୋଟ ଉପରେ ହାଇକୋର୍ଟ ପକ୍ଷରୁ ଦିଆଯାଇଥିବା ସ୍ଥଗିତାଦେଶ ନୋଟିସ୍‌ର ନକଲ।

ସୂଚନାଯୋଗ୍ୟ, ଅମ୍ବିକା ଦାସଙ୍କ ଅନାସ୍ଥା ପ୍ରସ୍ତାବ ବିଷୟରେ ଗତ ଅଗଷ୍ଟ ୫ ରେ ଏନ୍‌ଏସିର ୧୩ଜଣ କାଉନସିଲରଙ୍କ ମଧ୍ୟରୁ ୧୧ଜଣ ଦସ୍ତଖତରେ ମାତ୍ର ଗତ ଜୁଲାଇ ୩୦ରେ ହୋଇଥିବା ଏନଏସି ରିଜୋଲେଶନର କପି ଠିକ୍ ଭାବେ ଦିଆଯାଇ ନ ଥିବା କୋର୍ଟ ଅନୁଭବ କରିବା ପରେ ଏହି ରହିତାଦେଶ ଦେଇଥିବା ଜାଣିବାକୁ ମିଳିଛି।

# ବିଧାୟକ ଅନନ୍ତ ନାରାୟଣ ଜେନାଙ୍କୁ ହାଇକୋର୍ଟ ନୋଟିସ

କଟକ, ୧୩।୮ (କାର୍ତ୍ତିକ ସାହୁ)

## ନିର୍ବାଚନ ଅନିୟମିତତା ମାମଲା

ନିର୍ବାଚନ ଅନିୟମିତତା ମାମଲାରେ ଭୁବନେଶ୍ୱର (ମଧ୍ୟ) ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ଅନନ୍ତ ନାରାୟଣ ଜେନାଙ୍କୁ ହାଇକୋର୍ଟ ମଙ୍ଗଳବାର ନୋଟିସ ଜାରି କରିଛନ୍ତି। ପରବର୍ତ୍ତୀ ଶୁଣାଣି ପୂର୍ବରୁ ବିଧାୟକ ଜେନା ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ କରିବାକୁ ବିଚାରପତି ଆନନ୍ଦ ବେହେରା ଆଦେଶ ଦେଇଛନ୍ତି। ଆସନ୍ତା ସେପ୍ଟେମ୍ବର ୯ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାନୁସାରେ, ବିଧାୟକ ଜେନା ୨୦୨୪ ନିର୍ବାଚନରେ ପ୍ରାର୍ଥିପତ୍ର ଦାଖଲବେଳେ ସତ୍ୟପାଠରେ ଅସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିଛନ୍ତି। ସତ୍ୟପାଠରେ ତାଙ୍କ ବିରୋଧରେ ଥିବା ଆପରାଧିକ ମାମଲା ସମ୍ପର୍କରେ ତଥ୍ୟ ପ୍ରଦାନ କରିନାହାନ୍ତି। ତେଣୁ ତାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ମାମଲାର ଆବେଦନକାରୀ ତଥା ପରାଜିତ ଭାଜପା ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ଆବେଦନରେ ଦର୍ଶାଇଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୪ ନିର୍ବାଚନରେ ଉକ୍ତ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ତଥା ବିଧାୟକ ଜେନା ୫୩,୭୫୯ ଓ ଭାଜପା ପ୍ରାର୍ଥୀ ପ୍ରଧାନ ୫୩, ୭୨୨ ଖଣ୍ଡ ଭୋଟ ପାଇଥିଲେ।

# ଭଉଣୀ ବିରୋଧରେ ସ୍ତ୍ରୀଙ୍କୁ ପ୍ରାର୍ଥୀ କରିବା ଭୁଲ୍ ଥିଲା: ଅଜିତ

ମୁମ୍ବାଇ, ୧୩।୮


ଅଜିତ ପାୱାର

ଲୋକ ସଭା ନିର୍ବାଚନରେ ଭଉଣୀ ସୁପ୍ରିୟା ସୁଲେଙ୍କ ବିରୋଧରେ ସ୍ତ୍ରୀ ସୁନେତ୍ରା ପାୱାରଙ୍କୁ ପ୍ରାର୍ଥୀ କରାଇବା ଭୁଲ୍ ନିଷ୍ପତ୍ତି ଥିଲା ବୋଲି ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର କହିଛନ୍ତି। ସେ ତାଙ୍କ ଭଉଣୀକୁ ଭଲ ପାଆନ୍ତି। ଆଗକୁ କେବେ ଏଭଳି ହେବ ନାହିଁ ବୋଲି ଅଜିତ କହିଛନ୍ତି। ରାଜନୀତିକୁ କେହି ଘରେ ପ୍ରବେଶ ଲାଗି ଅନୁମତି ଦେବା ଉଚିତ ନୁହେଁ ବୋଲି ରାଜ୍ୟବ୍ୟାପୀ ଜନସମ୍ମାନ ଯାତ୍ରାରେ ସାମିଲ ହୋଇଥିବା ଏନ୍‌ସିପି ନେତା ଏକ ମରାଠି ନ୍ୟୁଜ୍ ଚ୍ୟାନେଲକୁ କହିଛନ୍ତି।

ଗତ ଲୋକ ସଭା ନିର୍ବାଚନରେ ବାରାମତି ଆସନରୁ ଏନ୍‌ସିପି(ଏସ୍‌ପି) ଅଧ୍ୟକ୍ଷ ଶରଦ ପାୱାରଙ୍କ ଝିଅ ତଥା ଦଳୀୟ ଏମ୍‌ପି ସୁପ୍ରିୟା ସୁଲେଙ୍କ ବିରୋଧରେ ନିର୍ବାଚନ ଲଢ଼ି ସୁନେତ୍ରା ହାରିଯାଇଥିଲେ। ପରେ ତାଙ୍କୁ ରାଜ୍ୟ ସଭାକୁ ପଠାଯାଇଥିଲା। ଗତବର୍ଷ ଜୁଲାଇରେ ଅଜିତଙ୍କ ନେତୃତ୍ୱରେ ଅଧିକାଂଶ ଏନ୍‌ସିପି ବିଧାୟକ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା-ଭାଜପା ମେଣ୍ଟ ସରକାରରେ ଯୋଗ ଦେଇଥିଲେ। ଫଳରେ ଶରଦ ପାୱାରଙ୍କ ଦ୍ୱାରା ପ୍ରତିଷ୍ଠିତ ଏନ୍‌ସିପି ୨ ଭାଗ ହୋଇଯାଇଥିଲା। ପରେ ନିର୍ବାଚନ କମିଶନ ଅଜିତଙ୍କ ଗୋଷ୍ଠୀକୁ ପ୍ରକୃତ ଏନ୍‌ସିପି ଘୋଷଣା କରିବା ସହ ଶରଦଙ୍କ ଦଳକୁ ଏନ୍‌ସିପି(ଏସ୍‌ପି) ଭାବେ ନାମିତ କରିଥିଲେ।

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପୂର୍ବରୁ ଜନସାଧାରଣଙ୍କ ନିକଟତର ହେବା ପାଇଁ ଅଜିତ ଜନସମ୍ମାନ ଯାତ୍ରା ଆରମ୍ଭ କରିଛନ୍ତି। ଏହି ଅବସରରେ ସେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ସୁଫଳ ସମ୍ପର୍କରେ ଲୋକଙ୍କୁ ଅବଗତ କରାଉଛନ୍ତି।

# ଅନାସ୍ଥା ପ୍ରସ୍ତାବ ଗ୍ରହଣ ନ କରିବାକୁ ଜିଲାପାଳଙ୍କୁ ଅଧ୍ୟକ୍ଷାଙ୍କ ଅନୁରୋଧ

ନିମାପଡ଼ା, ୧୩।୮ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଏନ୍‌ଏସିର ଭାଜପା ସମର୍ଥିତ ୮ଜଣ କାଉନସିଲର ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁଙ୍କ ବିରୋଧରେ ପୁରୀ ଜିଲାପାଳଙ୍କ ନିକଟରେ ଦେଇଥିବା ଅନାସ୍ଥା ପ୍ରସ୍ତାବକୁ ଅଧ୍ୟକ୍ଷା ଦୃଢ଼ ଭାବେ ଖଣ୍ଡନ କରିଛନ୍ତି। ମଙ୍ଗଳବାର ନକ୍ଷତ୍ର କଲ୍ୟାଣମଣ୍ଡପଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷା କହିଛନ୍ତି, ରାଜନୈତିକ ଅଭିସନ୍ଧି ଓ ଆକ୍ରୋଶରୁ ତାଙ୍କ ବିରୋଧରେ ୮ ଜଣ କାଉନସିଲର ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ଏନ୍‌ଏସିରେ ଯାହା ଉନ୍ନୟନ କାର୍ଯ୍ୟ ହୁଏ, କାଉନସିଲରମାନଙ୍କ ସହ ଆଲୋଚନା, ବିଚାରବିମର୍ଶ କରାଯାଇ କରାଯାଏ। ସେ ମନମୁଖି ଭାବେ କୌଣସି କାର୍ଯ୍ୟ କରି ନାହାନ୍ତି। ଗତ ୨ ବର୍ଷ ୪ ମାସ ମଧ୍ୟରେ ରାସ୍ତାଘାଟ, ଡ୍ରେନ ନିର୍ମାଣ, ଭେଣ୍ଡିଂ ଜୋନ୍, ମାର୍କେଟ କମ୍ପ୍ଲେକ୍ସ ଗୃହ ସମେତ ୯ କୋଟି ଟଙ୍କା ବ୍ୟୟରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରାଯାଇଛି। ଯେଉଁ କାଉନସିଲରମାନେ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଛନ୍ତି, ତାହା ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି ଅଧ୍ୟକ୍ଷା କହିଛନ୍ତି। ସେ ଅଯଥାରେ ଅତ୍ୟଧିକ ଗସ୍ତ ଖର୍ଚ୍ଚ ଏନ୍‌ଏସିରୁ ନେଇ ନାହାନ୍ତି। ପୂର୍ବରୁ ଏନ୍‌ଏସିରେ ଚାଲିଥିବା ବହୁ ଦୁର୍ନୀତିମୂଳକ କାର୍ଯ୍ୟକୁ ସେ ଦୃଢ଼ ଭାବେ ବିରୋଧ କରିବାରୁ ଆଜି ତାଙ୍କୁ ହଟହଟା ହେବାକୁ ପଡ଼ିଛି। ତାଙ୍କ ବିରୋଧରେ ୮ ଜଣ କାଉନସିଲର ଆଗତ କରିଥିବା ଅନାସ୍ଥା ପ୍ରସ୍ତାବକୁ ପୁରୀ ଜିଲାପାଳ ଗ୍ରହଣ ନ କରିବାକୁ ସସ୍ମିତା ଜିଲାପାଳଙ୍କୁ ନିବେଦନ କରିଛନ୍ତି। ସମ୍ମିଳନୀରେ କାଉନସିଲର ଧନୁର୍ଦ୍ଧର ଦାସ, ଟିଙ୍କିନା ପଣ୍ଡା, ମାଧବ ବେହେରା ପ୍ରମୁଖ ଯୋଗଦେଇଥିଲେ।


ଖବରଦାତା ସମ୍ମିଳନୀରେ ଏନ୍‌ଏସି ଅଧ୍ୟକ୍ଷା ଏବଂ ୩ କାଉନସିଲର।

# ସରପଞ୍ଚଙ୍କ ମୁଣ୍ଡିଆ ମାରିବା ଭିଡିଓ ଭାଇରାଲ

ବଲାଙ୍ଗୀର, ୧୩।୮ (ବୀରେନ୍ଦ୍ର କୁମାର ଝାଙ୍କର)

ଜଣେ ସରପଞ୍ଚ ବିଭିନ୍ନ ଲୋକଙ୍କ ହାତ ଗୋଡ଼ ଧରି ନେହୁରା ହେବା ସହ ମୁଣ୍ଡିଆ ମାରି ଭୁଲ ମାଗୁଥିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଉକ୍ତ ଭିଡିଓ ବଲାଙ୍ଗୀର ଜିଲା ତୁରେକେଲା ଅଞ୍ଚଳର ଜଣେ ସରପଞ୍ଚଙ୍କର ବୋଲି କୁହାଯାଇଛି। ଉକ୍ତ ଭିଡିଓରେ ରାତିରେ କୌଣସି ଏକ ସ୍ଥାନରେ ଭୋଜି ଚାଲିଥିବା ବେଳେ ଜଣେ ବ୍ୟକ୍ତି ସାଷ୍ଟାଙ୍ଗ ପ୍ରଣିପାତ ହୋଇ ପଡି ରହିଥିବା ଦେଖିବାକୁ ମିଳୁଛି। ସେଠାରେ ଥିବା କେତେଜଣ ବ୍ୟକ୍ତି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉଠାଉଥିବା ଏବଂ ଉଠିବା ପରେ ସେହି ବ୍ୟକ୍ତି ଜଣକ ସେଠାରେ ଥିବା ଲୋକଙ୍କ ଗୋଡ଼ ଧରି ମୁଣ୍ଡିଆ ମାରୁଥିବା ନଜରକୁ ଆସୁଛି। ଅନେକ ସମୟରେ ଭୁଲ୍ ହୋଇ ଯାଇଥାଏ । ତେବେ ଯେକୌଣସି ସମସ୍ୟାର ସମାଧାନ କରାଯାଇପାରିବ ବୋଲି ସେହି ବ୍ୟକ୍ତି ଜଣକ ମୁଣ୍ଡିଆ ମାରୁଥିବା ବେଳେ ସେଠାରେ ଉପସ୍ଥିତ ଥିବା ଲୋକେ କୁହାକୁହି ହେଉଥିବା ଶୁଣାଯାଉଛି। ଭିଡିଓରେ ମୁଣ୍ଡିଆ ମାରୁଥିବା ବ୍ୟକ୍ତି ଏବଂ ସେଠାରେ ଉପସ୍ଥିତ ଥିବା ଲୋକଙ୍କ ସ୍ପଷ୍ଟ ପରିଚୟ ମିଳି ନ ଥିଲେ ମଧ୍ୟ ଏହା ଜଣେ ସରପଞ୍ଚଙ୍କ ଭାଇରାଲ ଭିଡିଓ ବୋଲି ଚର୍ଚ୍ଚା ହେଉଛି। କୌଣସି ଭୁଲ କାର୍ଯ୍ୟ ପାଇଁ ସରପଞ୍ଚ ଜଣକ ଲୋକଙ୍କୁ ଏଭଳି ଭାବେ କ୍ଷମା ମାଗୁଥିବା ଆଲୋଚନା ହେଉଛି। ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ତୁରେକେଲା ଅଞ୍ଚଳର ଜଣେ ସରପଞ୍ଚଙ୍କ ଏହା ଭିଡିଓ ବୋଲି କୁହାଯାଉଛି। ସରପଞ୍ଚ ଜଣକ ଦୁର୍ନୀତି ଏବଂ ପିସି କାରବାରରେ ଲିପ୍ତ ଥିବାରୁ ଲୋକଙ୍କ ସମ୍ମୁଖରେ ଏଭଳି ଅପଦସ୍ଥ ହେବାକୁ ପଡ଼ିଛି ବୋଲି ଆଲୋଚନା ହେଉଛି। ଏନେଇ ଅଧିକ ପଚରାଉଚରା କରାଯିବା ପରେ ଏହା ଗତ ନିର୍ବାଚନ ସମୟର ଏକ ପୁରୁଣା ଭିଡିଓ ବୋଲି କୁହାଯାଉଛି। ତେବେ କେଉଁ କାରଣରୁ ସରପଞ୍ଚ ଜଣକ ସର୍ବସମ୍ମୁଖରେ ଲୋକଙ୍କୁ ମୁଣ୍ଡିଆ ମାରି କ୍ଷମା ପ୍ରାର୍ଥନା କରୁଛନ୍ତି ଏନେଇ ଅଧିକ ତଦନ୍ତ କରାଗଲେ ଅନେକ ରୋଚକ ତଥ୍ୟ ଲୋକଲୋଚନକୁ ଆସିପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି ।


ସାଷ୍ଟାଙ୍ଗ ପ୍ରଣିପାତ କରିଥିବା ସରପଞ୍ଚଙ୍କ ଭାଇରାଲ ଫଟୋ।

# ମାଓବାଦୀ ସାମଗ୍ରୀ ସହ ୩୮ ଲକ୍ଷ ଟଙ୍କା ଜବତ



ମାଲକାନଗିରି,୧୩।୮ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ଗରିଆବନ୍ଧ ଏବଂ ଧମତରି ପୋଲିସ ମଙ୍ଗଳବାର ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଓ ବିସ୍ଫୋରକ ସହ ୩୮ ଲକ୍ଷ ଟଙ୍କା ଜବତ କରିଛି। ଛତିଶଗଡ଼ ଗରିଆବନ୍ଧ ଓ ଧମତରି ପୋଲିସ ଏବଂ ସିଆରପିଏଫ୍ ଯବାନଙ୍କ ପକ୍ଷରୁ ଗତ ୧୦ ତାରିଖରୁ ଛୋଟେ ଗବରା ଏବଂ ପେଣ୍ଡ୍ରା ଜଙ୍ଗଲରେ ତଲାସି ଆରମ୍ଭ ହୋଇଥିଲା। ଦୁଇ ଦିନଧରି ଜାରି ରହିଥିବା ତଲାସିରେ ମାଓବାଦୀମାନେ ମାଟି ତଳେ ଲୁଚାଇଥିବା ଡମ୍ପକୁ ପୋଲିସ ଟିମ୍ ଠାବ କରିଥିବା ବେଳେ ସେଥିରୁ ୩୮ ଲକ୍ଷ ଟଙ୍କା ଜବତ କରାଯାଇଛି। ଏଥିସହ ୨୩ ବିଜିଏଲ, ୨ ଟିଫିନ୍ ବୋମା, ୧୩ ଡେଟୋନେଟର, ଫିଉଜ୍ ତାର, ୨କେଜି ବାରୁଦ, ୟୁରିଆ, ୨ ଫ୍ଲାଶ ଲାଇଟ୍, ୩ ମଲ୍ଟି ମିଟର, ସେନ୍ସର ରିମୋଟ, ମାଓବାଦୀ ପୋଷାକ, କଳା କପଡ଼ା ଏବଂ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଜବତ କରିଥିଲେ। ଏହା ପରେ ଏହି ଅଞ୍ଚଳରେ ତଲାସି ଅଭିଯାନକୁ ଜୋରଦାର କରାଯାଇଥିବା ସୂଚନା ମିଳିଛି।

# କୋଟିପତି ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଗିରଫ

ଭୁବନେଶ୍ୱର,୧୩।୮ (ସତ୍ୟଜିତ୍ ରାଉତ)

- ରାଞ୍ଚିରେ ଆଉ ଏକ ଫ୍ଲାଟ୍, ଭୁବନେଶ୍ୱରରେ ନିର୍ମାଣାଧୀନ ୪ ମହଲା କୋଠା ଠାବ
- ସ୍ତ୍ରୀଙ୍କ ନାମରେ ମାମଲା ରୁଜୁ, ୯ ସ୍ଥାନରେ ଚଢ଼ାଉ କରିଥିଲା ଭିଜିଲାନ୍ସ

ଚଢ଼ାଉ ଓ ଯାଞ୍ଚ ପରେ ଆର୍‌ଆଣ୍ଡବି (ସିଭିଲ୍) ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ତାରାପ୍ରସାଦ ମିଶ୍ରଙ୍କ ବିପୁଳ ଆୟବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ଭିଜିଲାନ୍ସ ଟିମ୍ ମଙ୍ଗଳବାର ରାଞ୍ଚିରେ ତାଙ୍କର ଆଉ ଏକ ଫ୍ଲାଟ୍ ଓ ଭୁବନେଶ୍ୱରର ପୁରୀ–କଟକ ରୋଡରେ ନିର୍ମାଣାଧୀନ ଏକ ୪ମହଲା ବିଶିଷ୍ଟ କୋଠା ଠାବ କରିଛି। ତେବେ ଠାବ ହୋଇଥିବା ବିପୁଳ ସମ୍ପତ୍ତି ସଂକ୍ରାନ୍ତରେ ତାରାପ୍ରସାଦ ସନ୍ତୋଷଜନକ ଉତ୍ତର ଦେଇପାରି ନାହାନ୍ତି। ତେଣୁ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ତାରାପ୍ରସାଦଙ୍କ ନାମରେ ଏକ ମାମଲା (ନଂ.୧୭/୨୦୨୪) ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ତାରାପ୍ରସାଦଙ୍କ ସ୍ତ୍ରୀଙ୍କୁ ମଧ୍ୟ ଅଭିଯୁକ୍ତ ଦର୍ଶାଯାଇଛି। ଗିରଫ ପରେ ତାରାପ୍ରସାଦଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ତାରାପ୍ରସାଦ ମିଶ୍ର

ସୂଚନାଯୋଗ୍ୟ, ସୋମବାର ଭିଜିଲାନ୍ସ ପକ୍ଷରୁ ତାରାପ୍ରସାଦଙ୍କ ଘର ସମେତ ୯ଟି ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଥିଲା। ତାଙ୍କର କଟକ, ଭୁବନେଶ୍ୱର ଓ ଜଟଣୀରେ ୭ଟି ପ୍ଲଟ୍ ସମେତ ନୟାପଲ୍ଲୀ ଅର୍ପଣ ଆପାର୍ଟମେଣ୍ଟରେ ଫ୍ଲାଟ୍, କସ୍ମୋପଲିସ୍‌ର ତୃତୀୟ ମହଲାରେ ଫ୍ଲାଟ୍, ୧୫ତମ ମହଲାରେ ଆଉ ଏକ ଫ୍ଲାଟ୍, ଫାଲ୍‌କନ୍ କ୍ରେଷ୍ଟରେ ଫ୍ଲାଟ, ଗ୍ରାଣ୍ଡ ଆୱାସରେ ଫ୍ଲାଟ୍, ଆସୋଟେକ୍‌ରେ ୨ଟି ଫ୍ଲାଟ୍, ଝାରସୁଗୁଡ଼ା ଆସିଆନା ଆପାର୍ଟମେଣ୍ଟରେ ୨ଟି ଫ୍ଲାଟ୍ ଓ ଆସିଆନା ଏନ୍‌କ୍ଲେଭ୍‌ରେ ଆଉ ଏକ ଫ୍ଲାଟ୍ ଠାବ ହୋଇଥିଲା। ଏଥିସହ ୨.୭ କୋଟି ବ୍ୟାଙ୍କ ଜମା, ୨.୫୫୫ କେଜି ସୁନା ଅଳଙ୍କାର, ୩୭୦ ଗ୍ରାମର ହୀରା ଅଳଙ୍କାର, ୪୨ ଲକ୍ଷ ଟଙ୍କାର ଘରୋଇ ଉପକରଣ, ନଗଦ ୬ ଲକ୍ଷ ଟଙ୍କା ଓ ଜୀବନବୀମା ଓ ମ୍ୟୁଚୁଆଲ ଫଣ୍ଡରେ ୩୩ ଲକ୍ଷ ଟଙ୍କା ଆଦି ସମ୍ପତ୍ତି ଠାବ କରାଯାଇଥିଲା।

# ପୂର୍ବତନ ପ୍ରଧାନ ଶିକ୍ଷକଙ୍କୁ ୪ ବର୍ଷ ଜେଲ

ଫୁଲବାଣୀ,୧୩।୮ (ରାକେଶ କୁମାର ରାଉତ)

**ଲାଞ୍ଚ ଗ୍ରହଣ ମାମଲା**

କନ୍ଧମାଳ ଜିଲା ଫୁଲବାଣୀ ଭିଜିଲାନ୍ସ ଜଜ୍ ସମର ବିଳାସ ବେହେରା ମଙ୍ଗଳବାର ଏକ ଲାଞ୍ଚ କାରବାର ମାମଲାର ବିଚାର କରି ଜଣେ ଅଭିଯୁକ୍ତଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ତଲମଲଖା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ପଞ୍ଚାନନ କହଁର। ବର୍ତ୍ତମାନ ସେ ସିଲେଟପଡ଼ା ୟୁଜିଏମ୍‌ଇ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ ତୁଲାଉଥିଲେ। ତାଙ୍କ ଘର ହରଭଙ୍ଗା ବ୍ଲକ ଗୋରଡ଼ମୁଣ୍ଡା ଗ୍ରାମରେ।

୨୦୧୭ରେ ତଲମଲଖା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଏକ ବିଲ୍ଡିଂ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର ହୋଇଥିଲା। ପ୍ରଧାନଶିକ୍ଷକ ପଞ୍ଚାନନ ଏବଂ ପୂର୍ବତନ ସ୍କୁଲ ଶିକ୍ଷା କମିଟି(ଭିଇସି) ସଭାପତି ଦଶରଥ ରଣା ଏଥିରୁ ୨ ଲକ୍ଷ ୯୨ ହଜାର ୫୫୩ଟଙ୍କା ଆତ୍ମସାତ କରିଥିବା ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଡିଏସ୍‌ପି ଡି.ଜି. ପରିଡ଼ାଙ୍କ ନିର୍ଦ୍ଦେଶ କ୍ରମେ ଇନ୍ସପେକ୍ଟର ସିକନ୍ଦର ହେମ୍ବ୍ରମ ଘଟଣାର ତଦନ୍ତ କରିଥିଲେ। ଡିଏସ୍‌ପିଙ୍କ ଏତଲା କ୍ରମେ ଭିଜିଲାନ୍ସ ବିଭାଗରେ ଫେବୃଆରୀ ୩ ତାରିଖରେ ୯/୧୭ରେ ମାମଲା ରୁଜୁ ହୋଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ପ୍ରଧାନଶିକ୍ଷକ ପଞ୍ଚାନନଙ୍କୁ ଉପରୋକ୍ତ ଦଣ୍ଡାଦେଶ ଦେଇଥିବା ବେଳେ ଆବଶ୍ୟକ ପ୍ରମାଣ ଅଭାବରୁ ସ୍କୁଲ ଶିକ୍ଷା କମିଟି ସଭାପତି ଦଶରଥ ରଣାଙ୍କୁ ଖଲାସ କରିଛନ୍ତି। ସରକାରଙ୍କ ପକ୍ଷରୁ ଭିଜିଲାନ୍ସ ପିପି ଭିଭି ରାମଦାସ ମାମଲା ପରିଚାଳନା କରୁଥିଲେ।

# ଆଶ୍ରମ ସ୍କୁଲ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

**କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କଲେ ପରିବାର**

ରାମଚନ୍ଦ୍ରପୁର(ଗଣେଶ୍ୱର ସା)/ ଆନନ୍ଦପୁର(ଉମେଶ ଚନ୍ଦ୍ର ପାଢ଼ୀ),୧୩।୮

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅଧୀନ ନୂଆମାଳିଆ ଆଶ୍ରମ ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଜଣେ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଏହି ଘଟଣାରେ ପ୍ରଧାନ ଶିକ୍ଷକଙ୍କୁ ଗିରଫ କରାଯିବା ସହ କ୍ଷତିପୂରଣ ଦାବିରେ ମୃତ ଛାତ୍ରୀଙ୍କ ପରିବାର ଲୋକ ଓ ଗ୍ରାମବାସୀ ସ୍କୁଲ ସମ୍ମୁଖରେ ବିକ୍ଷୋଭ କରିଛନ୍ତି।

ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ସାରବିଲ ଗାଁର ନନ୍ଦିଆ ହୋଙ୍କ ଝିଅ ମାଇନ ନିଜ ମାମୁଘର ଗାଁ ନୂଆମାଳିଆ ଆଶ୍ରମ ସ୍କୁଲରେ ୮ମ ଶ୍ରେଣୀରେ ପଢ଼ୁଥିଲେ। ସ୍ଥାନୀୟ ଅଭିଭାବକ ଭାବେ ମାମୁ ନବଘନ ମୁଣ୍ଡା ତାଙ୍କର ଦେଖାଶୁଣା କରୁଥିଲେ। ଗତ ୧୦ ତାରିଖରେ ମାଇନ ଅସୁସ୍ଥ ହେବାରୁ



ସ୍କୁଲ ଆଗରେ ମୃତ ଛାତ୍ରୀଙ୍କ ପରିବାର ଲୋକ ଓ ଗ୍ରାମବାସୀ ହୋହଲ୍ଲା କରୁଛନ୍ତି।

ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ପ୍ରଥମେ ଦାନଗଦୀ ମେଡିକାଲ ଓ ପରେ କଟକ ନେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ପରଦିନ ସ୍କୁଲ କର୍ତ୍ତୃପକ୍ଷଙ୍କଠାରୁ ଖବରପାଇ ପରିବାର ଲୋକେ ଆସି ମାଇନଙ୍କୁ ସାଙ୍ଗରେ ଘରକୁ ନେଇ ଯାଇଥିଲେ। ଘରେ ପହଞ୍ଚିବା ପରେ ମାଇନ ପୁଣି ଅସୁସ୍ଥ ହେବାରୁ ତାଙ୍କୁ ପରିବାର ଲୋକେ ଠାକୁରମୁଣ୍ଡା ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମାଇନଙ୍କ ମୃତ୍ୟୁ ପାଇଁ ଗ୍ରାମବାସୀ ଓ ପରିବାର ଲୋକେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। ସ୍କୁଲରେ ଦିଆଯାଉଥିବା ନିମ୍ନମାନର ଖାଦ୍ୟ ସମ୍ପର୍କରେ କିଛିଦିନ ତଳେ ମାଇନ ପରିବାର ଲୋକଙ୍କୁ ଜଣାଇଥିବା ଓ ଏହି ଖାଦ୍ୟ ଖାଇ ସେ ଅସୁସ୍ଥ ହୋଇପଡ଼ିଥିବା ପରିବାର ଲୋକେ କହିଛନ୍ତି। ଅନ୍ୟପକ୍ଷରେ ୧୦ ତାରିଖରେ ମାଇନଙ୍କ ଦେହ ଖରାପ ସମ୍ପର୍କରେ ପରିବାର ଲୋକଙ୍କୁ ନ ଜଣାଇ ସ୍କୁଲ କର୍ତ୍ତୃପକ୍ଷ ଦାନଗଦି ଓ କଟକ ମେଡିକାଲ ନେଇଯିବା ଘଟଣାକୁ ନେଇ ପରିବାର ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକ ରାଜୀବ ଚନ୍ଦ୍ର ଜେନାଙ୍କୁ ପଚାରିବାରୁ ସବୁକାମ ନିୟମ ଅନୁଯାୟୀ ହୋଇଥିବା କହିଛନ୍ତି। ଘଟଣାସ୍ଥଳରେ ରାମଚନ୍ଦ୍ରପୁର ପୋଲିସ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଛି। ଖବରପାଇ ଦାୟିତ୍ୱରେ ଥିବା ଘସିପୁରା ବ୍ଲକ ଭାରପ୍ରାପ୍ତ ଡବ୍ଲ୍ୟୁଇଓ ଆକାଶ କୁମାର ଜେନା ସ୍କୁଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ପାରିବାରିକ କଳହରୁ ବିଷ ପିଇଲେ ବୃଦ୍ଧ ଦମ୍ପତି

**ସ୍ତ୍ରୀ ମୃତ, ସୁସ୍ଥ ହୋଇ ଫେରିଲେ ସ୍ୱାମୀ**

କୋରେଇ,୧୩।୮ (ଚନ୍ଦ୍ରକାନ୍ତ ପତି)

ଯାଜପୁର ଜିଲା କୋରେଇ ଥାନା କାଚରାସାହି ପଞ୍ଚାୟତ ରାଉତପଡ଼ା ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ରକରି ଏକ ବୃଦ୍ଧ ଦମ୍ପତି ସୋମବାର ସନ୍ଧ୍ୟାରେ ବିଷପିଇଛନ୍ତି। ଏଥିରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ସ୍ୱାମୀ ମେଡିକାଲରେ ଚିକିତ୍ସିତ ହେବାପରେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଉକ୍ତ ଦମ୍ପତି ହେଲେ ବାବାଜୀ ବେହେରା(୭୦) ଓ ତାଙ୍କ ସ୍ତ୍ରୀ ଉମା ବେହେରା(୬୫)। ଉଭୟ ବିଷପିଇଥିବା ଜଣାପଡ଼ିବା ପରେ ଗୁରୁତର ଅବସ୍ଥାରେ ସେମାନଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଉମାଙ୍କ ମୃତ୍ୟୁ ହୋଇଥିଲା। ଘସିପୁରା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବାବାଜୀ ୫ ବର୍ଷରୁ ଊର୍ଦ୍ଧ୍ୱ ହେବ ପକ୍ଷାଘାତରେ ପୀଡ଼ିତ ହୋଇଛନ୍ତି।

# ମହିଳା ଯନ୍ତ୍ରୀଙ୍କୁ ବିଡିଓଙ୍କ ଗାଳିଗୁଲଜ: ଅସୁସ୍ଥ ହୋଇପଡ଼ିଲେ ଯନ୍ତ୍ରୀ

ରାୟଗଡ଼ା,୧୩।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କୋଲନରା ବିଡିଓ ରୀନା ପ୍ରଧାନ ବ୍ଲକ୍ କନିଷ୍ଠ ଯନ୍ତ୍ରୀ ସୋନାଲି ପ୍ରଧାନଙ୍କୁ ଗାଳିଗୁଲଜ କରିବା ସହ ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ମଧ୍ୟାହ୍ନରେ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ପ୍ରଧାନ କୌଣସି କଥାରେ ଉତ୍କ୍ଷିପ୍ତ ହୋଇ ଯନ୍ତ୍ରୀ ସୋନାଲିଙ୍କୁ ଗାଳିଗୁଲଜ କରିଥିଲେ। ଏହି ଘଟଣା ପରେ ଯନ୍ତ୍ରୀ ସୋନାଲିଙ୍କ ରକ୍ତଚାପ ବଢ଼ିଯିବାରୁ ସେ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ। ଏଭଳିକି କିଛି ସମୟ ପାଇଁ ସେ ଅଚେତ ହୋଇ ପଡିଥିଲେ। ବ୍ଲକ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀ ତାଙ୍କୁ କୋଲନରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତେବେ ଏହି ଘଟଣାକୁ ନେଇ ଯନ୍ତ୍ରୀ ଓ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି। କୋଲନରା ବିଡିଓ ରୀନା ପ୍ରଧାନ ବିଭିନ୍ନ ସମୟରେ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରୁଥିବା ଏବଂ ଧମକ ଦେଉଥିବା ନେଇ ଅଭିଯୋଗ ହୋଇଆସୁଛି। ଏ ସମ୍ପର୍କରେ ବିଡିଓ ରୀନା ପ୍ରଧାନଙ୍କୁ ଫୋନ୍ ନଂ.୮୮୯୫୩୩୩୭୫୨ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ କାଟି ଦେଇଥିଲେ। ଏ ନେଇ କନିଷ୍ଠ ଯନ୍ତ୍ରୀ ସୋନାଲି ପ୍ରଧାନଙ୍କୁ ପଚାରିବାରୁ ବିଡିଓ ରୀନା ପ୍ରଧାନ ସବୁବେଳେ ଗାଳିଗୁଲଜ କରିବା ସହ ମାନସିକ ନିର୍ଯାତନା ଦେଉଥିବା କହିଛନ୍ତି। ଘଟଣା ସମ୍ପର୍କରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କୁ ପଚାରିବାରୁ ଘଟଣା ବିଷୟରେ ବୁଝିବି ବୋଲି ସେ କହିଥିଲେ। ଏହି ଘଟଣାକୁ ନେଇ ଯନ୍ତ୍ରୀମାନେ ବୁଧବାର ଏକ ବୈଠକ କରି ଘଟଣା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରିବେ ବୋଲି ଜଣାପଡ଼ିଛି।

# ଝୁଲନ୍ତା ଅବସ୍ଥାରେ ବିବାହିତା ମହିଳା, ଯୁବତୀଙ୍କ ମୃତଦେହ ଜବତ

ଖୁଣ୍ଟିଗୋରା/ଘଣ୍ଟାପଡ଼ା,୧୩।୮ (ମକରନ୍ଦ ସାହୁ/ପ୍ରଭାତ କୁମାର ସାହୁ)

- ସାଇଣ୍ଟିଫିକ୍ ଟିମ୍ ସହ ପୋଲିସର ତଦନ୍ତ ଆରମ୍ଭ
- ମୃତ୍ୟୁର କାରଣ ଅସ୍ପଷ୍ଟ

ବୌଦ୍ଧ ଜିଲା ଘଣ୍ଟାପଡ଼ା ଥାନା ଅଧୀନ ଉମା ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏହି ଗ୍ରାମର ଜଣେ ବିବାହିତା ମହିଳା ଓ ଜଣେ ଯୁବତୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ପୋଲିସ ଜବତ କରିଛି। ଏହା ହତ୍ୟା କି ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇନାହିଁ। ମିଳିଥିବା ସୂଚନା ମୁତାବକ, ସୋମବାର ଉମା ଗ୍ରାମର ସଞ୍ଜିତ ରଣାଙ୍କ ସ୍ତ୍ରୀ ରଞ୍ଜିତା ରଣା (୨୮) ଓ ଗ୍ରାମର ଭିକାରୀ ସାହୁଙ୍କ ଝିଅ ଟିକି (୧୭) ସକାଳୁ ମନ୍ଦିରକୁ ଯାଇ ଠାକୁର ଦର୍ଶନକରି ଘରକୁ ଫେରିଥିଲେ। ପୁନର୍ବାର ଅପରାହ୍ଣ ୩ଟାରେ ଉଭୟେ ଶୌଚହେବାକୁ ଯାଉଛନ୍ତି କହି ଘରୁ ବାହାରିଯାଇଥିଲେ। କିନ୍ତୁ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବିଳମ୍ବିତ ରାତି ଯାଏ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ମଙ୍ଗଳବାର ଦୁହିଁଙ୍କ ମୃତଦେହ ଗ୍ରାମଠାରୁ ଦେଢ଼ କି.ମି. ଦୂର ପ୍ରତିମାଳ ଗ୍ରାମର ଏକ ମହୁଲ ଗଛରେ ବେକରେ ଶାଢ଼ି ବାନ୍ଧି ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ଟିକିଙ୍କ ବେକରେ ନାଲି ଦାଗ ପଡ଼ିଥିବା ବେଳେ ତଳେ କିଛି ରକ୍ତ ବୁନ୍ଦା ପଡ଼ିଥିଲା। ଖବର ପାଇ ଘଣ୍ଟାପଡ଼ା ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ମୃତଦେହ ଜବତକରିବା ସହ ବ୍ୟବଚ୍ଛେଦ ପାଇଁ ମନମୁଣ୍ଡା ଡାକ୍ତରଖାନା ପଠାଇଛି। ଏନେଇ ଘଣ୍ଟାପଡ଼ା ଥାନାରେ ଦୁଇଟି ଅପମୃତ୍ୟୁ ମାମଲା (ନଂ. ୪/୨୪ ଓ ୫/୨୪) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଏନେଇ ଘଣ୍ଟାପଡ଼ା ଥାନା ଅଧିକାରୀ ମାଧବ ଚନ୍ଦ୍ର ଟାକ୍ରିଙ୍କୁ ପଚାରିବାରେ ଘଟଣାର ତଦନ୍ତ ଆରମ୍ଭ ହୋଇଛି ଓ ମୃତ୍ୟୁର କାରଣ ଜଣାପଡ଼ିନାହିଁ ବୋଲି କହିଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଫୁଲା ଗଇସ, ଫୁଲୁଛୁ କେତେ,**
**ଫୁଲିବାକୁ ଦିନ ନାହିଁକି ତୋତେ ?**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ। କିନ୍ତୁ ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ତୁଚ୍ଛାକୁ ଫୁଲି ଉଠନ୍ତି ବା ବାହ୍ୟ ଆଡ଼ମ୍ବର ଦେଖେଇ ହୁଅନ୍ତି। ତେବେ ତୁଚ୍ଛାକୁ ଗର୍ବ କରିବସୁଥିବା ବ୍ୟକ୍ତିଙ୍କ ଏପରି ଭାବଭଙ୍ଗୀ ପର ଆଖିରେ ନିହାତି ଅସୁନ୍ଦର ଲାଗିଥାଏ। ଅନ୍ୟ ଆଗରେ ନିଜର ଫୁଲାଣିଆ ଭାବ ଦେଖେଇ ହେଉଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅନଳ ନଳା,**
**ଧଳା ବଳଦକୁ କରୁଛି କଳା।**

ଆମ ସମାଜରେ ଏଭଳି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ କଳାକୁ ଧଳା ଓ ଧଳାକୁ କଳା କରିବାରେ ବେଶ୍ ସିଦ୍ଧହସ୍ତ ହୋଇଥାନ୍ତି। ସତକୁ ମିଛ ଓ ମିଛକୁ ସତ କହି ଲୋକଙ୍କୁ ଭ୍ରମିତ କରୁଥିବା ଧୂର୍ତ୍ତ ବ୍ୟକ୍ତିଙ୍କ ପ୍ରତି ଏପରି କଟୁକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

ଜଗତ୍‌ସିଂହପୁର, ୧୩।୮ (ପ୍ରମୋଦ କୁମାର ନାୟକ)


ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଞ୍ଚଳରେ ୨୦୧୬ରେ ଜଣେ ନାବାଳିକାଙ୍କୁ ଅପହରଣ ସହ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଜଗତ୍‌ସିଂହପୁର ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ଅଜୟ କୁମାର ମହାନ୍ତି ଏହାର ବିଚାର କରି ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୩୫ ହଜାର ଟଙ୍କା ଜରିମାନା କରିଛନ୍ତି। ଏହି ରାଶି ଅନାଦେୟ ହେଲେ ଅଧିକ ୭ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ଅଛି। ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ବାମଦେଈପୁର ଗ୍ରାମର ମକର ମଲ୍ଲିକ। ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୭ ଲକ୍ଷ ଟଙ୍କାର ସହାୟତାରାଶି ଯୋଗାଇଦେବାକୁ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ସରକାରଙ୍କ ତରଫରୁ ମାମଲା ପରିଚାଳନା କରିଥିବା ସ୍ପେଶାଲ ପିପି ଦୋଳଗୋବିନ୍ଦ ଦାସ କହିଛନ୍ତି, ୨୦୧୬ରେ ପୀଡ଼ିତା ଦଶମ ଶ୍ରେଣୀରେ ପଢ଼ୁଥିଲେ। ୨୩।୨।୧୬ରେ ବିଦ୍ୟାଳୟକୁ ଯାଇ ସେ ଆଉ ଫେରି ନ ଥିଲେ। ଏନେଇ ତାଙ୍କ ମା', ବାପା ବହୁ ସମୟ ଧରି ଖୋଜାଖୋଜି କରିଥିଲେ, ମାତ୍ର ନାବାଳିକାଙ୍କ କୌଣସି ପତ୍ତା ମିଳି ନ ଥିଲା। ପରେ ପୀଡ଼ିତାଙ୍କ ପରିବାର ଲୋକେ ଜାଣିବାକୁ ପାଇଥିଲେ ଯେ, ଝିଅକୁ ଅଭିଯୁକ୍ତ ମକର ଜୋରଜବରଦସ୍ତ ଅପହରଣ କରିନେଇଛନ୍ତି। ଏନେଇ ୨୫।୨।୧୬ରେ କୁଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ମାମଲା (ନଂ. ୪୬/୧୬) ରୁଜୁ ହୋଇଥିଲା। ପୋଲିସ ୪ ଦିନ ପରେ ନାବାଳିକାଙ୍କୁ ରାହାମାରୁ ଉଦ୍ଧାର କରିଥିଲା। ପୀଡ଼ିତାଙ୍କୁ ତାଙ୍କ ଇଚ୍ଛା ବିରୋଧରେ ମୁଦାଲା ୪ ଦିନ ଧରି ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ୧୪ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

# ୨ ଅଭିଯୁକ୍ତଙ୍କୁ ୩ ବର୍ଷ ଲେଖାଏ ଜେଲ

ଭୁବନେଶ୍ୱର,୧୩।୮ (ସତ୍ୟଜିତ୍ ରାଉତ)

**ଜୀବନ୍ତ ବଜ୍ରକାପ୍ତା, କାତି ଜବତ ମାମଲା**

ଜୀବନ୍ତ ବଜ୍ରକାପ୍ତା ଓ କାତି ଜବତ ମାମଲାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଦ୍ୱାରା ଗିରଫ ହୋଇଥିବା ଦୁଇ ଚାଲାଣକାରୀଙ୍କୁ ସୋନପୁର ସବ୍‌ଡିଭିଜନାଲ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ କୋର୍ଟ ମଙ୍ଗଳବାର ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀଦ୍ୱୟ ହେଲେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅଞ୍ଚଳର ସୋମନାଥ ବାଗ୍ ଓରଫ ରେଞ୍ଚୁ ଓ ମାର୍ସାଲାନ ଭେଙ୍ଗେରା। ଉଭୟଙ୍କୁ ୩ ବର୍ଷ ଜେଲ ଓ ୧୦ ହଜାର ଟଙ୍କା ଲେଖାଏ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ଅଧିକ ୬ ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟ ଶୁଣାଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୨୦ ଅକ୍ଟୋବର ୧୭ରେ ସୋନପୁର ରାଜାକୋଠି ମହାନଦୀ ବ୍ରିଜ୍ ନିକଟରେ ଏସ୍‌ଟିଏଫ୍ ଚଢ଼ାଉ କରି ଅଭିଯୁକ୍ତ ଦ୍ୱୟଙ୍କୁ ଧରିଥିଲା। ଯାଞ୍ଚ ପରେ ସେମାନଙ୍କ ନିକଟରୁ ବଜ୍ରକାପ୍ତା ଓ କାତି ଜବତ ହୋଇଥିଲା। ସେମାନେ ଉକ୍ତ ବଜ୍ରକାପ୍ତା ଓ କାତିକୁ ଚାଲାଣ ଉଦ୍ଦେଶ୍ୟରେ ବୀରମହାରାଜପୁରକୁ ନେଉଥିଲେ ବୋଲି ସ୍ୱୀକାର କରିଥିଲେ। ଏନେଇ ଏସ୍‌ଟିଏଫ୍ ଏକ ମାମଲା (ନଂ. ୨୬/୨୦୨୦) ରୁଜୁ କରିବା ସହ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାରେ ୭ଜଣଙ୍କ ସାକ୍ଷ୍ୟ ଓ ୩୦ଟି ଦସ୍ତାବିଜକୁ ଆଧାର କରି କୋର୍ଟ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ହିମାଂଶୁ ପଣ୍ଡା ମାମଲା ପରିଚାଳନା କରୁଥିଲେ।




ମଙ୍ଗଳବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଲଘୁ ଖଣିଜ ଉତ୍ତୋଳନରେ ଲାଗିଲା ରୋକ୍

ବାରିପଦା,୧୩।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

- ମୟୂରଭଞ୍ଜ ଜିଲାକୁ ଏନ୍‌ଜିଟିର ଛାଟ
- ୩ ସପ୍ତାହ ମଧ୍ୟରେ ସର୍ଭେ ରିପୋର୍ଟ ଦାଖଲ ନିର୍ଦ୍ଦେଶ

ମୟୂରଭଞ୍ଜ ଜିଲାରେ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନରେ ରୋକ୍ ଲାଗିଛି। ପରିଚାଳନାରେ ତ୍ରୁଟି ଦର୍ଶାଇ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଏହି ରାୟ ଦେଇଛନ୍ତି। ଆବେଦନକାରୀଙ୍କ ମାମଲାକୁ ବିଚାରକରି ଜୁଡିସିଆଲ ମେମ୍ବର ଜଷ୍ଟିସ୍ ବି.ଅମିତ ସ୍ଥଳେକାର ଓ ଏକ୍ସପର୍ଟ ମେମ୍ବର ଡ. ଅରୁଣ କୁମାର ବର୍ମାଙ୍କ ଖଣ୍ଡପୀଠ ଗତ ୮ତାରିଖରେ ଏହି ଶୁଣାଣି କରିଛନ୍ତି। ଜିଲା ସର୍ଭେ ରିପୋର୍ଟ(ଡିଏସ୍‌ଆର୍)ର ପ୍ରାମାଣିକତା ସମୀକ୍ଷା କରିବାକୁ ରାଜ୍ୟ ପରିବେଶ ପ୍ରଭାବ ଆକଳନ(ଏସ୍‌ଇଆଇଏଏ) ପକ୍ଷରୁ ଅନୁମୋଦନ କରାଯାଇ ନ ଥିବାରୁ ତ୍ରୁଟିଥିବା ଦର୍ଶାଇ ଜିଲାରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ନ କରିବାକୁ ରାୟରେ ଉଲ୍ଲେଖ ରହିଛି। ଏହା ସହ ମଧ୍ୟବର୍ତ୍ତିକାଳୀନ ଜିଲା ସର୍ବେକ୍ଷଣ ରିପୋର୍ଟ ଅଧୀନରେ କୌଣସି ଖଣି କାର୍ଯ୍ୟ କରାଯିବ ନାହିଁ। ୩ ସପ୍ତାହ ମଧ୍ୟରେ ସର୍ଭେ ରିପୋର୍ଟ ଦାଖଲକରିବା ପାଇଁ ଓଡ଼ିଶା ସରକାରଙ୍କୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲାରେ ଥିବା ସଇରାତଗୁଡ଼ିକରୁ ବାଲି ଖନନକୁ ନେଇ ପ୍ରସ୍ତୁତ କରାଯାଇଥିବା ଜିଲା ସର୍ଭେ ରିପୋର୍ଟକୁ ବେଆଇନ ଦର୍ଶାଇ ପରିବେଶବିତ୍ ବିବେକାନନ୍ଦ ପଟ୍ଟନାୟକ ଏନ୍‌ଜିଟିରେ ଅଭିଯୋଗ କରିଥିଲେ। ଜିଲାର ବେତନଟୀ ତହସିଲ ଅଧୀନ ବୁଢ଼ାବଳଙ୍ଗ ବାଲିଶଯ୍ୟା-୧ର ବେଲାଣପୁରା, ମଧୁନଣ୍ଡା ଓ ଡେଁଫୌଦା ସଇରାତକୁ ନିଲାମ ପାଇଁ ୨୦୨୪ ଜୁନ୍ ୨୦ରେ ୫ବର୍ଷ ଲିଜ୍ ଦେବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତିରେ ଏହି ସଇରାତଟି ୫ ହେକ୍ଟରରୁ କମ୍ ବୋଲି ଉଲ୍ଲେଖ କରାଯାଇଥିଲା। ମାତ୍ର ଅନ୍ତରୀଣ ଜିଲା ସର୍ଭେ ରିପୋର୍ଟରେ ଏହା ୫.୦୧ହେକ୍ଟର ବୋଲି ଉଲ୍ଲେଖ ରହିଥିବାରୁ ଏହାକୁ ନେଇ ଏନ୍‌ଜିଟିରେ ଏକ ମାମଲା (ନଂ. ୧୨୫/୨୪ ଇଜେଡ୍) ଅନୁଯାୟୀ ରୁଜୁ ହୋଇଥିଲା। ଏହାକୁ ନେଇ କୋର୍ଟ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସଂଶୋଧିତ ଜିଲା ସର୍ଭେ ରିପୋର୍ଟ ମୟୂରଭଞ୍ଜ ଜିଲାପାଳ ଉପସ୍ଥାପନ କରିଥିଲେ ହେଁ ଏହାକୁ ଏସ୍‌ଇଆଇଏଏ ପକ୍ଷରୁ ଅନୁମୋଦନ କରାଯାଇ ନ ଥିଲା। ଲଘୁ ଖଣିଜ ଲିଜ୍ ପୂର୍ବରୁ ଡିଏସ୍‌ଆର୍ ବାଧ୍ୟତାମୂଳକ ହୋଇଥିବା ବେଳେ ଏହାକୁ ଅଣଦେଖା କରାଯାଇ ଜୁନ୍ ୨୦ରେ ନିଲାମ ପାଇଁ ପ୍ରକାଶିତ ବିଜ୍ଞପ୍ତି ଗ୍ରହଣୀୟ ନୁହେଁ ବୋଲି ଅଭିଯୋଗରେ ଦର୍ଶାଯାଇଥିଲା। ଉକ୍ତ ମାମଲାର ଶୁଣାଣିକରି ଜିଲାର ସମସ୍ତ ଲଘୁ ଖଣିଜ ପଦାର୍ଥ ଉତ୍ତୋଳନ ବନ୍ଦ ରଖିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରିଥିଲେ।

ଉଲ୍ଲେଖଯୋଗ୍ୟ, ଜିଲାର ୨୬ଟି ତହସିଲ ଅଧୀନରେ ୨୦୩ଟି ସଇରାତ ରହିଛି। ସେଥି ମଧ୍ୟରୁ ୭୭ଟି ବାଲି, ୮୩ଟି ପଥର ଓ ଗୋଟିଏ ମୋରମ ସଇରାତକୁ ମିଶାଇ ମୋଟ ୧୬୧ଟି ଲଘୁ ଖଣିଜ ବିଭାଗ ଅଧୀନକୁ ଆସିଛି। ଅବଶିଷ୍ଟ ୪୨ଟି ସଇରାତ ବିଭିନ୍ନ କାରଣ ଓ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ କୋର୍ଟରେ ମାମଲା ବିଚାରାଧୀନ ଅବସ୍ଥାରେ ରହିଛି। ଫଳରେ ୬୪ଟି ବାଲି ଓ ୬୯ଟି ପଥର ଖାଦାନକୁ ମିଶାଇ ଜିଲାରେ ମୋଟ ୧୩୩ଟି ସଇରାତ ବନ୍ଦ ପଡ଼ିଛି। ସରକାରୀସ୍ତରରେ ୪୦ଟି ବାଲି, ୨୯ଟି ପଥର ଓ ଗୋଟିଏ ମୋରମ ସଇରାତକୁ ମିଶାଇ ମୋଟ ୭୦ଟି ସଇରାତକୁ ଲିଜ୍ ଆକାରରେ ପ୍ରଦାନ କରାଯାଇଛି। ତେବେ ଜିଲା ପ୍ରଶାସନ ଓ ବିଭାଗ ପକ୍ଷରୁ ଜିଲା ସର୍ଭେ ରିପୋର୍ଟ ପ୍ରଦାନରେ ଭୁଲ୍ ଦର୍ଶାଇଥିବା ଜଣାପଡ଼ିବା ପରେ ଜିଲାରେ ଏନ୍‌ଜିଟିର ଛାଟ ବାଜିଛି। ଏନ୍‌ଜିଟିର ଏହି ରାୟ ପରେ ଜିଲାରେ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେବ ବୋଲି ଆଶଙ୍କା ଉପୁଜିବାରେ ଲାଗିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଇରମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପୁରୁଷ ହକି ଦଳକୁ ଭେଟିବେ କ୍ରୀଡ଼ାମନ୍ତ୍ରୀ



ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିବା ପରେ ଭାରତୀୟ ହକି ଦଳ ସଦସ୍ୟ।

**ନୂଆଦିଲ୍ଲୀ, ୧୩।୮ (ପି.ଟି.)**

କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ସେପ୍ଟେମ୍ବର ୧୦ ପୂର୍ବରୁ ବ୍ରୋଞ୍ଜ ବିଜୟୀ ଭାରତୀୟ ପୁରୁଷ ହକି ଦଳ ସହିତ ଏକ ବୈଠକ କରିବେ। ୨୦୨୮ ଲସ୍‌ଏଞ୍ଜେଲ୍ସ ଗେମ୍ସରେ ଯେପରି ସ୍ୱର୍ଣ୍ଣ ପଦକ ହାସଲ କରାଯିବା ପ୍ରୟାସରେ ଭବିଷ୍ୟତ ଯୋଜନା ସମ୍ପର୍କରେ ଆଲୋଚନା କରିବେ। ମାଣ୍ଡବ୍ୟ ମଙ୍ଗଳବାର ସକାଳେ ପ୍ୟାରିସ୍‌ରୁ ଫେରିଥିବା ଷ୍ଟାର ଗୋଲକିପର ପି.ଆର. ଶ୍ରୀଜେଶ, ଡିଫେଣ୍ଡର ସଞ୍ଜୟ, ଅମିତ ରୋହିଦାସ ଓ ଷ୍ଟ୍ରାଇକର ଅଭିଷେକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମାଣ୍ଡବ୍ୟ କହିଥିଲେ, ଆପଣମାନଙ୍କ ପ୍ରଦର୍ଶନ ଜବରଦସ୍ତ ରହିଥିଲା। ଆମେ ସ୍ୱର୍ଣ୍ଣ ଜିତିପାରି ନ ଥିଲେ ହେଁ ଏହାର ନିକଟତର ହୋଇପାରିଥିଲେ। ସେମିଫାଇନାଲରେ ପରାଜିତ ହେବାପରେ ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଯେପରି ପ୍ରଦର୍ଶନ କଲ ତାହା ପ୍ରଶଂସା ଯୋଗ୍ୟ। ମାତ୍ର ଏହି ରାସ୍ତାର ଅନ୍ତ ଘଟିନାହିଁ, ଲସ୍‌ଏଞ୍ଜେଲ୍ସରୁ ଆମକୁ ସ୍ୱର୍ଣ୍ଣ ସହିତ ଫେରିବାକୁ ହେବ। ଏଦିଗରେ ଆମେ କିପରି ସଫଳ ହୋଇପାରିବା ସେ ନେଇ ମୁଁ ଆପଣମାନଙ୍କ ପରାମର୍ଶ ଲୋଡୁଛି। ସରକାର ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଦେବାକୁ ପ୍ରସ୍ତୁତ। ମନ୍ତ୍ରୀ ପୁଣି କହିଥିଲେ, ଗତ ସଂସ୍କରଣ ସହ ଯଦିଓ ତୁଳନୀୟ ନୁହେଁ ତେବେ ପ୍ୟାରିସ ଗେମ୍ସରେ ଭାରତୀୟ ଆଥ୍‌ଲେଟଙ୍କ ପ୍ରଦର୍ଶନକୁ ନେଇ ସେ ସନ୍ତୁଷ୍ଟ। ଟୋକିଓରେ ଭାରତ ଗୋଟିଏ ସ୍ୱର୍ଣ୍ଣ ସମେତ ୭ ପଦକ ଜିତିଥିଲା, କିନ୍ତୁ ପ୍ୟାରିସ୍‌ରେ ଦେଶ ୫ ବ୍ରୋଞ୍ଜ ଓ ଗୋଟିଏ ରୌପ୍ୟ ସମେତ ୬ ପଦକ ଜିତିବାରେ ସମର୍ଥ ହୋଇଛି। ତେବେ ଭାରତ ଚତୁର୍ଥ ସ୍ଥାନରେ ରହି ୭ଟି ପଦକ ଅଳ୍ପକେ ହାତଛଡ଼ା କରିଛି। ତେଣୁ ମୋଟ ଉପରେ ଏହାକୁ ଏକ ଭଲ ପ୍ରଦର୍ଶନ ବୋଲି କୁହାଯାଇପାରିବ। ମାଣ୍ଡବ୍ୟ ଏହା ପୂର୍ବରୁ ଫେରିଥିବା ହକି ଦଳର ଅନ୍ୟ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ମୁମ୍ବାଇ ପାଇଁ ଗୋଟିଏ ମ୍ୟାଚ ଖେଳିବେ ଆୟର

**ମୁମ୍ବାଇ, ୧୩।୮ (ପି.ଟି.)**

ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାରଠାରୁ ତାମିଲନାଡୁର ୪ଟି ଭେନ୍ୟୁରେ ଖେଳାଯିବ। ଶ୍ରେୟସ ଆୟର ମୁମ୍ବାଇ ଲାଗି ଗୋଟିଏ ମ୍ୟାଚ ପାଇଁ ଉପଲବ୍ଧ ହେବେ। ଅଗଷ୍ଟ ୨୭ରୁ ୩୦ ପର୍ଯ୍ୟନ୍ତ କୋଏମ୍ବାଟୁର୍‌ରେ ଜମ୍ମୁ-କଶ୍ମୀର ବିପକ୍ଷରେ ମୁମ୍ବାଇ ପାଇଁ ଦ୍ୱିତୀୟ ରାଉଣ୍ଡ ଗେମ୍ ଖେଳିବା ଲାଗି ଆୟର ଭାରତର ଅନ୍ତର୍ଜାତୀୟ ଟି୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସହିତ ଯୋଗଦେବେ। ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ)ର ଯୁଗ୍ମ ସମ୍ପାଦକ ଦୀପକ ପାଟିଲ ଏହି ସୂଚନା ଦେଇଛନ୍ତି। ଚଳିତ ମାସ ପ୍ରାରମ୍ଭରେ ଶ୍ରୀଲଙ୍କା ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ଆୟର ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତାମିଲନାଡୁ କ୍ରିକେଟ ଆସୋସିଏଶନ (ଟିଏନ୍‌ସିଏ) ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟରେ ଟିଏନ୍‌ସିଏ ଏବଂ ଟିଏନ୍‌ସିଏ ସଭାପତି ଏକାଦଶ ସମେତ ୧୨ଟି ଦଳ ଭାଗ ନେଉଛନ୍ତି। ଅନ୍ୟ ଦଳଗୁଡ଼ିକ ହେଲେ ମଧ୍ୟପ୍ରଦେଶ, ଦିଲ୍ଲୀ, ହରିୟାଣା, ହାଇଦ୍ରାବାଦ, ବେଙ୍ଗଲ, ମୁମ୍ବାଇ, ଜମ୍ମୁ-କଶ୍ମୀର, ଝାଡ଼ଖଣ୍ଡ, ଛତିଶଗଡ଼ ଓ ଗୁଜରାଟ। ଏହି ମଲ୍‌ଟି ଡେ ଟୁର୍ନାମେଣ୍ଟର ମ୍ୟାଚଗୁଡ଼ିକ ତିରୁନେଲଭେଲ, କୋଏମ୍ବାଟୁର୍, ସାଲେମ ଓ ନାଥାମଠାରେ ଖେଳାଯିବ।

# ବିଶ୍ୱକପ୍‌ରୁ ଓହରିପାରନ୍ତି ମନୁ ଭାକର

**ନୂଆଦିଲ୍ଲୀ, ୧୩।୮ (ପି.ଟି.)**

ଅକ୍ଟୋବରରେ ଏଠାରେ ହେବାକୁଥିବା ଶୁଟିଂ ବିଶ୍ୱକପ୍‌ରୁ ଓହରିଯାଇପାରନ୍ତି ପ୍ୟାରିସ ଅଲିମ୍ପିକ୍ସ ଡବଲ ପଦକ ବିଜେତା ମନୁ ଭାକର। ଏହି ଅଗ୍ରଣୀ ପିସ୍ତଲ ଶୁଟର ୩ ମାସ ଛୁଟି ନେଇପାରନ୍ତି ବୋଲି ତାଙ୍କ କୋଚ୍ ଯଶପାଲ ରାଣା ପ୍ରକାଶ କରିଛନ୍ତି। ୨୨ ବର୍ଷୀୟା ଭାକର ପ୍ୟାରିସରେ ମହିଳା ୧୦ମିଟର ଏୟାର ପିସ୍ତଲ ଏବଂ ସରବଜୋତଙ୍କ ସହ ୧୦ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଗୋଟିଏ ଲେଖାଏଁ ବ୍ରୋଞ୍ଜ ଜିତି ଇତିହାସ ସୃଷ୍ଟି କରିଛନ୍ତି। ନୂଆଦିଲ୍ଲୀରେ ଶୁଟିଂ ବିଶ୍ୱକପ୍ ଅକ୍ଟୋବର ୧୩ରୁ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭାକରଙ୍କ ଦୁଇ ବ୍ରୋଞ୍ଜ ବିଜୟ ପଛରେ ରାଣାଙ୍କର ବିଶେଷ ଭୂମିକା ରହିଛି। ଛୁଟି ଶେଷ ହେବା ପରେ ସେମାନେ ୨୦୨୬ ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ପ୍ରସ୍ତୁତ ହେବେ ବୋଲି ରାଣା କହିଛନ୍ତି।

# ନଦୀମ୍‌ଙ୍କୁ କାର୍ ସହିତ ୧କୋଟି

**ଲାହୋର, ୧୩।୮ (ପି.ଟି.)**

ନିକଟରେ ଶେଷ ହୋଇଥିବା ପ୍ୟାରିସ ଗେମ୍ସରେ ଐତିହାସିକ ସ୍ୱର୍ଣ୍ଣ ପଦକ ସଫଳତା ପାଇଁ ପଞ୍ଜାବ ସରକାର ଅଲିମ୍ପିକ ଜାଭେଲିନ ଥ୍ରୋ ଚାମ୍ପିୟନ ଅର୍ଶାଦ ନଦୀମଙ୍କୁ ୧କୋଟି ଟଙ୍କା ଏବଂ ଏକ ବ୍ରାଣ୍ଡ ନୂଆ କାର୍ ପୁରସ୍କାର ଆକାରରେ ପ୍ରଦାନ କରିଛନ୍ତି। ପାକିସ୍ତାନ ପଞ୍ଜାବ ପ୍ରଦେଶ ମୁଖ୍ୟମନ୍ତ୍ରୀ ମରିୟମ ନୱାଜ ନଦୀମଙ୍କ ଗ୍ରାମ ମିଆନ ଚୁନୁକୁ ଯାଇ ତାଙ୍କୁ ଓ ତାଙ୍କ ପରିବାରବର୍ଗଙ୍କୁ ଭେଟି ଏହି ପୁରସ୍କାର ପ୍ରଦାନ କରିଥିଲେ। ଦେଶ ପାଇଁ ଖୁସି ଓ ଗୌରବ ଆଣି ଦେଇଥିବାରୁ ଅର୍ଶାଦ ଏହି ପୁରସ୍କାର ପାଇବା ପାଇଁ ହକ୍‌ଦାର ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ ୯୨.୯୭ ନମ୍ବର ବିଶିଷ୍ଟ ଏକ ଗାଡ଼ି ନମ୍ବର ପ୍ଲେଟ ଦେଇଥିଲେ। ଅଗଷ୍ଟ ୮ରେ ପ୍ୟାରିସ୍‌ରେ ଯେଉଁ ଦୂରତା ଥ୍ରୋ କରି ନଦୀମ ନୂଆ ଅଲିମ୍ପିକ ରେକର୍ଡ କରିବା ସହ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ମରିୟମ ନୱାଜଙ୍କ ସହିତ ଆସିଥିବା ଡେପୁଟି କମିଶନର କହିଥିଲେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରେକର୍ଡ ସମୟରେ କାର୍ ଓ ଚେସ୍ ପ୍ରସ୍ତୁତ କରିବାକୁ ହୋଇଥିଲା। ସେ ସ୍ୱତନ୍ତ୍ର ନମ୍ବରପ୍ଲେଟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଲାହୋର ଫେରିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ନଦୀମଙ୍କ କୋଚ୍‌ଙ୍କୁ ୫୦ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ପୁରୁଷ ଜାଭେଲିନ ଥ୍ରୋ ଫାଇନାଲରେ ଚମକପ୍ରଦ ୯୨.୯୭ ମିଟର ପ୍ରୟାସ ସହିତ ନଦୀମ ପାକିସ୍ତାନର ପ୍ରଥମ ଦୌଡ଼କୁଦ ଆଥ୍‌ଲେଟ ଭାବେ ଅଲିମ୍ପିକ୍ସରେ ଏକ ସ୍ୱର୍ଣ୍ଣ ଜିତିଥିଲେ।



ସିନିୟର ବାଳିକା ଚାମ୍ପିୟନ ଉର୍ଜା ବର୍ମା ଓ ଶ୍ୱେତା ବର୍ମା।

# ଡିଏଭି ସିନିୟର ବାଳକ, ଗୁରୁନାନକ ବାଳିକା ଚାମ୍ପିୟନ

**ରାଜ୍ୟ ଆନ୍ତଃସ୍କୁଲ ର୍‍ୟାଙ୍କିଙ୍ଗ୍ ଟେବୁଲ ଟେନିସ**

**ଭୁବନେଶ୍ୱର, ୧୩।୮ (ବିଜୟ ରଣା)**

କଟକସ୍ଥିତ ବିଜୁ ପଟ୍ଟନାୟକ ମଲ୍‌ଟି ପରପୋଜ ଇନ୍‌ଡୋର ହଲ୍‌ରେ ଚାଲିଥିବା ୫ମ ଓଡ଼ିଶା ରାଜ୍ୟ ଆନ୍ତଃ ସ୍କୁଲ ଓ ୱାଜିଟିଏ ରାଜ୍ୟ ର୍‍ୟାଙ୍କିଙ୍ଗ ଟେନିସ ଚାମ୍ପିୟନଶିପ୍‌ର ସିନିୟର ବାଳକ ବିଭାଗ ଟିମ୍ ଚାମ୍ପିୟନଶିପ୍‌ରେ କଟକର ଡିଏଭି ପବ୍ଲିକ ସ୍କୁଲ ଚାମ୍ପିୟନ ହୋଇଛି। ଜିଜ୍ଞାସୁ ସାହୁ, ସ୍ମାରକ ରାୟ, ଆଶୁତୋଷ କୁମାର ଝା ଓ ବ୍ରହ୍ମାଦିତ୍ୟ ଦାସଙ୍କୁ ନେଇ ଏହି ଦଳ ଭୁବନେଶ୍ୱରର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲକୁ ୩-୧ରେ ହରାଇ ଦେଇଛି। ବାଳିକା ବିଭାଗରେ କଟକର ଗୁରୁ ନାନକ ପବ୍ଲିକ ସ୍କୁଲ ୩-୨ରେ କଟକର ରଘୁନାଥ ଜିଉ ଉଚ୍ଚ ମାଧ୍ୟମିକ ସ୍କୁଲକୁ ପରାସ୍ତ କରିଛି। ଗୁରୁନାନକ ସ୍କୁଲ ଦଳ ତରଫରୁ ଉର୍ଜା ବର୍ମା ଓ ଶ୍ୱେତା ବର୍ମା ଖେଳୁଥିଲେ। ଅନ୍ୟପକ୍ଷରେ ଜୁନିୟର ବାଳକ ଟିମ୍ ଚାମ୍ପିୟନଶିପ୍ ଫାଇନାଲରେ କଟକର ଡିପିଏସ୍ କଳିଙ୍ଗା ୩-୨ରେ ନ୍ୟୁ ଷ୍ଟିୱାର୍ଟ ସ୍କୁଲକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଜୟାସ୍ତୁ ଦାସଗୁପ୍ତା, ହିତେଶ ଅଗ୍ରୱାଲ ଓ ନୈତିକ ଭାଲା ପ୍ରତିନିଧିତ୍ୱ କରୁଥିଲେ। ସେହିପରି ଜୁନିୟର ବାଳିକା ଟିମ୍ ଚାମ୍ପିୟନଶିପ୍ ଫାଇନାଲରେ କଟକର ଡିଏଭି ଏସ୍‌ସିବି ପବ୍ଲିକ ସ୍କୁଲ ୩-୧ରେ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୧କୁ ହରାଇ ଦେଇଛି। ବିଜୟୀ ଦଳ ତରଫରୁ ଇତିଶ୍ରୀ ସାହୁ ଓ ଅରୋସ୍ମିତା ସାହୁ ଖେଳୁଥିଲେ।


# Classified Everyday
**0674-2580101, 2549949**



## MATRIMONIAL

### BRIDE WANTED

Handsome Brahmin Boy 1991, 5'8", BSc (Physics) serving Clerk Nationalised Bank, Settled Bhubaneswar. "SUNASANSAR". 9937512659. D-75984

### GROOM WANTED

62 ବୟସ୍କା Rtd. ବିଧବା ମହିଳାଙ୍କୁ any casteର ବରପାତ୍ର ଆବଶ୍ୟକ। (Urgent need). 7077871702. D-1008



## REAL ESTATE SALE

Twincity ଫୁଲନଖରା East College ପଛ ପାର୍ଶ୍ୱରେ ଘରବାରି ପ୍ଲଟ୍ ଇଲେକ୍ଟ୍ରି 30ft. ରାସ୍ତା ପାଚେରୀ ଥାଇ ବିକ୍ରିହେବ। 7008297827. D-974

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437192512, 9937846404.** D-1029

Duplex project at Retang Medical, Station, CV Raman University Tamando, Bhubaneswar. 7008459987. D-75976

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable pricecall- 9439856856, 7008982279, 6371097442, 9040116788.** D-1032

Gharabari boundary plot Nakhara East Engineering College backside, close to SNH-8018471169. D-75985

**2/3BHK Flat Uttara, Patia, KalingaNagar, Hanspal, Patrapada, BJB Nagar. 8270370007.** D-949

**Ready to move 2BHK flat for sale @ 20lakh near Gudiapokhari, Bhubaneswar. Call-9937544226.** D-756

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302.** D-1030

**HOUSE FOR SELL- Main road side individual house near Nua Gaon Petrol Pump Bhubaneswar, corner house, BDA approved, 3 storied building, plot size 2000 sqft. CONTACT- 91780 86321.** D-1003

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



## CONSTRUCTION

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1031




Newly open health benefits SPA special offer @ 799 Bapuji Nagar. 8018429809. D-76144

Newly open Jyoti SPA positively health benefits (Expert therapist). 8458067955. D-76141

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75767

Newly open health benefits spa by expert therapist. Contact: 6371861658. D- 76142

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Relax, Refresh your body, mind at Saikrupa Spa with best therapies. 8984068077.** D-883

## AFFIDAVIT

By virtue of an affidavit No.-2788, dt. 08 Aug. 2024 before Executive Magistrate, Angul my name & surname has been changed from Gangaram Soren to Gangadhara Majhi, S/o- Jayasingh Majhi, At-Giridhina, P.O.- Patana, Dist.- Keonjhar, Odisha for all purposes. D-1026

By virtue of an affidavit sworn before the Executive Magistrate, Jharsuguda, I, Mangal Naik, R/o. Village- Khandsa, P.O.- Adhapara, Dist.- Jharsuguda declare that earlier I was known as Jangalu Behera, S/o- Baistam Behera and now I will be known as Mangal Naik, S/o- Late Ujagar Naik in all official purposes and in the society and public. D-1028

I, Jachakeswar Pradhan, S/o- Kamal Lochan Pradhan, R/o. Village- Laderpali, P.S.- Attabira, Dist.- Bargarh declare by this affidavit No.-375 dated 12.08.2024 declare that in Pass Port bearing No.-M1059799 my name is inadvertently mentioned as Jachakeswr Padhan, S/o- Kamal Lochan Padhan. Hence I will be known as Jachakeswar Pradhan, S/o- Kamal Lochan Pradhan for all intend and purposes. D-1027


BEFORE THE NOTARY PUBLIC, MALKANGIRI, I, Bijaya Panda, age 47 Yrs. Son of Baikuntha Panda, resident High-tech Colony, Malkangiri, P.O./P.S./Dist.-Malkangiri do hereby solemnly affirm and state on oath as follows. That my actual name is Bijaya Panda but I changed it from BIJAYA PANDA to BIJAYA KUMAR PANDA. That Bijaya Panda and Bijaya Kumar Panda is one and same person. And Bijaya Kumar Panda is regularise in all purposes. That I swear this affidavit in order to publicity my name as Bijaya Kumar Panda in local daily newspaper. D-1025


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ମନେ ପଡ଼ନ୍ତି

## ନବମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**✓ କୁଞ୍ଜବିହାରୀ ତ୍ରିପାଠୀ**

M5/23, ଭୁବନେଶ୍ୱର, ଆଚାର୍ଯ୍ୟ ବିହାର
ଆବିର୍ଭାବ : ୦୯.୦୪.୧୯୩୭
ତିରୋଧାନ : ୨୪.୦୮.୨୦୧୫

ବାପା, ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ତୁମର ଶୂନ୍ୟତା ଆମପାଇଁ ଅପୂରଣୀୟ, ତୁମର ସ୍ମୃତି ଚିରସ୍ମରଣୀୟ।

-: ଶୋକସନ୍ତପ୍ତ :-

ଝିଅ, ଜ୍ୱାଇଁ- କୁକୁ ଓ ଟୁଟୁ, ନିତୁ ଓ ରାମ, ପୁଅ, ବୋହୂ- ବାବୁନା ଓ ମାମୁନୀ, ନାତି- କୁଟୁ, ଡୁକି ଓ ପୁକି, ନାତୁଣୀ- ପ୍ରାଚୀ, ନାତୁଣୀ ବୋହୂ- ଅସ୍ମିତା, ନାତୁଣୀ ଜ୍ୱାଇଁ- ନିଲ, ଶୈବୀ, ନୈଶା ଏବଂ ବନ୍ଧୁ ଓ ପରିବାରବର୍ଗ।

ଧ-୭୫୫୫୫

## ପ୍ରଥମ ଶ୍ରାଦ୍ଧବାର୍ଷିକୀ



**✓ସନ୍ଧ୍ୟା ମହାପାତ୍ର**

ଏନ-୧/୭୩, ଆଇ.ଆର.ସି. ଭିଲେଜ, ଭୁବନେଶ୍ୱର-୭୫୧୦୧୫

ଆବିର୍ଭାବ ୧୦.୦୭.୧୯୫୧ | ତିରୋଧାନ ୨୬.୦୮.୨୦୨୩

ଆପଣଙ୍କର ନୀତି, ଆଦର୍ଶ, ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସରଳ ଓ ଶୃଙ୍ଖଳିତ ଜୀବନ ଦର୍ଶନ ଆମ ଜୀବନର ପାଥେୟ ହେଉ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା କନକଦୁର୍ଗାଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ ପରିବାରବର୍ଗ

ହତଭାଗ୍ୟ କନ୍ୟା: ସରିତା (ପିଙ୍କି), ଜ୍ୱାଇଁ: ଶ୍ରୀନିବାସ (ସିନୁ), ନାତି: କୁମାର କାର୍ତ୍ତିକ (ବାବୁ) ଓ ଉତ୍କଳ ଲକ୍ଷ୍ମୀ ଇଞ୍ଜିନୀୟର୍ସ ପ୍ରାଇଭେଟ ଲିମିଟେଡ୍‌ର ସମସ୍ତ କର୍ମଚାରୀ ବୃନ୍ଦ।

ଧ-୭୫୫୫୪

## ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**✓ ଶାନ୍ତିଲତା ପ୍ରଧାନ**

ଗ୍ରାମ- ଗିଲିନାସି, ପୋ-ସିଆଳ, କୃଷ୍ଣପ୍ରସାଦ, ପୁରୀ
ଉଦୟରାଗ- ୦୩.୦୪.୧୯୫୧
ଅସ୍ତରାଗ- ୦୩.୦୮.୨୦୨୪

ସମୟ ଚକ୍ର ତଳେ ସଂପର୍କର କଷଟି ପଥରେ ତୁମେ ହିମଗିରି ତୁଲ୍ୟ। ପାରିବାରିକ ଉତ୍ତରଦାୟିତ୍ୱ ବହନ କରୁ କରୁ ନିଜକୁ ଜଳାଇ ସମସ୍ତଙ୍କ ପାଇଁ ଆଲୋକବର୍ତ୍ତିକା ସାଜିଛ ତୁମେ। ତୁମ ଆବର୍ତ୍ତମାନର ଶୂନ୍ୟତା ଆମ ପାଇଁ ଅସହ୍ୟ। ନୀଳାଦ୍ରୀଭୂଷଣ ପ୍ରଭୁ ଶ୍ରୀଜଗନ୍ନାଥ ତୁମ ଆତ୍ମାକୁ ଚିର ବିଶ୍ରାନ୍ତି ପ୍ରଦାନ କରନ୍ତୁ; ଏତିକି ପ୍ରାର୍ଥନା।

ସ୍ମୃତି ଧାରକ
ବ୍ରଜ କିଶୋର ପ୍ରଧାନ ଓ ଶୋକସନ୍ତପ୍ତ ପ୍ରଧାନ ପରିବାର।

ଧ-୭୫୭୭୦

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ବର୍ଷାଦିନେ ଛେଳିପାଳନର ସମସ୍ୟା



ଡା. ନିରାକାର ଜେନା

ବର୍ଷ ସାରା ଅନ୍ୟ ଋତୁ ଅପେକ୍ଷା ବର୍ଷାଦିନରେ ଛେଳି ଚାଷୀମାନଙ୍କ ପାଇଁ ବହୁତ କଷ୍ଟଦାୟକ ହୋଇଥାଏ। ଏହି ସମୟରେ ସନ୍ତସନ୍ତିଆ, ଖାଦ୍ୟାଭାବ ଆଦି ସମସ୍ୟା ଦେଖାଦେଇଥାଏ। ତେଣୁ ଏସବୁ ସମସ୍ୟା ମଧ୍ୟରୁ ମୁଖ୍ୟ ପାଞ୍ଚଟି ସମସ୍ୟା, ଯାହାକି ଛେଳିମାନଙ୍କ ପାଇଁ ବିପଦର କାରଣ ହୋଇଥାଏ।

**ବର୍ଷାଜଳ**

ଅତ୍ୟଧିକ ବର୍ଷା ଏବଂ କାଉଁଳିଆ ପାଗ ଯୋଗୁ ଜଳବାୟୁରେ କମ୍ ତାପମାତ୍ରା ଏବଂ ଅଧିକ ଆର୍ଦ୍ରତା ରହିଥାଏ। ଫଳରେ ଛେଳିମାନଙ୍କୁ ଏହି ଋତୁରେ ସଂକ୍ରମଣ ମାତ୍ରା ଅଧିକ ଥାଏ। ସେମାନଙ୍କ ଶରୀରରେ ବର୍ଷା ଟୋପେ ପଡ଼ିଲେ ସେମାନଙ୍କୁ ଅସହିଷ୍ଣୁ ଲାଗେ। ଫଳରେ ସେମାନଙ୍କଠାରେ ଅନେକ ପ୍ରକାର ସମସ୍ୟା ଯଥା ଥଣ୍ଡା, କାଶ, ଜ୍ୱର ଆଦି ଦେଖା ଦେଇଥାଏ।

**ସଂକ୍ରମଣ ଭୟ**

ବର୍ଷା ପାଗ ଛେଳିମାନଙ୍କ ପାଇଁ ଅନେକ ରୋଗ ଜୀବାଣୁ ସୃଷ୍ଟିକରିବା ପାଇଁ ଉପକୂଳ ପରିବେଶ ସୃଷ୍ଟି କରିଥାଏ। ଏହି ସମୟରେ ପିପିଥାର, ଇଏନ୍‌ଟି ଏବଂ ପକ୍କ ଆଦି ରୋଗ ହେବା ଭୟ ଅଧିକ ରହିଥାଏ। ଏହାବ୍ୟତୀତ ଛେଳିମାନେ ବର୍ଷାରେ ଭିଜି ଥଣ୍ଡା, ଜ୍ୱର, କାଶ ଆଦି ସମସ୍ୟାର ସାମ୍‌ନା କରିଥାଆନ୍ତି। ଏହି ସମୟରେ ଦୂଷିତ ଜଳ ପିଇ ଝାଡ଼ା ଆଦି ପେଟରୋଗରେ ପଡ଼ିଥାଆନ୍ତି। ତେଣୁ ଏହି ସମୟରେ ଛେଳିମାନଙ୍କୁ ଡିପିଆର୍ ଟିକା ବର୍ଷାଦିନ ପୂର୍ବରୁ ଦେଇଦେବା ଉଚିତ।

**କୃମି**

ବର୍ଷା ଦିନେ ଅନୁକୂଳ ପାଗ ଯୋଗୁ କୃମିମାନଙ୍କ ଅଣ୍ଡା ଫାଟି ଲାଭାରେ ପରିଣତ ହୋଇଥାଆନ୍ତି। ବିଭିନ୍ନ ମାଧ୍ୟମରେ ଏହି ଲାଭା ଛେଳିମାନଙ୍କ ପେଟକୁ ଯାଇ ଝାଡ଼ା, ବଦହଜମି, ପେଟଫୁଲା, ରକ୍ତହୀନତା, ଓଜନ ହ୍ରାସ ଆଦି ସମସ୍ୟା ସୃଷ୍ଟି କରିଥାଏ। ତେଣୁ ବର୍ଷାଦିନ ପୂର୍ବରୁ ସମସ୍ତ ଛେଳିଙ୍କୁ କୃମିନାଶକ ଔଷଧ ନିଶ୍ଚିତ ଭାବରେ ଦିଅନ୍ତୁ।

**ଖାଦ୍ୟାଭାବ**

ବର୍ଷାଦିନେ ଚାରଣଭୂମିରେ ବର୍ଷାଜଳ ମାଡ଼ିଯାଏ। ଫଳରେ ସେଠାରେ ଘାସ ଆଦି ନଷ୍ଟ ହୋଇଯାଏ। ତେଣୁ ଏହି ଋତୁ ବିଶେଷଭାବରେ ଛେଳିମାନଙ୍କ ପାଇଁ ଖାଦ୍ୟାଭାବ ଦେଖାଦେଇଥାଏ। ଏଭଳି ସମସ୍ୟାର ତୁରନ୍ତ ସମାଧାନ କରିବା ଦରକାର। ଏଥିପାଇଁ ବର୍ଷାଦିନେ ସବୁଜ ଘାସ, ଆଜୋଲା ସହ କୁଣ୍ଡା, ଦାନା ଆଦି ଘରେ ମହଜୁଦ ରଖିବା ଦରକାର। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଏହାକୁ ଛେଳିମାନଙ୍କୁ ଖାଇବାକୁ ଦିଅନ୍ତୁ।

**ବାହ୍ୟ ପରଜୀବୀ**

ବର୍ଷାଦିନେ ପାଗ କାଉଁଳିଆ, ସନ୍ତସନ୍ତିଆ ରହିଥାଏ। ଏଥିଯୋଗୁ ଛେଳିମାନଙ୍କର ଶରୀରରେ ଏବଂ ରହିବା ସ୍ଥାନରେ ଅନେକ ବାହ୍ୟ ପରଜୀବୀ ପ୍ରବେଶ କରିଥାଆନ୍ତି। ସେଗୁଡିକ ହେଲେ ମଶା, ମାଛି, ଟିଙ୍କ ଏବଂ ଉକୁଣି ଆଦି। ତେଣୁ ଏସବୁ ହେବା ଫଳରେ ସେମାନଙ୍କଠାରେ ରକ୍ତହୀନତା ସହ ବିଭିନ୍ନ ପ୍ରକାର ଚର୍ମରୋଗ ହୋଇଥାଏ। ତେଣୁ ବର୍ଷାଦିନେ ଛେଳିମାନଙ୍କର ଗୁହାଳ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ଏଥିରୁ ଛେଳିମାନଙ୍କୁ ରକ୍ଷା କରିବା ପାଇଁ ମଶାରି, ଟିଙ୍କ ଔଷଧ, ମଶାଧୂପ ଆଦି ବ୍ୟବହାର କରିବା ଦରକାର।

-ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ, ତିହିଡ଼ି, ଭଦ୍ରକ, ମୋ : ୯୪୩୭୮୯୦୦୨୬

> "ବର୍ଷା ପାଗ ଛେଳିମାନଙ୍କ ପାଇଁ ଅନେକ ରୋଗ ଜୀବାଣୁ ସୃଷ୍ଟି କରିବା ପାଇଁ ଉପକୂଳ ପରିବେଶ ସୃଷ୍ଟି କରିଥାଏ। ଏହି ସମୟରେ ପିପିଥାର, ଇଏନ୍‌ଟି, ପକ୍କ ଆଦି ରୋଗ ହେବାର ଭୟ ଅଧିକ ରହିଥାଏ। ଏହାବ୍ୟତୀତ ଛେଳିମାନେ ବର୍ଷାରେ ଭିଜି ଥଣ୍ଡା, ଜ୍ୱର, କାଶ ଆଦି ସମସ୍ୟାର ସାମ୍‌ନା କରିଥାଆନ୍ତି । ଏହି ସମୟରେ ଦୂଷିତ ଜଳ ପିଇ ଝାଡ଼ା ଆଦି ପେଟରୋଗରେ ପଡ଼ିଥାଆନ୍ତି। ତେଣୁ ଏହି ସମୟରେ ଛେଳିମାନଙ୍କୁ ଡିପିଆର୍ ଟିକା ବର୍ଷାଦିନ ପୂର୍ବରୁ ଦେଇଦେବା ଉଚିତ।"





## ପନିପରିବା ତଳି ପଟାଳିରେ ସାର ପ୍ରୟୋଗ

ପନିପରିବା ତଳି ପଟାଳିରେ ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରିରେ ଢାଙ୍କି ଚତୁଃପାର୍ଶ୍ୱ ନିବୁଜକରି ୨ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନକରି ସ୍ୱଚ୍ଛ ଜରିରେ ଘୋଡ଼ାଇବାର ୪-୫ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ିଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାରଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋ ପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନ କରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷାକରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ। ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ । ପନିପରିବା ଚାଷ ସମୟରେ ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡଚାଷ କରି ସେଥିରୁ ଘାସ ଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨-୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟକୁ ଗୁଣ୍ଡକରି ମିଶାଇ ଦିଅନ୍ତୁ । ଏଥିସହ ୧୫୦ ଗ୍ରାମ୍ ସୁପର ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ ।

## ଅଧିକ ଅମଳକ୍ଷମ ଚିନାବାଦାମ ପାଇଁ...

ଚିନାବାଦାମ ଜମିରୁ ପାଣି କାଟି ଦିଅନ୍ତୁ । ଚିନାବାଦାମ ଜମିରେ ପାଣି ଜମି ରହିଲେ ଚେର ଯବକ୍ଷାରଜାନ ପାଏ ନାହିଁ । ଚେରର ଭାତୁଡ଼ିଗୁଡ଼ିକ ନଷ୍ଟ ହୋଇଯାଏ। ଭଲ ବାଦାମ ଧରେ ନାହିଁ। ତେଣୁ ଜମିରୁ ଜଳ ନିଷ୍କାସନ ନିହାତି କରିବା ଦରକାର। ଟିକାରୋଗ ପାଇଁ ମାଙ୍କୋଜେବ୍ (୩ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ) କିମ୍ବା କ୍ଲୋରୋଥାଲୋନିଲ୍ (୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ) ସିଞ୍ଚନ କରନ୍ତୁ । ମୂଳଶଢ଼ା ରୋଗ ଲାଗିଲେ ମେଟାଲାକ୍‌ସିଲ୍ ସହ ମାଙ୍କୋଜେବ୍‌କୁ ୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ ଚିନାବାଦାମ ଫସଲରେ ସିଞ୍ଚନ କରନ୍ତୁ। ବର୍ଷା କମ୍ ଥିବା ଅଞ୍ଚଳରେ ଉଇ ଲାଗିଥିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୫ ମି.ଲି. ହିସାବରେ କ୍ଲୋରୋପାଇରିଫସ୍ ୨୦ ଇ.ସି. ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ । ଯେପରିକି ମାଟି ଭଲ ଭାବରେ ଭିଜିପାରିବ।

## ନିଗିଡ଼ା ଜମିରେ ଡାଲିଚାଷ

ନିଗିଡ଼ା ଜମିରେ ସଅଳ କିସମ ମୁଗ (ଧଉଳି, ଦୁର୍ଗା, କାମଦେବ, ଆଇପିଏମ୍ ୦୨-୩, ଆଇପିଏମ୍ ୦୨-୧୪), ବିରି (ସାରଳା, ପ୍ରସାଦ, ଉଜାଲା, ମାହୁରି, କାଶୀ), ହରଡ଼ (ଉପାସ, ଆଶା, ଲକ୍ଷ୍ମୀ), ବରଗୁଡ଼ି (ଉତ୍କଳ ମାଣିକ, କାଶୀ କାଞ୍ଚି) ଆଦି ଶୀଘ୍ର ଧାଡ଼ିରେ ବୁଣିଦିଅନ୍ତୁ। ବିହନକୁ ଫିମ୍ପନାଶକ ଓ ଜୀବାଣୁ କଲ୍‌ଚର ଉପଚାରକରି ବୁଣନ୍ତୁ । ୧୦ କି.ଗ୍ରା. ମଞ୍ଜିକୁ ପ୍ରତି ୨୦୦ ଗ୍ରାମ୍ ରାଇଜୋବିୟମ୍ ଓ ୨୫୦ ଗ୍ରାମ୍ ଫସ୍‌ଫରସ୍ ଜୀବାଣୁସାର (ପିଏସ୍‌ବି) ସହିତ ଗୋଳାଇ ବୁଣନ୍ତୁ। ଘାସମରା ବିଷ ପେଣ୍ଡିମେଥାଲିନ୍ ହେକ୍ଟର ପ୍ରତି ୦.୭୫ କି.ଗ୍ରା. କିମ୍ବା ଅକ୍ସିଫ୍ଲୋରୋଫେନ୍ ୦.୦୩ କି.ଗ୍ରା. ମଞ୍ଜି ବୁଣିବା ପରଦିନ ଜମିରେ ପ୍ରୟୋଗ କରନ୍ତୁ। ଘାସମରା ବିଷ ପ୍ରୟୋଗକରି ନ ଥିଲେ ବୁଣିବାର ୩ ସପ୍ତାହ ପରେ କୋଡ଼ାଖୁସାକରି ଘାସ ବାଛିଦିଅନ୍ତୁ।



## ମଧ୍ୟମ କିସମ ଧାନ ତଳି

ମଧ୍ୟମ କିସମ ଧାନର ୫୦-୬୦ ଦିନିଆ ତଳି ରୁଆଯାଇପାରିବ। ବୁଦା ପ୍ରତି ୪ରୁ ୫ଟି ତଳି ଓ ବର୍ଗମିଟର ପ୍ରତି ୫୦ଟି ବୁଦା ଧାଡ଼ିରେ ରୁଅନ୍ତୁ। ବିଳମ୍ବ କିସମ ଧାନର ୬୦-୭୦ଦିନିଆ ଧାନ ତଳି ରୁଆଯାଇପାରିବ। ବୁଦା ପ୍ରତି ୫ରୁ ୬ଟି ତଳି ଓ ବର୍ଗମିଟର ପ୍ରତି ୬୫ଟି ବୁଦା ଧାଡ଼ିରେ ରୁଅନ୍ତୁ। ଏକର ପ୍ରତି ଅଧିକ ୧୦କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଯେଉଁ ସ୍ଥାନରେ ଅତ୍ୟଧିକ ବର୍ଷା ହେତୁ ଫସଲ ଧୋଇହୋଇଯାଇଛି ସେଠି ଅନ୍ୟ ସ୍ଥାନରୁ ତଳି ସଂଗ୍ରହକରି ରୁଆ କାମ କରନ୍ତୁ। ତଳି ନ ମିଳିଲେ ରୁଆ ତଳି ପକାନ୍ତୁ। ଓଡ଼ିଶାରେ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ଧାନ ଲଗାଯାଇପାରିବ ଏବଂ ଦକ୍ଷିଣ ଓଡ଼ିଶାରେ ଏହା ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ଲଗାଯାଇପାରିବ। ତେଣୁ ମଧ୍ୟମ କିସମ ଜମି ପାଇଁ ୧୦୦ଦିନିଆ କିସମ ଯଥା ଅନ୍ନଦା,ଖଣ୍ଡଗିରି,ପାରିଜାତ ଏବଂ ବିଳମ୍ବ କିସମ ଜମି ପାଇଁ ୧୨୦ ଏବଂ ୧୩୦ ଦିନିଆ କିସମ ଯଥା-ଲଲାଟ,ସୁରେନ୍ଦ୍ର ଆଦି କିସମ ସଂଗ୍ରହକରି କାଦୁଆ ତଳି ଘରାରେ ଧାନ ଗଜାକରି ତଳି ପକାନ୍ତୁ ଏବଂ ୧୫ଦିନ ପରେ ତଳି ରୁଅନ୍ତୁ। ତଳି ବଢ଼ିବା ପାଇଁ ତଳିଘରାରେ ଯଥେଷ୍ଟ ଯବକ୍ଷାରଜାନ ସାର ଦିଅନ୍ତୁ।



## ନଳିତା ଶଢ଼ାଇବା ପ୍ରଣାଳୀ

ନଳିତା ଗଛଗୁଡ଼ିକୁ ପାଣିରେ ୧୦-୧୨ଦିନ ପର୍ଯ୍ୟନ୍ତ ଶଢ଼ାନ୍ତୁ। ନଳିତା ଶଢ଼ାଇବା ପ୍ରକ୍ରିୟା ତନ୍ତୁର ଗୁଣ ଓ ମାନ ନିର୍ଦ୍ଧାରଣରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ନଳିତା ଶଢ଼ାଇବା ପାଇଁ ପରିଷ୍କାର ଓ ସ୍ୱଚ୍ଛ ପାଣି ବ୍ୟବହାର କରନ୍ତୁ। ଏହା ଉତ୍ପାଦିତ ତନ୍ତୁର ପୋକ ଓ ରଙ୍ଗକୁ ନଷ୍ଟହେବାକୁ ଦିଏ ନାହିଁ। ସ୍ଥିରପାଣି ଅପେକ୍ଷା ଧୀରେ ଧୀରେ ବହିଯାଉଥିବା ପରିଷ୍କାର ପାଣି ନଳିତା ଶଢ଼ାଇବା ପାଇଁ ଅଧିକ ଉପଯୋଗୀ। ଗଛର ମୂଳ ଭାଗ ଅପେକ୍ଷାକୃତ ଭାବେ ମୋଟା ଓ ପରିପକ୍ୱ ହୋଇଥିବାରୁ ଏହା ଶଢ଼ିବା ପାଇଁ ଅଧିକ ସମୟ ଦରକାର କରିଥାଏ। ଏଥିପାଇଁ ବିଡ଼ାଗୁଡିକୁ ୬୦ସେ.ମି. ପାଣି ଥିବା ସ୍ଥାନରେ ୨-୩ ଦିନ ଠିଆକରି ରଖାଯିବା ଆବଶ୍ୟକ । ତା'ପରେ ଗଛର ମୂଳ ଅଂଶକୁ ସାମାନ୍ୟ ବାଢ଼େଇ ୫-୧୦ଭାଗ ୟୁରିଆ ଦ୍ରବଣରେ ୧ ମିନିଟ୍ ବୁଡ଼ାଇ ରଖାଯିବା ପରେ ବିଡ଼ାଗୁଡିକୁ ସମ୍ପୂର୍ଣ୍ଣ ଭାବେ ପାଣିରେ ବୁଡ଼ାଇ ଦିଅନ୍ତୁ। ଭେଳାର ତଳ ଅଂଶ ମାଟିରେ ଲାଗିବାକୁ ଦିଅନ୍ତୁ ନାହିଁ। ଲଳିତା ଶଢ଼ିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କବକ କଲ୍‌ଚର ବ୍ୟବହାର କରନ୍ତୁ।



## ଆଖୁରେ ଅଗବିନ୍ଧା ପୋକ ଲାଗିଲେ..



ଆଖୁ କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ। ଅଗବିନ୍ଧା ପୋକ ଦମନ ପାଇଁ ଟ୍ରାଇକୋଗାମା ଚିଲୋନିସ୍ ନାମକ ପରାଶ୍ରୟୀ କୀଟକୁ ହେକ୍ଟର ପ୍ରତି ୧,୨୫,୦୦୦ ହିସାବରେ ଛାଡ଼ନ୍ତୁ। ଏହା ବ୍ୟତୀତ ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରିଦିଅନ୍ତୁ ଅଥବା ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧ ଲିଟର ପ୍ରୋଫେନୋଫସ୍ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ୧୫ କି.ଗ୍ରା. ହେକ୍ଟର ପ୍ରତି ଦାନାଦାର ବିଷ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ ଏସ୍.ସି. ୩୭୫ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ। ଦହିଆ ପୋକ ଲାଗିବା ସମ୍ଭାବନା ଅଛି। ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ପ୍ରୋଫେନୋଫସ୍ କିମ୍ବା ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍‌ଜାମ୍ ମିଶାଇ ସିଞ୍ଚନ କରନ୍ତୁ। ଥାୟାମେଥୋକ୍‌ଜାମ୍ ବଦଳରେ ଆସିଟାମ୍ରିପିଡ୍ ୧ ଗ୍ରାମ୍ ପ୍ରତି ୪ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରିବ। ନାଳିଶଢ଼ା ରୋଗରେ ଆକ୍ରାନ୍ତ ବୁଦାକୁ ଉପାଡ଼ି କିଆରି ବାହାରେ ନଷ୍ଟକରନ୍ତୁ। ଆକ୍ରାନ୍ତ ସ୍ଥାନରେ କାର୍ବେଣ୍ଡାଜିମ୍ ସହ ମାଙ୍କୋଜେବ୍ ୨ ଗ୍ରାମ୍ ଲିଟର ପିଛା ୫୦୦ ରୁ ୬୦୦ ମି.ଲି. ମାଟି ଭିଜା କରନ୍ତୁ। ଆକ୍ରାନ୍ତ ବୁଦାକୁ ଉପାଡ଼ି ନଷ୍ଟ କରିଦିଅନ୍ତୁ ।

## ଜାଣିରଖନ୍ତୁ

- ପ୍ରାଣୀଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବା ଆଶଙ୍କା ଥାଏ ।
- ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳରେ ଦିନକୁ ଅନ୍ତତଃ ଥରେ ବା ୨ଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ ।
- ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ। ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ।
- ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗ ଆଶଙ୍କା ଥାଏ। ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । ବର୍ଷାଋତୁରେ ଗୋ-ମହିଷ ଓ ବାଛୁରୀଙ୍କୁ ସାହାଣା ଓ ବଜବଜିଆ ରୋଗ ହେବା ଆଶଙ୍କା ଥାଏ। ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।
- ବର୍ଷାଦିନେ ପ୍ରାଣୀଙ୍କୁ ଅଢ଼େଇ ଦିନିଆ ଜ୍ୱର ହୋଇଥାଏ। ଏମାନଙ୍କ ଦେହରେ ଅଧିକ ତାତି ରହେ ଓ ଆକ୍ରାନ୍ତ ପ୍ରାଣୀ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖୁଆନ୍ତୁ ।

# ପ୍ରାଣୀଙ୍କ ବର୍ଷାଦିନିଆ ରୋଗ ଓ ପ୍ରତିକାର

(ଶେଷ ଭାଗ)

**ରୋଗ ନିୟନ୍ତ୍ରଣ :** ଅଳ୍ପ ବୟସ୍କ ୬ ମାସରୁ ଊର୍ଦ୍ଧ୍ୱ ଏବଂ ୩ ବର୍ଷରୁ କମ୍ ଥିବା ସମସ୍ତ ବାଛୁରୀ ଓ ଗାଈଙ୍କୁ ବର୍ଷାଦିନ ଓ ଶୀତଦିନ ଆରମ୍ଭରେ ଟିକା ଦିଆଯିବା ଏକାନ୍ତ ଜରୁରୀ। ମୃତ ବାଛୁରୀର ଶରୀର ବ୍ୟବଚ୍ଛେଦ କରିବା ଉଚିତ ନୁହେଁ। ଏହାକୁ ପୋତିଦେବା ବା ପୋଡ଼ିଦେବା ଦରକାର । ପୋତିବା ସ୍ଥାନ ଉପରେ ଚୂନ ବା କଷ୍ଟିକ୍ ସୋଡ଼ା ପକାଇବା ଦରକାର । ସୁସ୍ଥ ସବଳ ବାଛୁରୀଙ୍କୁ ରୋଗାକ୍ରାନ୍ତ ହୋଇଥିବା ବାଛୁରୀଙ୍କଠାରୁ ଦୂରେଇ ରଖନ୍ତୁ।



**ସାହାଣା ରୋଗ :** ଏହି ରୋଗ ପାସ୍ଚୁରେଲା ମାଲ୍‌ଟୋସିଡା ନାମକ ଜୀବାଣୁ ଯୋଗୁ ହୋଇଥାଏ । ଏହି ଜୀବାଣୁ ପୃଥିବୀର ସବୁ ଦେଶରେ ଦେଖିବାକୁ ମିଳେ । ଏହି ରୋଗରେ ବହୁ ବୟୋପ୍ରାପ୍ତ ଗୋମହିଷାଦି ପୀଡ଼ିତ ହୋଇ ମୃତ୍ୟୁବରଣ କରିବା ସଙ୍ଗେ ସଙ୍ଗେ ଚାଷୀଭାଇଙ୍କର ଘୋର ଆର୍ଥିକ କ୍ଷତି ଘଟିଥାଏ। ଏହି ଜୀବାଣୁ ପ୍ରାଣୀର ଶ୍ୱାସନଳୀ, ପାକସ୍ଥଳୀ, ଅନ୍ତନଳୀରେ ସାଧାରଣ ଭାବେ ରହିଥାନ୍ତି। ଜୀବାଣୁ କ୍ଷୁଦ୍ର ଗୋଲାକୃତି ଲମ୍ବ ରଡ୍ ପରି ଏବଂ ଏହାର ଦୁଇପଟେ ଚଉଡ଼ା ବା ପୋଲ ପରି ଗୋଲାକୃତି ହୋଇଥାଏ । ମାଟି ଓ ଗୋଚରରେ ଏହି ଜୀବାଣୁ ନିଜ ଶରୀରର ଉପରି ଭାଗରେ ଏକ ସ୍ତର ବା କ୍ୟାପସୁଲ୍ ଆବୃତ୍ତକରି ବଞ୍ଚିଥାଆନ୍ତି । ଆମ ଦେଶ ବା ରାଜ୍ୟରେ ବର୍ଷାଋତୁର ଠିକ୍ ପରେ ପରେ ଏହି ରୋଗ ଅତିମାତ୍ରାରେ ଗୋମହିଷାଦିଠାରେ ଦେଖିବାକୁ ମିଳେ । ଗୋରୁ, ମଇଁଷି, ଛେଳି, ମେଣ୍ଢା, ଘୁଷୁରି ଆଦି ପ୍ରାଣୀଙ୍କୁ ଏହି ରୋଗ ହୋଇଥାଏ । ପ୍ରାପ୍ତ ବୟସ୍କ ଗୋମହିଷାଦି ପ୍ରାଣୀଙ୍କୁ ଏହି ଜୀବାଣୁ ବିଶେଷଭାବରେ ଆକ୍ରାନ୍ତ କରିଥାଆନ୍ତି। ଅତ୍ୟଧିକ ପରିଶ୍ରମ କରାଇବା, ପରିବହନ ଯୋଗୁ କ୍ଳାନ୍ତି ସୃଷ୍ଟିହେବା, ଓଦାଳିଆ ଓ ଆବଦ୍ଧ ଗୁହାଳେ ରଖିବା, ଶରୀର କୃମି ଯୋଗୁ ଦୁର୍ବଳହେବା ଏବଂ ଆବଶ୍ୟକ ପରିମାଣର ଦାନା ନ ଦେବା ଇତ୍ୟାଦି ଏହି ରୋଗ ସୃଷ୍ଟି ହେବାରେ ସହାୟକ ହୋଇଥାଏ । ଶରୀରରେ ରୋଗ ପ୍ରତିରୋଧକାରୀ ଶକ୍ତି ହ୍ରାସ ଯୋଗୁ ଏହି ଜୀବାଣୁ ଶରୀର ମଧ୍ୟକୁ ପ୍ରବେଶକରି ରୋଗ ସୃଷ୍ଟି କରିବାରେ ସକ୍ଷମ ହୋଇଥାଏ ।

କେତେକ ଜୀବାଣୁ ପରଜୀବୀ ଭାବରେ ପ୍ରାଣୀମାନଙ୍କର ଶ୍ୱାସନଳୀ, ଅନ୍ତନଳୀରେ ବାସ କରିଥାନ୍ତି । ଉପରୋକ୍ତ କାରଣରୁ ଶରୀରରେ ବାହ୍ୟ ଆଡୁ ପ୍ରବେଶ କରନ୍ତି। ଶରୀରର ପ୍ରତିରୋଧକାରୀ ଶକ୍ତିର ହ୍ରାସ ଯୋଗୁ ଏହି ଜୀବାଣୁ ପ୍ରଥମେ ଲାସିକାନଳୀ, ଲାସିକାଗ୍ରନ୍ଥି ଏବଂ ପରେ ପରେ ଏଠାରେ ବଂଶବୃଦ୍ଧି ଘଟି ରକ୍ତରେ ମିଶେ । ତା'ପରେ ଏହି ଜୀବାଣୁ ରକ୍ତରୁ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଯଥା - ଫୁସ୍‌ଫୁସ୍, ଯକୃତ, ବୃକ୍କ, ପ୍ଲିହା ପ୍ରଭୃତି ଆଡ଼କୁ ମାଡ଼ିଯାଏ । ଗଳା ବା ତଣ୍ଟିରେ ଜୀବକୋଷଗୁଡ଼ିକ ନଷ୍ଟକରି ଦିଅନ୍ତି। ଗଳାର ତଳପଟ, ତଳବେକ ଆଦିରେ ପାଣି ଜମି ଫୁଲିଯାଏ । ବୃହଦନ୍ତ୍ର ଓ କ୍ଷୁଦ୍ରାନ୍ତ୍ରର ଶ୍ଳେଷ୍ମ ଝିଲ୍ଲି ଆକ୍ରାନ୍ତକରି ରକ୍ତମିଶ୍ରିତ କ୍ଷତବିନ୍ଦୁ ସୃଷ୍ଟି କରାନ୍ତି । ଫଳରେ ଏହି ଝିଲ୍ଲିର ଉପର ଅଂଶରେ ରକ୍ତ କ୍ଷୟହୋଇ ନାଳ ମିଶ୍ରିତ ରକ୍ତ ଲାଗିକରିଥାଏ । ତେଣୁ ନାଳଯୁକ୍ତ ରକ୍ତ ଝାଡ଼ା ହୋଇଥାଏ ।

**ଲକ୍ଷଣ :** ଜୀବାଣୁ ଶରୀରରେ ପ୍ରବେଶ କରିବାର ୩-୫ଦିନ ମଧ୍ୟରେ ରୋଗର ଲକ୍ଷଣ ପ୍ରକାଶ ପାଇଥାଏ । ଏହି ରୋଗର ମୁଖ୍ୟ ଲକ୍ଷଣ ହେଲା ଶାରୀରିକ ଉତ୍ତାପ ୧୦୪-୧୦୬ ଡିଗ୍ରୀ ଫାରେନ୍‌ହିଟ୍‌କୁ ବୃଦ୍ଧି । ଗୋରୁ କିଛି ଖାଆନ୍ତି ନାହିଁ। ନାକରୁ ପ୍ରଥମେ ପତଳା ଓ ପରେ ପରେ ମୋଟା ବା ବହଳ ଶିଙ୍ଘାଣି ବାହାରେ। ତଣ୍ଟିର ଫୁଲା ଅଂଶ କଠିନ, ଗରମ ଓ ଯନ୍ତ୍ରଣାଦାୟକ ହୁଏ । ଆଖିର ପତା ଫୁଲିବା ସହ ଆଖିରୁ ପାଣି ଝରେ । ହୃତ୍‌ପିଣ୍ଡ ସ୍ପନ୍ଦନ କମିଯାଏ। ନାଡ଼ିର ବେଗ ଧୀରେ ଧୀରେ ହୁଏ। ପ୍ରାଣୀ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରନ୍ତି। ତରଳ ଓ ରକ୍ତଝାଡ଼ା ମଧ୍ୟ ହୋଇଥାଏ। ନାକରୁ ମୋଟା ଶିଙ୍ଘାଣି ବା ରକ୍ତମିଶ୍ରିତ ଶିଙ୍ଘାଣି ଆସିପାରେ। ଅତିଶୟ ସଂକ୍ରମଣ ହେଲେ ୨-୪ଦିନ ଏବଂ ସାଧାରଣ ଭାବେ ସଂକ୍ରମିତ ହେଲେ ୫-୭ ଦିନ ମଧ୍ୟରେ ପ୍ରାଣୀ ମୃତ୍ୟୁବରଣ କରନ୍ତି । ପ୍ରାପ୍ତ ବୟସ୍କ ଗୋ-ମହିଷାଦି ପ୍ରାଣୀମାନଙ୍କର ଆକ୍ରାନ୍ତ ସଂଖ୍ୟା ଅଧିକ ହୁଏ । ଅଳ୍ପ ବୟସ୍କ ପ୍ରାଣୀ ସେମାନଙ୍କର ଫୁସ୍‌ଫୁସ୍ ଓ ଶ୍ୱାସନଳୀର ସଂକ୍ରମଣ ଯୋଗୁ ନିମୋନିଆରେ ପ୍ରାଣ ହରାଇଥାନ୍ତି। ଶ୍ୱାସକ୍ରିୟା ବାଧାପ୍ରାପ୍ତ ହୁଏ । କାଶ ହୁଏ । ମଇଁଷିମାନେ ଅଧିକାଂଶ ନିମୋନିଆ ଯୋଗୁ ୫-୭ଦିନ ମଧ୍ୟରେ ମୃତ୍ୟୁବରଣ କରନ୍ତି ।

ଏହି ରୋଗରେ ସମୁଦାୟ ଆକ୍ରାନ୍ତ ହାର ୫୦-୬୦% ଏବଂ ମୃତ୍ୟୁହାର ୬୦-୭୦ ପ୍ରତିଶତ। କେତେକ ସ୍ଥାନରେ ଏହି ରୋଗ ତଣ୍ଟିଫୁଲା ଲକ୍ଷଣ ପ୍ରକାଶ ନ କରି କେବଳ ଜ୍ୱର ୧୦୪-୧୦୬ ଡିଗ୍ରୀ ଫାରେନ୍‌ହିଟ୍ ସୃଷ୍ଟି କରାନ୍ତି ଏବଂ ନାକରୁ ପତଳା ଶିଙ୍ଘାଣି ବାହାରେ । ତେଣୁ ବେଳେବେଳେ ଏପରି ଲକ୍ଷଣ ଦ୍ୱାରା ଏହି ରୋଗ ଚିହ୍ନଟ କରିବାରେ କଷ୍ଟସାଧ ହୋଇପଡ଼େ । ଲାସମାଇନା ବିବରଣୀ ଏବଂ ଆକ୍ରାନ୍ତ ରୋଗୀର ରକ୍ତ ପରୀକ୍ଷା କରି ଏହି ଜୀବାଣୁ ଚିହ୍ନଟ କରାଯାଇଥାଏ ।

-ଡା. ବୀରକିଶୋର ପରିଡ଼ା,
ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ
(ପ୍ରାଣୀ ସମ୍ପଦ ବିଭାଗ)
ଲକ୍ଷ୍ମୀପ୍ରିୟା ଭବନ, ମହାନଦୀ ବିହାର,
କଟକ, ମୋ : ୯୪୩୭୬୦୭୩୧୨

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୧୪/୨୦୨୪ Bhubaneswar, Wednesday, August 14/ 2024

# ‘୨୫ ପଦକ ଲକ୍ଷ୍ୟରେ ଭାରତ’


ଦେବେନ୍ଦ୍ର ଝାଝରିଆ

ଜୟପୁର, ୧୩।୮ (ପି.ଟି.)

ପ୍ୟାରିସ୍ ପାରାଲିମ୍ପିକ୍ସରେ ଭାରତ ଅନ୍ୟୁନ ୨୫ପଦକ ହାସଲ କରିବ ବୋଲି ପୂର୍ବାନୁମାନ କରିଛନ୍ତି ଭାରତୀୟ ପାରାଲିମ୍ପିକ୍ସ କମିଟି (ପିସିଆଇ) ମୁଖ୍ୟ ଦେବେନ୍ଦ୍ର ଝାଝରିଆ। ଚଳିତବର୍ଷ ଭାରତ ପାରାଲିମ୍ପିକ୍ସ ପାଇଁ ଏହାର ସର୍ବବୃହତ୍ ୮୪ ଜଣିଆ ଆଥ୍ଲେଟିକ୍ସ ଦଳ ପ୍ରେରଣ କରିଛି। ଆସନ୍ତା ଅଗଷ୍ଟ ୨୮ ତାରିଖରୁ

**ପ୍ୟାରିସ୍ ପାରାଲିମ୍ପିକ୍ସ**

ପାରାଲିମ୍ପିକ୍ସ ଆରମ୍ଭ ହେବାକୁ ଯାଉଛି। ଭାରତ ଟୋକିଓରେ ୧୯ଟି ପଦକ ହାସଲ କରିଥିବା ବେଳେ ପାରା ଏସିଆନ୍ ଗେମ୍ସରେ ୧୧୧ ପଦକ ହାସଲ କରିଥିଲା। ଭାରତ ଏହାର ପାରାଲିମ୍ପିକ୍ସ ଇତିହାସରେ ସର୍ବବୃହତ ଦଳ ପ୍ରେରଣ କରିଥିବା ବେଳେ ଅତିକମ୍‌ରେ ୨୫ ପଦକ ଜିତିବ ବୋଲି ଡବଲ୍ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ଦେବେନ୍ଦ୍ର ଝାଝରିଆ ପ୍ରକାଶ କରିଛନ୍ତି। ଭାରତ ସମୁଦାୟ ୧୨ଟି କ୍ରୀଡା ଇଭେଣ୍ଟରେ ଅଂଶଗ୍ରହଣ କରିବ।

ଭାରତୀୟ ଆଥ୍ଲେଟମାନେ ଚମତ୍କାର ଫର୍ମରେ ରହିଛନ୍ତି। ପାରାଲିମ୍ପିକ୍ସ ପାଇଁ ସମସ୍ତ ଆଥ୍ଲେଟଙ୍କ ପ୍ରସ୍ତୁତି ମଧ୍ୟ ଶୀର୍ଷସ୍ତରୀୟ ରହିଛି ବୋଲି ଝାଝରିଆ କହିଛନ୍ତି। ଏହି ଖେଳାଳିମାନେ ଭାରତକୁ ଗର୍ବିତ କରିବା ପାଇଁ ପ୍ରସ୍ତୁତ ବୋଲି ସେ କହିଛନ୍ତି। ଭାରତୀୟ ଦଳରେ ଯୁବ ଏବଂ ବରିଷ୍ଠମାନଙ୍କର ଏକ ଚମତ୍କାର ସମନ୍ୱୟ ରହିଛି। ୩୯ ବର୍ଷୀୟ ଅମିତ ସରୋହା ଏହି ଦଳର ସବୁଠାରୁ ବରିଷ୍ଠ ଖେଳାଳି ଥିବା ବେଳେ ୧୭ ବର୍ଷିଆ ବିସ୍ମୟୀ ବାଳିକା ତୀରନ୍ଦାଜ ଶୀତଲ ଦେବୀ ସର୍ବକନିଷ୍ଠ ଖେଳାଳି ରହିଛନ୍ତି। ହାତ ବଦଳରେ ପାଦର ବ୍ୟବାହାର କରି ତୀରନ୍ଦାଜି କରୁଥିବା ଜମ୍ମୁ କଶ୍ମୀରର ଶୀତଲ ଚଳିତ ଏସିଆନ ପାରା ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅମିତ ଚତୁର୍ଥ ଥର ପାଇଁ ଅଲିମ୍ପିକ୍ସରେ ଅଂଶଗ୍ରହଣ କରୁଥିବା ବେଳେ ଶୀତଲଙ୍କର ଏହା ପ୍ରଥମ ଅଲିମ୍ପିକ୍ସ। ଚଳିତ ପାରାଲିମ୍ପିକ୍ସ ପାଇଁ ୧୦୦ ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟକୁ ପ୍ରସାରଣ ଅଧିକାର ମିଳିଛି।

# ଭିନେଶଙ୍କ ରାୟ ୧୬କୁ ଘୁଞ୍ଚିଲା

ପ୍ୟାରିସ୍, ୧୩।୮ (ପି.ଟି.)



ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଅଯୋଗ୍ୟ ଘୋଷିତ ଭାରତୀୟ ରେସ୍‌ଲର ଭିନେଶ ଫୋଗଟ ମାମଲାର ରାୟ ଆସନ୍ତା ଅଗଷ୍ଟ ୧୬ ତାରିଖରେ ପ୍ରକାଶ ପାଇବ। ୫୦କିଗ୍ରା ଓଜନ ବର୍ଗ ଫାଇନାଲରେ ପହଞ୍ଚିଥିବା ଭିନେଶ ଶନିବାର ଅଧିକ ଓଜନ ପାଇଁ ଅଯୋଗ୍ୟ ଘୋଷିତ ହୋଇଥିଲେ। ସେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ(କାସ୍)ର ଦ୍ୱାରସ୍ଥ ହୋଇଥିଲେ। ପୂର୍ବରୁ କାସ୍‌ର ଆଡହକ୍ କମିଟି ଦୁଇ ଥର ଭିନେଶଙ୍କ ମାମଲାର ରାୟକୁ ଘୁଞ୍ଚାଇ ସାରିଥିଲେ। ମଙ୍ଗଳବାରକୁ ମିଶାଇ ତୃତୀୟ ଥର ପାଇଁ ଶୁଣାଣି ଘୁଞ୍ଚାଇ ଦିଆଯାଇଛି। ବୁଧବାର ଭିନେଶ ଦୁଇଟି ଆବେଦନ କରିଥିବା ବେଳେ ଗୁରୁବାର ଏଥି ମଧ୍ୟରୁ ଗୋଟିଏ ଖାରଜ ହୋଇଥିଲା। ଫାଇନାଲରେ ଅଂଶଗ୍ରହଣ ପାଇଁ ଭିନେଶ କରିଥିବା ଆବେଦନ ଗୁରୁବାର ଖାରଜ ହୋଇ ଯାଇଥିଲା। ତେବେ ଯୁଗ୍ମ ଭାବରେ ରୌପ୍ୟ ପଦକ ପାଇଁ ଆବେଦନ ହୋଇଥିବା ମାମଲାର ବିଚାର ପାଇଁ ଧାର୍ଯ୍ୟ କରାଯିବା ସହ ପ୍ୟାରିସ୍‌ରେ ଏକ ଆଡ୍ ହକ୍ କମିଟି ଗଠନ କରାଯାଇଥିଲା। ଡ. ଆନାବେଲ ବେନେଟଙ୍କୁ ଏହି ମାମଲାର ଏକମାତ୍ର ଆର୍ବିଟର ନିଯୁକ୍ତ କରାଯାଇଛି।

ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ ଆଉ ଏକ ରୌପ୍ୟ ପଦକ ନେଇ ମଧ୍ୟ ଆଶାବାଦୀ ରହିଛି। କ୍ରମାଗତ ୩ ବିଜୟ ସହ ଭିନେଶ ଫାଇନାଲରେ ପହଞ୍ଚିଥିଲେ ମଧ୍ୟ ୧୦୦ ଗ୍ରାମ ଅଧିକ ଓଜନ ହେବା କାରଣରୁ ତାଙ୍କୁ ଅଯୋଗ୍ୟ ଘୋଷିତ କରାଯିବା ସହ ମେଡାଲ ରାଉଣ୍ଡରୁ ବାଦ ଦିଆଯାଇଥିଲା। ଭିନେଶ ସେମି ଫାଇନାଲରେ ହରାଇଥିବା ପ୍ରତିଯୋଗୀଙ୍କୁ ଫାଇନାଲ ଖେଳିବାର ସୁଯୋଗ ମିଳିଥିଲା। ବରିଷ୍ଠ ଓକିଲ ହରିଶ ସାଲଭେ ଓ ବିଦୁଶପ୍ତ ସିଂଘାନିଆ ଏହି ମାମଲାରେ ଭିନେଶଙ୍କ ପ୍ରତିନିଧିତ୍ୱ କରୁଛନ୍ତି।

# ସାଇ ଇଣ୍ଟରନ୍ୟାଶନାଲ, ସାଇ ରେସିଡେନ୍ସିଆଲ ବିଜୟୀ

ଭୁବନେଶ୍ୱର, ୧୩।୮ (ସରୋଜ ଜେନା)

**ଜୟନ୍ତ ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ**

ୟୁନିଟ-୬ ଆଥ୍ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଜୟନ୍ତ କୁମାର ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ସାଇ ଇଣ୍ଟରନ୍ୟାଶନାଲ ଓ ସାଇ ରେସିଡେନ୍ସିଆଲ ସ୍କୁଲ ବିଜୟୀ ହୋଇଛି। ଦିନର ପ୍ରଥମ ମ୍ୟାଚରେ ସାଇ ଇଣ୍ଟରନ୍ୟାଶନାଲ୍ ୩-୧ ଗୋଲରେ ଡିଏଭି ପୋଖରୀପୁଟକୁ ପରାସ୍ତ କରିଛି। ସାଇ ତରଫରୁ ଅଗସ୍ତ୍ୟ ପଟ୍ଟନାୟକ(୩୫), ଆର୍ଯ୍ୟନ ପିଣ୍ଟୋ(୪୪) ଓ ସାଜାଂଶ ସାହୁ(୫୦) ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଡିଏଭି ପୋଖରୀପୁଟ ପାଇଁ ଅନିକେତ କର ୧୦ମ ମିନିଟରେ ଏକମାତ୍ର ଗୋଲଟି ଦେଇଥିଲେ। ଜିତେନ କୁମାର ମହାପାତ୍ର ଅତିଥିଭାବେ ଯୋଗଦେଇ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଅଗସ୍ତ୍ୟ ପଟ୍ଟନାୟକଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ସାଇ ରେସିଡେନ୍ସିଆଲ ୧-୦ ଗୋଲରେ ଡିଏଭି କଳିଙ୍ଗନଗରକୁ ପରାସ୍ତ କରିଛି। ମ୍ୟାଚ୍‌ର ୪୦ତମ ମିନିଟ୍‌ରେ ସାଇ ରେସିଡେନ୍ସିଆଲ ପକ୍ଷରୁ ରାଜବୀର ଆନନ୍ଦ ଏକମାତ୍ର ଗୋଲ ଦେଇଥିଲେ। ରାଜବୀରଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଚିତ୍ତରଞ୍ଜନ ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।


ସତ୍ୟକାମ ଭରଦ୍ୱାଜ

# ସତ୍ୟକାମ ଭରଦ୍ୱାଜଙ୍କୁ ୫ ଉଇକେଟ

ଭୁବନେଶ୍ୱର, ୧୩।୮ (ସରୋଜ ଜେନା)

**ଅଭ୍ୟାସ ମ୍ୟାଚ୍‌ରେ ଓଡ଼ିଶା ବିଜୟୀ**

ବିଶାଖାପାଟଣାରେ ଅନୁଷ୍ଠିତ ଏକ ଟି୨୦ ଅଭ୍ୟାସ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶକୁ ୬୫ ରନ୍‌ରେ ପରାସ୍ତ କରିଛି ଓଡ଼ିଶା। ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୨୦ ଓଭରରେ ୩ ଉଇକେଟ ହରାଇ ୧୯୭ ରନ୍ କରିଥିଲା। ଜବାବରେ ଆନ୍ଧ୍ର ପ୍ରଦେଶ ୧୭.୨ ଓଭରରେ ୧୩୨ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଓଡ଼ିଶା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ପକ୍ଷରୁ ସ୍ୱସ୍ତିକ ସାମଲ ସର୍ବାଧିକ ୬୦ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଘୁନାଥ ମଲ୍ଲ ୪୨ ଓ ଭେଙ୍କଟେଶ ୩୨ ରନ୍ ସ୍କୋର କରିଥିଲେ। ଆନ୍ଧ୍ର ପକ୍ଷରୁ ଏମ୍. ବିଜୟ କୁମାର ଓ ଏସ୍.ଭି. ରାହୁଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଆନ୍ଧ୍ରପ୍ରଦେଶ ମାତ୍ର ୧୩୨ ରନରେ ଅଲଆଉଟ ହୋଇଥିଲା। ଟିଭି ସାଇ ଶ୍ରବଣ ୫୨ ଓ ଗୌରବ କୁମାର ୪୦ ରନ୍ ସ୍କୋର କରିଥିଲେ। ଓଡ଼ିଶା ପକ୍ଷରୁ ସତ୍ୟକାମ ଭରଦ୍ୱାଜ ୫ ଓ ତାରିଣୀ ସ’ ୨ ଉଇକେଟ ନେଇଥିଲେ। ଅଗ୍ନିବର୍ଷୀ ବୋଲିଂ ପାଇଁ ସତ୍ୟକାମଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।





Low down payment of ₹8 444* | 6.99%* Rate of Interest | HDFC BANK Up to ₹7 500* Instant Discount using EasyEMI on Credit Card | *Finance plans are mutually exclusive and cannot be clubbed with each other. Finance will be at the sole discretion of the financier. Scheme valid till 31st August 2024. T & C apply.

FOLLOW US ON: @tvsraiderofficial | TVS RAIDER | VISIT US AT: www.tvsmotor.com/tvs-raider

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BALASORE: SITA TVS.: 7852935605, BHADRAK: SRIKANT TVS: 9124559654, 9124559653, BARIPADA: ALLIED TVS: 7852935617. JALESWAR: KHAN TVS: 9040853950, BARBIL: ANJALI TVS: 8895458991, KEONJHAR: KUMAR TVS: 9870326414. Authorised Dealers: Udala: 9437238807, Betnoti: 9776142684, Karanjia: 7008814677, Jharpokharia: 7008293717, Bahalda: 7978457775, Kuamara: 7008873689, Basta: 7077297097, Soro: 9438760320, Chandaneswar: 9040194603, Baliapal: 9776777922, Khaira: 9668712109, Matto: 8249123514, Markona: 9438353035, Tihidi: 9437536881, Chandbali: 9238514769, Basudevpur: 8249905878, Dhenkikote: 7008898582, Harichandanpur: 9437633978, Turmunga: 9937591829, Anandpur: 9937367109, Joda: 9937178529. dentsu/dha bal/03/24


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ